ମାର୍କିନ ପରିକ୍ରମା



ଡକ୍ଟର ସଦାଶିବ ମିଶ୍ର

Digitized by PPRACHIN, SOA

ମାର୍କିନ ପରିକ୍ରମା

ଡକ୍ଟର ସଦାଶିବ ମିଶ୍ର

ଓଡ଼ିଶା ବୁକ୍ ଷ୍ଟୋର

Digitized by PPRACHIN, SOA

ମାର୍କିନ ପରିକ୍ରମା

ଲେଖକ :
ଡକ୍ଟର ସଦାଶିବ ମିଶ୍ର

ପ୍ରକାଶକ :
ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦବିହାରୀ, କଟକ-୨

ପ୍ରଚ୍ଛଦ :
ଅସିତ୍ ମୁଖାର୍ଜି

ପ୍ରଥମ ପ୍ରକାଶ :
ରଜ ସଂକ୍ରାନ୍ତି, ୧୯୮୯

ମୁଦ୍ରଣ :
ଗୁରୁପ୍ରସନ୍ନ ପ୍ରେସ୍
ଖୋଲସାହି, କଟକ-୧

ମୂଲ୍ୟ :
ପଚିଶ ଟଙ୍କା ମାତ୍ର

MARKIN PARIKRAMA

by
Dr. Sadasiva Mishra

Published by
Gobinda Charan Patra
Orissa Book Store
Binodbehari, Cuttack-2

1st. Edition : 1989

Price : Rs 25/-

Digitized by PPRACHIN, SOA

ସୂଚନା

କଲମ୍ବସ ୧୪୯୨ ମସିହାରେ ଆମେରିକା ଆବିଷ୍କାର କଲେ—ମାତ୍ର ପାଞ୍ଚଶହ ବର୍ଷ ତଳେ । ସେ ତିନୋଟି ଜାହାଜ ନେଇ ଆଟଲାଣ୍ଟିକ ମହାସାଗରରେ ଜଳଯାତ୍ରା କରିଥିଲେ । ତାଙ୍କୁ ନଅ ସପ୍ତାହ ଲାଗିଥିଲା । ସେତେବେଳେ ଥିଲା ପାଲ ବନ୍ଧା ଜାହାଜ । ଆମକୁ ଲାଗିଲା ବ୍ୟୋମଯାନରେ ମାତ୍ର ଆଠଘଣ୍ଟା । ପୃଥିବୀ କ୍ଷୁଦ୍ର ହୋଇଯାଇଛି । ଦୂରତା ଅତି ମାତ୍ରାରେ ହ୍ରାସ ପାଇଛି ।

ଆମେରିକା ପ୍ରକୃତରେ ଦୁଇଟି ମହାଦେଶ । ଉତ୍ତର ଆମେରିକା ଓ ଦକ୍ଷିଣ ଆମେରିକା । ଉତ୍ତର ଆମେରିକାରେ ତିନୋଟି ଦେଶ—କାନାଡ଼ା, ଯୁକ୍ତରାଷ୍ଟ୍ର ଏବଂ ମେକ୍ସିକୋ । ଯୁକ୍ତରାଷ୍ଟ୍ର ଏବେ ଆମେରିକା ନାମରେ ଅଭିହିତ । ଆମ ଦେଶଜ ଭାଷାରେ 'ମାର୍କିନ' ।

ଆମେରିକାକୁ ଇୟୁରୋପରୁ, ବିଶେଷତଃ ବ୍ରିଟେନ ଏବଂ ଫ୍ରାନ୍ସରୁ ଆପ୍ରବାସୀମାନେ ଆସି ବସତି ସ୍ଥାପନ କରିଥିଲେ । ବ୍ରିଟିଶ ସରକାର ଏହାକୁ ଉପନିବେଶ ଭାବରେ ଶାସନ କରୁଥିଲେ । କ୍ରମେ ଆପ୍ରବାସୀମାନେ ବିଦ୍ରୋହ କଲେ । ବ୍ରିଟେନ ସହିତ ଯୁଦ୍ଧ ହେଲା । ୧୭୭୬ ମସିହାରେ ଆମେରିକା ସ୍ୱାଧୀନ ହେଲା । ନାମ ହେଲା ଯୁକ୍ତରାଷ୍ଟ୍ର । ସେହି ଦିନଠାରୁ ଏହାର ଅଭିବୃଦ୍ଧି କ୍ଷିପ୍ର ଗତିରେ ମାଡ଼ି ଚାଲିଲା । ମାତ୍ର ଦୁଇଶହ ବର୍ଷ ମଧ୍ୟରେ ଆମେରିକା ସମୃଦ୍ଧିରେ ଏବଂ ପରାକ୍ରମରେ ଅତି ଉଚ୍ଚ ସ୍ଥାନରେ ଉପନୀତ ହେଲା । ଏବେ ବିଜ୍ଞାନରେ, ପ୍ରବିଧିରେ, ସାହିତ୍ୟରେ ଏବଂ କଳାକ୍ଷେତ୍ରରେ ବହୁ ଦେଶକୁ ଟପି ଯାଇଛି । ଶୀର୍ଷ ସ୍ଥାନରେ ପହଞ୍ଚି ସାରିଛି ।

Digitized by PPRACHIN, SOA

ଆମେରିକା ଶିକ୍ଷା କାଉନ୍‌ସିଲର ନିମନ୍ତ୍ରଣ କ୍ରମେ ଭାରତ ସରକାର ତିଶଜଣଙ୍କୁ ମନୋନୀତ କଲେ । ଏହି ତିଶଜଣଙ୍କ ଭିତରେ ମୁଁ ସ୍ଥାନ ପାଇଲି । ଏଥିରେ ମୋର ବଡ଼ ଆନନ୍ଦ । ପ୍ରସ୍ତୁତ ହୋଇ ବାହାରିଲି ।

ଆମେରିକାରେ ଚାରିମାସ ରହଣି ମଧ୍ୟରେ ପୂର୍ବ ଆଞ୍ଚଳିକ ଆଟଲାଣ୍ଟିକ କୂଳରୁ ପଶ୍ଚିମରେ ପ୍ରଶାନ୍ତ ମହାସାଗର କୂଳ ପର୍ଯ୍ୟନ୍ତ ପର୍ଯ୍ୟଟନ କରିଛି । ଅନେକ କଲେଜ ଏବଂ ବିଶ୍ୱବିଦ୍ୟାଳୟକୁ ଯାଇଛି । ଶିକ୍ଷା ପ୍ରଣାଳୀ ଅନୁଧ୍ୟାନ କରିଛି । ଅନେକ ପ୍ରଫେସରଙ୍କ ସହିତ ଏବଂ ଛାତ୍ରମାନଙ୍କ ସଙ୍ଗେ ମଧ୍ୟ ଶିକ୍ଷା ଏବଂ ପରିବେଶ ବିଷୟରେ ଆଲୋଚନା କରିଛି । ଏ ପର୍ଯ୍ୟଟନରେ ମୁଁ ଆନନ୍ଦ ପାଇଛି, କିଛି ତଥ୍ୟ ଏବଂ ତତ୍ତ୍ୱ ଆହରଣ କରିଛି । କେତେ ସ୍ଥାନରେ ସ୍ଥାନୀୟ ପରିବାରଙ୍କର ଅଭ୍ୟର୍ଥନା ପାଇଛି । ବିଭିନ୍ନ ସ୍ଥାନରେ କୃଷି, ଉଦ୍ୟୋଗ ଏବଂ ବ୍ୟବସାୟରେ ପ୍ରଗତିର ପନ୍ଥା ଲକ୍ଷ୍ୟ କରିଛି ।

ଏସବୁ ସ୍ମୃତିପଟରେ ରହିଛି । ପ୍ରତିଦିନର ଘଟଣା ଟିପ୍ପଣୀରେ ଲେଖି ରଖିଛି । କେତେକ ବନ୍ଧୁଙ୍କ ସହିତ ପତ୍ରାଳାପ କରିଛି । ଏହିସବୁ ଉପାଦାନରୁ ପ୍ରସ୍ତୁତ ଏ "ମାର୍କିନ ପରିକ୍ରମା" । ଏ ପରିକ୍ରମାରେ ମୁଁ ଆନନ୍ଦ ପାଇଛି ।

ସଦାଶିବ ମିଶ୍ର

Digitized by PPRACHIN, SOA

ଉପକ୍ରମ

୧୯୫୮ ମସିହା । ଅଗଷ୍ଟ ୫ ତାରିଖରେ ଦିଲ୍ଲୀରୁ ଖଣ୍ଡିଏ ଚିଠି ପାଇଲି । ଆମେରିକା ଶିକ୍ଷା ପରିଷଦର (American Council of Education) ନିମନ୍ତ୍ରଣ କ୍ରମେ ଭାରତ ସରକାର ଉଚ୍ଚଶିକ୍ଷା ସମ୍ବନ୍ଧ ସମ୍ପୃକ୍ତ ଦଶଜଣଙ୍କୁ ଆମେରିକା ଯିବା ପାଇଁ ମନୋନୀତ କରିଛନ୍ତି । ମୁଁ ସେତେବେଳେ ରେଭେନ୍ସା କଲେଜର ପ୍ରିନ୍ସିପାଲ୍ । ମୁଁ ଯେ କିପରି ଏମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେଲି, ଜାଣି ପାରିଲି ନାହିଁ । ଆଗରୁ କୌଣସି ସୂଚନା ନ ଥିଲା । ଚିଠି ପାଇ ଆନନ୍ଦ ଲାଗିଲା । ଅଗଷ୍ଟ ମାସ ଶେଷ ସପ୍ତାହରେ ଆମେରିକାରେ ପହଞ୍ଚିବାକୁ ହେବ । ମାତ୍ର ଦୁଇ ସପ୍ତାହ ପୂର୍ବରୁ ନିଯୁକ୍ତି ପତ୍ର ଆସି ପହଞ୍ଚିଛି ।

ଆମେରିକା ଏକ ବିରାଟ ମହାଦେଶ । ପର୍ତ୍ତୁଗୀଜ ନାବିକ କଲମ୍ବସ୍ ଭାରତକୁ ଆସିବେ ବୋଲି ବିସ୍ତୃତ ଆଟ୍‌ଲାଣ୍ଟିକ୍ ମହା-ସାଗରରେ ଜାହାଜ ବାହିଲେ । ଆବିଷ୍କାର କଲେ ଆମେରିକା । ୧୪୯୨ ମସିହାରେ । ପାଞ୍ଚ ଶହ ବର୍ଷ ପୂର୍ଣ୍ଣ ହୋଇନାହିଁ । ଆମେରିକା ବାସ୍ତବରେ ଦୁଇଟି ମହାଦେଶ । ଉତ୍ତର ଆମେରିକା ଏବଂ ଦକ୍ଷିଣ ଆମେରିକା । ବହୁ ଲୋକ ଇଉରୋପରୁ ଛୁଟିଲେ ଏଠାରେ ବସତି ସ୍ଥାପନ କରିବା ପାଇଁ । ଅଧିବାସୀଙ୍କ ସଂଖ୍ୟା କ୍ରମେ ବୃଦ୍ଧି ପାଇଲା । ଇଂରେଜମାନେ ଉତ୍ତର ଆମେରିକାରେ ବସତି ସ୍ଥାପନ କଲେ । ଏ ଗୁଡ଼ିକ ହେଲା ବ୍ରିଟିଶ ଉପନିବେଶ । ବ୍ରିଟେନ୍‌ର ଅଧୀନସ୍ଥ ହେଲା । ଇଂରେଜ ଆପ୍ରବାସୀ-ମାନେ ସ୍ୱାୟତ୍ତ ଶାସନ ଗଢ଼ିଲେ । ବ୍ରିଟିଶ ଶାସନ ବିରୋଧରେ

Digitized by PPRACHIN, SOA

ଅସନ୍ତୋଷ ଉପୁଜିଲା । ବିଦ୍ରୋହ ହେଲା । ଆମେରିକାର ତେର ଗୋଟି ରାଜ୍ୟ ଏକତ୍ରିତ ହୋଇ ଏକ ଯୁକ୍ତରାଷ୍ଟ୍ର ଗଢ଼ିଲେ । ବ୍ରିଟେନ୍ ସହିତ ସଂଗ୍ରାମ ହେଲା । ଯୁକ୍ତରାଷ୍ଟ୍ର ସ୍ୱାଧୀନ ହେଲା । ୧୭୭୬ ମସିହାରେ ବ୍ରିଟିଶ କବଳରୁ ମୁକ୍ତ ହେଲା । ଏହି ଯୁକ୍ତରାଷ୍ଟ୍ରର ପ୍ରଥମ ରାଷ୍ଟ୍ରପତି ହେଲେ ଜର୍ଜ ଓ୍ୱାଶିଙ୍ଗଟନ୍ । ଏବେ ଯୁକ୍ତରାଷ୍ଟ୍ରରେ ରାଜ୍ୟ ସଂଖ୍ୟା ପଚାଶ । ଏହି ଯୁକ୍ତ-ରାଷ୍ଟ୍ରକୁ ଆମେରିକା ବୋଲି କୁହାଯାଉଛି । ଏହି ଦେଶକୁ ଆମେ ମାର୍କିନ ବୋଲି କହୁ । ଆମେରିକା ସ୍ୱାଧୀନ ହେବାର ମାତ୍ର ଦୁଇଶହ ବର୍ଷ ହୋଇଛି । ମାତ୍ର ସମୃଦ୍ଧିରେ, ପ୍ରଗତିରେ, ପ୍ରତିପତ୍ତିରେ ଏହା ଶୀର୍ଷ ସ୍ଥାନକୁ ଉଠିଯାଇଛି ।

ପ୍ରଖ୍ୟାତ ଦାର୍ଶନିକ ବର୍ଟ୍ରେଣ୍ଡ ରସେଲ କହିଥିଲେ — ତୁମେ ଯଦି ବିଶ୍ୱର "ବର୍ତ୍ତମାନ" ଦେଖିବାକୁ ଇଚ୍ଛା କର, ତେବେ ଇୟୁ-ରୋପରେ ରହ । ଯେବେ "ଭବିଷ୍ୟତ" ଦେଖିବାର ଇଚ୍ଛା, ଆମେରିକା ଯାଅ । ଯେବେ "ଅତୀତ"କୁ ଦେଖିବାର ଅଭିଳାଷ, ତେବେ ଚୀନ ବା ଭାରତକୁ ଯାଅ । ମୁଁ ଏଇ "ଅତୀତ" ପ୍ରାଚୀନ ଦେଶରେ ବଢ଼ିଛି । ଇଂଲଣ୍ଡରେ ପଢ଼ିବାକୁ ଯାଇ, ସେଠାରେ ଅଢ଼େଇ ବର୍ଷ ଅତିବାହିତ କରି "ବର୍ତ୍ତମାନ"କୁ ଦେଖିଛି । "ଭବିଷ୍ୟତ" ସମୃଦ୍ଧି ଏବଂ ସଂସ୍କୃତି ଦେଖିବା ଲାଗି ଅତ୍ୟନ୍ତ ଆଗ୍ରହ ହେବାର କଥା ।

ଅଗଷ୍ଟ ପାଞ୍ଚ ତାରିଖରେ ଆମେରିକା ଯିବା ପାଇଁ ଚିଠି ପାଇଲି । ୧୮ ତାରିଖରେ କଟକ ଛାଡ଼ିବାକୁ ହେବ । ମାତ୍ର ୧୩ ଦିନ ଭିତରେ ପ୍ରସ୍ତୁତ ହେବାକୁ ପଡ଼ିବ । ଚିଠି ପାଇଲି ଦିନଠାରୁ ସବୁବେଳେ ଖାଲି ବ୍ୟଗ୍ରତା, ଅସ୍ଥିରତା, ଧାଁ ଧପଡ଼ । ଅନେକ କାମ ଏଇ ଅଳ୍ପଦିନ ଭିତରେ ସାରିବାକୁ ପଡ଼ିବ । ପାସ୍‌ପୋର୍ଟ ପାଇଁ ଦଉଡ଼ । ସେତେବେଳେ ଅଫିସ ଥାଏ କଲିକତାରେ । ଇନ୍‌କମ୍ ଟିକସ୍ ବାକି ନାହିଁ ବୋଲି ସାର୍ଟିଫିକେଟ୍ । ପୁରୀରେ ଇନ୍‌କମ୍ ଟ୍ୟାକ୍‌ସ ଅଫିସ୍ । ଚିଠିର ଉତ୍ତର ପାଇବା ସହଜ ନୁହେଁ । ସାତ ଦିନ ଅପେକ୍ଷା କଲି । ତା'ପରେ କଟକର ଜଣେ ଇନ୍‌କମ ଟିକସ୍ ଓକିଲ ବନ୍ଧୁଙ୍କ ସହାୟତା ନେଲି । ସେ ନିଜେ ଯାଇ ଦୁଇ ଦିନ ପରେ ଆଣି ଦେଲେ । ଭୁବନେଶ୍ୱରରେ

Digitized by PPRACHIN, SOA

ସରକାରୀ ଦପ୍ତର । ଛୁଟି ମଞ୍ଜୁର୍ କରିବାପାଇଁ ଯେଉଁପରି ଉଦ୍‌ବେଗ, ଦୌଡ଼ା ଦୌଡ଼ି । ବହୁ ଦିନ ଲାଗିଗଲା । ତଥାପି ଏତେ ଅଳ୍ପଦିନ ଭିତରେ ଏ ସବୁ ଯେ ହୋଇଗଲା, ଏବେ ଲେଖିଲା ବେଳେ ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ଦିଲ୍ଲୀରେ କାହାରି ପାଖକୁ ଚିଠି ଲେଖି ନ ଥାଏ । ସୁରେନ୍ଦ୍ର ଦ୍ୱିବେଦୀ ସେତେବେଳେ ପାର୍ଲିମେଣ୍ଟ ସଦସ୍ୟ । ତାଙ୍କ ସହିତ ବହୁ ଦିନରୁ ପରିଚୟ । ଟେଲିଗ୍ରାମ ପଠାଇଲି । ଭରସା ହେଲା, ସବୁ ଠିକ ହୋଇଯିବ ।

୧୮ ତାରିଖ ଦିନ କଟକରୁ ବାହାରିଲି । ସେତେବେଳେ ଭୁବନେଶ୍ୱରରୁ ବିମାନ ଚଳାଚଳ ନଥିଲା । ରାତି ସାଢ଼େ ନଅଟା ବେଳେ ପୁରୀ ଏକ୍‌ସପ୍ରେସ୍ । ଷ୍ଟେସନ୍‌କୁ ଆସିଲି । ଅନେକ ବନ୍ଧୁ, ଛାତ୍ର ଏବଂ ସହକର୍ମୀ ଷ୍ଟେସନକୁ ଆସିଥିଲେ । ଯେତେ ଆକାଂକ୍ଷା ହେଉ ନା ଆସିଥିଲେ ମଧ୍ୟ ବିଦାୟ ବେଳେ ସେତିକି ବିଷାଦ । ଷ୍ଟେସନରେ ସେଇ ଅନୁଭୂତି । ମୋ ସ୍ତ୍ରୀଙ୍କ ତୁଣ୍ଡରୁ ପଦେ ହେଲେ କଥା ବାହାରିଲାନାହିଁ । ମୁଁ ବିଲାତରେ ପଢ଼ିବାକୁ ଗଲା ବେଳେ ତାଙ୍କୁ ପୁତ୍ରରେ ଛାଡ଼ି ଆସିଥିଲି । ସରକାରୀ ଘର ମିଳି ନଥିଲା । ସନ୍ତାନ ଦୁଇଟିଙ୍କର ଅଳ୍ପ ବୟସ । ସେଇ ଦୁଃଖ ତାଙ୍କର ମନେ ପଡ଼ୁଥିବ । ଗାଡ଼ି ଛାଡ଼ିଲା । ସମସ୍ତେ ପଛରେ ପ୍ଲାଟ୍‌ଫର୍ମରେ ରହିଗଲେ ।

ସକାଳେ ପୁରୀ ଏକ୍‌ସପ୍ରେସ୍ କଲିକତାରେ ପହଞ୍ଚିଲା । ଦିନରେ କେତେକ ବନ୍ଧୁଙ୍କ ସହିତ ଦେଖା କଲି । ସନ୍ଧ୍ୟା ସାଢ଼େ ଛଅଟାରେ ବିମାନ ଛାଡ଼ିଲା । ଦିଲ୍ଲୀରେ ଯାଇ ପହଞ୍ଚିଲି ବେଳକୁ ରାତି ଦଶଟା । ସେଠାରେ ଦୁଇ ଦିନ ରହିବାକୁ ହେବ । ବିମାନ ଘାଟିରୁ ସିଧା ଗଲି ସୁରେନ୍ଦ୍ର ଦ୍ୱିବେଦୀଙ୍କ ଘରକୁ । ତାଙ୍କରି ଘରେ ଦୁଇ ଦିନ ରହିଲି ।

ଆମେରିକା ବାହାରିବା ପୂର୍ବରୁ ଦିଲ୍ଲୀରେ ପ୍ରଥମେ ଯିବାକୁ ହେଲା ଆମେରିକୀୟ ସହାୟ ନିର୍ଦ୍ଦେଶକଙ୍କ ଅଫିସକୁ । ତାଙ୍କରି ମାଧ୍ୟମରେ ଆମେ ଦଶଜଣଙ୍କର ଆମେରିକା ଯିବା ଲାଗି ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକଙ୍କର ଶିକ୍ଷାଗତ ଯୋଗ୍ୟତା, ତତ୍କାଳୀନ ପଦବୀ, ଅଫିସ୍

Digitized by PPRACHIN, SOA

ଠିକଣା ଇତ୍ୟାଦି ନିର୍ଦ୍ଦିଷ୍ଟ ଫର୍ମରେ ପୂରଣ କରାଗଲା । ଆମେ ଦଶ ଜଣ କେହି କାହାକୁ ଚିହ୍ନି ନଥିଲୁ । ସେଇଠାରେ ପରସ୍ପର ସହିତ ପରିଚୟ ହେଲା । ଏଥିପାଇଁ ଏଇ ଅଫିସରେ ସୁଯୋଗ ମିଳିଲା ।

ଆମେ ସମସ୍ତେ T. W. A. (Trans World Airline) ବିମାନରେ ଯିବାର କଥା । ଏଇଟି ଆମେରିକାର ଗୋଟିଏ ବେସରକାରୀ ବିମାନ କମ୍ପାନୀ । ସେଠାକୁ ଯିବା ଆସିବା ସବୁ ଟିକେଟ୍ ପ୍ରସ୍ତୁତ ହୋଇଗଲା । ପାଥେୟ ମିଳିଗଲା । ଅପରାହ୍ଣରେ ଗୋଟିଏ ରେସ୍ତୋରାଁରେ ଆମେ ସମସ୍ତେ ମିଳିତ ହେବା ଲାଗି ବନ୍ଦୋବସ୍ତ ହୋଇଥିଲା । ସେଠାରେ ଶିକ୍ଷା ମନ୍ତ୍ରଣାଳୟର ପ୍ରଫେସର ସିଆଉଦ୍ଦିନ ଏବଂ ଆମେରିକୀୟ ଦୂତାବାସର ନିର୍ଦ୍ଦେଶକ ଉପସ୍ଥିତ ଥିଲେ । ଆମକୁ ସ୍ୱାଗତ କଲେ । ପ୍ରଫେସର ସିଆଉଦ୍ଦିନ କର୍ଣ୍ଣାଟକ କଲେଜର ପ୍ରିନ୍ସିପାଲ ଗୋକକଙ୍କୁ ଆମ ଦଳର ଅଧ୍ୟକ୍ଷ ରୂପେ ମନୋନୀତ କଲେ । ଆମକୁ ନିର୍ଦ୍ଦେଶ ଦିଆଗଲା, ଆମେ ଆମେରିକାର ବିଭିନ୍ନ କଲେଜ ଏବଂ ୟୁନିଭର୍ସିଟିରେ ଶିକ୍ଷା ପ୍ରଣାଳୀ ଏବଂ ପରୀକ୍ଷା ପଦ୍ଧତି ଅନୁଧ୍ୟାନ କରି ଗୋଟିଏ ରିପୋର୍ଟ ଦେବୁ ।

ପରଦିନ ପୁଣି ଦୌଡ଼ା ଦୌଡ଼ି । ଆମେରିକା ଯିବାକୁ ହେଲେ, ଯେତେ ଦିନ ରହିବ, ସେଥିପାଇଁ ସ୍ୱାସ୍ଥ୍ୟ ବୀମା (Health Insurance) କରିବାକୁ ହେବ । ସେ ଦେଶର ବୀମା କମ୍ପାନୀରେ ଆଗତୁରା ଦେୟ ଦେବାକୁ ହେବ । ସେଥିପାଇଁ ବ୍ୟବସ୍ଥା କରାଗଲା । ବେମାର ହେଲେ, ଡାକ୍ତର ଚିକିତ୍ସା କରିବେ ଏବଂ ବୀମା କମ୍ପାନୀ ଡାକ୍ତରଙ୍କୁ ତାଙ୍କର ପ୍ରାପ୍ୟ ଦେବେ । ଏ ବିଧି ସେଠାରେ ବାଧ୍ୟତାମୂଳକ । ଆମେ ବୀମାପତ୍ର ଏଠାରୁ ସଂଗ୍ରହ କଲୁ ।

ଅପରାହ୍ଣରେ ଆମେ ସମସ୍ତେ ପୁଣି ଆମେରିକୀୟ ଦୂତାବାସର ଅଫିସରେ ମିଳିତ ହେଲୁ । ଆମକୁ ଆମେରିକାର ଶିକ୍ଷାପ୍ରଣାଳୀ ପରିକ୍ରମା ବିଷୟରେ ପରାମର୍ଶ ଦିଆଗଲା । ଆମେ ଦଶଜଣଙ୍କର ଭିନ୍ନ ଭିନ୍ନ ବିଷୟ । କିଏ କେଉଁ ଅଧ୍ୟାପକଙ୍କ ସହିତ ଆଲୋଚନା କରିବେ, କିଏ

Digitized by PPRACHIN, SOA

କେଉଁ ଅନୁଷ୍ଠାନର ପ୍ରକ୍ରିୟା, ପ୍ରଣାଳୀ ଅନୁଧ୍ୟାନ କଲେ ଫଳପ୍ରଦ ହେବ, ତଦନୁଯାୟୀ ଆମର କାର୍ଯ୍ୟକ୍ରମ ନିରୂପିତ ହେବା ଆବଶ୍ୟକ। ଆମେ ଦଶଜଣଯାକ ସମସ୍ତେ ଏକାଠି ଯାଇ କୌଣସି କଲେଜରେ ଉପସ୍ଥିତ ହେଲେ ଖାଲି ପର୍ଯ୍ୟଟନ ହିଁ ସାର ହେବ।

ଆମେ ଦଶଜଣ ତିନୋଟି ଭାଗରେ ବିଭକ୍ତ ହେଲୁ। ତିନିଜଣ, ତିନି ଜଣ ଏବଂ ଚାରି ଜଣ। ମୁଁ ଆଉ ଦୁଇଜଣଙ୍କ ସାଙ୍ଗରେ ରହିଲି। ଦିଲ୍ଲୀ ୟୁନିଭର୍ସିଟିର ପଦାର୍ଥ ବିଜ୍ଞାନ ପ୍ରଫେସର ଡକ୍ଟର ଅଲୁକ୍ (F. C. Auluck) ଏବଂ କେରଳ ୟୁନିଭର୍ସିଟିର ପ୍ରଶିକ୍ଷଣ ପ୍ରଫେସର ଡକ୍ଟର ପିଲେଇ (N. P. Pillai)। ଦିଲ୍ଲୀରେ ପ୍ରସ୍ତୁତି ସମାପ୍ତ ହେଲା। ଆମେରିକାରେ ପହଞ୍ଚିଲେ, ଆମେରିକାର ଶିକ୍ଷା କାଉନ୍‌ସିଲ୍ (American Council of Education) ଆମର ସବୁ ବ୍ୟବସ୍ଥା କରିବେ। ଆମେରିକାରେ ରହଣି କାଳ ମଧ୍ୟରେ ଏହା ହେବ ଆମର ଠିକଣା।

ଯାତ୍ରାରମ୍ଭ

ସନ୍ଧ୍ୟା ସାଢ଼େ ଛଅଟାରେ ବିମାନ ଛାଡ଼ିବ । ପାଞ୍ଚଟା ପୂର୍ବରୁ ଆମେ ସମସ୍ତେ ଯାଇ କନଟ୍ ପ୍ଲେସ୍‌ରେ ପହଞ୍ଚିଲୁ । ସେଠାରେ ଥାଏ ଏଆର ଇଣ୍ଡିଆ (AIR INDIA) ଅଫିସ । ସେଠାରୁ ତାଙ୍କ ଗାଡ଼ିରେ ବିମାନ ବନ୍ଦରକୁ ଯିବୁ । ଗାଡ଼ିରେ ଲୋକ ଭର୍ତ୍ତି ହୋଇଗଲେ । ଅନେକ ଲୋକ ଠିଆ ହୋଇଥାନ୍ତି । ଏତେ ଭିଡ଼ କାହିଁକି ? ବିମାନ ଯାତ୍ରୀ ଆଜି କେତେ ଜଣ ଏଆର ଇଣ୍ଡିଆ କର୍ମଚାରୀ ଏଥିରେ ଯିବାର କଥା । ମାତ୍ର ଅନେକ ବାହାର ଲୋକ ମଧ୍ୟ ପଶିଛନ୍ତି । ଗାଡ଼ି ଭିତରେ ଠେଲା ଠେଲି, ପାଟି ତୁଣ୍ଡ । ଅନେକ ସମୟ ପରେ ଗାଡ଼ି ଚାଲିଲା । ଯାତ୍ରୀ-ମାନଙ୍କ ମଧ୍ୟରେ ଥାଆନ୍ତି ବିଭିନ୍ନ ଅଞ୍ଚଳର ଲୋକ; ବିଭିନ୍ନ ଦେଶର ଲୋକ । ଅନେକ ଭଦ୍ର ମହିଳା ମଧ୍ୟ । ଗାଡ଼ି ଭିତର ଢଙ୍ଗଢାଙ୍ଗ ଦେଖି ସେମାନେ ଚାଛିଲ୍ଲି କରୁଥାନ୍ତି । ତାଙ୍କ କଥାବାର୍ତ୍ତାରୁ ଏକଥା ପରିଷ୍କାର ବୁଝାଯାଉଥାଏ । ଖନ୍ଦଖାନ୍ଦ ହୋଇ ଲୋକେ ଭର୍ତ୍ତି ହୋଇଥାନ୍ତି । ବିଦେଶୀ ଯାତ୍ରୀମାନେ କି ଧାରଣା କରି ଯାଇଥିବେ ?

ଦିଲ୍ଲୀରୁ ଠିକ ସମୟରେ ବିମାନ ଛାଡ଼ିଲା । ବମ୍ବେରେ ପହଞ୍ଚିଲା ରାତି ନଅଟାରେ । ସେଠାରେ ଦେଡ଼ଘଣ୍ଟା କସରତ । କାଗଜ ପତ୍ର କଡ଼ାକଡ଼ି । ପାସପୋର୍ଟ, ଭିସା, ସ୍ୱାସ୍ଥ୍ୟ ସାର୍ଟିଫିକେଟ୍ ପ୍ରଭୃତିର ପରୀକ୍ଷା କରାଗଲା । ଶୁଳ୍କ ଧାର୍ଯ୍ୟ ଲାଗି କୌଣସି ପଦାର୍ଥ ସାଙ୍ଗରେ ଅଛି କି ନାହିଁ, ସେ ସବୁ ଖୋଜାଗଲା । ଏ ସବୁ ବାହାର କରିବାରେ ଖାଲବୁହା ପରିଶ୍ରମ । ଅଗଷ୍ଟ ମାସ । ବମ୍ବେରେ ଖୁବ ଗରମ । ଜାମାପଟା ଭିଜି ଗଲଣି । ଯାହା ହେଉ ଏ କ୍ଳେଶ ସମାପ୍ତ ହେଲା । ସାଢ଼େ ଏଗାରଟା ରାତିରେ ଏଆର ଇଣ୍ଡିଆ ବିମାନରେ ଉଠିଲୁ । ଆମକୁ ପ୍ରଥମ ଶ୍ରେଣୀରେ ସ୍ଥାନ ମିଳିଥାଏ । ସ୍ଥାନ ପ୍ରଶସ୍ତ । ଆରାମରେ ଶୋଇବା ପାଇଁ ଚୌକୀକୁ ପ୍ରସାର କରି ହେବ । ଭାରତଭୂମି ଛାଡ଼ି ବିଦେଶ ଯାତ୍ରା ଆରମ୍ଭ ହେଲା ।

Digitized by PPRACHIN, SOA

ବିମାନରେ ବିଭିନ୍ନ ଦେଶର ଯାତ୍ରୀ । - ପଚାଶ ଜଣ -ପର୍ଯ୍ୟନ୍ତ । ମୋ ସମ୍ମୁଖ ଚୌକିରେ ବସିଥାନ୍ତି ଜଣେ ଅପରିଚିତ ସମ୍ଭ୍ରାନ୍ତ ଭଦ୍ର-ଲୋକ । ଜଣେ ବନ୍ଧୁ ଚିହ୍ନେଇ ଦେଲେ । ସେ ହେଉଛନ୍ତି କରେଣ୍ଟ୍ (Current) ପତ୍ରିକାର ସମ୍ପାଦକ ଡ. ଏଫ. କାରକା । ଭାରତୀୟ ଆଗ୍ଭର ବ୍ୟବହାର ଇତ୍ୟାଦିର ଜଣେ ତୀବ୍ର ସମାଲୋଚକ । ମାତ୍ର ବାର-ବାର ସିଗାରେଟ୍ ଟାଣୁଥାନ୍ତି, ପାଉଁଶ ଝାଡ଼ୁଥାନ୍ତି ଏବଂ ସେ ପାଉଁଶ ସବୁଆଡେ ଉଡ଼ୁଥାଏ । ମୋତେ ବଡ଼ ଅସ୍ୱସ୍ତିକର ଲାଗୁଥାଏ । କହିବି କିପରି ? ରାତିରେ ଭଲ ଖାଇବାକୁ ମିଳିଲା । ସମସ୍ତେ ଶୋଇବା ପାଇଁ ପ୍ରସ୍ତୁତ ହେଲେ । ଆରବ ସାଗର ଉପରେ ବିମାନ ଉଡ଼ିଲା । ବମ୍ବେ ନଗରୀର ଆଲୋକରାଶି ଅତି ଶୀଘ୍ର ଦୃଷ୍ଟିର ଅନ୍ତରାଳକୁ ଚାଲିଗଲା । ଦିଲ୍ଲୀରେ ଦିନ ସାରା ଦୌଡ଼ା ଦୌଡ଼ି । ବମ୍ବେରେ ଦେଢ଼ଘଣ୍ଟା ଘର୍ମାକ୍ତ ପରିଶ୍ରମ । ଅତ୍ୟନ୍ତ କ୍ଳାନ୍ତ ଲାଗିଲା । ନିଦ୍ରା ଆସିଗଲା ।

୨୨ ତାରିଖ ସକାଳେ ଉଡ଼ାଜାହାଜ ପହଞ୍ଚିଲା ବେରୁଟ୍ ବିମାନ ଘାଟିରେ । କିଛି ଦିନ ତଳେ ବେରୁଟ୍ ଏବଂ ସାରା ଲେବାନନ ଗରମ ହୋଇ ଉଠିଥିଲା । ପୃଥିବୀର ଗୁରୁତର ସମ୍ବାଦ ଭାବରେ ପ୍ରକାଶିତ ହୋଇଥିଲା । କ୍ରମଶଃ ପରିସ୍ଥିତି ଅତି ଉତପ୍ତ ହୋଇ ଉଠୁଛି । ଆମେ-ରିକାର ସୈନ୍ୟ ସେଠାରେ ଅବସ୍ଥାପିତ ହୋଇଛନ୍ତି । ବିଭିନ୍ନ ସ୍ଥାନରେ ତାଙ୍କର ସଙ୍କେତ ଦିଆ ଯାଇଥାଏ । ବିମାନ ଘାଟୀରେ ନୌସେନାର ବିମାନ ମଧ୍ୟ ଥାଏ । ମାତ୍ର କୌଣସି ସ୍ଥାନରେ ତାଙ୍କ ଛାଉଣୀ ଦେଖି-ବାକୁ ମିଳିଲା ନାହିଁ । ସେ ସବୁ ବିମାନ ଘାଟୀରୁ ଦୂରରେ ରହିଥିବ ।

ବିମାନ ଘାଟିର ପ୍ରତୀକ୍ଷାଳୟକୁ ଗଲୁ । ଚତୁର୍ଦ୍ଦିଗରେ ବୃକ୍ଷଲତା ବିହୀନ ପାହାଡ଼ । ପାହାଡ଼ର ଶୀର୍ଷ ସ୍ଥାନରେ କାଁ ଭାଁ କିଛି ଚାଷପତ୍ର ଅଛି । ଘରଦ୍ୱାର ମଧ୍ୟ ଅଛି । ବେରୁଟ୍ ପହଞ୍ଚିବା ପୂର୍ବରୁ ସକାଳେ ପ୍ରାୟ ଦୁଇଘଣ୍ଟା ବିମାନରେ ଆସିଥିଲୁ । ସବୁଆଡ଼େ ଖାଲି ଟାଙ୍ଗରା ପାହାଡ଼ । ଖଣ୍ଡେ ଖଣ୍ଡେ ପାହାଡ଼ିଆ ଅଞ୍ଚଳ । ମଝିରେ ମଝିରେ ସମୁଦ୍ର ପଶି ଯାଇଛି । ଏ ଦେଶରେ କୃଷି, ଜନବସତି ବିଶେଷ କିଛି ଆଖିରେ ପଡ଼ିଲା ନାହିଁ । ମାତ୍ର ଆନ୍ତର୍ଜାତିକ ସଂଘର୍ଷରେ ଏ ରାଜ୍ୟ ହୋଇଛି ଏକ ବିଶିଷ୍ଟ ରଙ୍ଗସ୍ଥଳୀ ।

Digitized by PPRACHIN, SOA

ରୋମ୍

ବେରୁଟ୍‌ରେ ଦୁଇଘଣ୍ଟା ରହିଲା ପରେ ବିମାନ ଛାଡ଼ିଲା । ପରିଷ୍କାର ସୂର୍ଯ୍ୟାଲୋକ । ଭୂମଧ୍ୟସାଗର ଉପରେ ବିମାନ ଉଡ଼ୁଥାଏ । ତଳ ସବୁଆଡ଼ ସ୍ପଷ୍ଟ ଦେଖାଯାଉଥାଏ । ସାଇପ୍ରସ୍ ଏକ ବିରାଟ ଦ୍ୱୀପ । ତା' ପରେ ଅନେକ ଉନ୍ନତ କ୍ଷୁଦ୍ର ଦ୍ୱୀପ । ନଈ, ନାଳ, ପୋଖରୀ ପରି ସମୁଦ୍ର ଦ୍ୱୀପ ମଧ୍ୟକୁ ପ୍ରବେଶ କରିଥାଏ । ଏଇ ସୁନ୍ଦର ଦୃଶ୍ୟ ବହୁ ଦୂର ବ୍ୟାପି ଚାଲିଲା ।

ଆମ ଘଣ୍ଟାରେ ଗୋଟାଏ ବାଜିବାକୁ ବସିଲା । ବିମାନ ଭିତରେ ମଧ୍ୟାହ୍ନ ଭୋଜନ ଦିଆଗଲା । ରୋମ୍‌ରେ ପହଞ୍ଚିଲୁ । ରୋମ୍ ଘଣ୍ଟାରେ ପ୍ରାୟ ସାଢ଼େ ଦଶଟା । ଜିନିଷ ପତ୍ର ବିମାନ ଘାଟୀରେ ରଖି ସହର ବୁଲିବାକୁ ଗଲୁ । କୌଣସି ପ୍ରକାର କଟକଣା ନାହିଁ । ଦିଲ୍ଲୀରେ T. W. A. ସଂସ୍ଥା ଆମକୁ ନିର୍ଦ୍ଦେଶ ଦେଇଥିଲେ, ତାଙ୍କର ରୋମ୍ ପ୍ରତିନିଧି ଆମକୁ ବିମାନ ବନ୍ଦରରେ ସାକ୍ଷାତ କରି ସମସ୍ତ ବନ୍ଦୋବସ୍ତ କରିବେ । ମାତ୍ର କେହି ନାହାନ୍ତି । ବସ୍‌ରେ ଚଢ଼ି ସହର ଭିତରକୁ ଗଲୁ, T. W. A. ଅଫିସ ଖୋଜିବାକୁ । ବସ୍‌ରୁ ଓହ୍ଲାଇ ବହୁ ଦୂର ଚାଲିବାକୁ ପଡ଼ିଲା । ହାତରେ ଦୁଇଟା ବ୍ୟାଗ୍ । କାନ୍ଧରେ ଓଭର୍ କୋଟ୍ । ପରିଧେୟ ଗରମ ପୋଷାକ । ରୋମ୍ ବେଶ୍ ଗରମ । ଚାଲି ଚାଲି ମନ ମାନିଗଲା । ବିମାନ ଅଫିସ ଖୋଜି ପାଇବା ପାଇଁ ଘଣ୍ଟାଏ ଲାଗିଗଲା । ସେଠାରେ ଯାହାଙ୍କୁ ପାଇଲୁ ସେ ମାନେଜର ହୁଅନ୍ତୁ ବା କୌଣସି ପଦସ୍ଥ କର୍ମଚାରୀ ହୁଅନ୍ତୁ, ଅତି ଭଦ୍ରଲୋକ । କହିଲେ, ଦିଲ୍ଲୀରୁ ଆମ ବିଷୟରେ ସେ କୌଣସି ସମ୍ବାଦ ପାଇ ନାହାନ୍ତି । ତଥାପି ସବୁ ବନ୍ଦୋବସ୍ତ କରି ଦେଲେ । ହୋଟେଲ୍‌କୁ ଗଲୁ । ଗାଧୁଆ ପାଧୁଆ କଲୁ । ରୋମ ଘଣ୍ଟାରେ ଗୋଟାଏ ବାଜିଲା । ପୁଣି ମଧ୍ୟାହ୍ନ ଭୋଜନ ମିଳିଲା ହୋଟେଲ୍‌ରେ । ମାତ୍ର ଖାଇବାର ଇଚ୍ଛା ନଥିଲା ।

Digitized by PPRACHIN, SOA

ବିମାନ ସଂସ୍ଥାର ଅଫିସର ଆମକୁ ଗୋଟିଏ ଯାନରେ ରୋମ୍ ନଗରୀ ବୁଲାଇ ନେଲେ । ଗାଡ଼ିରେ ବସିଲା ମାତ୍ରକେ ମନେ ପଡ଼ିଲା, ଏହିଠାରେ ଥିଲେ ବୀରଶ୍ରେଷ୍ଠ ଜୁଲିୟସ୍ ସିଜର ଏବଂ ତାଙ୍କ ପରେ ମାର୍କ ଆଣ୍ଟୋନି । ସେ ଦୁହେଁ ମିସର ଦେଶର ରାଣୀ ଅନନ୍ୟ ସୁନ୍ଦରୀ କ୍ଲିଓପାଟ୍ରାଙ୍କୁ ବିବାହ କରିଥିଲେ । ଏହିଠାରେ ଜନ୍ମଗ୍ରହଣ କରିଥିଲେ ପ୍ରସିଦ୍ଧ କବି ଦାନ୍ତେ, ଲିଓନାର୍ଡୋ ଡା: ଭିନ୍‌ସିଙ୍କ ପରି ମୋନାଲିଜାର ଚିତ୍ର ଶିଳ୍ପୀ, ରାଫେଲ୍‌ଙ୍କ ପରି ମାଡ଼ୋନାର ଚିତ୍ରକର । ମାଇକେଲ ଆଞ୍ଜେଲୋଙ୍କ ପରି ସ୍ଥାପତ୍ୟ କଳାର ଶିଳ୍ପୀ ପୃଥିବୀରେ ଆଉ ଜନ୍ମଗ୍ରହଣ କରିନାହାନ୍ତି ।

ସାତଟି ପାହାଡ଼ର ସମାହାରରେ ଗଠିତ ହୋଇଛି ଏ ରମ୍ୟ ନଗରୀ । ପୂର୍ବେ ରୋମ ନଗରୀ ପ୍ରାଚୀର ବେଷ୍ଟିତ ହୋଇଥିଲା । ବହୁ ସ୍ଥାନରେ ତାହାର ଭଗ୍ନାବଶେଷ ଅଛି । କେତେଗୁଡ଼ିଏ ପ୍ରବେଶ ତୋରଣ ଏବେ ମଧ୍ୟ ରହିଛି । ସହରର ମୁଖ୍ୟ ପାହାଡ଼ ଉପରକୁ ଉଠିଲୁ । ସେଠାରେ ଅଛି ମନୋହର ଉଦ୍ୟାନ । ରୋମ ସଭ୍ୟତା ସ୍ରଷ୍ଟାମାନଙ୍କର ବହୁ ମାର୍ବଲ ପ୍ରସ୍ତରମୂର୍ତ୍ତି । ସେ ପାହାଡ଼ ଉପରୁ ରୋମ ନଗରୀର ଦୃଶ୍ୟ ଅତି ଚମତ୍କାର । ବହୁ କାଳର ଏ ନଗରୀ । ଇଉରୋପ ସଭ୍ୟତାର ଭିତ୍ତି ସ୍ଥାପନ କରିଥିଲା ଏହି ରୋମ ସଭ୍ୟତା । ସହର ଭିତରେ ଯାନ ପ୍ରବେଶ କଲା । ବହୁ ରାସ୍ତା ଅପ୍ରଶସ୍ତ । ପୁରୁଣା ନଗରୀ ସବୁଠାରେ ଏହିପରି । ପାହାଡ଼ ଗୁଡ଼ିକ ଉପରେ ଏ ନଗରୀ ଗଢ଼ା । ତେଣୁ ବହୁ ସ୍ଥାନରେ ଆରୋହଣ, ଅବରୋହଣ ।

ଦେଖିଲୁ ଏକ ବିସ୍ତୀର୍ଣ୍ଣ ଉପବନ । ତହିଁରେ ଅଛି ଅଜ୍ଞାତ ସେନାମାନଙ୍କର ସ୍ମାରକୀ ତୋରଣ । ଅନ୍ୟ ପଟରେ ସରକାରୀ ସଚିବାଳୟ । ନିକଟରେ ଗୋଟିଏ ମଞ୍ଚ । ମୁସୋଲିନୀ ଫାସିବାଦରେ ଅଧିଷ୍ଠିତ ହୋଇ ହିଟ୍‌ଲରଙ୍କ ସଙ୍ଗେ ହାତ ମିଳାଇ ସେଇ ମଞ୍ଚରୁ ଭାଷଣ ଦେଉଥିଲେ । ଦ୍ୱିତୀୟ ମହାଯୁଦ୍ଧରେ ହିଟ୍‌ଲରଙ୍କ ସହିତ ମେଣ୍ଟ ବାନ୍ଧିଲେ । ବେଶୀ ଦିନର କଥା ନୁହେଁ । ଇଟାଲିର ଅଧୋଗତି ହେଲା । ଯୁଦ୍ଧ ଶେଷ ହେବା ପୂର୍ବରୁ ମୁସୋଲିନୀଙ୍କର ଜାମାତା ତାଙ୍କୁ ହତ୍ୟାକଲେ ।

Digitized by PPRACHIN, SOA

ଗଲୁ ଦେଖିବାକୁ ଭାଟିକାନ ସିଟି । ଏହାଟି ସ୍ୱୟଂଶାସିତ । ରୋମ୍ ବା ଇଟାଲି ସହିତ ଏହାର ସମ୍ପର୍କ ନାହିଁ । ଆୟତନରେ ପ୍ରାୟ ୧୦୦ ଏକର । ଏହାର ଭିତରେ ଅଛି ସେଣ୍ଟ ପୀଟର୍‌ସ କାଥିଡ୍ରାଲ୍ (St, Peter's Cathedral) । ଏହାଟି ସେଣ୍ଟ ପୀଟର୍‌ଙ୍କ ନାମରେ ନାମିତ ପୃଥିବୀର ଉଚ୍ଚତମ ଏବଂ କାରୁକାର୍ଯ୍ୟ ସମ୍ବଳିତ ଖ୍ରୀଷ୍ଟିୟ ଆରାଧନା ମନ୍ଦିର । ଏହାର ବିରାଟ ଆକାର ଦର୍ଶକଙ୍କୁ ମୁଗ୍ଧ କରିଦିଏ । ଭିତର ଆହୁରି ରମଣୀୟ । ଏଥିରେ ଅଛି ବହୁ ଖୋଦିତ ଚିତ୍ର, ବହୁ ପ୍ରତିମୂର୍ତ୍ତି ଏବଂ ଗମ୍ବୁଜ । ସମସ୍ତ ପ୍ରତିମୂର୍ତ୍ତି ମାର୍ବଲ ପ୍ରସ୍ତରରେ । ଅଧିକାଂଶ ମାଇକେଲ୍ ଆଞ୍ଜେଲୋଙ୍କ ଅମର କୃତି । ସବୁଥିରେ ଅଛି ବିରାଟତା, ରମଣୀୟତା ଏବଂ ଗମ୍ଭୀରତା । ଏହି ପରିସର ମଧ୍ୟରେ ଅଛି ପୋପ୍‌ଙ୍କର ପ୍ରାସାଦ ଏବଂ ସଚିବାଳୟ । ପୋପ୍‌ଙ୍କ ଆଧିପତ୍ୟର ଚୂଡ଼ାନ୍ତ ଅଭିବ୍ୟକ୍ତି ।

ସହର ଭିତରେ ନାନା ପ୍ରାଚୀନ ପ୍ରାସାଦ ଏବଂ ଶିଳ୍ପାନୁଷ୍ଠାନ ଦେଖିଲୁ । ସେଥିରୁ ଅନେକ ପ୍ରତ୍ନତତ୍ତ୍ୱ ବିଭାଗରେ ଅନ୍ତର୍ଭୁକ୍ତ ହୋଇ ଗଲାଣି । ଅନେକର ଭଗ୍ନାବଶେଷ ମାତ୍ର ରହିଛି । ସେଥିରେ ନିହିତ ହୋଇଛି ପ୍ରାଚୀନ ଗୌରବର ଚିତ୍ର ଏବଂ କାହାଣୀ । ଏକ ସମୟରେ ରୋମାନ୍ ସାମ୍ରାଜ୍ୟ ଇୟୁରୋପରେ ବ୍ୟାପିଥିଲା । କାଳ କ୍ରମେ ତାହାର ଅବସାନ ହୋଇ ଯାଇଛି ।

ସହର ଭିତରେ ଦେଖିଲୁ ସବୁଆଡ଼େ ଛୋଟ ଛୋଟ ମଟର ଗାଡ଼ି । ଗୋଟିଏ ଗୋଟିଏ ଟୋକେଇ ପରି । ଫିଆଟ୍ (Fiat) ଗାଡ଼ି ଇଟାଲିରେ ତିଆରି । ଏସବୁ ଛୋଟ ଫିଅଟ୍ ଗାଡ଼ିରେ ଆଗ ପଟେ ମାତ୍ର ଦୁଇଜଣ ବସିବା ପାଇଁ ସ୍ଥାନ । ପଛପଟେ ଆଦୌ ନାହିଁ । ବଜାର ସଉଦା ରଖିବା ପାଇଁ ପଛକୁ ଟିକିଏ ସ୍ଥାନ ରଖା ଯାଇଛି । ଦେଖିବାକୁ ଖେଳନା ପରି । ମହିଳାମାନେ ବଜାର କରି ଆସନ୍ତି । ରଖିବାକୁ ଜାଗା ନାହିଁ । ଗାଡ଼ିଟିକୁ ଟିକି ବାଟ ଉପରକୁ ଠେଲି ଦିଅନ୍ତି । ଅନେକ ଛୋଟ ଗାଡ଼ି ଦୋକାନକୁ ଲାଗି ଠିଆ ହୋଇଥାଏ ।

Digitized by PPRACHIN, SOA

ସପ୍ତାରେ ସାଇକେଲ ଅନେକ । ମନେ ପଡ଼ିଲା, ଇଟାଲୀୟ ସିନେମା "ସାଇକେଲ ଚୋର" (Bicycle Thief) କଥା । କଥା ବସ୍ତୁ—ଯୁଦ୍ଧ ଶେଷ ହେବାର ତିନିବର୍ଷ ପରେ ଇଟାଲୀୟ ସମାଜ । ବହୁ ଲୋକ ଅକର୍ମା । ଜଣେ ଅକର୍ମା ଯୁବକ ଗୋଟିଏ କାମ ପାଇଲା । ସପ୍ତା ଖମ୍ଭମାନଙ୍କରେ ଗୋଟିଏ କମ୍ପାନୀର ବିଜ୍ଞାପନ ପତ୍ର ଲଗାଇବ । ଘରେ ଯାହାଥିଲା ସବୁ ବନ୍ଧକ ଦେଇ ଗୋଟିଏ ସାଇକେଲ କିଣିଲା । ସାଇ-କେଲରେ ଗୋଟିଏ ସିଡ଼ି ଲଦି, ବାଲ୍ଟିଏ ଅଠାଧରି ପ୍ରଚାର ପତ୍ର ମାରି ଚାଲିଥାଏ । ସାଙ୍ଗରେ ଥାଏ ତାର ଅଳ୍ପବୟସ୍କ ପୁତ୍ର । ଲୋକଟି ସିଡ଼ି ଉପରେ ଚଢ଼ିଛି, ଜଣେ ଚୋର ସାଇକେଲଟିକୁ ନେଇ ଚାଲିଗଲା । ପୁଅଟି ଚିତ୍କାର କଲା । ବାପ ସିଡ଼ିରୁ ଡେଇଁ ପଡ଼ିଲା । ଦୁହେଁ ଚୋର ପଛରେ ଗୋଡ଼ାଇଲେ । ଏଇଠାରୁ କଥା ଆରମ୍ଭ । ସେ ଦୌଡ଼ର ଶେଷ ହେଲା ନାହିଁ । ଆହୁରି ଦୁର୍ଭାଗ୍ୟ ଜୁଟିଲା । ସୁନ୍ଦର କଥା ବସ୍ତୁ । ଚମତ୍କାର ଅଭିନୟ । ଏହା ପୃଥିବୀରେ ଏକ ଶ୍ରେଷ୍ଠ କଥାଚିତ୍ର ବୋଲି ବିବେଚିତ ହେଲା । ଏଇଟି କଟକକୁ ମଧ୍ୟ ଆସିଥିଲା ।

ଏଥିରେ ଚିତ୍ରିତ ହୋଇଥିଲା ସାମାଜିକ ଚରିତ୍ରର ସ୍ଖଳନ । ଅଭାବ, ଅନଟନ, ଅନାହାରର ଏହାହିଁ ପରିଣତି । ଏ ସମସ୍ତ ମହା-ଯୁଦ୍ଧରୁ ପ୍ରସୂତ । ଦ୍ୱିତୀୟ ମହାଯୁଦ୍ଧରେ ପ୍ରବେଶ କରି ଇଟାଲୀ ବିଧ୍ୱସ୍ତ ହୋଇ ଯାଇଛି । ଅନେକଙ୍କର ପରିଧେୟ ଦେଖି ମନେ ହେଲା, ଏଠାରେ ସାଧାରଣ ଲୋକଙ୍କର ଅବସ୍ଥା ସୁଧୁରି ନାହିଁ ।

୧୯୪୭ ମସିହାରେ, ମହାଯୁଦ୍ଧ ଶେଷ ହେବା ପରେ ଆମେ କେତେ ଜଣ ବିଲାତ ଆସିଥିଲୁ ଉଚ୍ଚ ଶିକ୍ଷା ପାଇଁ । ଜାହାଜରେ ଆସୁ-ଥିଲୁ । ଜାହାଜର ନାମ ଫ୍ରାଙ୍କୋନିଆ । ସେଥିରେ ଏସିଆ ରଣକ୍ଷେତ୍ରରୁ ବହୁ ଇଟାଲୀୟ ଯୁଦ୍ଧବନ୍ଦୀ ଫେରୁଥିଲେ । ଜାହାଜ ଇଟାଲୀ ଏବଂ ସିସିଲିର ମଧ୍ୟବର୍ତ୍ତୀ ପ୍ରଣାଳୀରେ ପ୍ରବେଶ କରି ନେପଲସ୍ ବନ୍ଦରରେ ଲାଗିଲା । ଆମକୁ ବନ୍ଦରରେ ଓହ୍ଲାଇବା ପାଇଁ ଅନୁମତି ମିଳିଲା ନାହିଁ । ଯୁଦ୍ଧବନ୍ଦୀମାନେ ଓହ୍ଲାଇଗଲେ । ଡକ୍ ପାଖରେ ଅନେକ ଇଟାଲୀୟ

Digitized by PPRACHIN, SOA

ଲୋକ ଜମା ହୋଇଥାନ୍ତି । ଅନ୍ତ ଶୀର୍ଣ୍ଣ ତାଙ୍କର ପରିଧେୟ । ପାଟି କରି ମାଗୁଥାନ୍ତି —ଆମକୁ ରୋଟି ଦିଅ, ସିଗାରେଟ୍ ଦିଅ । ଅନେକ ଯାତ୍ରୀ ଏ ସବୁ ତାଙ୍କ ପାଖକୁ ଫିଙ୍ଗିଲେ । ଉନ୍ନତ ଦେଶରେ ଏ ଭଳି ଦୁର୍ଗତିର ଚିତ୍ର ଏବେ ମଧ୍ୟ ମୋର ମନେ ଅଛି ।

ଅବସ୍ଥା କିଛି ମାତ୍ରାରେ ଉନ୍ନତ ହୋଇଛି । ପୂର୍ବାବସ୍ଥାକୁ ଫେରିବା ପାଇଁ ଆହୁରି ସମୟ ଲାଗିବ । ତଥାପି ରୋମ ନଗରୀ ସଭ୍ୟତା, କଳା ଏବଂ ସଂସ୍କୃତିର ଏକ ଦିବ୍ୟ ପୀଠ । ଦେବସଭା ମଧ୍ୟେ ଯେପରି ଇନ୍ଦ୍ରାଣୀ । ଏଠାରେ ପ୍ରାଚୀନ ସୌନ୍ଦର୍ଯ୍ୟ ଭରପୂର ହୋଇ ରହିଛି । ଦେଖି ଲାଗିଲେ ସରିବ ନାହିଁ । ବେଳ ଗଡ଼ି ଗଲାଣି । ଦିନ ଭିତରେ ବହୁତ ବୁଲିବାକୁ ପଡ଼ିଲା । କ୍ଳାନ୍ତ ହୋଇ ପଡ଼ିଲୁ । ସନ୍ଧ୍ୟା ଛଅଟା ବେଳକୁ ବିମାନ ଘାଟିକୁ । ପାସପୋର୍ଟ ପ୍ରଭୃତି ଦେଖାଇଲୁ । ଜିନିଷ ପତ୍ର ଉଡ଼ାଜାହାଜରେ ଚଢ଼ିଲା । ଆମେ ବିମାନରେ ଉଠିଲୁ । ଉଠିଲା ମାତ୍ରକେ ନିଦ ମାଡ଼ି ଆସିଲା । ରାତ୍ରୀ ଭୋଜନ ଦିଆଗଲା । କିଛି ସେଥିରୁ ଖାଇ ଦେଇ ବସିବା ଚୌକି ଉପରେ ଶୋଇ ପଡ଼ିଲି । ଏ ପର୍ଯ୍ୟନ୍ତ ଆମେ ଏୟାର ଇଣ୍ଡିଆ ବିମାନରେ ଆସିଥିଲୁ । ଏଇଠାରୁ T. W. A, ବିମାନରେ ଯାତ୍ରା ଆରମ୍ଭ । ଅନେ ବାଟ ଯିବାକୁ ହେବ ।

ରାତି ୧୧ଟାରେ ବିମାନ ପହଞ୍ଚିଲା ପାରିସ୍ ବିମାନ ପତ୍ତନରେ । ଆମକୁ କୁହାଗଲା ଓହ୍ଲାଇ ଆସିବାକୁ । ଆଲୋକ ସଜ୍ଜାରୁ ଏଇଟି ଯେ ପାରିସ୍ ସହର ତାହା ପରିଷ୍କାର ଜଣା ଯାଉଥିଲା । ପ୍ରତୀକ୍ଷାଳୟକୁ ଗଲୁ । ଘଣ୍ଟାଏ ଅପେକ୍ଷା କରିବାକୁ ହେଲା । ବିମାନରେ କିଛି ଗୋଳ-ମାଳ ହୋଇଥିଲା କି ପାରିସ୍‌ରୁ ଯାତ୍ରୀ ପ୍ରବେଶ କଲେ, କିଛି ଜାଣିବାକୁ ଇଚ୍ଛା ହେଲା ନାହିଁ । ଆଖି ଢୋଳ ହୋଇ ପଡ଼ୁଥାଏ । ରାତି ୧୧ଟାରେ ଓହ୍ଲାଇ ବଡ଼ ବିରକ୍ତ ଲାଗୁଥାଏ । ରୋମ୍‌ର କ୍ଳାନ୍ତି ଭରି ରହିଥାଏ । ଅଳ୍ପ ସମୟ ପରେ ଶୋଇ ପଡ଼ିଲି ।

ବିମାନ ଉଡ଼ି ଚାଲିଲା । ବହୁ ଦୂର । ପାରିସ୍‌ରୁ ଇୟୁରୋପ ଶେଷ ହେବା ପର୍ଯ୍ୟନ୍ତ । ଆଉ ଅବତରଣ କରିନାହିଁ । ତା'ପରେ ସାଗର ଆଟ-

Digitized by PPRACHIN, SOA

ଲାଣ୍ଟିକ ମହାସାଗର । ବିମାନ ଉଡ଼ି ଚାଲିଛି । ପ୍ରଭାତ ହେଲା । ବାହାରକୁ ଚାହିଁ ଦେଖିଲି— ଆମେ କାହିଁ କେତେ ଉର୍ଦ୍ଧ୍ୱରେ ଉଡ଼ି ଚାଲିଛୁ । ବହୁ ତଳେ ମେଘଶ୍ରେଣି । ନିବିଡ଼ ମେଘମାଳା । ସ୍ଫଟିକ ପରି ଶୁଭ୍ର । ତଳେ ଜଳ କି ସ୍ଥଳ ଜାଣିବାର ଉପାୟ ନାହିଁ । ଚମତ୍କାର ମେଘର ଦୃଶ୍ୟ । ଉଚ୍ଚ ନୀଚ ପାହାଡ଼ ପରି ତୁଷାର ଶ୍ରେଣି ଜମାଟ ବାନ୍ଧି ରହିଛି । ବିମାନ ଚାଳକ ଘୋଷଣା କଲେ—ଆଟଲାଣ୍ଟିକ ସାଗର ଉପରେ ବାୟୁର ଚାପ ନିର୍ଭର ଯୋଗ୍ୟ ନୁହେ । ଉତ୍ତର ଆଡ଼କୁ ମାଡ଼ିକରି ଗ୍ରୀନ୍‌ଲାଣ୍ଡ୍ ଉପରେ ବିମାନ ବୁଲିକରି ଆସିଲା । ଅଧିକ ସମୟ ମଧ୍ୟ ଲାଗିଲା । ବହୁ ସମୟ ଧରି ଏଇ ଶୁଭ୍ର ନିବିଡ଼ ମେଘଶ୍ରେଣି ଉପରେ ବିମାନ ଚାଲିଲା । ତା’ପରେ ନିଉ ଫାଉଣ୍ଡଲାଣ୍ଡ୍ ପ୍ରଭୃତି ସ୍ଥଳ ଭାଗ । ଜ୍ୟାମିତିର କ୍ଷେତ୍ର ପରି ତଳେ ଜମି, ଜଙ୍ଗଲ, ଘର, ରାସ୍ତା ସବୁ ଦେଖାଗଲା । ସବୁ ଯେପରି ନିର୍ଦ୍ଦିଷ୍ଟ ମାପରେ ତିଆରି କରାଯାଇ ବସତି ସ୍ଥାପନ କରାଯାଇଛି । କ୍ରମେ ବିମାନ ଆସି ନିଉୟର୍କ ପତ୍ତନରେ ପହଞ୍ଚିଗଲା । ପ୍ରାୟ ସକାଳ ୧୦ଟା ବେଳ ।

ତା’ପରେ ପୁଣି ସେଇ ପାସପୋର୍ଟ, ଭିସା, ସ୍ୱାସ୍ଥ୍ୟ କାର୍ଡ଼, ଶୁଳ୍କ ପ୍ରଭୃତି ଯାଞ୍ଚ କରାଗଲା । ଏତିକରେ ଯାହା ସମ୍ପୂର୍ଣ୍ଣ ହେଲା ନାହିଁ । ଆନ୍ତର୍ଜାତିକ ବିମାନ ପତ୍ତନରେ ଏ ସବୁ ସାରି, ପୁଣି ବସ୍‌ରେ ଜନିଷ ପତ୍ର ଧରି ଆସିଲୁ ଆଉ ଏକ ବିମାନ ପତ୍ତନକୁ, ଓ୍ୱାଶିଙ୍ଗ୍‌ଟନ୍ ଯିବା ପାଇଁ । ନିଉୟର୍କ ସହର ଭିତରକୁ ଯିବା ହେଲା ନାହିଁ । ପ୍ରାୟ ଏଗାରଟାରେ ବିମାନ ଆରୋହଣ କରି ଗୋଟାଏ ବେଳକୁ ଆସି ପହଞ୍ଚିଲୁ ଓ୍ୱାଶିଙ୍ଗଟନ୍‌ରେ ।

●

Digitized by PPRACHIN, SOA

ଓ୍ୱାଶିଂଟନ୍

ଆମେରିକାସ୍ଥ ଶିକ୍ଷା କାଉନ୍‌ସିଲ ପକ୍ଷରୁ ମିଷ୍ଟର ବେକର୍ (Baker) ବିମାନ ଘାଟୀକୁ ଆସିଥିଲେ । ଆମ ଦଶଜଣଙ୍କୁ ସ୍ୱାଗତ ଜଣାଇ ଗାଡ଼ିରେ ଆଣିଲେ । ଶିକ୍ଷା କାଉନ୍‌ସିଲ୍ ଆମକୁ ବିମାନ ପତ୍ତନରୁ ଆଣି ହୋଟେଲ୍‌ରେ ରହିବା ପର୍ଯ୍ୟନ୍ତ ସମସ୍ତ ବନ୍ଦୋବସ୍ତ କରିଥିଲେ । ରହିଲୁ ବ୍ରାଇଟନ୍ ହୋଟେଲ୍‌ରେ (Brighton) । ଦୁଇ ଜଣିଆ ପ୍ରକୋଷ୍ଠ । ଜଣ ପିଛା ରହିବା ପାଇଁ ଭଡ଼ା ଦିନକୁ ପାଞ୍ଚ ଡଲାର । ଖାଇବା ଖର୍ଚ୍ଚ ଅଲଗା । ବନ୍ଧୁ ଡକ୍ଟର୍ ଆଉଲକ୍ ଏବଂ ମୁଁ ଗୋଟିଏ ପ୍ରକୋଷ୍ଠରେ ରହିଲୁ । ସେ ଦିନ ଶନିବାର, ଅଗଷ୍ଟ ମାସ ୨୩ ତାରିଖ । ସେହି ଦିନଠାରୁ ଆମର କାର୍ଯ୍ୟାରମ୍ଭ । ଆମେରିକାରେ ରହଣି । ଆମେରିକାରେ ଶିକ୍ଷା ବର୍ଷ ଆରମ୍ଭ ହୁଏ ସେପ୍‌ଟେମ୍ବର ମାସରେ ।

ଶରତ କାଳ । ଶୀତ ଟିକିଏ ପଡୁଛି । ପାଗ ସୁଖକର । ଏତେ ଦୂର ଆସିଲା ପରେ ବିଶ୍ରାମ କରିବାର କଥା । ମାତ୍ର ସହର ଦେଖିବାର ଆଗ୍ରହ ଦମନ କରି ହେଲା ନାହିଁ । ପୃଥିବୀର ଗୋଲାର୍ଦ୍ଧରେ ଆସି ପହଞ୍ଚିଛୁ । ଘରେ ରହିବୁ କପରି ? ହୋଟେଲ୍‌ରେ ନିତ୍ୟକର୍ମ ଶେଷ କଲୁ । ମଧ୍ୟାହ୍ନ ଭୋଜନ ମିଳିଲା । ଦଶ ଜଣ ଯାକ ଏକାଠି ବସି କଳ୍ପନା ଜଳ୍ପନା କଲୁ । ସନ୍ଧ୍ୟା ବେଳେ କିଛି ନ ଜାଣି, କାହାକୁ କିଛି ନ ପଚାରି ଏଣେ ତେଣେ ବୁଲି ଆସିଲୁ । ଦୋକାନ ବଜାର ସବୁ ବନ୍ଦ । କେତେକ ଔଷଧ ଦୋକାନ (Drug Store) ଏବଂ କେତୋଟି ରେସ୍ତୋରାଁ ଖୋଲିଥାଏ । ଔଷଧ ଦୋକାନ ଦିନ ରାତି ଖୋଲା ରହିବାର କଥା । ମାତ୍ର ଆମେରିକାର ଡ୍ରଗ୍ ଷ୍ଟୋରରେ ସବୁ ଜିନିଷ ମିଳେ । ଗୋଟିଏ ନିକଟବର୍ତ୍ତୀ ଡ୍ରଗ୍ ଷ୍ଟୋର ଦେଖି ଆସିଲୁ ।

ମଟର ଗାଡ଼ିର ଅବିରତ ପ୍ରବାହ । ସବୁବେଳେ ସବୁ ରାସ୍ତାରେ ଖାଲି ମଟର କାର୍ । ରୋମ୍‌ରେ ଦେଖିଥିଲି ଛୋଟ ଛୋଟ ଫିଆଟ୍ ଗାଡ଼ି ।

Digitized by PPRACHIN, SOA

ଏଠାରେ ଗ୍ରେଟଗାଡ଼ି ଦେଖିବାକୁ ଦୁର୍ଲଭ । ସବୁ ଗାଡ଼ି ବଡ଼ ବଡ଼ । ଖୁବ୍ ଲମ୍ବା ଏବଂ ଆରାମ ଦାୟକ । ଏଇ ମଟର ଗାଡ଼ି ଉପରେ ଏ ଦେଶର ଅର୍ଥନୈତିକ ପ୍ରଗତି ଏବଂ ସଂସ୍କୃତି ଆଧାରିତ । ରାସ୍ତାରେ ବସ୍, ଟ୍ରାମ୍ କଷ୍ଟ କଷ୍ଟ ଅଛି । ମାତ୍ର ଅତି ଅଳ୍ପ । ରାସ୍ତାର ଦୁଇ ପାଖ ଚଲା ବାଟରେ ଚାଲିବା ଲୋକ ବିରଳ । କଥା ପ୍ରସଙ୍ଗରେ ଜଣେ ପଥପ୍ରଦର୍ଶ କହିଲେ, ଖାଲି ଭାରତୀୟ ଛାତ୍ରଙ୍କ ଛଡ଼ା ଆଉ ରାସ୍ତାରେ ଚାଲିବା ଲୋକ ଏଠାରେ କ୍ୱଚିତ ଦେଖିବାକୁ ମିଳିବେ ।

ଦୀର୍ଘ ଦୁଇ ଦିନ ଆକାଶରେ ଉଡ଼ିଲା ପରେ କଦା ଭୂଇଁ ଉପରେ ରାତିରେ ଶୋଇବାକୁ ମିଳିଲା ।

ପର ଦିନ ରବିବାର । କୌଣସି କାର୍ଯ୍ୟକ୍ରମର ବନ୍ଦୋବସ୍ତ ହୋଇ-ନାହିଁ । ସହର ବୁଲିବାର ଯୋଜନା କରାଗଲା । ଆହମଦାବାଦ ସେଣ୍ଟ ଜେଭିୟର୍ସ (St Xavier's College) କଲେଜର ପ୍ରିନ୍ସିପାଲ ଡି. ସୁଜା (De Souza) ଆମ ଦଳର ଜଣେ ସଦସ୍ୟ । ତାଙ୍କର ଜଣେ ବନ୍ଧୁ ୱାକର (Walker) ଏଠାରେ ଥାଆନ୍ତି । ସେ ନିଜର ଗାଡ଼ି ନେଇ ଆସିଲେ । ଆମେ କେତେ ଜଣ ଦୁଇଟା ବେଳେ ତାଙ୍କ ଗାଡ଼ିରେ ବୁଲି ବାହାରିଲୁ ।

ପ୍ରଥମେ ଗଲୁ ଦେଖିବାକୁ ଜାତୀୟ କଳା ଭବନ (National gallery of Art) । ବିରାଟ ଅଟ୍ଟାଳିକା । ବାହାର ଭିତର ସବୁ ରମ-ଣୀୟ । ବିଭିନ୍ନ ଦେଶର, ବିଭିନ୍ନ ଶିଳ୍ପୀଙ୍କର ପ୍ରଖ୍ୟାତ ଚିତ୍ର ଏବଂ ମୂର୍ତ୍ତିର ଅପୂର୍ବ ସମାବେଶ । ଦେଶର ସଂସ୍କୃତି, ମହତ୍ତ୍ୱ ଏବଂ ମହନୀୟ-ତାର ଏ ସବୁ ପରିଚୟସୂଚକ । ଏ ଗୁଡ଼ିକ ଖାଲି ମାଟି ଭିତରେ ପୋତାଧନ ପରି ରଖାଯାଇ ନାହିଁ । ବହୁ ଲୋକ, ଛାତ୍ର, ଶିକ୍ଷକ, ସାଧାରଣ ନାଗରିକ ଏବଂ ବିଦେଶୀ ପରିବ୍ରାଜକ, ସମସ୍ତେ ଆକୃଷ୍ଟ ହୋଇ ଏ ଅନୁଷ୍ଠାନକୁ ଆସନ୍ତି । ଦେଶର ଆର୍ଥିକ ବିଭବ ସହିତ ଚାରୁକଳାର କିପରି ସମନ୍ୱୟ ହୋଇଛି, ସେ ସବୁ ଉପଲବ୍ଧି କରନ୍ତି । ଇଉରୋପୀୟ ପ୍ରାଚୀନ ଏବଂ ଆଧୁନିକ ଶିଳ୍ପୀଙ୍କର ଚିତ୍ର ଏବଂ ସ୍ଥାପତ୍ୟ ଏଠାରେ ସଞ୍ଚିତ ହୋଇଛି ।

Digitized by PPRACHIN, SOA

ମାର୍ବଲ ନିର୍ମିତ ଏ ସୁନ୍ଦର ଅଟ୍ଟାଳିକା କଳାଭବନ ପାଇଁ ଯଥାର୍ଥରେ ଉପଯୋଗୀ ହୋଇଛି ।

ବିଭିନ୍ନ ପ୍ରକୋଷ୍ଠରେ ଯେଉଁ ସବୁ ପ୍ରତିକୃତି ସଜ୍ଜିତ ହୋଇଛି, ସେ ସବୁର ଶିଳ୍ପୀ ଏବଂ ତାତ୍ପର୍ଯ୍ୟ ବିଷୟରେ ଗୋଟିଏ ପୁସ୍ତକ ରଚିତ ହୋଇଛି । ଦର୍ଶକମାନେ ସେଥିରୁ ଖଣ୍ଡିଏ ଲେଖାଏଁ ପୁସ୍ତକ କିଣନ୍ତି । ଆଉ ପ୍ରଦର୍ଶକ ଆବଶ୍ୟକ ହୁଅନ୍ତି ନାହିଁ । ସେ ବିଷୟରେ ଅଧିକ ବିବ-ରଣୀ ପାଇବା ଲାଗି ବନ୍ଦୋବସ୍ତ କରାଯାଇଛି । ଗୋଟିଏ ଡଲାର ଭଡ଼ା ଦେଇ ଗୋଟିଏ ପାରାଧ୍ୱନିକ ଯନ୍ତ୍ର (Supersonic instrument) ଧରି ଯେ କୌଣସି ପ୍ରତିକୃତି ନିକଟରେ ଠିଆ ହେଲେ ବିସ୍ତୃତ ବିବରଣୀ ଶୁଣାଯିବ । ସେ ସବୁ ଭିଡ଼ିଓରେ ରେକର୍ଡ଼ କରାଯାଇଛି ଏବଂ ସେ ରେକର୍ଡ଼ ଅବିରତ ଲାଗି ଯାଉଛି । ସବୁ ସ୍ୱୟଂ ଚାଳିତ । ସେ ଦିନ ଥିଲା ରବିବାର । ବହୁ ଲୋକଙ୍କର ସମାବେଶ ହୋଇଥିଲା ଏ କଳା ଭବନରେ ।

ସେଠାରୁ ଗଲୁ ଜେଫର୍‌ସନଙ୍କ (Jefferson memorial) ସ୍ମାରକୀ ପ୍ରତିମୂର୍ତ୍ତି ଦେଖିବାକୁ । ବିସ୍ତୀର୍ଣ୍ଣ ଜଳାଧାର କୂଳରେ ମାର୍ବଲ ନିର୍ମିତ ମନ୍ଦିରରେ ଏ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି । ଜେଫର୍‌ସନ୍‌ଙ୍କ ପସନ୍ଦ ହେବାଭଳି ଏ ସ୍ମାରକୀର ନକ୍‌ସା କରାଯାଇଛି । ବିରାଟ ମେମୋରିଆଲ୍ । ସବୁ ମାର୍ବଲ ପ୍ରସ୍ତରରେ ନିର୍ମିତ । ଭିତରେ ଛଅ ଫୁଟ ଉଚ୍ଚ ମଞ୍ଚ ଉପରେ ୧୯ ଫୁଟ୍ ଉଚ୍ଚତା ବିଶିଷ୍ଟ ବ୍ରୋଞ୍ଜ ନିର୍ମିତ ଜେଫର୍‌ସନ୍‌ଙ୍କ ପ୍ରତିମୂର୍ତ୍ତି । ଜାତି ଗଠନରେ ଯେଉଁ ମହାପୁରୁଷମାନେ ମହନୀୟ ଅବଦାନ ରଖି ଯାଇଛନ୍ତି, ତାଙ୍କର ଯଥୋଚିତ ସ୍ମୃତିରକ୍ଷା ବର୍ଦ୍ଧିଷ୍ଣୁ ଜାତିର ପରିଚୟସୂଚକ । ଯୁକ୍ତରାଷ୍ଟ୍ର ଗଠନରେ, ସଂହତି, ସ୍ୱାଧୀନତା ଏବଂ ଗଣତନ୍ତ୍ର ସୁଦୃଢ଼ କରିବାରେ ଜର୍ଜ ଓ୍ୱାଶିଙ୍ଗଟନ୍, ଆବ୍ରାହାମ୍ ଲିନ୍‌କନ୍ ଏବଂ ଟମାସ୍ ଜେଫରସନ୍ ହୋଇଥିଲେ କର୍ଣ୍ଣଧାର । ସେମାନଙ୍କର ସ୍ମାରକ ମନ୍ଦିର ଆମେରିକାର ବୀରପୂଜା ସାର୍ଥକ କରିଛି । ଏ ସବୁ ସ୍ମୃତି ମନ୍ଦିର ଏବଂ ପ୍ରତିମୂର୍ତ୍ତି ଯେପରି ବିରାଟ, ସେହିପରି ସୁନ୍ଦର ।

Digitized by PPRACHIN, SOA

ଓ୍ୱାଶିଙ୍ଗଟନ୍ ସହର ପୋଟୋମାକ ନଦୀକୂଳରେ । ପୃଥିବୀରେ ପ୍ରାୟ ସମସ୍ତ ସହର ନଦୀ ବା ସମୁଦ୍ର କୂଳରେ । ଆଧୁନିକ ଭୁବନେଶ୍ୱର ତାହାର ବ୍ୟତିକ୍ରମ । ପୋଟୋମାକ୍ ନଦୀର ନାମ ମୁଁ ଭୂଗୋଳରେ ପଢ଼ିନ ଥିଲି । ଏହାଟି ଆମେରିକାରେ ଗୋଟିଏ ଶ୍ରେଷ୍ଠ ନଦୀ । କ୍ଷୁଦ୍ର ସିପ୍ରା ନାମ ବହୁତ ଜଣଙ୍କେ । ଏହି କ୍ଷୁଦ୍ର ନଦୀ କୂଳରେ ଉଜ୍ଜୟିନୀ ଏବଂ କାଳିଦାସ ଏଠାରେ ଜନ୍ମ ଗ୍ରହଣ କରିଥିଲେ । ଯୁକ୍ତରାଷ୍ଟ୍ରର ରାଜଧାନୀକୁ ଛାତିରେ ଧାରଣ କରି ପୋଟୋମାକ୍ ସର୍ବଦ ବହୁତ ହୋଇଛି ।

ପୋଟୋମାକ୍ ନଦୀର ଅପର ପାର୍ଶ୍ୱରେ ଆରଲିଙ୍ଗ୍ଟନ୍ ସହର । ସେଠାରେ ଅଛି ଆର୍ଲିଙ୍ଗଟନ୍ ଜାତୀୟ ସମାଧି କ୍ଷେତ୍ର—(Arlington National Cemetary) ଏହାଟି ପାହାଡ଼ ଉପରେ ଗଢ଼ାଯାଇଛି । ବସ୍ତୁତ ଏହାର ମରିସର । ଏହି କ୍ଷେତ୍ରଟି ଏକ ବିରାଟ ଜାତୀୟ ଅନୁଷ୍ଠାନ ରୂପେ ଉଣ୍ଣ ହୋଇଛି ।

ଏଠାରେ ଅଛି ଅଜ୍ଞାତ ସେନାମାନଙ୍କ ସମାଧି (Unknown Soldiers) ପାହାଡ଼ର ଶିଖର ଭାଗରେ । ଆମେରିକାର ଆଭ୍ୟନ୍ତରୀଣ ଯୁଦ୍ଧରେ, ପ୍ରଥମ ଏବଂ ଦ୍ୱିତୀୟ ମହାଯୁଦ୍ଧରେ ନିହତ ବହୁ ସୈନିକ ଏବଂ ସେନାଧ୍ୟକ୍ଷଙ୍କ ସମାଧି ଏହିଠାରେ କରାଯାଇଛି । ଅଜ୍ଞାତ ସେନାମାନଙ୍କ ସମାଧିର ଏକ ପାଖରେ ଅଛି ଗୋଟିଏ ମୁକ୍ତାକାଶ ମଣ୍ଡପ । ସବୁ ମାର୍ବଲ୍‌ରେ ନିର୍ମିତ । ଆମେରିକାର ରାଷ୍ଟ୍ରପତି ସମ୍ବାଦ ଦିବସରେ ଏଠାରେ ଭାଷଣ ଦିଅନ୍ତି । ଅନ୍ୟ ପଟେ ଗୋଟିଏ ସୁନ୍ଦର ତୋରଣ । ସେଠାରେ ଦିନ ରାତି ୨୪ ଘଣ୍ଟା ସୈନିକ ପ୍ରହରୀ ରହନ୍ତି । ସେମାନେ ସାମରିକ ରୀତିରେ ପଦକ୍ଷେପ କରୁଥାନ୍ତି । ପ୍ରତି ଘଣ୍ଟାରେ ପ୍ରହରୀ ପରିବର୍ତ୍ତନ କରାଯାନ୍ତି । ଯୁବକ ସୈନ୍ୟ ଏ ଦାୟିତ୍ୱ ନିର୍ବାହ କରନ୍ତି । ପରିବର୍ତ୍ତନ ବେଳର ସାମରିକ ପ୍ରକ୍ରିୟା ଏକ ଦର୍ଶନୀୟ ଉତ୍ସବ । ମୋତେ ଏ ଉତ୍ସବ ଦେଖିବାର ସୁଯୋଗ ମିଳିଥିଲା ।

ଭିତରେ ବଡ଼ ବଡ଼ ଅକ୍ଷରରେ ଖୋଦିତ ହୋଇଛି :—
"When we imagined the soldier, we did not forget

the citizen." ଆମେ ଯେତେବେଳେ ସୈନିକଙ୍କୁ କଳ୍ପନା କଲୁ, ସେତେବେଳେ ଦେଶର ନାଗରିକଙ୍କୁ ଭୁଲିନାହୁଁ । କି ସୁନ୍ଦର ! ଦେଶ ପ୍ରାଣତା ଜାଗ୍ରତ କରିବା ଲାଗି ଏଥିରେ ଅଛି ଗମ୍ଭୀର ନିର୍ଦ୍ଦେଶ । ସଂଗଠିତ ଜାତୀୟତାବୋଧ ଜାତିର ପ୍ରଗତି ଏବଂ ଜାଗରଣ ସମ୍ଭବ କରିପାରେ ।

ଟିକିଏ ନିମ୍ନ ସ୍ତରରେ ଅଛି ବିସ୍ତୀର୍ଣ୍ଣ ସମତଳ ଭୂମି । ବହୁ ଲୋକ ଆସନ୍ତି ଦେଖିବାକୁ ଏଥିରେ ସମାଧି କ୍ଷେତ୍ର । ଅସଂଖ୍ୟ ସମାଧି ଅଛି ଏହି କ୍ଷେତ୍ରରେ । ସମାଧି ଗୁଡ଼ିକ ଧାଡ଼ି ଧାଡ଼ି ହୋଇ ରହିଛି । ଅନେକ ସମାଧିରେ ଅଳିଭ ବିଦ୍ୟୁତ୍ ଆଲୋକ ଲଗା ଯାଇଛି । ସମାଧି ନିକଟରେ ବୃକ୍ଷ, ଲତା, ପୁଷ୍ପ ଉଦ୍ୟାନ । ଧାଡ଼ି ଧାଡ଼ି ସମାଧି ମଧ୍ୟରେ ବୁଲି ବୁଲି ଯିବାପାଇଁ ପଥର ରାସ୍ତା । ସବୁଆଡ଼ ପରିଷ୍କାର । କୌଣସିଠାରେ ଅନାବନା କଣ୍ଟା ବା ଗୁଳ୍ମ ନାହିଁ । ସୁନ୍ଦର ଉଦ୍ୟାନ । ଯଥାର୍ଥରେ ଶାନ୍ତି ଧାମ ।

ସେଠାରୁ ଫେରି ଦେଖିଲୁ ଲିନ୍‌କନ୍ ସ୍ମାରକୀ । ଏହା ଏକ ବିରାଟ ସ୍ତମ୍ଭ ମନ୍ଦିର । ଏଥିରେ ଅଛି ୪୮ଟି ସ୍ତମ୍ଭ । ସେତେବେଳେ ଯୁକ୍ତରାଷ୍ଟ୍ରରେ ଥିଲା ୪୮ଟି ରାଜ୍ୟ । ଏବେ ଆଉ ଦୁଇଟି ମିଶି ଯାଇଛି । ଆଲାସ୍କା ଏବଂ ହନୋଲୁଲୁ । ମାର୍ବଲ ପ୍ରସ୍ତରରେ ନିର୍ମିତ ଏ ମନ୍ଦିର ପାଖରେ କରାଯାଇଛି ଏକ ପ୍ରଶସ୍ତ ଜଳାଧାର । ଏଥିରେ ମନ୍ଦିରର ପ୍ରତିବିମ୍ବ ଦେଖା ଯାଉଛି । ତାଜମହଲ ଯମୁନା ନଦୀରେ ପ୍ରତିବିମ୍ବିତ ହେଲା ପରି । ଭିତରେ ଆବ୍ରାହାମ୍ ଲିନ୍‌କନ୍‌ଙ୍କର (Abraham Lincoln) ମାର୍ବଲ ପ୍ରତିମୂର୍ତ୍ତି । କାନ୍ଥରେ ତାଙ୍କର ପ୍ରଖ୍ୟାତ ତଥା ସ୍ମରଣୀୟ ଭାଷଣ ଗୁଡ଼ିକ ଲିପିବଦ୍ଧ କରାଯାଇଛି ।

ଏ ସମସ୍ତ ସ୍ଥାନରେ ବହୁ ଲୋକଙ୍କର ସମାବେଶ । ବିଶେଷତଃ ଛୁଟି ଦିନ ମାନଙ୍କରେ ।

●

Digitized by PPRACHIN, SOA

କାର୍ଯ୍ୟାରମ୍ଭ

ଅଗଷ୍ଟ ୨୫ ତାରିଖ । ସୋମବାର । ସେହି ଦିନଠାରୁ ଆମର ବିଧିବଦ୍ଧ କାମ ଆରମ୍ଭ । ଆମେରିକାସ୍ଥ ଶିକ୍ଷା କାଉନ୍‌ସିଲ୍‌ରେ ଆମେ ଦଶଜଣଯାକ ଯାଇ ଉପସ୍ଥିତ ହେଲୁ । ଶିକ୍ଷା କାଉନ୍‌ସିଲ୍ ଏବଂ ସରକାରଙ୍କ ବୈଦେଶିକ ବିଭାଗର ବିଭିନ୍ନ କର୍ମକର୍ତ୍ତାଙ୍କ ସହିତ ସାକ୍ଷାତ, ପରିଚୟ ଏବଂ ପ୍ରାଥମିକ କଥାବାର୍ତ୍ତା ହେଲା । ଦିଲ୍ଲୀରେ ସ୍ଥିର ହୋଇଥିଲା, ଆମେ ଦଶଜଣ ତିନୋଟି ଦଳରେ ବିଭକ୍ତ ହେବୁ । ସେ କଥା କାଉନସିଲ୍‌ର ସଦସ୍ୟଙ୍କୁ ଜଣାଇ ଦେଲୁ । ଡକ୍ଟର ଆଉଲକ୍, ଡକ୍ଟର ପିଲ୍ଲାଇ ଏବଂ ମୁଁ ଗୋଟିଏ ଦଳ ହୋଇ ରହିଲୁ । ପ୍ରତ୍ୟେକ ଦଳର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ଜଣେ ଲେଖାଏଁ ଅଫିସର ନିଯୁକ୍ତ ହେଲେ । ଆମ ଦଳର ଦାୟିତ୍ୱ ନେଲେ ଶିକ୍ଷା କାଉନସିଲ୍‌ର ଅଫିସର କାର୍ଣ୍ଣାହାମ୍ (Lewis carnaham) । ଆମର ପର୍ଯ୍ୟଟନ ଭିତରେ ତାଙ୍କ ସହିତ ଆମେ ଶଠି ପତ୍ର ଆଦାନ ପ୍ରଦାନ କରିବୁ । ଏହି ପ୍ରାଥମିକ କଥାବାର୍ତ୍ତା ପରେ ସକାଳର ଅଧିବେଶନ ଶେଷ ହେଲା ।

ଅପରାହ୍ଣରେ ଶିକ୍ଷା କାଉନ୍‌ସିଲ୍ ଏବଂ ସରକାରୀ ସଂସ୍ଥାର କେତେଜଣ ଅଧିକାରୀ ବକ୍ତୃତା ଦେଲେ । ବିଷୟ ବସ୍ତୁ ହେଲା ଆମେରିକାର ଭୂଭାଗ ଏବଂ ଅଧିବାସୀ । ବକ୍ତାମାନଙ୍କର କହିବାର ପ୍ରଣାଳୀ ସୁନ୍ଦର । ଆମେରିକାର ପ୍ରାକୃତିକ ମାନଚିତ୍ର ଦେଖାଇ, କିପରି କେଉଁଠାରେ ବସତି ସ୍ଥାପିତ ହେଲା, ବିଭିନ୍ନ ଶ୍ରେଣୀର ଲୋକେ କିପରି ଗୋଟିଏ ରାଷ୍ଟ୍ରରେ ପରିଣତ ହେଲେ ଇତ୍ୟାଦି ବିଷୟ ବର୍ଣ୍ଣନା କଲେ । ବକ୍ତୃତା ପରେ ହେଲା ପ୍ରଶ୍ନ ଏବଂ ଆଲୋଚନା । ଅଧିବେଶନଟି ଭଲ ଲାଗିଲା । ଆମେ ଏ ସବୁ କିଛି କିଛି ଜାଣିଥିଲୁ । ବକ୍ତାମାନଙ୍କର ପ୍ରାଞ୍ଜଳ ବକ୍ତୃତାରୁ ବହୁ ତଥ୍ୟ ଜାଣିବାକୁ ପାଇଲୁ ।

Digitized by PPRACHIN, SOA

ଶିକ୍ଷା କାଉନ୍‌ସିଲ୍‌ ଏବଂ ଆନ୍ତର୍ଜାତିକ କେନ୍ଦ୍ରର କର୍ମକର୍ତ୍ତା-ମାନେ ଯେପରି କଥାବାର୍ତ୍ତା କରୁଥାନ୍ତି, ଯେ ଭଳି ଆମ କଥା ବୁଝୁଥାନ୍ତି, ଆମ ପାଇଁ ଯେପରି ସକଳ ପ୍ରକାର ବ୍ୟବସ୍ଥା କରୁଥାନ୍ତି, ସେଥିରେ ଆମେ ସନ୍ତୁଷ୍ଟ ହୋଇଥିଲୁ । ତାଙ୍କର ଶିଷ୍ଟତା, ସୌଜନ୍ୟ ଆମକୁ ମୁଗ୍ଧ କରିଥିଲା । ତାଙ୍କର ଆତିଥେୟତା ଆମକୁ ଉଦ୍‌ବୁଦ୍ଧ କରିଥିଲା ।

ଆମର ଧାରଣା ହୋଇଥିଲା ଯେ ଆମେରିକା ଲୋକେ ବିଚିତ୍ର ରଙ୍ଗ ଢଙ୍ଗର ଜାମା ପୋଷାକ ପିନ୍ଧନ୍ତି । ତାଙ୍କର ଟାଇ, ସ୍ୱେଟର, ହାଓ୍ୱାଇଆନ ଇତ୍ୟାଦି ସବୁ ଗାଢ଼ ରଙ୍ଗର ଏବଂ ନାନା ଭାବରେ ଚର୍ଚ୍ଚିତ । ଆମ ଦେଶରେ ଏପରି ପୋଷାକ ବ୍ୟାପିଛି । ମାତ୍ର ଓ୍ୱାଶିଙ୍ଗ-ଟନ୍‌ରେ ସେପରି ପୋଷାକ କୌଣସିଠାରେ ଦେଖିଲୁ ନାହିଁ । ଏମାନଙ୍କର ପୋଷାକ ଅତି ସରଳ ଏବଂ ସଂଯତ । ଆମେ ଏ ବିଷୟ ଟୁପ୍‌ଟାପ୍‌ ହେଉଥାଉ, ଜଣେ ବକ୍ତା ଏହାର ଟିପ୍ପଣୀ ଦେଲେ । ତାଙ୍କ କହିବା ଢଙ୍ଗରେ ସରସତା ଥିଲା । କହିଲେ, ଆମ ଦେଶରେ ଖାଦ୍ୟ ଏବଂ ପରିଧେୟ ଯଥେଷ୍ଟ । ସମସ୍ତେ ଯଥେଷ୍ଟ ପୋଷାକ ପାଆନ୍ତି ଏବଂ ପିନ୍ଧନ୍ତି । କେବଳ ଗ୍ରୀଷ୍ମ ଋତୁରେ ତରୁଣୀ ମାନଙ୍କର ପରିଧେୟରେ ଏହାର ବ୍ୟତିକ୍ରମ । ଆମେରିକାର ପରିଚ୍ଛଦ ବିଷୟରେ ଯାହା ଧାରଣା ଥିଲା, ସେ ଧାରଣା ସମ୍ପୂର୍ଣ୍ଣ ରୂପେ ବଦଳି ଗଲା । ବୋଧହୁଏ, ଦକ୍ଷିଣ ରାଜ୍ୟରେ ଅନ୍ୟ ପ୍ରକାର ହୋଇଥିବ, ବିଶେଷତଃ କୃଷ୍ଣକାୟଙ୍କ ଭିତରେ । ମାତ୍ର ଏ ରାଜଧାନୀ ନଗରୀରେ, ପରିଚ୍ଛଦର କୌଣସି ଅଦ୍ଭୁତ, ବିଚିତ୍ର ଭଙ୍ଗିମା ଦେଖିଲୁ ନାହିଁ ।

ଆମେରିକୀୟ ଶିକ୍ଷା କାଉନ୍‌ସିଲ ଏବଂ ବୈଦେଶିକ ବିଭାଗ ପକ୍ଷରୁ ଆମକୁ ଆମେରିକା ବିଷୟରେ ଅବହିତ କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା । ଆମେରିକାର ଶିକ୍ଷା ପଦ୍ଧତି, ଆମେରିକାର ସମାଜ ଓ ସଂସ୍କୃତି, ସେ ଦେଶର ଅର୍ଥନୀତି ଏବଂ ସମ୍ବିଧାନ ବିଷୟରେ ବହୁ ଭାଷଣ ଶୁଣିବାର ସୁଯୋଗ ମିଳିଲା । ଆଲୋଚନା ମଧ୍ୟ ହେଲା ।

ପରଦିନ ସକାଳେ ବକ୍ତୃତାର ବିଷୟ ବସ୍ତୁ ଥିଲା ଆମେରିକାର ଆର୍ଥନୀତିକ ଅଭିବୃଦ୍ଧି ଏବଂ ସାମାଜିକ ନିରାପତ୍ତା । ଦୁଇ ଜଣ ଥିଲେ

Digitized by PPRACHIN, SOA

ବକ୍ତା । ସେମାନେ ସାଧାରଣ ପରିସ୍ଥିତିର ଏକ ବିବରଣୀ ଦେଲେ ।• ଆମେରିକାର ସମୃଦ୍ଧି ପୁଞ୍ଜିବାଦ ଉପରେ ଆଧାରିତ । ସରକାରୀ ହସ୍ତ-କ୍ଷେପରେ ଅଭିବୃଦ୍ଧି ବ୍ୟାହତ ହୁଏ । ବ୍ୟକ୍ତିଗତ ସ୍ୱାଧୀନତା ପ୍ରେରଣାର ଉତ୍ସ । ଏ ଦେଶରେ ଉପନିବେଶ ହେଲା ଦିନରୁ ଏ ଆଦର୍ଶ ଫଳପ୍ରଦ ହୋଇଛି । ଆତ୍ମବିଶ୍ୱାସ ଏ ଜାତିକୁ ସମୃଦ୍ଧ କରିଛି । ଏ ବକ୍ତୃତା ଆଲୋ-ଚନା ପାଇଁ ଉଦ୍ଦିଷ୍ଟ ହୋଇନଥିଲା । ଏହିଟି ଥିଲା ଏକ ମୋଟାମୋଟି ବିବରଣୀ ମାତ୍ର । ତଥାପି କହିବାର ଭଙ୍ଗୀ ସୁନ୍ଦର । ନିପଟ ପୁଞ୍ଜିବାଦୀ ଦେଶରେ ସାମାଜିକ ନିରାପତ୍ତାର ପରିସର ଅତିମାତ୍ରାରେ ସୀମିତ । ୟୁରୋପର ଦେଶ ସହିତ ଏହାର ତୁଳନା ହୋଇ ନ ପାରେ ।

ଉପରଓଳି ଦେଖିବାକୁ ଗଲୁ କଂଗ୍ରେସ ଲାଇବ୍ରେରୀ, ସୁପ୍ରୀମ କୋର୍ଟ ଏବଂ କ୍ୟାପିଟଲ୍ । (Library of the Congress, Supreme Court and Capitol) । ଆମ ଦେଶରେ ରାଜ୍ୟସଭା ଏବଂ ଲୋକସଭା ମିଶି ହୁଏ ସଂସଦ ବା ପାର୍ଲିମେଣ୍ଟ । ଆମେରିକାରେ ସେହିପରି ସେନେଟ (Senate) ଏବଂ ପ୍ରତିନିଧି ସଭା (House of Representatives) ମିଶି ହୁଏ କଂଗ୍ରେସ । କ୍ୟାପିଟଲ୍ ସୌଧ ଭିତରେ ଏ ଦୁଇ ସଦନର ବୈଠକ ବସେ ।

କଂଗ୍ରେସ ପାଇଁ ଗୋଟିଏ ଲାଇବ୍ରେରୀ ଅଛି । କଂଗ୍ରେସ ଲାଇ-ବ୍ରେରୀର ବାହାର ଦୃଶ୍ୟ ଅନ୍ୟ ସରକାରୀ ଅଟ୍ଟାଳିକା ଠାରୁ ଭିନ୍ନ । ଏଇଟି ମାର୍ବଲ ପ୍ରସ୍ତରରେ ନିର୍ମିତ । ମାତ୍ର ପୁରୁଣା ସୌଧ ପରି ଠାଏ ଠାଏ କଳା ପଡ଼ିଯାଇଛି । ସୁପ୍ରୀମ୍ କୋର୍ଟ, କ୍ୟାପିଟଲ୍ ଏବଂ ହ୍ୱାଇଟ୍ ହାଉସ୍‌ଠାରୁ ଲାଇବ୍ରେରୀର ସ୍ଥାପତ୍ୟ ସମ୍ପୂର୍ଣ୍ଣ ପୃଥକ । ଏହିଟି ତିନି ମହଲା ସମ୍ପନ୍ନ ସୌଧ । ମଧ୍ୟଯୁଗର ଇଟାଲୀୟ କାରୁକାର୍ଯ୍ୟରେ ମଣ୍ଡିତ । ଏହିଟି ଏକ ବିରାଟ ଲାଇବ୍ରେରୀ । ପୁସ୍ତକର ସଂଖ୍ୟା ସେତେବେଳେ ଥିଲା ତିରିଶ ନିୟୁତ । ଭିତରେ ପାଠାଗାର ଏବଂ ପୁସ୍ତକ ସଜ୍ଜା ଦେଖି ମୁଗ୍ଧ ହୋଇଗଲେ । ପାଠାଗାର କାନ୍ଥରେ ପ୍ରଖ୍ୟାତ ଶିଳ୍ପୀଙ୍କର ଅଙ୍କିତ କେତୋଟି ପ୍ରତିକୃତି । ଉପରେ ଗମ୍ବୁଜ । ଶୀତ-ତାପ ନିୟନ୍ତ୍ରିତ ସଦନ । ପାଠକ ପାଇଁ ଆସନ ଅତି କୋମଳ । ମନେ ହେଲା, ଏତେ ସୌଷ୍ଠବ

Digitized by PPRACHIN, SOA

ଏବଂ ଚାରମା ମଧ୍ୟରେ ବନ୍ଧ ଭିତରେ ମନୋନିବେଶ କରିବା ବୋଧହୁଏ ସମ୍ଭବ ହେଉ ନ ଥିବ । ସରଳ ଜୀବନ ଏବଂ ଉଚ୍ଚ ଚିନ୍ତନ ବୋଲି ଗୋଟିଏ ବାକ୍ୟ ଆମେ ସବୁବେଳେ ମନ୍ତ୍ରବାକ୍ୟ ପରି ଉଚ୍ଚାରଣ କରୁ । ଦାରିଦ୍ର୍ୟକୁ ସରଳ ଜୀବନ ଏବଂ ଆତ୍ମଶ୍ଳାଘା ପାଇଁ ଉଚ୍ଚ ଚିନ୍ତନ ମନ୍ତ୍ର ବାଢ଼ିଲେ ଆତ୍ମପ୍ରସାଦ ହୁଏତ ହୋଇପାରେ । ମାତ୍ର ଏ ଅଦ୍ଭୁତ ମହନୀୟ ଲାଇବ୍ରେରୀ ସଦନରୁ ଲେଉଟି ଆସିବାକୁ ମନ ବଳିବ ନାହିଁ । ଲାଇ-ବ୍ରେରୀଟି ବୁଲି ଦେଖିବାର ଏକ ଦୃଶ୍ୟ ନୁହେ । ଏହା ଏକ ଜାତୀୟ ଗୌରବମୟ ଅନୁଷ୍ଠାନ ।

ଏ ଲାଇବ୍ରେରୀରେ ଗୋଟିଏ ପ୍ରାଚ୍ୟ ବିଭାଗ ଅଛି । ସେଥିରେ ବହୁ ଭାରତୀୟ ପୁସ୍ତକ ରଖାଯାଇଛି । ଅନେକ ଲୋକ ସେଠାରେ ପଢ଼ୁଥିବାର ଦେଖିଲି । ଆମର ପ୍ରଦର୍ଶକ ଏ ବିଭାଗ କଥା ବର୍ଣ୍ଣନା କରୁ-ଥାନ୍ତି । ଆମ ସାଙ୍ଗରେ ଥା'ନ୍ତି ଜଣେ ପାଟନାର ବନ୍ଧୁ । କହିଲେ, ବିହାର ରାଜ୍ୟର ରାଜଧାନୀ ପାଟନାରେ ଅଛି ଆମର ଏପରି ଗୋଟିଏ ମୂଲ୍ୟବାନ ଲାଇବ୍ରେରୀ । ଖୋଦା ବକସ ଲାଇବ୍ରେରୀ । ଏହା ଏକ ମହାର୍ଘ ଲାଇ-ବ୍ରେରୀ । ଏଥିରେ କୌଣସି ସନ୍ଦେହ ନାହିଁ । ମୁଁ ଏ ଲାଇବ୍ରେରୀ ଦେଖିଛି । ମାତ୍ର ତୁଳନାର ଗୋଟାଏ ସୀମା ଅଛି । ଆତ୍ମଶ୍ଳାଘାର ଗୋଟାଏ ବେଷ୍ଟନୀ ଅଛି ।

ମୁଁ ପୁସ୍ତକ ସଜ୍ଜାକୁ ଦେଖୁଥାଏ । ହଠାତ୍ ଆଖିରେ ପଡ଼ିଲା ପୂର୍ଣ୍ଣଚନ୍ଦ୍ର ଭାଷାକୋଷ । ଚମକ ପଡ଼ିଲି । ଗୋପାଳ ପ୍ରହରାଜଙ୍କର ସେହି ଅମର କୀର୍ତ୍ତି । ୧୯୪୦ ମସିହାରେ ଏ ଭାଷାକୋଷ ୭ଟି ଖଣ୍ଡରେ ପ୍ରକା-ଶିତ ହୋଇଥିଲା । ଓଡ଼ିଶାରେ ଏ ପୁସ୍ତକ କ୍ୱଚିତ କେଉଁ ଲାଇବ୍ରେରୀରେ ଥିବା ଥିବ । ଏ ଗୁଡ଼ିକ ବଜାରରେ ଠୁଙ୍ଗା ହେବା ପାଇଁ ବିକି ହୋଇ-ଗଲା । ଏବେ ଦୁଷ୍ପ୍ରାପ୍ୟ । ଏ ମହନୀୟ ଭାଷାକୋଷ ଆମେରିକାର କଂଗ୍ରେସ ଲାଇବ୍ରେରୀରେ ସ୍ଥାନ ପାଇଛି । ଆନନ୍ଦରେ ପ୍ରାଣ ପୂରି ଉଠିଲା । ଦଶ ବର୍ଷ ତଳେ ଲଣ୍ଡନରେ ବ୍ରିଟିଶ ମ୍ୟୁଜିଅମ୍ ଲାଇବ୍ରେରୀରେ ଦେଖିଥିଲି ଖଣ୍ଡିଏ ଗୋପୀଭାଷା । ଓଡ଼ିଶାରେ ଖୋଜିଲେ ମିଳିବ ନାହିଁ । ଏଇ ଆମର ଜାତୀୟ ପ୍ରୀତି !

Digitized by PPRACHIN, SOA

ଲାଇବ୍ରେରୀରୁ ବାହାରି ଦେଖିବାକୁ ଗଲୁ ସୁପ୍ରିମ କୋର୍ଟ । ଅଳ୍ପ ଦିନର ଏ ଅଟ୍ଟାଳିକା । ୧୯୩୫ ମସିହାରେ ନିର୍ମିତ ହୋଇଛି । ତା ପୂର୍ବରୁ କ୍ୟାପିଟଲ ଭିତରେ ଗୋଟିଏ ସଦନରେ ସୁପ୍ରିମ କୋର୍ଟ ବସୁଥିଲା । ଏହିପରି ଭାରତରେ ମଧ୍ୟ ନୂତନ ସୌଧ ତିଆରି ହେବା ପୂର୍ବରୁ ସୁପ୍ରିମ୍ କୋର୍ଟ ପାର୍ଲିମେଣ୍ଟ ଭିତରେ ଗୋଟିଏ ସଦନରେ ବସୁଥିଲା । ସୁପ୍ରିମ୍ କୋର୍ଟ ସଦନ ୱାଶିଂଟନ୍‌ର ଏକ ତୁଙ୍ଗ, ସୁଦୃଶ୍ୟ ଏବଂ ଗୁରୁଗମ୍ଭୀର ଅଟ୍ଟାଳିକା । ଭିତର ବାହାର ସବୁ ମାର୍ବଲ ପ୍ରସ୍ତରରେ ନିର୍ମିତ । ଶୁଣିଲୁ, ଏ ସବୁ ପ୍ରସ୍ତର ଇଟାଲୀରୁ ଅଣାଯାଇଛି । ଗ୍ରୀଷ୍ମାବକାଶ ଯୋଗୁଁ କୋର୍ଟ ବନ୍ଦଥିଲା । ଭିତରକୁ ଯିବା ପାଇଁ ଅନୁମତି ମିଳିଲା । ଗୋଟିଏ କକ୍ଷରେ ଦେଖିଲୁ ଆରମ୍ଭରୁ ସୁପ୍ରିମ୍ କୋର୍ଟ ଜଷ୍ଟିସମାନଙ୍କର ଗୋଟିଏ ମିଳିତ ଫଟୋଗ୍ରାଫ୍ । ଆନନ୍ଦ ଲାଗିଲା ।

ତା'ପରେ କ୍ୟାପିଟଲ୍ । ଏହିଟି ଆମେରିକାର କଂଗ୍ରେସ ଭବନ । ଏହା ଭିତରେ ଅଛି ସେନେଟ୍ ଏବଂ ପ୍ରତିନିଧିସଭା ପାଇଁ ସଦନ । ୱାଶିଂଟନ୍‌ରେ ଶ୍ରେଷ୍ଠ ଏବଂ ସବୁଠାରୁ ସୁନ୍ଦର ଏଇ କ୍ୟାପିଟଲ୍ । ଆଇଫେଲ ଟାୱାର୍‌ଟି ଫ୍ରାନ୍‌ସର ସଙ୍କେତ; ଲଣ୍ଡନର ବିଗ୍ ବେନ୍ (Big Ben) ଘଣ୍ଟାଟି ବ୍ରିଟେନର ସଙ୍କେତ; ତାଜମହଲ ଭାରତର ସଙ୍କେତ । ସେହିପରି ୱାଶିଂଟନ୍‌ର କ୍ୟାପିଟଲ୍ ସୌଧ ଆମେରିକାର ସଙ୍କେତ । ଅପେକ୍ଷାକୃତ ଉଚ୍ଚ ସ୍ଥାନରେ ଏ ସଦନ ନିର୍ମିତ ହୋଇଛି । ୧୨୦ ଏକର ଜମି ପରିମିତ ପ୍ରଶସ୍ତ ପାର୍କ ମଝିରେ ଏ ଅଟ୍ଟାଳିକା । ମୁଖ୍ୟ ଗମ୍ବୁଜ ଯେପରି ବୃହତ୍, ସେପରି ଚମତ୍କାର । ଜାତିର ମହାପୁରୁଷ ମାନଙ୍କର ପ୍ରତିକୃତି ଏଥିରେ ରଖାଯାଇଛି । ଆମେରିକାର ଇତିହାସ ଖ୍ୟାତନାମା ଶିଳ୍ପୀଙ୍କର ଚିତ୍ରଣରେ ଶୋଭିତ । ଗଣତନ୍ତ୍ରର ପ୍ରଧାନ ଅଙ୍ଗ ବିଧାନ ସଭା । ସବୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିଧାନ ସୌଧ ସବୁଠାରୁ ଶ୍ରେଷ୍ଠ ଏବଂ ସୁନ୍ଦର । ରାଜତନ୍ତ୍ରରେ, ଏକଛତ୍ର ଶାସନରେ ପ୍ରଧାନ ସୌଧ ରାଜପ୍ରାସାଦ । ଯୁକ୍ତରାଷ୍ଟ୍ରର ପ୍ରତୀକ ଏଇ କ୍ୟାପିଟଲ ସଦନ । ଗଣତନ୍ତ୍ର ଶାସନର ଏହା ମହନୀୟ ଅନୁଷ୍ଠାନ ।

Digitized by PPRACHIN, SOA

ଆମ ପାର୍ଲିମେଣ୍ଟ ଭବନରେ ଯେପରି ଗୋଟିଏ ପ୍ରଶସ୍ତ କେନ୍ଦ୍ରୀୟ ହଲ୍ ଅଛି, କ୍ୟାପିଟଲ ଭିତରେ ସେପରି ପ୍ରଶସ୍ତ ହଲ୍ ମଧ୍ୟ ଅଛି । ସେନେଟ୍ ଏବଂ ପ୍ରତିନିଧି ସଭାର ସଂଯୁକ୍ତ ବୈଠକ ସେଠାରେ ବସେ । ତାକୁ ଦେଖି ଗୋଟିଏ କଥା ମନେ ପଡ଼ିଲା । ଦ୍ୱିତୀୟ ମହାଯୁଦ୍ଧର ସଙ୍କଟ ସମୟରେ ବ୍ରିଟିଶ୍ ପ୍ରଧାନ ମନ୍ତ୍ରୀ ଚର୍ଚ୍ଚିଲ୍ ଆମେରିକା ଆସିଥିଲେ । ସେ ସେଣ୍ଟ୍ରାଲ ହଲରେ ଭାଷଣ ଦେଲେ । ଭାଷଣରେ ଚର୍ଚ୍ଚିଲ ଅଦ୍ୱିତୀୟ । ସେତେବେଳେ ଆମେରିକା ସହିତ ତାଙ୍କର ସୁସମ୍ପର୍କ ନ ଥାଏ । ସେ ସେଣ୍ଟ୍ରାଲ ହଲ୍‌ରେ ପ୍ରବେଶ କଲା ବେଳକୁ ବିଧାୟକମାନଙ୍କ ଭିତରେ ଅସ୍ଥିରତା ଦେଖିଲେ । ହଠାତ୍ ଚର୍ଚ୍ଚିଲ ଆରମ୍ଭ କଲେ, ମୋର ପିତା ଇଂରେଜ ଏବଂ ମାତା ଆମେରିକୀୟ । ଏହା ଯଦି ବିପରୀତ ହୋଇଥାନ୍ତା, ତେବେ ମୁଁ ମୋର ଅଧିକାର ସୂତ୍ରରେ ଏ ସଦନର ସଦସ୍ୟ ହୋଇଥାନ୍ତି । ସବୁ ଅସ୍ଥିରତା ଦୂର ହୋଇଗଲା । ସମସ୍ତେ ନିବିଷ୍ଟ ଭାବରେ ତାଙ୍କର ଭାଷଣ ଶୁଣିଲେ ।

ସନ୍ଧ୍ୟା ଛଅଟାରେ ଆମେରିକାର ବୈଦେଶିକ ବିଭାଗ ଆମ୍ଭମାନଙ୍କୁ ନିମନ୍ତ୍ରଣ କରିଥିଲେ । ଅନେକ ଲୋକ ନିମନ୍ତ୍ରିତ ହୋଇଥିଲେ । ସେନେଟ୍ ସଦସ୍ୟ ଆଲେକ୍‌ଜାଣ୍ଡର ସ୍ମିଥ୍ ମୁଖ୍ୟ ଅତିଥି । ବୟସ ହୋଇ ଯିବାରୁ ସେ ସ୍ୱେଚ୍ଛାକ୍ରମେ ସେନେଟ୍‌ରୁ ଅପସରି ଯାଇଛନ୍ତି । ରାଜନୀତିରେ ଏବେ ମଧ୍ୟ ତାଙ୍କର ପ୍ରତିଷ୍ଠା ରହିଛି । ଛାତ୍ର ଏବଂ ଗବେଷକମାନଙ୍କ ପାଇଁ ସେ ଏକ ଆନ୍ତର୍ଜାତୀୟ ବିନିମୟ ଯୋଜନା ପ୍ରତିଷ୍ଠା କରିଥିଲେ । ତାଙ୍କର ନାମ ଏବଂ ଆଉ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କର ନାମାନୁସାରେ ସ୍ମିଥ୍-ମଣ୍ଡ (Smith-Mundt) ବୃତ୍ତି ସୃଷ୍ଟି କରାଯାଇଛି । ଏ ଯୋଜନା ଅନୁଯାୟୀ ବିଭିନ୍ନ ଦେଶରୁ ଅନେକ ଏଠାରେ ଅଧ୍ୟୟନ ଏବଂ ଗବେଷଣା ପାଇଁ ଆସୁଛନ୍ତି । ସେ ଦିନ ଅଭ୍ୟର୍ଥନାରେ ସେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଖୁବ୍ ଆନନ୍ଦ ଲାଗିଲା । ବୈଦେଶିକ ବିଭାଗର ଉପମନ୍ତ୍ରୀ ମଧ୍ୟ ଯୋଗ ଦେଇଥିଲେ । ସେ ଆଲେକ୍‌ଜାଣ୍ଡର ସ୍ମିଥ୍‌ଙ୍କର ପରିଚୟ ଦେଲେ । ଅନ୍ୟ ଜଣେ ସେନେଟ୍ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ । ମିଷ୍ଟର୍ ସ୍ମିଥ୍ ଗୋଟିଏ ଛୋଟ ଭାଷଣ ଦେଲେ । ଅଭ୍ୟର୍ଥନାରେ ସହୃଦୟତା ପରିସ୍ଫୁଟ ହୋଇଥିଲା । ଖାଦ୍ୟ

Digitized by PPRACHIN, SOA

ସେସ୍ଥର ସୁବନ୍ଦୋବସ୍ତ ହୋଇଥିଲା । ଅନେକ ଭଦ୍ର ଲୋକ ଏବଂ ଭଦ୍ର ମହିଳା ଯୋଗ ଦେଇଥିଲେ । ଏ ଅଭ୍ୟର୍ଥନାରେ ଆମେ ଉତ୍ଫୁଲ୍ଲ ହୋଇଥିଲୁ । ବୈଦେଶିକ ବିଭାଗକୁ ଏବଂ ଯେଉଁମାନେ ଏହାର ବନ୍ଦୋ-ବସ୍ତ କରିଥିଲେ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲୁ ।

ତା' ପରଦିନ ଶିକ୍ଷା କାଉନ୍‌ସିଲ୍‌ରେ ଆମେରିକାର ଶିକ୍ଷା ପଦ୍ଧତି ବିଷୟରେ ଆଲୋଚନା । ବିଭିନ୍ନ ଅନୁଷ୍ଠାନରୁ ଶିକ୍ଷାବିତ୍ ମାନେ ଆସିଥିଲେ । ଏହିଟି ଆମ ଅନୁଧ୍ୟାନର ମୁଖ୍ୟ ବିଷୟ ।

ଆମେରିକାରେ ପ୍ରାଥମିକ ଶିକ୍ଷା ଆଠବର୍ଷ । ତା' ପରେ ହାଇ-ସ୍କୁଲ ବା ମାଧ୍ୟମିକ ଶିକ୍ଷା ଚାରିବର୍ଷ । ମାଧ୍ୟମିକ ଶିକ୍ଷା ଶେଷ ହେବା ବେଳକୁ ବାର ବର୍ଷ ଲାଗୁଛି । ଆମ ଦେଶରେ ମାଇନର ସ୍କୁଲ ଶେଷ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷା ଥିଲା ଆଠ ବର୍ଷ ଏବଂ ହାଇସ୍କୁଲ ଚାରିବର୍ଷ । ଶିଶୁ ଶ୍ରେଣୀକୁ ବାଦ ଦିଆ ଯାଇ ପ୍ରାଇମେରୀ ଶିକ୍ଷାକୁ ସାତବର୍ଷ କରା-ଯାଇଛି । ସେ ହିସାବରେ ହାଇସ୍କୁଲ ପାଠ ଶେଷ କରିବାକୁ ସର୍ବମୋଟ ୧୧ ବର୍ଷ ଲାଗୁଥିଲା । ତା' ପରେ କଲେଜରେ ଚାରିବର୍ଷ ସ୍ନାତକ ଶ୍ରେଣୀ । ଆମର ମଧ୍ୟ ସେଇ ବ୍ୟବସ୍ଥା ଥିଲା । ଶିକ୍ଷା ଆରମ୍ଭରୁ ପ୍ରଥମ ଉପାଧି ଅର୍ଜନ କରିବା ପାଇଁ ଲାଗେ ୧୬ ବର୍ଷ । ଆମ ଦେଶରେ ସେହି ବ୍ୟବସ୍ଥା ଥିଲା । ପରେ କମିଗଲା ୧୫ ବର୍ଷ ।

ପରବର୍ତ୍ତୀ କାଳରେ ଥରକୁ ଥର ସ୍କୁଲରୁ କଲେଜକୁ, କଲେଜରୁ ସ୍କୁଲକୁ କେତୋଟି ଶ୍ରେଣୀ ଯୋଡ଼ା ଯୋଡ଼ି, କଟାକଟି କରା ଯାଇଛି ।

ଆମେରିକାରେ ବାଧ୍ୟତାମୂଳକ ଶିକ୍ଷାକାଳ ୧୬ ବର୍ଷ ବୟସ ପର୍ଯ୍ୟନ୍ତ । କେତେକ ରାଜ୍ୟରେ ୧୮ ବର୍ଷ । ହାଇସ୍କୁଲର ମଧ୍ୟ ଭାଗରେ ବାଧ୍ୟତା ମୂଳକ ଶିକ୍ଷା କାଳ ସମାପ୍ତ ହୁଏ । ସେତେବେଳେ ପ୍ରତିଶତ ୮୦ ଜଣ ଛାତ୍ରଛାତ୍ରୀ ହାଇସ୍କୁଲରେ ପଢୁଥିଲେ । ଏବେ ଆହୁରି ବଢ଼ି ଯିବଣି । ଆମ ସଂବିଧାନରେ ଅଛି, ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତେ ସ୍କୁଲକୁ ଯିବେ । ସମ୍ବିଧାନ ପ୍ରବର୍ତ୍ତିତ ହୋଇଥିଲା ୧୯୫୦ ମସିହାରେ ।

Digitized by PPRACHIN, SOA

ଦଶବର୍ଷ ଭିତରେ ସମ୍ବିଧାନର ନିର୍ଦ୍ଦେଶ ପାଳନ କାର୍ଯ୍ୟକାରୀ ହେବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ସେ ଲକ୍ଷ୍ୟ ସାଧିତ ହେବା ପାଇଁ ବହୁକାଳ ଲାଗିଯିବ ।

ଆମେରିକାରେ କଲେଜ ଅଛି, ୟୁନିଭରସିଟି ଅଛି । ସେଗୁଡ଼ିକର ସଂଖ୍ୟା ସେତେବେଳେ ଥିଲା ପ୍ରାୟ ଦୁଇ ହଜାର ପାଞ୍ଚଶହ । ଯେଉଁ ଅନୁଷ୍ଠାନରେ କେବଳ ସ୍ନାତକ ଶିକ୍ଷାର ବ୍ୟବସ୍ଥା ଅଛି, ସେଗୁଡ଼ିକ କଲେଜ । ଯେଉଁଠାରେ ସ୍ନାତକ ଶିକ୍ଷା ସହିତ ସ୍ନାତକୋତ୍ତର ଶିକ୍ଷାର ବ୍ୟବସ୍ଥା ଅଛି, ସେ ଗୁଡ଼ିକ ୟୁନିଭରସିଟି । କାହାରି ଉପରେ କାହାର ଆଧିପତ୍ୟ ନାହିଁ । ପ୍ରତ୍ୟେକ ସ୍ୱତନ୍ତ୍ର, ସ୍ୱୟଂ ଶାସିତ । ପ୍ରତ୍ୟେକେ ନିଜ ନିଜର ପାଠ୍ୟକ୍ରମ ପ୍ରସ୍ତୁତ କରନ୍ତି, ଶିକ୍ଷାଦାନ ପ୍ରଣାଳୀ ନିର୍ଣ୍ଣୟ କରନ୍ତି, ପରୀକ୍ଷା କରନ୍ତି, ଉପାଧି ପ୍ରଦାନ କରନ୍ତି ।

ଅାଫିଲିଏଟେଡ୍ ବା ସ୍ୱୀକୃତି ପ୍ରାପ୍ତ କଲେଜର ପ୍ରଚଳନ ଅଛି କେବଳ ଭାରତରେ ଏବଂ ତହିଁରୁ ଉଦ୍ଭୂତ ଶ୍ରୀଲଙ୍କା, ପାକିସ୍ତାନ ଏବଂ ବଙ୍ଗଳା ଦେଶରେ । କେବଳ ଏଇତକ ରାଜ୍ୟରେ ୟୁନିଭରସିଟି କଲେଜ ମାନଙ୍କୁ ସ୍ୱୀକୃତି ଦିଅନ୍ତି, ପାଠ୍ୟକ୍ରମ ନିର୍ଦ୍ଧାରଣ କରନ୍ତି, ପରୀକ୍ଷା କରନ୍ତି, ଉପାଧି ବିତରଣ କରନ୍ତି । ସ୍ୱାଧୀନତା ପ୍ରାପ୍ତି ପରେ ଭାରତ ସରକାର ରାଧାକୃଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଏକ ୟୁନିଭରସିଟି କମିସନ ନିଯୁକ୍ତ କରିଥିଲେ । ସେ କମିସନ୍ ୧୯୪୯ ମସିହାରେ ରିପୋର୍ଟ ଦେଲେ । ସେଥିରେ ସେ ଉଲ୍ଲେଖ କରିଥିଲେ ଯେ ଭାରତୀୟ ଭୂଭାଗରୁ ସ୍ୱୀକୃତିପ୍ରାପ୍ତ କଲେଜ ଅପସାରିତ ନ ହେଲେ, ଏ ଦେଶରେ ଉଚ୍ଚଶିକ୍ଷା ମୁଣ୍ଡଟେକି ପାରିବ ନାହିଁ । ମାତ୍ର ତାଙ୍କର ଏ ମନ୍ତବ୍ୟ ସମାଧିସ୍ଥ ହେଲା । ସେଇ ସ୍ୱୀକୃତିପ୍ରାପ୍ତ କଲେଜ ମାଡ଼ି ଚାଲିଲା ।

ଆମେରିକାରେ ସରକାରୀ ଏବଂ ବେସରକାରୀ କଲେଜ ଏବଂ ୟୁନିଭରସିଟି ଅଛି । ସରକାରୀ ଶିକ୍ଷାନୁଷ୍ଠାନର ସଂଖ୍ୟା ଅଧିକ । ମାତ୍ର ବେସରକାରୀ ଅନୁଷ୍ଠାନରେ ଶିକ୍ଷାର ମାନ ଅତି ଉଚ୍ଚ ସ୍ତରରେ । ସେଥିରେ ସ୍ଥାନ ପାଇବା କଷ୍ଟସାଧ୍ୟ ।

Digitized by PPRACHIN, SOA

ସେଦିନ ସନ୍ଧ୍ୟା ସାଢ଼େ ଘଣ୍ଟା ବେଳେ ଭାରତୀୟ ଦୂତାବାସରେ ଅଭ୍ୟର୍ଥନା । ସେଠାକୁ ଗଲୁ । ଭାରତୀୟ ଦୂତାବାସର ନିମନ୍ତ୍ରଣ ବୋଲି ଆମ ଭିତରୁ କେତେକ ଜାତୀୟ ପୋଷାକ ପିନ୍ଧିକରି ଯାଇଥିଲେ । ଘଣ୍ଟା ୪୫ ମିନିଟରେ ଅଭ୍ୟର୍ଥନା ଆରମ୍ଭ ହେଲା । ଆମେ ଦଶଜଣ, ଆଉ ଆମ ସାଙ୍ଗରେ ଶିକ୍ଷା କାଉନ୍‌ସିଲ୍‌ର ପ୍ରାଧିକାରୀ ଦୁଇଜଣ । ନିମନ୍ତ୍ରିତ ମାତ୍ର ଏତିକି । ସ୍କୁଲ ପିଲାଙ୍କ ଡାକ ଶିଙ୍ଗଡ଼ା ଏବଂ ଚା’ ଦେଲା ପରି ଏ ଅଭ୍ୟର୍ଥନା । ସେତେବେଳେ ରାଷ୍ଟ୍ରଦୂତ ବୋଧହୁଏ କେହି ନିଯୁକ୍ତ ହୋଇ ନଥିଲେ । ଏ ଅଭ୍ୟର୍ଥନାରେ କୌଣସି ଆୟୋଜନ ନ ଥିଲା । ସୌଷ୍ଠବ ତ ଦୂରର କଥା । କାହାରି କିଛି ଆଗ୍ରହ ନାହିଁ । ସାଢ଼େ ଘଣ୍ଟା ବେଳକୁ ନିମନ୍ତ୍ରଣ କରାଯାଇଛି । ଯେପରି ଅଫିସ ଧରିଲା ବେଳକୁ ଦଶ ମିନିଟ ରହି କୃତ୍ୟ ସମ୍ପାଦନ କରି ଯାଇ ହେବ । ଏ ପାର୍ଟି ନ କରିଥିଲେ ଭଲ ହୋଇଥାନ୍ତା । ଖାଇବା ଜିନିଷ ଯାହା ଥାଉ ବା ନ ଥାଉ, ଏ ବ୍ୟବସ୍ଥାରେ କାହାରି ଆନ୍ତରିକତା ପ୍ରକାଶ ପାଉ ନଥିଲା । କୌଣସି ପଦସ୍ଥ ଅଫିସର୍‌ଙ୍କ ସହିତ ଆମର ସାକ୍ଷାତ୍ ମଧ୍ୟ ହେଲା ନାହିଁ । ଦୂତାବାସର ଯେଉଁ କର୍ମଚାରୀମାନେ ଥିଲେ, ସେମାନେ ଶୀଘ୍ର ଘରକୁ ଯିବା ଲାଗି ବ୍ୟସ୍ତ ଥିଲାପରି ଦେଖା ଯାଉଥିଲେ । କି ପାର୍ଥକ୍ୟ ! ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ଯେଉଁ ଦୁଇଜଣ ଶିକ୍ଷା କାଉନ୍‌ସିଲ୍‌ରୁ ଆସିଥିଲେ, ସେମାନେ କ’ଣ ଭାବୁଥିବେ ? ପୂର୍ବଦିନ ଆମେରିକାର ବୈଦେଶିକ ବିଭାଗ ପକ୍ଷରୁ ପାର୍ଟି ହୋଇଥିଲା । ତା’ର ପରଦିନ ଆମ ଦୂତାବାସର ଏଭଳି ଅଭ୍ୟର୍ଥନା ! ଆମ ଦୂତାବାସ ବିଷୟରେ କେତେକ ଭାରତୀୟ ଘୋର ଅସନ୍ତୋଷ ପ୍ରକାଶ କରିବା ଅନେକ ଥର ଶୁଣିଥିଲି । ସେ ସବୁ ଅତିରଞ୍ଜନ ବୋଲି ମନେ କରିଥିଲି । ମାତ୍ର ଏ ଅଭ୍ୟର୍ଥନାରେ ମନ ମରିଗଲା । ଲାଜ ମାଡ଼ିଲା । ଦୂତାବାସର ଆମେରିକୀୟ କର୍ମଚାରୀଙ୍କ ମନରେ ଏ ବ୍ୟବସ୍ଥା କି ଭାବ ସୃଷ୍ଟି କରିଥିବ ? ଏ କଥା ଭାବିରି କ୍ଷୋଭ ହେଲା । ଆଦର ନ କଲେ ନାହିଁ । ହତାଦର କାହିଁକି ?

ଦୁଇ ଦିନ ପରେ ଡକ୍ଟର ଦଲାଲ୍ (K. L. Dalal) ମୋତେ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କଲେ । ସେ I. A. S. ପରୀକ୍ଷାରେ ଉନ୍ନୀତ

Digitized by PPRACHIN, SOA

ହୋଇ ବୈଦେଶିକ ଗୃହକେଶରରେ ନିଯୁକ୍ତ ହୋଇଥିଲେ । ଓ୍ୱାଶିଙ୍ଗଟନ୍‌ରେ ଆମ ଦୂତାବାସ ପାଇଁ କେହି ରାଷ୍ଟ୍ରଦୂତ ଆସି ନ ଥିବାରୁ ସେ ଦୂତାବାସର ସାମୟିକ ଅଧକ୍ଷ ହୋଇଥିଲେ । ତାଙ୍କ ଘରକୁ ଗଲି । ଦଲାଲ୍‌ଙ୍କ ସହିତ ମୁଁ ଲଣ୍ଡନ ଅର୍ଥନୀତି ସ୍କୁଲରେ (L. S. E) ସହପାଠୀ ଥିଲି । ସେ ଦଶବର୍ଷ ତଳର କଥା । ତାଙ୍କ ସାଙ୍ଗରେ ଆଉ ଦେଖା ହୋଇ ନଥିଲା । ହଠାତ୍ ଦୂତାବାସରେ ଦେଖା ହୋଇ ପୂର୍ବ ପରିଚୟ ଫେରି ଆସିଲା । ରାତ୍ରୀ ଭୋଜନକୁ ଆମେରିକାୟ ବୈଦେଶିକ ସର୍ଭିସର ସ୍ୱଗଜଣ ଲୋକ ତାଙ୍କ ସହଧର୍ମିଣୀଙ୍କ ସହିତ ନିମନ୍ତ୍ରିତ ହୋଇଥିଲେ । ସେଥିରୁ ଦୁଇଜଣ ନିକଟରେ ଭାରତକୁ ଯିବେ । ସେମାନେ ଭାରତ ବିଷୟରେ କେତେକ ପ୍ରଶ୍ନ ପଚାରିଲେ, ଆଲୋଚନା କଲେ । ବିଭିନ୍ନ ବିଷୟରେ ମତାମତ ଜାଣିବାକୁ ଇଚ୍ଛା କଲେ । କଥାବାର୍ତ୍ତାରେ ଆଗ୍ରହ ଥିଲା, ସୌଜନ୍ୟ ଥିଲା ।

ଦଲାଲ୍‌ଙ୍କ ପତ୍ନୀଙ୍କ ସହିତ ଏହିଠାରେ ପ୍ରଥମ ସାକ୍ଷାତ । କଥାବାର୍ତ୍ତା ହେଲା । ତା'ର ଭିତରେ ମୁଁ କହିଲି, ଆପଣ ଆନନ୍ଦରେ ଥିବେ, ଦେଶ ବିଦେଶ ବୁଲୁଥିବେ ! ଏ ସୁଯୋଗ କାହାକୁ ମିଳେ ? ହଠାତ୍ ତାଙ୍କ ଆଖି ଛଳ ଛଳ ହୋଇଗଲା । ଆଖିରୁ ଲୁହ ଗଡ଼ି ପଡ଼ିଲା । ମୁଁ କିଛି ବୁଝିପାରିଲି ନାହିଁ । ଆଶ୍ଚର୍ଯ୍ୟ ହୋଇ ଗ୍ୱହିଁଲି । ସେ କହିଲେ, ମୋର ତିନୋଟି ସନ୍ତାନ । ଗୋଟିଏ ଜନ୍ମ ହୋଇଛି ଚୀନ ଦେଶରେ, ଆଉ ଗୋଟିଏ ପୋଲଣ୍ଡରେ, ଶେଷଟି ଆମେରିକାରେ । ଏମାନେ ପଢ଼ିବେ କିପରି ? କେଉଁଠାରେ ? କ'ଣ କରିବେ ? ଏମାନଙ୍କର ଭବିଷ୍ୟତ କଅଣ ? ମୁଁ ବିଦେଶରେ ବୁଲି ବୁଲି ଏଇଆ ଅର୍ଜିଛି । ବିଚାରିଲା ବେଳକୁ ମୁଁ ହତାଶ ହୋଇଯାଏ । ମୁଁ ଖାଲି ଗ୍ୱହିଁଥାଏ ।

ସେଦିନ ରାତ୍ରୀଭୋଜନ ଶେଷ ହେଲା । କିଛି ସମୟ ଆଳାପ ଗ୍ୱଲିଲା । ରାତି ଅଧକୁ ଅସି ପହଞ୍ଚିଲି ହୋଟେଲ୍‌ରେ ।

ଆମେରିକା ମନସ୍ତତ୍ତ୍ୱ ଆସୋସିଏସନ୍‌ର ବାର୍ଷିକ ଅଧିବେଶନ ବସିଥାଏ । ସେଥିରେ ଯୋଗ ଦେବା ପାଇଁ ଆମକୁ ପ୍ରବେଶ ପତ୍ର ମିଳି-

Digitized by PPRACHIN, SOA

ଥାଏ । ଆମେ ସବୁ ଡେଲଗେଟ ହେଲୁ । ଦୁଇଟି ବଡ଼ ବଡ଼ ହୋଟେଲର ବିଭିନ୍ନ ପ୍ରକୋଷ୍ଠରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଉଛି । ଯେ ଯେଉଁ ବିଷୟରେ ଗବେଷଣା କରିଛନ୍ତି, ସେ ତାଙ୍କର ପ୍ରବନ୍ଧ ପାଠ କଲେ । ଆଲୋଚନା ହେଲା । ସେଥିରେ ମନସ୍ତତ୍ତ୍ୱ ନ ପଢ଼ିଥିବା ଲୋକ ଭାଗ ନେବେ କିପରି ? ତଥାପି ଗୋଟିଏ ପ୍ରକୋଷ୍ଠରେ ବସି ଆଲୋଚନା ଶୁଣିଲି । କେତେଜଣଙ୍କର କହିବା ପ୍ରଣାଳୀ ଆକର୍ଷଣୀୟ ।

ତା'ପରେ ବୁଲି ଦେଖିଲି, କେତୋଟି ପ୍ରକୋଷ୍ଠରେ ମନସ୍ତାତ୍ତ୍ୱିକ ପ୍ରଦର୍ଶନୀ କରାଯାଇଛି । ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଛି । କେତେ ଗୁଡ଼ିଏ ପ୍ରୟୋଗ ପ୍ରଣାଳୀ ଦେଖାଉଛନ୍ତି ଛାତ୍ରୀମାନେ । ସନ୍ଧ୍ୟାବେଳକୁ ଫେରି ଆସିଲି ବ୍ରାଇଟନ୍ ହୋଟେଲକୁ । ଆଖିରେ ପଡ଼ିଲା, ଝରକାର ତାଳା ତଳେ ଦୁଇଟା ପାରା । ଝାଡ଼ ହେଉଛନ୍ତି । ପରଗୁଡ଼ାକ ଉଡ଼ୁଛି । ଘର ଅପରିଷ୍କାର ହେଉଛି । ଠିକ୍ ଆମ ଦେଶ ପାରାଙ୍କ ପରି । ଆମ ଦେଶରେ ଯେମିତି ଝରକା, କବାଟ ବାରଣ୍ଡା ଅପରିଷ୍କାର କରନ୍ତି, ଠିକ୍ ସେହିପରି । ଆମେରିକାର ପାରାଗୁଡ଼ିକ ଟିକିଏ ସଭ୍ୟ ହୋଇପାରିଲେ ନାହିଁ ? ଏ ଦେଶର ପରିପାଟୀ, ରାସ୍ତା ଘାଟ, ପରିଚ୍ଛନ୍ନତା ଏ ପାରାଙ୍କୁ ଆଦୌ ପ୍ରଭାବିତ କରି ପାରିଲା ନାହିଁ ? ଠିକ୍ ସେହିପରି ଆଦିମ ଅବ-ସ୍ଥାରେ ରହିଛନ୍ତି । ଝରକା କବାଟ ଆମ ଦେଶ ପରି ଖୋଲା ରହୁଥିଲେ, ଘରେ ମଧ୍ୟ ପଶନ୍ତେ ।

ଭାରତୀୟ ପାରା ଏବଂ ଆମେରିକାର ପାରାଙ୍କ ସ୍ୱଭାବ ଚରିତ୍ର ଏକା ପରି । ସବୁ ଦେଶରେ ମଣିଷର ସ୍ୱଭାବ ଚରିତ୍ର ମଧ୍ୟ ଏକାପରି । ଏଠାରେ ମନସ୍ତତ୍ତ୍ୱ ପ୍ରଦର୍ଶନୀରେ ଦେଖିଲି, ପାରାଙ୍କ ଉପରେ ଅନେକ ପ୍ରକାର ପରୀକ୍ଷା କରାଯାଉଛି । ଅନେକ ପାରାଙ୍କୁ ତାଲିମ କରାଯାଇ କାମରେ ଲଗା ଯାଉଛି । ସେପରି ତାଲିମ ବହୁମାତ୍ରାରେ ସର୍ବତ୍ର ଦିଆ ଯାଇପାରନ୍ତି । ମଣିଷ ପାଇଁ ମଧ୍ୟ ଏ ସବୁ ପ୍ରଯୁଜ୍ୟ । ବିଭିନ୍ନ ଦେଶର ବା ଜାତିର ଲୋକଙ୍କ ଭିତରେ ଏପରି କ'ଣ ଜନ୍ମଗତ ଅଭାବ ବା

Digitized by PPRACHIN, SOA

ପ୍ରାଚୁର୍ଯ୍ୟ ଅଛି, ଯେଉଁଥିରେ ପ୍ରଗତିର ପଥ ଭିନ୍ନ ପ୍ରକାର ହୋଇପାରୁଛି ? ଅବସ୍ଥା ପରିବର୍ତ୍ତନରେ, ପାରିପାର୍ଶ୍ୱିକ ପରିସ୍ଥିତିର ପରିବର୍ତ୍ତନରେ ପ୍ରକୃତିର ପରିବର୍ତ୍ତନ କରାଯାଇପାରେ । ପରିବର୍ତ୍ତନ ହିଁ ବିକାଶର ଆୟୁଧ । ପାରିଙ୍କୁ ତାଲିମ କରାଯାଇ ପାରୁଛି । ମଣିଷ ମଣିଷ ଭିତରେ ଅନ୍ତର କାହିଁକି ?

Digitized by PPRACHIN, SOA

କଳା ଗୋରା ଭେଦ

ଆରକାନସାସ୍ (Arkansas) ଏକ ଅନୁନ୍ନତ ଦକ୍ଷିଣ ରାଜ୍ୟ। ରାଜଧାନୀ ଲିଟଲ୍ ରକ୍ (Little Rock)। ସେଠାରେ ନିଗ୍ରୋ ପିଲାଙ୍କୁ କେନ୍ଦ୍ରୀୟ ସରକାରୀ ସ୍କୁଲରେ ନିଆ ଯାଉ ନ ଥିଲା । ଗ୍ରୀଷ୍ମ ଛୁଟୀ ଲାଗି ସ୍କୁଲ ବନ୍ଦ ଥାଏ। ଏ ସମସ୍ୟା ଯେମିତି ସଂଘର୍ଷ ଲାଗିଛି। ସମ୍ବାଦ ପତ୍ରରେ ଏ ସବୁ ବିବାଦ ବିସ୍ତୃତ ଭାବରେ ପ୍ରକାଶ ପାଉଛି । ସେଠାର ଲୋକେ ନିଗ୍ରୋ ପିଲାଙ୍କୁ ସ୍କୁଲରେ ସ୍ଥାନ ନ ଦେବା ପାଇଁ ବଦ୍ଧ ପରିକର। ଏହାର ପ୍ରତିବାଦ ଚାଲିଛି। ନିଗ୍ରୋମାନେ ଏହା ବିରୋଧରେ ଆନ୍ଦୋଳନ କରୁ-ଛନ୍ତି। ରାଜ୍ୟର ବିଚାରାଳୟରେ ନିଷ୍ପତ୍ତି ହେଲା, ଏ ବର୍ଣ୍ଣଭେଦ ସମ୍ବିଧାନ ବିରୁଦ୍ଧ। ଗ୍ରୀଷ୍ମାବକାଶ ପାଇଁ ସୁପ୍ରୀମ୍ କୋର୍ଟ ବନ୍ଦ ଥାଏ । ସ୍କୁଲ ଖୋଲିବ ସେପ୍ଟେମ୍ବର ୧୫ ତାରିଖରେ । କୋର୍ଟର ଏକ ସ୍ୱତନ୍ତ୍ର ଅଧିବେଶନ ବସିଲା। ଏ ମକଦ୍ଦମାର ଶୁଣାଣି ହେଲା । ସେପ୍ଟେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ନିଷ୍ପତ୍ତି ସ୍ଥଗିତ ହେଲା।

ପ୍ରତି ରାଜ୍ୟରେ ଗଭର୍ଣ୍ଣର ନିର୍ବାଚିତ ହୁଅନ୍ତି। ରାଷ୍ଟ୍ରପତି ସେମା-ନଙ୍କୁ ନିଯୁକ୍ତ କରନ୍ତି ନାହିଁ। ଆର୍କାନସାସ୍‌ର ଗଭର୍ଣ୍ଣର ସେତେବେଳେ ମିଷ୍ଟର୍ ଫବସ୍ (Faubus)। ତାଙ୍କ ନିର୍ଦ୍ଦେଶରେ ରାଜ୍ୟ ବିଧାନସଭାର ଦୁଇ ସଦନରେ ଏକ ବିଧାୟକ ଗୃହୀତ ହେଲା ଯେ ଗଭର୍ଣ୍ଣର ଇଚ୍ଛା କଲେ ସ୍କୁଲ ସବୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରି ପାରିବେ। ଗଭର୍ଣ୍ଣର ଏଥିରେ ସ୍ୱାକ୍ଷର କରି ନ ଥାନ୍ତି । ସୁପ୍ରୀମ୍ କୋର୍ଟ ଯେବେ ନିଗ୍ରୋପିଲାଙ୍କୁ ନେବା ଲାଗି ବାଧ୍ୟ କରନ୍ତି ତେବେ ଏ କ୍ଷମତା ପ୍ରୟୋଗ କରିବେ । ସୁପ୍ରୀମ୍ କୋର୍ଟ ରାୟ ଦେଲେ, ଏ ବିଭେଦ ସମ୍ବିଧାନ ବିରୋଧୀ। କୃଷ୍ଣାଙ୍ଗ ଏବଂ ଶ୍ୱେତାଙ୍ଗ ପିଲାଙ୍କୁ ଏକାଠି ନେବାକୁ ହେବ। ଗଭର୍ଣ୍ଣର ଆଦେଶ ଦେଇଛନ୍ତି ସବୁ ହାଇସ୍କୁଲ ବନ୍ଦ ରଖିବାକୁ।

Digitized by PPRACHIN, SOA

ଦକ୍ଷିଣ ରାଜ୍ୟମାନଙ୍କରେ କଳା ଗୋରା ଭେଦଭେଦ ଅତି ଉତ୍କଟ । ଓ୍ୱାଶିଙ୍ଗଟନ୍ ନଗରୀ ସଂଲଗ୍ନ ମେରିଲାଣ୍ଡ୍ ରାଜ୍ୟରେ ସେଇ ଅବସ୍ଥା । କଥା ପ୍ରସଙ୍ଗରେ ଜଣେ ଆମେରିକାନ୍ ବନ୍ଧୁ କହିଲେ, ଓ୍ୱାଶିଙ୍ଗଟନ୍ ସହରରେ ସାତ ଆଠବର୍ଷ ତଳେ ମାତ୍ର ଦୁଇ ତିନୋଟି ରେସ୍ତୋରାଁକୁ ଛାଡ଼ି ଦେଲେ କଳା ଲୋକଙ୍କୁ ଅନ୍ୟତ୍ର ଖାଇବାକୁ ଦିଆ ଯାଉ ନଥିଲା । ଏବେ ମଧ୍ୟ କେତେକ ରେସ୍ତୋରାଁର ପ୍ରବେଶ ଦ୍ୱାରରେ ଲେଖାଯାଇଛି— "ଖାଲି ଗୋରାଙ୍କ ପାଇଁ ।" କେତେକ ୟୁନିଭରସିଟିର ଷ୍ଟୁଡ଼ଅମ୍‌ରେ କୃଷ୍ଣକାୟ ଏବଂ ଶ୍ୱେତାକାୟଙ୍କ ପାଇଁ ପୃଥକ ସ୍ଥାନର ବ୍ୟବସ୍ଥା କରାଯାଇଛି । ଆବ୍ରାହାମ୍ ଲିନ୍‌କନ୍ ଏ ଭେଦଭେଦ ଦୂରୀକରଣ ପାଇଁ ପ୍ରାଣପାତ କରିଥିଲେ । ସେ କହୁଥିଲେ, "ମୁଁ ଦାସ ହେବା ପାଇଁ ପ୍ରସ୍ତୁତ ନୁହେଁ । ତେଣୁ ମୁଁ କଦାପି ପ୍ରଭୁ ହେବ ନାହିଁ ।" ଏ ବର୍ଣ୍ଣ ସମସ୍ୟା ଏବେ ମଧ୍ୟ ରହିଛି ।

ସେପ୍‌ଟେମ୍ବର ପହିଲା । ଶ୍ରମିକ ଦିବସ । ସମସ୍ତ ଅଫିସ ଛୁଟି । ଦୋକାନ ବଜାର ବନ୍ଦ । ଏ ଦିନଟି ଜାତୀୟ ଛୁଟି ଦିବସ । ଆମେରିକାର ଶ୍ରମିକମାନେ ଏ ଦେଶର ସମୃଦ୍ଧି ପାଇଁ ଯେଉଁ ପରିଶ୍ରମ କରିଛନ୍ତି, ତାହାର ପ୍ରତୀକରୂପେ ଏ ଛୁଟି ପାଳନ କରାଯାଉଛି । ଶୁଣିଲି, ଆଗେ ଏ ଦିନ ଶୋଭାଯାତ୍ରା ବାହାରୁଥିଲି । ସଭାରେ ବକ୍ତୃତା ଦିଆ ଯାଉଥିଲା । ଏବେ ସେ ସବୁ ନାହିଁ । ଖାଲି ଛୁଟି ଦିବସ ରୂପେ ପାଳିତ ହେଉଛି । ଆମ ଦେଶରେ ମେ ମାସ ପହିଲା ଦିନ ଶ୍ରମିକ ଦିବସ । ସେ ଦିନ ଛୁଟି ହୁଏ । ଶୋଭାଯାତ୍ରା ବାହାରେ । ସଭା ଅନୁଷ୍ଠିତ ହୁଏ । ବକ୍ତୃତା ଦିଆଯାଏ । ଏ ଦିନଟି ଆମର ଶ୍ରମିକ ଆନ୍ଦୋଳନ ଦିବସ ।

ଅପରାହ୍ଣରେ ଓ୍ୱାଶିଙ୍ଗଟନ୍ ସ୍ମାରକୀସ୍ତମ୍ଭ ଉପରକୁ ଯାଇଥିଲୁ । ଅତି ବିରାଟ ଏ ସ୍ମୃତି ସ୍ତମ୍ଭ । ଦିଲ୍ଲୀର କୁତବମିନାର ଭିତରେ ପାହାଚ ଲାଗିଛି ଉପରକୁ ଉଠିବା ପାଇଁ । ଓ୍ୱାଶିଙ୍ଗଟନ୍ ସ୍ମୃତି ସ୍ତମ୍ଭ ଭିତରେ ଲିଫ୍‌ଟ ଲାଗିଛି ଉପରକୁ ଯିବାପାଇଁ । ସେଥିରେ ଚଢ଼ି ଉପରକୁ ଉଠିଲୁ । ବିଭିନ୍ନ ପାର୍ଶ୍ୱରୁ ଓ୍ୱାଶିଙ୍ଗଟନ୍ ସହର ସୁନ୍ଦର ଭାବରେ ଦେଖି ହେଲା । ଅତି ଉଚ୍ଚ ଏ ସ୍ତମ୍ଭ । ବିଶେଷ ସୁଦୃଶ୍ୟ କାରୁକାର୍ଯ୍ୟ ଏଥିରେ କିଛି ନାହିଁ ।

Digitized by PPRACHIN, SOA

ସିଧା ସଳଖ ମାର୍ବଲ୍ ପ୍ରସ୍ତରରେ ନିର୍ମିତ ସ୍ତମ୍ଭ । କ୍ୟାପିଟଲ୍, ଓ୍ୱାଶିଙ୍ଗ-ଟନ୍ ସ୍ମୃତି ସ୍ତମ୍ଭ ଏବଂ ଲିନ୍‌କନ୍ ସ୍ମାରକୀ ଭବନ—ଏ ତିନୋଟି ଯାକ ଅଛି ଗୋଟିଏ ସରଳ ରେଖାରେ । ପ୍ରଶସ୍ତ ରାସ୍ତା । ରାସ୍ତାରେ କୌଣସି ପ୍ରତିବନ୍ଧକ ନାହିଁ ।

ସନ୍ଧ୍ୟାରେ ମିଷ୍ଟର ଷ୍ଟ୍ରବ୍ (E. D. straub) ଆମ କେତେ ଜଣଙ୍କୁ ନିମନ୍ତ୍ରଣ କରିଥିଲେ । ତାଙ୍କ ଘର ଓ୍ୱାଶିଙ୍ଗଟନ୍ ନଗରୀକୁ ଲାଗି ମେରିଲାଣ୍ଡ୍ ରାଜ୍ୟରେ (Maryland state) । ସେ ଯୁକ୍ତରାଷ୍ଟ୍ର ସରକାର-ଙ୍କର ବଜେଟ ସମୀକ୍ଷକ । ତାଙ୍କର ସାନ ସାନ ଗୁଡ଼ିଏ ଝିଅ ଏବଂ ଗୋଟିଏ ପୁଅ । ସେ ଏପରି ବିଦେଶୀ ଆଗନ୍ତୁକମାନଙ୍କୁ ମଝିରେ ମଝିରେ ନିମନ୍ତ୍ରଣ କରନ୍ତି । ସେ ଦେଶ ଏବଂ ଏ ଦେଶ କଥା ଆଲୋଚନା କରନ୍ତି । ସେ ଶିକ୍ଷା କାଉନସିଲ୍ ପରି ଅନ୍ୟ କେତେକ ସଂସ୍ଥାକୁ ତାଙ୍କର ନାମ ଏବଂ ଠିକଣା ଦେଇଛନ୍ତି । କେହି ବିଶିଷ୍ଟ ଆଗନ୍ତୁକ ଆସିଲେ ତାଙ୍କୁ ଖବର ମିଳେ । ତାଙ୍କ ଘରେ ଯାଇ ପହଞ୍ଚିଲୁ । ଘରଟି ସୁନ୍ଦର । ଆଡ଼-ମ୍ବର ନାହିଁ, ମାତ୍ର ସୁସଜ୍ଜିତ । ଦେଖି ଆନନ୍ଦ ଲାଗିଲା । ଏ ଦେଶର ପାରିବାରିକ ଜୀବନ, ସାମାଜିକ ଜୀବନ ଏବଂ କେତେକ ସମସ୍ୟା ଜାଣି-ବାର ସୁଯୋଗ ମିଳିଲା । ମିଷ୍ଟର ଷ୍ଟ୍ରବ୍, ତାଙ୍କର ପତ୍ନୀ ଏବଂ ପିଲାମାନଙ୍କ ସହିତ ଗଳ୍ପାଳାପ କଲି । ଆନନ୍ଦରେ ସନ୍ଧ୍ୟାବେଳଟି କଟିଲା । ରାତି ଭୋଜନ ସାରି ଘରକୁ ଫେରିଲି ।

ତା' ପର ଦିନ ଗଲୁ Smithsonain Institute ଏଥିରେ ଅଛି ପ୍ରାକୃତିକ ଐତିହାସିକ ମୁଜିଅମ୍ । ଓ୍ୱାଶିଙ୍ଗଟନ୍‌ର ବଡ଼ ବଡ଼ ହର୍ମ୍ୟ ପରି ଏ ମ୍ୟୁଜିୟମ୍ ବିରାଟ ଏବଂ ରମଣୀୟ । ନାନାଜାତିର ଜୀବଜନ୍ତୁଙ୍କ ମୂର୍ତ୍ତି ଏବଂ ଶବ ଏଠାରେ ସଜ୍ଜିତ ହୋଇ ରଖାଯାଇଛି । ଫସିଲ (Fossil) ବା ଜୀବାଶ୍ମ ଦେହରୁ ଉଦ୍ଧାର କରାଯାଇ ବିରାଟ ଡିନୋସରର ଦେହ ରଖାଯାଇଛି । କଲିକତା ମ୍ୟୁଜିଅମ୍‌ରେ ମଧ୍ୟ ଏହି ଡିନୋସର ଜୀବାଶ୍ମ ସଜଡ଼ା ହୋଇ ରଖାଯାଇଛି । ବିରାଟ ଏ ଜନ୍ତୁ । କନାନ ଡଏଲ୍‌ଙ୍କ ରଚିତ (Lost world) "ବିସ୍ମୃତ ଜଗତ" ଉପନ୍ୟାସରେ

Digitized by PPRACHIN, SOA

ଡିନୋସର (Dinosaur) ବିଷୟରେ ଯେଉଁ ପ୍ରାଗ୍-ଐତିହାସିକ ବୃତ୍ତାନ୍ତ ଦିଆଯାଇଛି, ଏ ସେଇ ଡିନୋସର୍ । ଯୁଗ ଯୁଗ ଧରି ଏ ଧରଣୀ କେତେ ଜୀବଜନ୍ତୁ, ପରିବର୍ତ୍ତନ ବିବର୍ତ୍ତନ ଏବଂ ସଭ୍ୟତା ସମର ଦେଖି ଆସିଲାଣି । ତଥାପି ମଦୋନ୍ମତ୍ତ ଏ କ୍ଷୁଦ୍ର ମାନବ ତା'ର ଅହଙ୍କାର ଦେଖାଇ ଚାଲିଛି । ଏ ସର୍ବସଂହା ପୃଥିବୀ ଏ ସବୁ ଦେଖି କୃପାବଶ ହେଉଥିବ । ମାଛିଟିଏ ଷଣ୍ଢ ଉପରୁ ଉଡ଼ିଯାଇ 'କଷ୍ଟ ହେଉଥିବ' ବୋଲି ଷଣ୍ଢକୁ ଉପହାସ କରି କହିଲା ବେଳେ, ଷଣ୍ଢ ମାଛିଟିର ଅସ୍ତିତ୍ୱ ଉପଲବ୍ଧି କରି ନ ଥିଲା । ଏହାହିଁ ମଣିଷର ହୁଙ୍କାର ଏବଂ ଧରିତ୍ରୀର ସହନଶୀଳତା ପ୍ରତି ପ୍ରଯୁଜ୍ୟ ।

ଅପର ପକ୍ଷରେ, ଏଇ ମଣିଷ ତାର ତୀକ୍ଷ୍ଣ ବୁଦ୍ଧି ବଳରେ ବିରାଟ ଏବଂ କଳ୍ପନାତୀତ ତଥ୍ୟମାନ ଆବିଷ୍କାର କରି ଲାଗିଛି । ପୃଥିବୀ-ରେ ପ୍ରସ୍ତରରେ ପରିଣତ ଜୀବାଶ୍ମରୁ ପୃଥିବୀର ଜୀବନ ବୃତ୍ତାନ୍ତ ଉଦ୍ଧାର କରି ଲାଗିଛି । ପ୍ରକୃତିକୁ ନିଜର ବୁଦ୍ଧି ବଳରେ ଜୟ କରି ପାରିଛି । ଏ ପ୍ରାକୃତିକ ଇତିହାସ ରକ୍ଷଣାଗାର ଦେଖି ଅତି ଆନନ୍ଦ ଲାଗିଲା ।

ପରଦିନ ଆମେରିକୀୟ ଶିକ୍ଷା କାଉନ୍‌ସିଲ୍ ଆମ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ନିମନ୍ତ୍ରଣ କଲେ । କାଉନ୍‌ସିଲ୍‌ର ପ୍ରେସିଡେଣ୍ଟ ଡକ୍ଟର ଆଡ଼ାମ୍‌ସ (Dr. Adams) ବ୍ୟକ୍ତିଗତ ଭାବରେ ଆମକୁ ସମ୍ବ-ର୍ଦ୍ଧନା ଜଣାଇଲେ । କାଉନ୍‌ସିଲ୍‌ର ଅନ୍ୟମାନେ ଉପସ୍ଥିତ ଥିଲେ । ସବୁ କଥାରେ, ଆଲୋଚନାରେ, ଖାଇବା ବେଳେ ସମସ୍ତଙ୍କର ଭଦ୍ର ବ୍ୟବହାର । Fine, wonderful. Thanks—ଏ ସବୁ ସାଧାରଣ କଥା ବାର୍ତ୍ତାରେ ଶିଷ୍ଟାଚାର । ଅଫିସ ବୁଲି ଦେଖିଲୁ । ଅଫିସ୍‌ରେ ଯେଉଁମାନେ କାମ କରନ୍ତି, ସେମାନେ ଘଣ୍ଟିମାରି କିରାଣୀଙ୍କୁ ଡାକନ୍ତି ନାହିଁ । ଚପରାଶି ବୋଲି କେହି ନାହିଁ । ଅଫିସରେ ସବୁ ଶୃଙ୍ଖଳିତ । ସବୁ ଫାଇଲ୍ ଏପରି ଭାବରେ ପ୍ରସ୍ତୁତ ହୋଇ ରହିଛି ଯେ ହଠାତ ଆବଶ୍ୟ-କୀୟ କାଗଜପତ୍ର ମିଳିଯାଉଛି । ଆମ ଦେଶର ଅଫିସ୍ ପରି କେଉଁଠାରେ ଲୋକେ ଜମା ହୋଇ ନାହାନ୍ତି । କେହି ବଡ଼ ପାଟି କରି କହୁ ନାହାନ୍ତି ।

Digitized by PPRACHIN, SOA

ଅଫିସ୍‌ରେ କିଏ କାହାର ନିମ୍ନସ୍ଥ ବା ଉପରିସ୍ଥ ଜାଣିବା କଷ୍ଟକର । ଯାହାର ଯେଉଁଠି କାମ ସେ ତା' ପାଖକୁ ଚାଲିଯାଉଛି । ଗଣତାନ୍ତ୍ରିକ ଜୀବନର ଏହା ଗୋଟିଏ ବଶିଷ୍ଟ ନିଦର୍ଶନ । ଆମ ଦେଶର ଅଫିସ ସବୁ ପରାଧୀନ ଯୁଗର ପ୍ରତୀକ ।

ଆମ ପ୍ରତ୍ୟେକଙ୍କ ପାଇଁ ଶିକ୍ଷା କାଉନ୍‌ସିଲ୍‌ର ଜଣେ ଜଣେ କର୍ମଚାରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । କିଏ କେଉଁଠାକୁ ଯିବ, କପରି ଯିବାକୁ ହେବ, କେଉଁଠାରେ ରହିବ, କେଉଁଠାରେ ଆମର ସାପ୍ତାହିକ ପ୍ରାପ୍ୟ ମିଳିବ, ଏ ସବୁ ବିଷୟ କାର୍ଯ୍ୟକ୍ରମରେ ଲିପିବଦ୍ଧ ହୋଇଥିଲା । କାହାର କେଉଁଠାକୁ ଯିବାପାଇଁ ଇଚ୍ଛା, ଆଗ୍ରହ—ସେ ସବୁ ବିଚାର କରି, ଆମ ସାଙ୍ଗରେ ପରାମର୍ଶ କରି ପ୍ରତ୍ୟେକଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା । କୌଣସି ବିଷୟ ବାଦ ଦିଆ ଯାଇ ନଥିଲା । ଏବେ ମଧ୍ୟ ସେଗୁଡ଼ିକୁ ନିଦର୍ଶନ ସ୍ୱରୂପ ପାଖରେ ରଖିଛି ।

ଆମେ ସବୁ ଥିଲୁ ଓ୍ୱାଶିଂଟନ୍ ସହରରେ । ଏଇଟି ଯୁକ୍ତରାଷ୍ଟ୍ରର ଏକ ରାଜ୍ୟ ନୁହେ । ଯୁକ୍ତରାଷ୍ଟ୍ରରେ ଓ୍ୱାଶିଂଟନ୍ ନାମରେ ଗୋଟିଏ ରାଜ୍ୟ ଅଛି । ତେଣୁ ଓ୍ୱାଶିଂଟନ୍ ସହରର ନାମ Washington D. C. ଅର୍ଥାତ୍ District Columbia. ଡିଷ୍ଟ୍ରିକ୍ଟ କଲମ୍ବିଆ । ଏହାର ଶାସନ ସ୍ୱତନ୍ତ୍ର ।

ଓ୍ୱାଶିଂଟନ୍ ସହରରେ ରହଣୀର ଶେଷ ଦିନ । ସେ ଦିନ ସକାଳେ ଥିଲି ମାଉଣ୍ଟ ଭର୍ମନ୍ ବିହରଣ । Mount Vermon Tour । ଏହିଟି ଜର୍ଜ ଓ୍ୱାଶିଂଟନଙ୍କ ଘର ଏବଂ ବାଡ଼ି ବଗିଚା । ପ୍ରତିଭା ପୂଜାର ସ୍ମାରକ ରୂପେ ଏ ଘର ବାଡ଼ି, ପ୍ରଶସ୍ତ ଶସ୍ୟ କ୍ଷେତ୍ର ସମସ୍ତ ନିଖୁଣ ଭାବରେ ରକ୍ଷିତ ହୋଇଛି । ଏହିଟି ଜାତୀୟ ମ୍ୟୁଜିଅମ୍‌ରେ ପରିଣତ ହୋଇଛି । ନାନା ସ୍ଥାନରୁ ଲୋକେ ଆସୁଛନ୍ତି ଏହାକୁ ଦର୍ଶନ କରିବା ପାଇଁ । ଓ୍ୱାଶିଂଟନ୍‌ଙ୍କ ଘରେ ତାଙ୍କର ଶୋଇବା ଘର, ବସିବା ଘର, ପଢ଼ିବା ଘର ସମସ୍ତ ସୁନ୍ଦରରୂପେ ରକ୍ଷଣ କରାଯାଇଛି । ସେ ଥିଲେ ଜଣେ ରୋପଣ କୃଷକ । ବିସ୍ତୃତ ଜମି ଗଛପତ୍ର ସବୁ ସେହିପରି ରଖା-

ଯାଇଛି । ଜାତିର ପ୍ରଗଭୀର ପୂଜା ସହିତ ସମ୍ମିଳିତ । ମହତ୍ ବ୍ୟକ୍ତିଙ୍କର ପୂଜା ତାଙ୍କର ଜୀବିତାବସ୍ଥାରେ କରିବା ସ୍ପୃହଣୀୟ ନୁହେଁ । ମୃତ୍ୟୁ ପରେହିଁ ମହତ୍ତ୍ୱର ଯଥାର୍ଥ ପରିଚୟ ମିଳେ, ମୂଲ୍ୟାୟନ କରି ହୁଏ । ଜର୍ଜ ଓ୍ୱାଶିଙ୍ଗଟନ୍ ଏ ରାଷ୍ଟ୍ରର ଖାଲି ପ୍ରଥମ ରାଷ୍ଟ୍ରପତି ନୁହନ୍ତି—ସେ ଏ ଜାତିର ସ୍ରଷ୍ଟା । ତାଙ୍କର ସ୍ମୃତି ବହୁ ଭାବରେ ବିଭିନ୍ନ ସ୍ଥାନରେ ରଖା ଯାଇଛି ।

ସେ ଦିନ ପ୍ରଫେସର୍ ପ୍ରାଣକୃଷ୍ଣ ପରିଜା ଏବଂ ଡକ୍ଟର ବଳଭଦ୍ର ପ୍ରସାଦ ଆସି ଅକସ୍ମାତ୍ ପହଞ୍ଚିଲେ ଓ୍ୱାଶିଙ୍ଗଟନ୍‌ରେ । ରାଜ୍ୟଗୋଷ୍ଠୀର କୁଳପତିମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା କାନାଡ଼ାର ମଣ୍ଟ୍ରିଏଲ୍ ସହରରେ । ସେମାନେ ସେଥିରେ ଯୋଗ ଦେବା ପାଇଁ ଆସିଥିଲେ । ସେଠାରୁ ଦୁଇଦିନ ପାଇଁ ଓ୍ୱାଶିଙ୍ଗଟନ୍ ଆସିଥିଲେ । ମୁଁ ଛାତ୍ର ଥିଲାବେଳେ ପରିଜା ଥିଲେ ରେଭେନ୍‌ସା କଲେଜରେ ପ୍ରଫେସର୍ । ମୁଁ ପଶ୍ଚିମ ଛାତ୍ରାବାସରେ ରହୁଥିଲି । ସେ ଥିଲେ ଓ୍ୱାର୍ଡେନ୍ । ସେ ପ୍ରିନ୍‌ସିପାଲ୍ ଥିଲାବେଳେ ମୁଁ କଲେଜରେ ଲେକଚରର୍ ହୋଇ ଯୋଗ ଦେଲି । ତାଙ୍କଠାରୁ ଶିକ୍ଷା ପାଇଛି, ପ୍ରେରଣା ପାଇଛି, ପରାମର୍ଶ ପାଇଛି । ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଆସିଛନ୍ତି । ଡକ୍ଟର ବଳଭଦ୍ର ପ୍ରସାଦ ରେଭେନ୍‌ସା କଲେଜରେ ପ୍ରଫେସର ଥିଲେ; ପରେ ଶିକ୍ଷାବିଭାଗ ନିର୍ଦ୍ଦେଶକ ହେଲେ । ସେ ଅଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ତରଫରୁ ଆସିଛନ୍ତି ।

ସେ ଦୁହିଁଙ୍କୁ ଦେଖି ବଡ଼ ଆନନ୍ଦ ଲାଗିଲା । କଟକ ଛାଡ଼ିଲା ଦିନଠାରୁ ଓଡ଼ିଆରେ କଥାବାର୍ତ୍ତା କରି ନ ଥିଲି । ସେଦିନ ସେ ସୌଭାଗ୍ୟ ମିଳିଲା । ତାଙ୍କ ସାଙ୍ଗରେ କିଛି ସମୟ ବୁଲିଲି । ଆମର କାର୍ଯ୍ୟକ୍ରମ ବିଷୟରେ କିଛି ସୂଚନା ଦେଲି । ତାଙ୍କୁ ହୋଟେଲ୍‌ରେ ଛାଡ଼ି କରି ଆସିଲି ।

Digitized by PPRACHIN, SOA

ପ୍ରିନ୍‌ସଟନ୍‌

ସେପ୍‌ଟେମ୍ବର ୭ ତାରିଖ—

ସକାଳୁ ୱାଶିଂଟନ ଛାଡ଼ି ପ୍ରିନ୍‌ସଟନକୁ ଆସିବାର ବ୍ୟବସ୍ଥା ହୋଇଥିଲା । ନଅଟା ପଞ୍ଚାଳିଶ ମିନିଟ୍‌ରେ ୱାଶିଂଟନ୍‌ରୁ ଟ୍ରେନ ଛାଡ଼ିଲା । ଟ୍ରେନ୍‌କୁ ସୁଟ୍‌କେଶ ବୋହି କରି ଆଣିବା ଏକ କଷ୍ଟକର ବ୍ୟାପାର । ଟ୍ରେନ୍‌ରେ ବସିଲୁ । ଦୁଇଟି ବଖରାରେ ବାଣ୍ଟି ହୋଇ ବସିଥାଉ । ଟ୍ରେଣ୍ଟନ୍ ଷ୍ଟେସନରେ ଓହ୍ଲାଇ ଅନ୍ୟ ଏକ ଟ୍ରେନ୍‌ରେ ଉଠିବାର କଥା । ଓହ୍ଲାଇ କରି ବୁଝିଲୁ କୌଣସି ଟ୍ରେନ୍ ନାହିଁ ପ୍ରିନ୍‌ସଟନ୍ ଯିବାକୁ । ଜିନିଷ ପତ୍ର ଉଠାଇ ପ୍ରତୀକ୍ଷାଳୟକୁ ଗଲୁ । ଅନ୍ୟ ସାଥୀମାନେ ଆଉ ଗୋଟିଏ ବଖରାରେ ବସିଥିଲେ । ସେମାନେ ଓହ୍ଲାଇ ଥିବେ । ଆମେ ଯାଇ ରେଲୱେ ଲୋକଙ୍କୁ ପଚାରିଲୁ, କେତେ-ବେଳେ ଗାଡ଼ି ମିଳିବ । କିଛି ଠିକ୍ ଖବର ପାଇଲୁ ନାହିଁ । ଷ୍ଟେସନ ମାଷ୍ଟରଙ୍କୁ ପଚାରିବାରୁ ସେ କହିଲେ, ନ୍ୟୁୟର୍କ ପାଇଁ ଅଳ୍ପ ସମୟ ପରେ ଗୋଟିଏ ଟ୍ରେନ ଆସିବ । ତାକୁ ପ୍ରିନ୍‌ସଟନ୍‌ରେ ରହିବା ପାଇଁ କହି-ଦେବେ ।

ଅନ୍ୟ ସାଥୀମାନଙ୍କୁ ଖୋଜି ଖୋଜି ପାଇଲୁ ନାହିଁ । ବଡ଼ ବ୍ୟସ୍ତ ଲାଗିଲା । ଶୁଣିଲୁ, ସେମାନେ ଗୋଟିଏ ଟ୍ୟାକ୍‌ସି କରି ପ୍ରିନ୍‌ସଟନ୍ ଚାଲି ଯାଇଛନ୍ତି । ଅଦ୍ଭୁତ କଥା । ଆମ ସାଥୀମାନେ ଆମକୁ କିଛି ନ ଜଣାଇ ବାହାରି ଗଲେ ! ବିଦେଶରେ ଲୋକେ ସାଙ୍ଗସାଥୀ ଲୋଡ଼ନ୍ତି । ଏଇ କ'ଣ ଆମର ବନ୍ଧୁତା ? ବଡ଼ ଦୁଃଖ ଲାଗିଲା । ମନେ ପଡ଼ିଲା ଗୋଟିଏ ପିଲାଙ୍କ କାହାଣୀ । ଦୁଇଜଣ ବନ୍ଧୁ ବଣକୁ ଯାଇଥିଲେ ଶୀକାର କରିବା ପାଇଁ । ହଠାତ୍ ଗୋଟାଏ ଭାଲୁ ବାହାରି ପଡ଼ିଲା । ଜଣେ ବନ୍ଧୁ

Digitized by PPRACHIN, SOA

ଆଗ ଭାଲୁକୁ ଦେଖି ଗଛ ଉପରକୁ ଚଢ଼ିଗଲା । ଆଉ ଜଣକ ଏଣେ ତେଣେ ଘୁଣ୍ଟିବା କିଛି ଉପାୟ ନ ଦେଖି ନିଶ୍ୱାସ ବନ୍ଦ କରି ତଳେ ପଡ଼ିଗଲା । ଭାଲୁ ଆସି ତା'ର ନାକ କାନ ଶୁଙ୍ଘିଲା । ନିଶ୍ୱାସ ନାହିଁ । ଭାଲୁ ମଲା ମଣିଷ ଖାଏ ନାହିଁ । ତାକୁ ମଲାମଣିଷ ବିଚାରି ଛାଡ଼ି ଚାଲିଗଲା । ଆଉ ବନ୍ଧୁଟି ଗଛରୁ ଓହ୍ଲାଇ ପଚାରିଲା, ଭାଲୁ ତୋ କାନରେ କ'ଣ କହୁଥିଲା କି ? ବନ୍ଧୁଟି ତଳୁ ଉଠି ଉତ୍ତର ଦେଲା—ଭାଲୁ କହୁଥିଲା, ଯେଉଁମାନେ ବିପଦ ବେଳେ ବନ୍ଧୁକୁ ଛାଡ଼ି ପଳାନ୍ତି, ତାଙ୍କୁ ବିଶ୍ୱାସ କରିବ ନାହିଁ । ଆମ ଦେଶରୁ କଣ ଏଇଆ ଶିଖି ଆମେ ମଣିଷ ହୋଇଛୁ ?

ଅଳ୍ପ ସମୟ ପରେ ଟ୍ରେନ୍ ଆସିଲା । ପ୍ରିନ୍‌ସଟନ୍ ଷ୍ଟେସନରେ ରହିଲା । ପ୍ରିନ୍‌ସଟନ୍ ୟୁନିଭରସିଟିର ମିଷ୍ଟର କଏଲ୍ (Coyle) ତାଙ୍କ ମଟର ଗାଡ଼ି ଧରି ଅପେକ୍ଷା କରିଥିଲେ । ଆମର କୌଣସି ଅସୁବିଧା ହୋଇ ନାହିଁ । ପ୍ରିନ୍‌ସଟନ୍‌ରେ ପହଞ୍ଚିଲୁ । ଏଇଟି ଗୋଟିଏ ଛୋଟ ୟୁନିଭର୍‌ସିଟି ସହର । ଇଂଲଣ୍ଡର ଅକ୍‌ସଫୋର୍ଡ କେମ୍ବ୍ରିଜ ଢାଞ୍ଚାରେ ଗଠିତ ହୋଇଛି । ଆମେରିକାର ୟୁନିଭର୍‌ସିଟିମାନଙ୍କ ମଧ୍ୟରେ ଏହାର ସ୍ଥାନ ଅତି ଉଚ୍ଚରେ ।

ସକାଳ ଦଶଟା ବେଳେ ଜଣେ ସ୍ନାତକ ଛାତ୍ର ଆମକୁ ନେଇ ବିଭିନ୍ନ ବିଭାଗ ବୁଲି ଦେଖାଇଲା । ସବୁ ଛାତ୍ରମାନେ ହଷ୍ଟେଲ୍‌ରେ ରହନ୍ତି । ଶୋଇବା ଘର, ବସିବା ଘର, ପଢ଼ିବା ଘର ସବୁ ଅଛି ହଷ୍ଟେଲ ଭିତରେ । କେହି ସୁପରିଣ୍ଟେଣ୍ଡେଣ୍ଟ ନାହାନ୍ତି । ଆମ ଦେଶର ହଷ୍ଟେଲ୍ ପରି ଚାକର ପୂଜାରି ନାହାନ୍ତି । ଛାତ୍ରମାନେ ନିଜେ ନିଜେ ସବୁ କାମ କରନ୍ତି । ଘର ଭିତର ଏବଂ ବାହାର ସବୁ ପରିଷ୍କାର । ଏ ୟୁନିଭରସିଟିର ଖ୍ୟାତି ଯୋଗୁଁ ବହୁ ସଂଖ୍ୟାରେ ଛାତ୍ର ଏଠାକୁ ଆସିବା ପାଇଁ ଆବେଦନ କରନ୍ତି । ପ୍ରିନ୍‌ସଟନ୍ ଛାତ୍ର ସଂଖ୍ୟା ବଢ଼ାଇବା ପାଇଁ ନାରାଜ । ସ୍ନାତକ ବା ଅଣ୍ଡର ଗ୍ରାଜୁଏଟ୍‌ଙ୍କ ସଂଖ୍ୟା ତିନି ହଜାର । ସ୍ନାତକୋତ୍ତର ବା ପୋଷ୍ଟଗ୍ରାଜୁଏଟ୍‌ଙ୍କ ସଂଖ୍ୟା ସାତ ଶହ । ଏହି ସଂଖ୍ୟା

Digitized by PPRACHIN, SOA

ବର୍ଷ ବର୍ଷ ଧରି ସୀମିତ ହୋଇ ରହିଛି । ଅଣ୍ଡର ଗ୍ରାଜୁଏଟ୍ ଶ୍ରେଣୀରେ କୌଣସି ଛାତ୍ରଙ୍କୁ ନିଆଯାଏ ନାହିଁ । ଜଣେ ଛାତ୍ର ଆମକୁ କହିଲେ, ନିକଟରେ କୌଣସି ଛାତ୍ରୀ ଅନୁଷ୍ଠାନ ନାହିଁ । କୋଡ଼ିଏ ମାଇଲ ଦୂରରେ ଗୋଟିଏ ଛାତ୍ରୀ ହାଇସ୍କୁଲ । ଆମର କିଛି ଅସୁବିଧା ହୁଏ ନାହିଁ । ଆମେ ଶୁକ୍ରବାର ରାତିରେ ଯାଇ ରବିବାର ଦିନ ଫେରିଆସୁ । ଆମର ସାମାଜିକ ଜୀବନ ବ୍ୟାହତ ହୁଏ ନାହିଁ ।

ପ୍ରିନ୍ସଟନ୍‌ରେ ମେଡ଼ିକାଲ, ଇଞ୍ଜିନିୟରିଙ୍ଗ ପ୍ରଭୃତି ବୈଷୟିକ ଶିକ୍ଷାର ବ୍ୟବସ୍ଥା ନାହିଁ । ପ୍ରାଚୀନ କେମ୍ବ୍ରିଜ ଅକ୍‌ସଫୋର୍ଡ଼ ପରି ଏଠାରେ କଳା, ବିଜ୍ଞାନ ଏବଂ ତାତ୍ତ୍ୱିକ, ବୌଦ୍ଧିକ କ୍ଷେତ୍ରରେ ଶିକ୍ଷାଦାନ କରାଯାଏ । ଏହା ଗତାନୁଗତିକ ଶିକ୍ଷା ନୁହେ । ଛାତ୍ରମାନଙ୍କ ପାଇଁ ଉପଦେଷ୍ଟା ଅଛନ୍ତି । ସେମାନେ ଛାତ୍ରମାନଙ୍କର ଶକ୍ତି, ଆଗ୍ରହ, ଅଭିନିବେଶ ପରୀକ୍ଷା କରି ନିର୍ଦ୍ଦେଶ ଦିଅନ୍ତି । ୟୁନିଭର୍ସିଟିର ଡୀନ (Dean) ଡଗଲାସ୍ ବ୍ରାଉନ (Douglas Brown) ସେଠାର ଶିକ୍ଷା ପ୍ରଣାଳୀ ଏବଂ ଆଦର୍ଶ ବିଷୟରେ ଆଲୋଚନା କଲେ । ସ୍ନାତକର ଶେଷ ଦୁଇଶ୍ରେଣୀରେ ଛାତ୍ରମାନେ ଅନର୍ସ ନିଅନ୍ତି । ଅନର୍ସକୁ ସେଠାରେ ମେଜର (Major) କୁହାଯାଏ । ସେ ଶ୍ରେଣୀରେ ପ୍ରଫେସର ଛାତ୍ରମାନଙ୍କୁ ସୂଚନା ଦିଅନ୍ତି, ନିର୍ଦ୍ଦେଶ ଦିଅନ୍ତି, ବିଷୟବସ୍ତୁ କେଉଁଠାରୁ ମିଳିବ, ସେ ସବୁ ବିସ୍ତୃତ ଭାବରେ ଉଲ୍ଲେଖ କରି ବିତରଣ କରନ୍ତି । ଛାତ୍ରମାନେ ଲାଇବ୍ରେରୀରେ ଅନୁଧ୍ୟାନ କରନ୍ତି । ଶ୍ରେଣୀରେ ଛାତ୍ରମାନେ ଆପଣା ଭିତରେ ଆଲୋଚନା କରନ୍ତି । କେଉଁଠାରେ ଆବଶ୍ୟକ ପଡ଼ିଲେ ପ୍ରଫେସର ଟିପ୍ପଣୀ ଦିଅନ୍ତି । ଏଠାରୁ ଏହିପରି ଭାବରେ ଶିକ୍ଷା ପାଇ ବହୁ ଲୋକ ଉଚ୍ଚ ସ୍ତରକୁ ଉଠିଛନ୍ତି ।

ଡଗଲାସ୍ ବ୍ରାଉନ୍ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ । ସାମାଜିକ ନୀତିପତ୍ର ଏବଂ ଶ୍ରମିକ ଅର୍ଥନୀତି ବିଷୟରେ ସେ ବହୁ ପ୍ରବନ୍ଧ ଲେଖିଛନ୍ତି, ପୁସ୍ତକ ପ୍ରଣୟନ କରିଛନ୍ତି । ତାଙ୍କର ଲେଖା କିଛି କିଛି ମୁଁ ପଢ଼ିଛି । ସେ ବିଷୟରେ ଆଲୋଚନା ହେଲା । ତାଙ୍କର ଖଣ୍ଡିଏ ସଦ୍ୟ

Digitized by PPRACHIN, SOA

ପ୍ରକାଶିତ ପୁସ୍ତକ High Talent man-power for science and Industry ମୋତେ ଉପହାର ଦେଲେ ।

ୟୁନିଭର୍ସିଟିର ବାୟୁମଣ୍ଡଳରେ ପୂରି ରହିଛି ଅଧ୍ୟୟନ, ଅଧ୍ୟାପନା, ଗବେଷଣା । ଅଧ୍ୟାପକମାନଙ୍କର ନିଷ୍ଠା ଏବଂ ଆନ୍ତରିକତା ଦେଖି ଆନନ୍ଦ ଲାଗିଲା । ସେଥିସଙ୍ଗେ ପୁଣି ଆଦର, ଅଭ୍ୟର୍ଥନା । ମିଷ୍ଟର୍ କଏଲ୍ ଆମ ପାଇଁ ସକଳ ବନ୍ଦୋବସ୍ତ କରିବାରେ ବ୍ୟସ୍ତ । ପ୍ରିନ୍‌ସଟନ ପରି ଅନୁଷ୍ଠାନ ନ ଦେଖିଲେ, ଖାଲି କଳକାରଖାନା, ଅଟ୍ଟାଳିକା ଏବଂ ମଟର ଗାଡ଼ି ଦେଖି ଆମେରିକାର ଜୀବନ ଏବଂ ପ୍ରାଧାନ୍ୟ ବିଷୟରେ ସଠିକ ଧାରଣା କରି ହେବ ନାହିଁ ।

ଏହି ୟୁନିଭର୍ସିଟିରେ ରାଜନୀତି ବିଜ୍ଞାନର ପ୍ରଫେସର ଥିଲେ ଉଡ୍ରୋ ଓ୍ୱିଲ୍‌ସନ୍ (Woodrow Wilson) । ସେ ଏହାର କୁଳପତି ହେଲେ । କୁଳପତିଙ୍କୁ ଏ ଦେଶରେ ପ୍ରେସିଡେଣ୍ଟ କୁହାଯାଏ । ତା' ପରେ ସେ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ହେଲେ । ତାଙ୍କର ପାଣ୍ଡିତ୍ୟ ଏବଂ ଯୋଗ୍ୟତା ପାଶ୍ଚାତ୍ୟ ଦେଶମାନଙ୍କରେ ବ୍ୟାପିଲା । ପ୍ରଥମ ମହାଯୁଦ୍ଧ ପରେ ଫ୍ରାନ୍‌ସର ଭର୍ସେଇଲ୍‌ଠାରେ ଯୁଦ୍ଧ ବିରତି ଚୁକ୍ତିରେ ସେ ଅଧ୍ୟକ୍ଷ ହେଲେ । ଏ ଚୁକ୍ତିରେ ରାଷ୍ଟ୍ରମାନଙ୍କର ନିରାପତ୍ତା ପାଇଁ ଏକ ଅନୁଷ୍ଠାନ ଅନ୍ତର୍ଭୁକ୍ତ ହେଲା । ଲିଗ୍ ଅଫ ନେଶନ୍‌ସ (League of Nations) ତାଙ୍କର ଅବଦାନ ।

ୟୁନିଭରସିଟିର ଲାଇବ୍ରେରି ଦେଖିବାକୁ ଗଲୁ । ଡକ୍ଟର ଓ୍ୱିଲିଅମ୍ ଡିକ୍‌ସ (William Dix) ଲାଇବ୍ରେରିଆନ୍ । ତାଙ୍କର ପଦବୀ ପ୍ରଫେସରଙ୍କ ସହିତ ସମାନ । ତାଙ୍କ ସହିତ ଅଛନ୍ତି ୧୩୫ ଜଣ ସହାୟକ । ସେଥିରେ ଅଛନ୍ତି କେତେଜଣ ବିଭିନ୍ନ ବିଷୟରେ ବିଶାରଦ । ସେମାନେ ଗବେଷଣାରେ ସହାୟତା କରନ୍ତି । ବହୁତଳ ବିଶିଷ୍ଟ ଲାଇବ୍ରେରି ସୌଧଟି ପ୍ରାଚୀନ କାରୁକାର୍ଯ୍ୟରେ ମଣ୍ଡିତ । ଭିତରେ ସୁନ୍ଦର ଆଧୁନିକ ବ୍ୟବସ୍ଥା । ଲାଇବ୍ରେରିଆନ୍‌ଙ୍କୁ ଅନୁରୋଧ କଲି, ପୁସ୍ତକ ଗୁଡ଼ିକ କିପରି ଭାବରେ ସଜ୍ଜିତ ହୋଇଛି ବୁଲି ଦେଖିବା ପାଇଁ । ସେ ଅମତ

Digitized by PPRACHIN, SOA

ହେଲେ । ଏଥିରେ ମୁଁ ବ୍ୟଥିତ ହେଲି । ପୁଣି ଥରେ ଅନୁରୋଧ କଲି । ସେ ଲାଇବ୍ରେରୀର ଖଣ୍ଡିଏ ରିପୋର୍ଟ ମୋତେ ଦେଲେ । ଖୋଲି ଦେଖିଲି । ପୁସ୍ତକ ଗୁଡ଼ିକ ବିଭିନ୍ନ ମହଲାରେ ସଜ୍ଜିତ ହୋଇ ରହିଛି । ତାହାର ଲମ୍ବ ଚାରି ମାଇଲ୍ । ଚାରି ମାଇଲ୍ ବାଟ ଉପର ତଳ ହୋଇ ମୋତେ କିପରି ଦେଖାଇବେ ? ଲାଇବ୍ରେରୀରେ ଅଛି ୧୫ ଲକ୍ଷ ପୁସ୍ତକ ଏବଂ ୧୭ ହଜାର ଜର୍ଣ୍ଣାଲ୍ ମାଗାଜିନ୍ । ବିରାଟ ଏ ଅନୁଷ୍ଠାନ । ସକାଳ ଆଠଟା ୦.ରୁ ରାତି ୧୨ଟା ପର୍ଯ୍ୟନ୍ତ ଖୋଲା ରହେ । ଦିନକୁ ପ୍ରାୟ ଚାରିହଜାର ପାଠକ ଆସନ୍ତି । ତିନି ହଜାର ସ୍ନାତକ ଛାତ୍ରଙ୍କ ପାଇଁ ୧୮୦୦ ସ୍ଥାନ ରଖାଯାଇଛି । ସ୍ନାତକୋତ୍ତର ଗବେଷକଙ୍କ ପାଇଁ ଗୋଟିଏ ଲେଖାଏଁ ନିର୍ଦ୍ଦିଷ୍ଟ ସ୍ଥାନ ସଂରକ୍ଷିତ ହୋଇଛି ।

ଲାଇବ୍ରେରୀଆନ୍ ମୋତେ କେତେକ ସ୍ଥାନ ଦେଖାଇଲେ । ଉପର ମହଲାରେ ଗୋଟିଏ ବଡ଼ ହଲ୍ ଅଛି । ସେଇଟି ମ୍ୟୁଜିକ ସଦନ । ସୋଫା ପଡ଼ିଛି । ଆରାମ କରିହେବ । ଯେତେବେଳେ ଇଚ୍ଛା ସଙ୍ଗୀତ ଶୁଣିପାରିବ । ମାତ୍ର କାନରେ ତାର-ଯନ୍ତ୍ର ସଂଯୋଗ କରି । ଆଉ କାହାରି ପାଖକୁ ଯେପରି ଶବ୍ଦ ଯିବ ନାହିଁ । ଆଉ ଗୋଟିଏ ପ୍ରକୋଷ୍ଠରେ ହ୍ୱିସ୍ ଖେଳିବାର ବନ୍ଦୋବସ୍ତ ଅଛି । ସବୁବେଳେ ଏ ସବୁ ଖୋଲା ଥାଏ । ସ୍ନାନାଗାର, ରେସ୍ତୋରାଁ । ଲାଇବ୍ରେରୀଟି ସକଳ ବିଷୟରେ ସ୍ୱୟଂ-ସମ୍ପୂର୍ଣ୍ଣ । ଛାତ୍ରମାନେ ଅଧିକାଂଶ ସମୟ ରହନ୍ତି ଲାଇବ୍ରେରୀରେ । ଏ ସବୁ ଆମ ଦେଶରେ ସ୍ୱପ୍ନରେ ମଧ୍ୟ ଦେଖାଯିବ ନାହିଁ । ଏ ମହଣୀୟ ଲାଇ-ବ୍ରେରୀ ଖାଲି ଦେଖି ଯିବାର କଥା । ଯେଉଁଠାରେ ଦାରିଦ୍ର୍ୟ ଉତ୍କଟ, ସେଠାରେ ଏପରି ଶିକ୍ଷାୟତନ ବିଳାସ ବ୍ୟସନ ବୋଲି ବିବେଚିତ ହେବ ।

ସେତେବେଳେ ଏ ୟୁନିଭର୍ସିଟିର ପ୍ରେସିଡେଣ୍ଟ ଥିଲେ ରବର୍ଟ ଗୋହିନ୍ (Robert goheen) । ତାଙ୍କର ବୟସ ମାତ୍ର ୪୦ ବର୍ଷ । ଏପରି ଅଳ୍ପ ବୟସରେ କେହି ପ୍ରେସିଡେଣ୍ଟ ହେବା ବିରଳ । ଭାରତ-ବର୍ଷରେ ତାଙ୍କର ଜନ୍ମ । ପିଲାଦିନ ସେ ଭାରତରେ କଟାଇଛନ୍ତି ।

Digitized by PPRACHIN, SOA

କଲକତା, ମାନ୍ଦ୍ରାଜ ଏବଂ ବମ୍ବେ ୟୁନିଭର୍ସିଟିର ଶତବାର୍ଷିକୀ ହୋଇ-ଥିଲା ୧୯୫୭ ମସିହାରେ । ସେଥିରେ ଗୋଲ୍ଡାନ୍ ଯୋଗ ଦେଇଥିଲେ । କହିଲେ, କଲିକତା ପ୍ରଭୃତି ସହରରେ ୮୦।୯୦ ହଜାର କଲେଜ ଛାତ୍ର । ଏପରି ସ୍ଥାନରେ ୟୁନିଭର୍ସିଟି ଶିକ୍ଷା ପ୍ରବର୍ତ୍ତିତ ହେବ କିପରି ? ଗୋଲ୍ଡାନ ପରବର୍ତ୍ତୀ କାଳରେ ଆମେରିକାର ରାଷ୍ଟ୍ରଦୂତ ହୋଇ ଭାରତକୁ ଆସି-ଥିଲେ । ଉଭୟେ ଗାନ୍ଧୀଙ୍କ ଶବ ସତ୍କାର ବେଳେ ଦିଲ୍ଲୀ ଆସି-ଥିଲେ ।

ପ୍ରଫେସର ବାମଲ୍‌ଙ୍କ ସହିତ ଦେଖାହେଲା । ବାମଲ୍ (Baumol) ଲଣ୍ଡନ ଅର୍ଥନୀତି ସ୍କୁଲରେ ମୋର ସହପାଠୀ ଥିଲେ । ଆମେ ଏକ ସମୟରେ ପି. ଏଇଚ. ଡ଼ି ପାଇଲୁ । ସେ ଆସି ଏଠାରେ ପ୍ରଫେସର ହୋଇଛନ୍ତି । ଇତି ମଧ୍ୟରେ ଅନେକ ଲେଖାପଢ଼ି କରି-ଗଲେଣି ।

ତାଙ୍କ ଘରକୁ ଗଲି । ସେ ମୋତେ ସହର ବୁଲାଇ ଦେଖା-ଇଲେ । ଛୋଟିଆ ସହର । ମାତ୍ର କୌଣସିଠାରେ କୋଳାହଳ ନାହିଁ । ସେ ମୋତେ ଏକ ସୁପର୍ ମାର୍କେଟ (Super market) ଦେଖାଇବାକୁ ନେଲେ । ସହରଠାରୁ ଅନେକ ଦୂରରେ । ସେଠାରେ ଏକ ହଜାର ମଟର ଗାଡ଼ି ରଖିବା ପାଇଁ ସ୍ଥାନ ଅଛି । ଏଇଥିପାଇଁ ଏତେ ଦୂରରେ ଏ ମାର୍କେଟ୍ ସ୍ଥାପିତ ହୋଇଛି । ନାରୀମାନେ ବେଶୀ ବଜାର କରିବାକୁ ଆସନ୍ତି । ଠିଆ ହୋଇ ଦେଖିଲୁ । ଭିତରେ ଟିକିଏ ବୁଲି ଆସିଲୁ । ଗୋଟିଏ ଟାଡ଼ିରେ ଆସିଲେ ଜଣେ ଜନନୀ । ସାଙ୍ଗରେ ଗୋଟିଏ ଛୋଟପିଲା । ଗାଡ଼ିଟିକୁ ରଖି, ଗାଡ଼ି ଭିତରେ ପିଲାଟିକୁ ବନ୍ଦ କରି, ମାର୍କେଟ୍ ଭିତରେ ପଶିଲେ । ଗୋଟିଏ ସ୍ପ୍ରିଙ୍ଗ ଚକ ଦିଆ ତାର ନିର୍ମିତ ଗାଡ଼ି ଧରିଲେ । ଭିତରେ ବୁଲି ଯାହା ଆବଶ୍ୟକ, ସେ ସବୁ ସେ ଗାଡ଼ିରେ ଭର୍ତ୍ତି କଲେ । ପ୍ରସ୍ଥାନ ଦରଜା ପାଖରେ ଜଣେ ସ୍ତ୍ରୀ ଲୋକ ବସିଥାନ୍ତି । ସେ ଜିନିଷ ଗୁଡ଼ିକ ସବୁ କମ୍ପ୍ୟୁଟରରେ ମୂଲ୍ୟ ହିସାବ କରିଦେଲେ । ଭଦ୍ରମହିଳା ତାଙ୍କର ଦେୟଟିକ ଦେଇସାରି, ଗାଡ଼ିଟିକୁ ତାଙ୍କ ମଟର ପାଖକୁ ଆଣି,

Digitized by PPRACHIN, SOA

ସବୁ ଜିନିଷ ଭିତରକୁ ଡାଳି ଦେଲେ । ସ୍ପ୍ରିଙ୍ଗ ଟିପି ଦେଲେ । ତାର ଗାଡ଼ିଟି ସ୍ୱସ୍ଥାନକୁ ଫେରିଗଲା ।

ସନ୍ଧ୍ୟାବେଳେ ରାସ୍ତା ଉପରେ ପ୍ରଫେସର୍ କାଣ୍ଟ୍ରିଲ୍‌ଙ୍କ ସାଙ୍ଗରେ ଦେଖା ହୋଇଗଲା । ଡକ୍ଟର ହାଡ଼ଲେ କାଣ୍ଟ୍ରିଲ (Hadley Cantril) ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ମନସ୍ତତ୍ତ୍ୱବିତ୍ । ବର୍ଷକ ତଳେ କଟକ ଆସିଥିଲେ । ରେଭେନ୍‌ସା କଲେଜରେ ପଦାର୍ଥବିଜ୍ଞାନ ଲେକ୍‌ଚର୍ ଥିଏଟରରେ ଭାଷଣ ଦେଇଥିଲେ । ସେ ଭାଷଣ ସମସ୍ତଙ୍କୁ ଅଭିଭୂତ କରିଥିଲା । ସେ ପୃଥିବୀର ବହୁ ଦେଶ ବୁଲିଛନ୍ତି । ତଥାପି ଦୂରରୁ ମୋତେ ଦେଖି ଚିହ୍ନିଲେ । ଅଭିଲକ୍, ପିଲାଇ ଏବଂ ମୋତେ ତାଙ୍କ ଘରକୁ ନେଇଗଲେ । ଘରେ ତାଙ୍କର ସ୍ତ୍ରୀ, ଗୋଟିଏ ପୁଅ, ଗୋଟିଏ ଝିଅ । ତାଙ୍କ ଘରେ ବସିଲୁ । ଗଳ୍ପ କଲୁ । ତାଙ୍କ ସ୍ତ୍ରୀ କଫି ଆଣିଲେ । କି ଚମତ୍କାର ସରସତା ! କି ସରଳ ବ୍ୟବହାର ! କାଣ୍ଟ୍ରିଲ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଛନ୍ତି ସାମାଜିକ ମନସ୍ତତ୍ତ୍ୱ କ୍ଷେତ୍ରରେ । କଟକର ସବୁ କଥା ମନେ ରଖିଛନ୍ତି । ଆମେ କଟକର ଶିଙ୍ଗରେ ତିଆରି ବଗ ଦୁଇଟି ତାଙ୍କୁ ଉପହାର ରୂପେ ଦେଇଥିଲୁ । ସେ ଦୁଇଟି ଟେବୁଲ ଉପରେ ଥୁଆ ହୋଇଛି ।

ଆମକୁ ବୁଲେଇ ନେଲେ । ୧୨୪ ନମ୍ବର ମରସେର (Mercer) ଷ୍ଟ୍ରୀଟରେ ତାଙ୍କ ଘର । ଏଇ ଷ୍ଟ୍ରୀଟ୍‌ର ୧୧୨ ନମ୍ବର ଘରେ, କାଣ୍ଟ୍ରିଲ୍‌ଙ୍କ ଘର ପାଖରେ ରହୁଥିଲେ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍ (Albert Einstein) । ଗୋଟିଏ ଛୋଟିଆ ଘର । ଦୋ' ମହଲା ଉପରେ ପଛ ପାଖରେ ଥିବା ବାରେଣ୍ଡାରେ ପ୍ରତିଦିନ ସକାଳୁ ରାତି ଅଧ ପର୍ଯ୍ୟନ୍ତ ସେ କର୍ମରତ ରହୁଥିଲେ । ତାଙ୍କର କୌଣସି ପରୀକ୍ଷାଗାର ଆବଶ୍ୟକ ନ ଥିଲା । ଖାଲି ଗଣିତରେ ସାଧନା କରି ସବୁ ତତ୍ତ୍ୱ ଉଦ୍ଭାବନ କରିଥିଲେ । ୧୯୩୩ ମସିହାରେ ହିଟଲର୍ ତାଙ୍କୁ ବର୍ଲିନ୍‌ରୁ ବହିଷ୍କାର କରିଦେଲେ । ଇହୁଦିମାନଙ୍କୁ ନିଶ୍ଚିହ୍ନ କରିବା ପାଇଁ ହିଟଲର୍ ପ୍ରତିଜ୍ଞା କରିଥିଲେ । ବର୍ଲିନ୍‌ରୁ ନିର୍ବାସିତ ହୋଇ ଆଇନ୍‌ଷ୍ଟାଇନ୍

Digitized by PPRACHIN, SOA

ପ୍ରିନ୍‌ସ୍‌ଟନ୍‌କୁ ଆସିଥିଲେ । ଆଉ ଫେରି ନାହାନ୍ତି । ୧୯୪୫ ମସିହାରେ ପରମାଣୁ ବୋମା ନିକ୍ଷେପ କରିଯାଇ ଜାପାନର ହିରୋସୀମା ନାଗାସାକି ଧ୍ୱଂସ ହୋଇଥିଲା । ମରସେର ଷ୍ଟ୍ରିଟ୍‌ର ଏଇ ଘରେ ସେ ଭୋ ଭୋ ହୋଇ କାନ୍ଦିଥିଲେ । ମହାତ୍ମା ଗାନ୍ଧୀଙ୍କ ସହିତ ତାଙ୍କର ସାକ୍ଷାତ ହୋଇ ନଥିଲା । ମାତ୍ର ଋଷିପ୍ରାଣ ଗାନ୍ଧୀଜୀଙ୍କର ଜୀବନ ଏବଂ ସାଧନା ତାଙ୍କୁ ଅଭିଭୂତ କରିଥିଲା । ଗାନ୍ଧୀଜୀଙ୍କ ତିରୋଧାନରେ ସେ ଲେଖିଥିଲେ, ଆମର ପରବର୍ତ୍ତୀ ବଂଶଧରମାନେ ବିଶ୍ୱାସ କରି ପାରିବେ ନାହିଁ ଯେ ଏପରି ଜଣେ ମହାମାନବ ରକ୍ତମାଂସ ଶରୀରରେ ଏ ପୃଥିବୀରେ ଜନ୍ମ ଗ୍ରହଣ କରିଥିଲେ । ୧୯୫୫ ମସିହା ଅପ୍ରେଲ ୧୮ ତାରିଖରେ ମରସେର ଷ୍ଟ୍ରିଟ୍‌ର ଏହି ୧୧୨ ନମ୍ବର ଘରେ ଆଇନ୍‌ଷ୍ଟାଇନ୍‌ଙ୍କର ଦେହାନ୍ତ ହେଲା । ଆଉ ତିନିବର୍ଷ ପୂର୍ବରୁ ଆମେରିକା ଆସିଥିଲେ ତାଙ୍କର ଦର୍ଶନ ମିଳିଥାନ୍ତା । ସେହି ସଦନକୁ ପ୍ରଣିପାତ କରି, ତାଙ୍କ ଘର ପାହାଚରେ ଆମେ ତିନିଜଣ ବନ୍ଧୁ ଫଟୋଗ୍ରାଫ ନେଲୁ ।

ଆମ ତିନିଜଣଙ୍କୁ ପ୍ରଫେସର କାଣ୍ଟ୍ରିଲ ଏବଂ ତାଙ୍କ ସହଧର୍ମିଣୀ ରାତ୍ରିଭୋଜନ ପାଇଁ ନେଇଗଲେ ଗୋଟିଏ ନିଭୃତ ହୋଟେଲ୍‌କୁ । ନାମ ତା'ର Princeton Inn । ଭୋଜନ ପରେ ରାତି ସାଢ଼େ ନଅଟାରେ କାଣ୍ଟ୍ରିଲ୍ ଆମକୁ ନେଇଗଲେ ତାଙ୍କ ପରୀକ୍ଷାଗାରକୁ । ସେ ଯେଉଁ ସବୁ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି, ସେଥିରୁ ଅନେକ ଆମକୁ ଦେଖାଇଲେ । ଏଥିରେ ତାଙ୍କର କି ଆଗ୍ରହ, କି ଆନନ୍ଦ ! କେତୋଟି ସେଥିରୁ ବୁଝାଇଲେ । ଆମକୁ ମ୍ୟାଜିକ୍ ଦେଖିଲା ପରି ଲାଗୁଥାଏ । ସାଢ଼େ ଏଗାରଟାରେ ଆମକୁ ଆଣି ଆମ ହୋଟେଲ୍‌ରେ ଛାଡ଼ି ଦେଇ ଗଲେ । କାଣ୍ଟ୍ରିଲ ଆଉ ପ୍ରିନ୍‌ସ୍‌ଟନ୍‌ର ମନସ୍ତତ୍ତ୍ୱ ବିଭାଗରେ କାର୍ଯ୍ୟ କରୁ ନାହାନ୍ତି । ସେଠାରୁ ଅବସର ନେଲେଣି । ସାମାଜିକ ମନସ୍ତତ୍ତ୍ୱ ଗବେଷଣା ପାଇଁ ରକ୍‌ଫେଲର୍ ଗୋଟିଏ ପାଣ୍ଠି ସୃଷ୍ଟି କରିଛନ୍ତି । କାଣ୍ଟ୍ରିଲ କାମ କରୁଥିବା ପର୍ଯ୍ୟନ୍ତ ତାଙ୍କର ଦରମା, ପରୀକ୍ଷାଗାର ଖର୍ଚ୍ଚ ଏବଂ ଦେଶାଟନ ଖର୍ଚ୍ଚ ସେ ପାଣ୍ଠିରୁ ପାଉଥିବେ । କାଣ୍ଟ୍ରିଲ୍‌ଙ୍କ ପରି ଗବେଷକ ଏବଂ ପଣ୍ଡିତ ବିରଳ । ତାଙ୍କର ବ୍ୟବହାର, ସରଳତା

Digitized by PPRACHIN, SOA

ପାଣ୍ଡିତ୍ୟର ପରିପୃଷ୍ଟକ । ଏ ଭଳି ପଣ୍ଡିତଙ୍କ ପାଇଁ ପାଣି ସୃଷ୍ଟି କରିବା ବାଞ୍ଛନୀୟ ନିଦର୍ଶନ । ଏଥିରେ ସମାଜ ପରିପୁଷ୍ଟ ହୁଏ । କାଣ୍ଟ୍ରିଲ୍‌ଙ୍କ ଠାରୁ ବିଦାୟ ନେଇ ଆସିଲି । ଆମେରିକାରୁ ଫେରିଲା ପରେ "Reflections on the Human nature" ଶୀର୍ଷକ ତାଙ୍କର ପୁସ୍ତକ ଖଣ୍ଡିଏ ପାଇଲି । ସେ ସ୍ୱାକ୍ଷର କରିଛନ୍ତି ।

ପ୍ରିନ୍‌ସଟନ୍‌ରେ ପୃଥିବୀ ରହିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା । ମାତ୍ର ଏପରି ସ୍ଥାନ, ଏପରି ପରିବେଶ ଛାଡ଼ି ଯିବା ପାଇଁ ମନ ହେଉ ନଥାଏ । ଆଉ କ'ଣ ଏ ସୁଯୋଗ ମିଳିବ ?

ନିଉୟର୍କ

ତିନିଟା ବେଳେ ପ୍ରିନ୍‌ସଟନ୍ ଗୁଡ୍ ଟ୍ରେନ୍‌ରେ ଆସିଲୁ ନିଉୟର୍କ ସହରକୁ । ସନ୍ଧ୍ୟା ପ୍ରାୟ ପାଞ୍ଚଟାରେ ଆସି ପହଞ୍ଚିଲୁ । ଏଇଟି ଆମେରିକାର ସବୁ ବୃହତ୍ତମ ସହର । ପ୍ରିନ୍‌ସଟନ୍ ବାତାବରଣଠାରୁ ଏ ମହାନଗରୀ ସମ୍ପୂର୍ଣ୍ଣ ପୃଥକ । ସେଠାରେ ଅଛି ଶାନ୍ତ ସରଳ ପରିବେଶ । ବୌଦ୍ଧିକତାର ପରିପ୍ରକାଶ । ଗୁରୁକୁଳ ପରି ଲାଗୁଥିଲା । ନିଉୟର୍କରେ ଖାଲି ନଭଶ୍ଚୁମ୍ବୀ ଅଟ୍ଟାଳିକା ମାଳା । ଜନାକୀର୍ଣ୍ଣ । ସବୁଆଡ଼େ ଯାନ ବାହନ ମାଳମାଳ । ଏ ଦୁଇଟି ଭିତରେ କୌଣସି ସାମଞ୍ଜସ୍ୟ ନାହିଁ । କୌଣସି ପ୍ରକାର ତୁଳନା କରି ହେବ ନାହିଁ । ଟାଇମ୍ ସ୍କୋୟାର (Time Square) ପାଖରେ ଗୋଟିଏ ହୋଟେଲରେ ରହିଲୁ । ସେ ସ୍କୋୟାର୍‌ର ଅନେକ ସଜ୍ଜାରୁ ଆଡ଼ମ୍ବର ପରିସ୍ଫୁଟ । ସେ ଛକରେ ରାତି ସାରା ଲୋକ ଭିଡ଼ ହୋଇଥାନ୍ତି । ଟାଇମ୍ ଅଟ୍ଟାଳିକା ଉପରେ ସମ୍ବାଦ ଲେଖି ହୋଇ ଯାଉଥାଏ । ନୃତ୍ୟ, ଥିଏଟର୍ ରେସ୍ତୋରାଁରେ ଗ୍ରାହକ ପରିପୂର୍ଣ୍ଣ ।

ପରଦିନ ସକାଳ ୧୦ଟା ବେଳେ ଦେଖିବାକୁ ଗଲୁ ଏମ୍ପାୟାର ଷ୍ଟେଟ୍ ବିଲ୍‌ଡ଼ିଙ୍ଗ୍ (Empire State Building) । ସେତେବେଳେ ପୃଥିବୀର ସର୍ବୋଚ୍ଚ ଅଟ୍ଟାଳିକା । ୧୦୨ ମହଲା । ୧୪୭୨ ଫୁଟ ଉଚ୍ଚ । ଲିଫ୍‌ଟରେ ଉପରକୁ ଉଠିଲୁ । ଅତି ଦ୍ରୁତ ଗତିରେ ଲିଫ୍ଟ ଉଠିଲା । ଆମେ ଶିଖରରେ ପହଞ୍ଚିଲୁ । ସେ ଶିଖରରୁ ଦେଖିଲେ ସମସ୍ତ ନିଉୟର୍କ ସହର, ରାସ୍ତା, ହର୍ମ୍ୟ, ବନ୍ଦର, ନଦୀ, ସମୁଦ୍ର, ସ୍ୱାଧୀନତା ପ୍ରତିମୂର୍ତ୍ତି (Statue of Liberty)—ସବୁ ଦେଖାଯାଏ । ଇଞ୍ଜିନିୟରଙ୍କ୍ ବିଦ୍ୟାର ଏକ ତୁଙ୍ଗ ପରାକାଷ୍ଠା । ଏହି ବିରାଟତାରେ ମଣିଷ ସ୍ତବ୍ଧ ହୋଇଯାଏ । ମାତ୍ର ୱାଶିଙ୍ଗଟନ୍ ଏବଂ ପ୍ରିନ୍‌ସଟନ୍ ଦେଖିଲା ପରେ ସେ

Digitized by PPRACHIN, SOA

ଅନୁଭୂତି ରହିଲା ନାହିଁ । ନ୍ୟୁୟର୍କ ସହର ବିରାଟ, ସୁନ୍ଦର । ଏଥିରେ ସନ୍ଦେହ ନାହିଁ । ଏଠାରେ ବହୁ ଉଚ୍ଚ ଅଟ୍ଟାଳିକା । ଏ ସମସ୍ତଙ୍କ ମଧ୍ୟରେ ଏମ୍ପାୟର ଷ୍ଟେଟ୍ ବିଲ୍ଡିଙ୍ଗ୍ ଶିଖର ସଦୃଶ । ଏ ସବୁଥିରେ ବିରାଟତା ଅଛି, ବିଭବର ଆଡ଼ମ୍ବର ଅଛି, ବୈଚିତ୍ର୍ୟ ମଧ୍ୟ ଅଛି । ମାତ୍ର ୱାଶିଙ୍ଗଟନ୍‌ରେ ସୌନ୍ଦର୍ଯ୍ୟ ଅଛି, ଗାମ୍ଭୀର୍ଯ୍ୟ ଅଛି, ସୌଷ୍ଠବ ଅଛି । ସେଠାରେ ଏକ ମହତ୍ତ୍ୱପୂର୍ଣ୍ଣ ପରିବେଶ ଅଛି । ନ୍ୟୁୟର୍କରେ ଏ ସବୁ ନାହିଁ । ଏଠାରେ ଉଦ୍ୟୋଗ, ବାଣିଜ୍ୟ, ବ୍ୟବସାୟ ଏବଂ ଆଧୁନିକ ଉପଭୋଗ ଲାଗି ନାନା ଅନୁଷ୍ଠାନ ଅଛି; ଉପକରଣ ଅଛି । ମାତ୍ର ୱାଶିଙ୍ଗଟନ୍‌ର ରମଣୀୟ ଶାନ୍ତ ସୌନ୍ଦର୍ଯ୍ୟ ଏଠାରେ ନାହିଁ । ଅଛି ବିଭବର ଉତ୍କଟ ଆଡ଼ମ୍ବର ।

ଅପରାହ୍ନରେ ଗଲୁ ଦେଖିବା ପାଇଁ ମିଳିତ ଜାତିସଂଘର ଅଟ୍ଟାଳିକା । ଏ ହର୍ମ୍ୟ ଏବଂ ଚତୁଃପାର୍ଶ୍ୱର ପରିପାଟୀ ଅନ୍ୟାନ୍ୟ ସ୍ଥାନଠାରୁ ପୃଥକ । ଏ ଅଟ୍ଟାଳିକାର କାରୁକାର୍ଯ୍ୟ ଚମତ୍କାର । ଭିତରେ ଜାତିସଂଘର ସାଧାରଣ ଆସେମ୍ବ୍ଲି, ନିରାପତ୍ତା କାଉନ୍‌ସିଲ, ସାମାଜିକ ଏବଂ ଅର୍ଥନୈତିକ କାଉନ୍‌ସିଲ୍ ଏବଂ ମାରଫତଦାର କାଉନ୍‌ସିଲ୍ ପାଇଁ ସ୍ୱତନ୍ତ୍ର ସଦନ ନିର୍ମିତ ହୋଇଛି । ସେଥିରେ ବିଭିନ୍ନ ଦେଶର ଗୁରୁକଳା ସ୍ଥାନ ପାଇଛି । ବୁଲି ଦେଖିଲୁ । ସାମାଜିକ ଏବଂ ଅର୍ଥନୈତିକ କାଉନ୍‌ସିଲ୍‌ର ଅଧିବେଶନ ଚାଲିଥାଏ । ଦର୍ଶକମାନଙ୍କ ଲାଗି ନିର୍ଦ୍ଦିଷ୍ଟ ସ୍ଥାନରେ ଯାଇ କିଛି ସମୟ ଶୁଣିଲୁ । ବାହାର, ଭିତର, ସବୁଠାରେ ସୌଷ୍ଠବ, ରମଣୀୟତା ପୂରି ରହିଛି । ନ୍ୟୁୟର୍କର ଅନ୍ୟାନ୍ୟ ସ୍ଥାନ ଏବଂ ଅଟ୍ଟାଳିକାଠାରୁ ଏହାର ବହୁ ପାର୍ଥକ୍ୟ । ୱାଶିଙ୍ଗଟନ୍‌ର କାପିଟଲ୍ ପରି ଜାତି ସଂଘ ଅଟ୍ଟାଳିକାରେ ଗାମ୍ଭୀର୍ଯ୍ୟ ଅଛି । ଭିତର ପରିପାଟୀ ଶାନ୍ତ ଏବଂ ମହିମାମୟ । ଏହାର ତାତ୍ପର୍ଯ୍ୟ ସୁସ୍ପଷ୍ଟ । ଭିତରେ ବୁଲି ଦେଖିଲେ ଆନନ୍ଦ ଲାଗେ । ବିଭିନ୍ନ ରାଷ୍ଟ୍ର ମଧ୍ୟରେ ବିବାଦ, ଧ୍ୱଂସମୁଖୀ ସମର ଏବଂ ଉତ୍କଟ ଦାରିଦ୍ର୍ୟରୁ ପରିତ୍ରାଣ ଲାଗି ସତେ କ'ଣ ଏ ଅନୁଷ୍ଠାନ ନିର୍ଦ୍ଦେଶ ଦେବ ? ଚିନ୍ତା ନିରୂପଣ କରି ପାରିବ ? ହର୍ମ୍ୟର ଆଭ୍ୟନ୍ତରୀଣ ପରିପାଟୀରେ ଏହାର ସଙ୍କେତ ଅଛି ।

Digitized by PPRACHIN, SOA

ଅଠଚାଳିଶ ମହଲା ବିଶିଷ୍ଟ, ବିରାଟ କାଚ ଆକାରରେ ଯେଉଁ ଜାତି ସଂଘ ସେକ୍ରେଟେରିଏଟ ନିର୍ମିତ ହୋଇଛି, ସେଥିରେ ଅଛି କେବଳ ଆଧୁନିକ ଅଫିସ ସାଜ ସରଞ୍ଜାମ । ଗୋଟିଏ ଅଦ୍ଭୁତ ପ୍ରକାର ଅଟ୍ଟାଳିକା । ଭିନ୍ନ ପରି ଦେଖା ଯାଉଛି । ନିଉୟର୍କର ଅନ୍ୟାନ୍ୟ ଅଟ୍ଟାଳିକାଠାରୁ ଭିନ୍ନ । ପୁଣି ଜାତି ସଂଘ ସୌଧର ଭିତର ପରିପାଟୀପରି ଏହା ଭିତରେ ସେ ଶାନ୍ତ ରମଣୀୟତାର ଚିହ୍ନ କିଛି ନାହିଁ ।

ଆଉ ଦିନ ନିଉୟର୍କ ସହରରେ ଆମ ପାଇଁ କୌଣସି କାର୍ଯ୍ୟକ୍ରମ ଦିଆ ଯାଇନାହିଁ । ତେଣୁ ପୁଣି ବିଭିନ୍ନ ସ୍ଥାନ ଦେଖିବାକୁ ବାହାରିଲୁ ।

ସକାଳୁ ଟାଇମ୍ ସ୍କୋୟାର୍ ପାଖରୁ ଭୂଇଁତଳ ଟ୍ରେନ୍‌ରେ ପ୍ରବେଶ କଲି । କେଉଁଠାରେ ଉପରକୁ ଉଠିବି, ଜାଣି ପାରିଲି ନାହିଁ । ବହୁ ଦୂର ଚାଲିଗଲି । ନିଉ ୟର୍କ ନଗରୀର କେନ୍ଦ୍ରସ୍ଥିତ ବିରାଟ ପାର୍କର ଶେଷ ପାଖରେ ଯାଇ ଉପରକୁ ଉଠିଲି । ନିଉୟର୍କର ଟାଇମ୍ ସ୍କୋୟାରର ଆକର୍ଷଣୀୟ ସାଜସଜ୍ଜା, ରମଣୀୟ ଉଚ୍ଚ ଅଟ୍ଟାଳିକା, ସିନେମା, ଥିଏଟର, ଦୋକାନ, ହୋଟେଲ ଇତ୍ୟାଦିର କୌଣସି ଚିହ୍ନ ସେଠାରେ ନାହିଁ । କଲିକତାର ପରିତ୍ୟକ୍ତ ଫ୍ଲାଟ୍ ପରି ବହୁ ନିଗ୍ରୋ ପରିବାରଙ୍କର ବାସସ୍ଥାନ । ଅପରିଷ୍କାର ପରିବେଶ । ଅନେକ ପିଲାଙ୍କର ପରିଧେୟ ଦାରିଦ୍ର୍ୟର ପରିଚୟକ । ଏ ବସତି ଗୁଡ଼ିକ ଦେଖିଲେ, ନିଉୟର୍କର ବିଭବ ବିସ୍ମୃତ ହେବ ନାହିଁ । ଏ ମହାନଗରୀ ଭିତରେ ଏଭଳି ବସତି ଯେ ଅଛି, ଏହା ବଡ଼ ବିଚିତ୍ର କଥା । ଏଠାରେ ଅଧିକ ସମୟ ରହି ଦେଖିବା ଲାଗି ପ୍ରବୃତ୍ତି ହେଲା ନାହିଁ । ଫେରି ଆସିଲି ।

ଉପରି ଓଳି ଗଲୁ ଦେଖିବାକୁ ରେଡ଼ିଓ ସିଟି (Radio city) । ସେଠାରେ ପ୍ରକାଣ୍ଡ ପ୍ରେକ୍ଷା ଗୃହ । ହଜାର ହଜାର ଲୋକ ବସିବା ପାଇଁ ବ୍ୟବସ୍ଥା କରାଯାଇଛି । ଚାରି ପଟରେ ଗ୍ୟାଲେରୀ । ମଝିରେ ବିରାଟ ମଞ୍ଚ । ତଳେ ବୁଡ଼ିଥାଏ । କ୍ରମେ କ୍ରମେ ଉପରକୁ ବାହାରି ଆସେ । ନାନା

Digitized by PPRACHIN, SOA

ବିଧ ଯାନ୍ତ୍ରିକ ବ୍ୟବସ୍ଥା । ଏକ ସମୟରେ ପାଞ୍ଚ ଶହ ନର୍ତ୍ତକୀ ମଞ୍ଚଉପରେ ନୃତ୍ୟ କରି ପାରନ୍ତି । ନାନା ପ୍ରକାର ଆଲୋକ ସଜ୍ଜା । ପ୍ରତ୍ୟେକଟି ଦୃଶ୍ୟ ଆକର୍ଷଣୀୟ । ଏହିଟି ଏକ ପ୍ରସିଦ୍ଧ ରମଣୀୟ ପ୍ରେକ୍ଷାଳୟ । ମାତ୍ର ପାରିସ୍‌ର ଅପେରାକୁ ଅନୁକରଣ କରିବା ସାଧ୍ୟାତୀତ । ପାରିସ୍ କଳାର ଆକର । ତେବେ ମଧ୍ୟ ନାନା ବିଧ ମନୋମୁଗ୍ଧକର ଦୃଶ୍ୟ ଲାଗି ଏ ପ୍ରାସାଦ ସଜ୍ଜିତ ହୋଇଛି । ଏହାକୁ ନ ଦେଖିଲେ ନିଉୟର୍କ ଦେଖା ଅସମ୍ପୂର୍ଣ୍ଣ ରହିବ ।

ନିଉୟର୍କର ରହଣି ଶେଷ ହେଲା । ମାତ୍ର ଦୁଇଦିନ ପାଇଁ ଏଠାକୁ ଆସିଥିଲୁ । ପୁଣି ଥରେ ଆସିବାକୁ ହେବ । ପର ଦିନ ସାଢ଼େ ଦଶଟା ବେଳେ ହୋଟେଲ୍ ଛାଡ଼ି ରେଲ ଷ୍ଟେସନକୁ ଆସିଲୁ । କେଜାଣି କାହିଁକି ଷ୍ଟେସନରେ ପହଞ୍ଚିଲା ବେଳଠାରୁ ଅନେକ ଭୁଲ ଭାଲ ହୋଇ ଯାଉଛି । ପକେଟ୍‌ରେ ହାତ ପୂରାଇ ଦେଖେ ତ ହୋଟେଲ୍‌ର ରୁମ୍ ଚାବିଟା ରହି ଯାଇଛି । ଫେରାଇ ଦେଇ ଆସିବାକୁ ଭୁଲି ଯାଇଛି । ଖରାପ ଲାଗିଲା । ଚାବିଟାକୁ ଧରି ଚାହିଁଥାଏ । ଷ୍ଟେସନ୍‌ରେ ଜଣେ ଭଦ୍ର ମହିଳା କହିଲେ, ସେ ଚାବିଟାକୁ ଡାକ ବାକ୍ସରେ ପକାଇ ଦେଲେ ହୋଟେଲ୍‌କୁ ଚାଲିଯିବ । ଦେଖିଲି,ଚାବି ସାଙ୍ଗରେ ଯେଉଁ ପିତଳ ପାତିଆ ଖଣ୍ଡିକ ଗୁନ୍ଥା ହୋଇଛି, ସେଥିରେ ହୋଟେଲର ନାମ ଲେଖା ହୋଇଛି । ପଛ ପଟରେ ଲେଖା ଯାଇଛି—ଚାବି ହୋଟେଲରେ ପହଞ୍ଚିଲେ ଡାକଖର୍ଚ୍ଚ ହୋଟେଲ୍ ଦେବ । ଷ୍ଟେସନରେ ଡାକବାକ୍ସ ଅଛି । ସେଥିରେ ଚାବିଟିକୁ ପକାଇ ଦେଲି ।

ସମସ୍ତେ ପ୍ଲାଟଫର୍ମ ଉପରକୁ ଚାଲିଲେ । ସୁଟ୍‌କେଶ ଦୁଇଟା ହାତରେ ଧରି ମୁଁ ମଧ୍ୟ ଚାଲିଲି । ଟ୍ରେନ୍ ଭିତରେ ପ୍ରବେଶ କଲାବେଳକୁ ଜଣେ ଭଦ୍ରମହିଳା କହିଲେ, ଏ ଓଭର କୋଟଟି କେହି ପ୍ରତୀକ୍ଷା ହଲରେ ଛାଡ଼ି ଆସିଥିଲେ । ଦେଖିଲି, ମୋର ଓଭର କୋଟ । ବହୁ ଧନ୍ୟବାଦ ଦେଲି । ଆମ ଦେଶ ହୋଇଥିଲେ କେଉଁଆଡ଼େ ଚାଲି ଯାଇଥାନ୍ତା । ଟ୍ରେନ୍‌ରେ ଆସି ବସିଲି ।

Digitized by PPRACHIN, SOA

ଆସିବାର କଥା ଆଲ୍‌ବାନି (Albany) । ଏ ସହର ନିଉୟର୍କ ଷ୍ଟେଟ୍‌ର ରାଜଧାନୀ । ନିଉୟର୍କ ନଗରୀଠାରୁ ପ୍ରାୟ ୧୫୦ ମାଇଲ (୨୪୦ କିଲୋମିଟର) ଦୂରରେ ଅବସ୍ଥିତ । ସାଢ଼େ ତିନି ଘଣ୍ଟା ଲାଗିଲା । ହଡସନ ନଦୀର କୂଳେ କୂଳେ ଟ୍ରେନ୍ ଚାଲିଲା । ଖୁବ୍ ବଡ଼ ନଦୀ । ମଝିରେ ମଝିରେ ଗୋଟିଏ ଗୋଟିଏ ହ୍ରଦ ଅଛି । ଅର୍ଥାତ୍, ସେଠାରେ ନଦୀ ଅତି ପ୍ରଶସ୍ତ । ମଟର ବୋଟରେ ଲୋକେ ସ୍ଥାନେ ସ୍ଥାନେ କ୍ରୀଡ଼ା-ରତ । କୂଳେ କୂଳେ ବିଭିନ୍ନ ସ୍ଥାନରେ କାରଖାନା । ସବୁଆଡ଼େ ଯାନ୍ତ୍ରିକ ସଭ୍ୟତା ବ୍ୟାପିଛି ।

ଏ ଦେଶରେ ଯେଉଁଆଡ଼େ ଟ୍ରେନ୍‌ରେ ଗଲେ ଦେଖାଯାଏ ବିସ୍ତୀର୍ଣ୍ଣ ବନରାଜି । ବଡ଼ ବଡ଼ ବୃକ୍ଷ । ମାଇଲ ମାଇଲ ଧରି ବଡ଼ ବଡ଼ ଦ୍ରୁମ ସବୁଆଡ଼େ । ଭାରତବର୍ଷରେ ଅନେକ ସ୍ଥାନରେ ବଣ ଜଙ୍ଗଲ ଅଛି । ଆମେରିକା ଶିଳ୍ପ ପ୍ରଧାନ ଦେଶ । ମନେ ହେଉଥିଲା, ଏଠାରେ ବୋଧହୁଏ ଆଉ ନିବିଡ଼ ବନଭୂମି ଦେଖିବାକୁ ମିଳିବ ନାହିଁ । ମାତ୍ର ଏଠାରେ ବନରାଜି ଭରପୂର ହୋଇ ରହିଛି ।

ଦ୍ୱିପହରେ ସମୟରେ ଆସି ଅଲ୍‌ବାନି ସହରରେ ପହଞ୍ଚିଲୁ । ଛୋଟ ସହର । ଅର୍ଥାତ୍, ନିଉୟର୍କ ଏବଂ ଓ୍ୱାଶିଂଟନ ପରି ନୁହେଁ । ନ ହେବାର କଥା । କଳକାରଖାନା ନାହିଁ । ଲୋକାରଣ୍ୟ ନୁହେ । ମାତ୍ର ସବୁଆଡ଼େ ମଟର ଗାଡ଼ି ମାଳ ମାଳ । ନିଉୟର୍କ ନଗରୀ ନିଉୟର୍କ ରାଜ୍ୟର ରାଜଧାନୀ ନୁହେ । ସେ ବିରାଟ ସହରର ସବୁଆଡ଼େ ଫାକ୍ଟ୍ରୀ, କଳକାରଖାନା । ଧୂଆଁରେ ଧୂଆଁରେ ପରିପୂର୍ଣ୍ଣ । ବାଣିଜ୍ୟ ବ୍ୟବସାୟର କେନ୍ଦ୍ର । ସବୁବେଳେ ଲୋକାରଣ୍ୟ । ଏଠାରେ ରାଜଧାନୀ କରିବା ହେବ ଅବିବେକତା । ତେଣୁ ବହୁଦୂରରେ, ଆଲ୍‌ବାନି ସହରରେ ରାଜଧାନୀ କରାଯାଇଛି । ଆମ ଦେଶରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କର ରାଜଧାନୀ ଉଦ୍ୟୋଗ କେନ୍ଦ୍ରରେ ପରିଣତ ହୋଇଛି ।

ମନେ ପଡ଼ିଲା, ସ୍ୱାଧୀନତା ପୂର୍ବରୁ ଡ. କେ. ଗୋଖଲେ ଓଡ଼ିଶା ଗଭର୍ଣ୍ଣରଙ୍କର ପରାମର୍ଶଦାତା ଥିଲେ । କଟକ ନାରୀସେବା ସଦନରେ ତାଙ୍କର

Digitized by PPRACHIN, SOA

ଯୁଦ୍ଧୋତ୍ତର ଯୋଜନା ଉପସ୍ଥାପନ କରିଥିଲେ । ମୁଁ ସେଠାରେ ଉପସ୍ଥିତ ଥିଲି । ତାଙ୍କ ଯୋଜନା ଅନୁଯାୟୀ, ଚଉଦ୍ୱାର ହୋଇଥାନ୍ତା ଉଦ୍ୟୋଗ କେନ୍ଦ୍ର, କଟକ ବ୍ୟବସାୟ କେନ୍ଦ୍ର, ବାରଙ୍ଗ ଶିଳ୍ପ କେନ୍ଦ୍ର ଏବଂ ଭୁବନେଶ୍ୱର ପ୍ରଶାସନ କେନ୍ଦ୍ର । ପ୍ରଶାସନିକ କେନ୍ଦ୍ର ଉଦ୍ୟୋଗ ଏବଂ ବାଣିଜ୍ୟରେ କଳୁଷିତ ହେବ ନାହିଁ ବୋଲି ସେ କଳନା କରିଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ସରକାର ଏହାକୁ ବ୍ରିଟିଶ ରାଜତ୍ୱର ଅବଶେଷ ବୋଲି ପ୍ରତ୍ୟାଖ୍ୟାନ କରିଦେଲେ ।

ଆଲ୍‌ବାନୀ ନିଉୟର୍କ ଷ୍ଟେଟ୍‌ର ରାଜଧାନୀ । ଲୋକସଂଖ୍ୟା ଦେଡ଼-ଲକ୍ଷ । ଛୋଟ ସହର । ମାତ୍ର ସ୍କୁଲ୍ କଲେଜ ଡାକ୍ତରଖାନା ପ୍ରଭୃତି ସକଳ ବ୍ୟବସ୍ଥା କରାଯାଇଛି । ଶିକ୍ଷା ବିଭାଗକୁ ଗଲି । ଏକ ବିରାଟ ଅଟ୍ଟାଳିକା । ସେଥିରେ ଶିକ୍ଷା କମିସନଙ୍କ ଅଫିସ ରହିବାର କଥା । ମାତ୍ର ସେଥିସଙ୍ଗେ ରହିଛି ଲାଇବ୍ରେରୀ, ମ୍ୟୁଜିଅମ, ଯାବତୀୟ ଉପକରଣ । ଏଠାରେ ପ୍ରାଥମିକ ଶିକ୍ଷାଠାରୁ କଲେଜ ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନ ଲାଗି ବ୍ୟବସ୍ଥା କରାଯାଏ । ଏ ରାଜ୍ୟର ଏହା ଏକ ବୈଶିଷ୍ଟ୍ୟ । ଅନ୍ୟତ୍ର ଏପରି କେନ୍ଦ୍ରୀଭୂତ ବ୍ୟବସ୍ଥା କରାଯାଇନାହିଁ ।

ତା'ପରେ ଦେଖିବାକୁ ଗଲୁ ଷ୍ଟେଟ୍‌ର ବିଧାନ ସୌଧ । ସୁନ୍ଦର ମାର୍ବଲ ପ୍ରସ୍ତରରେ ନିର୍ମିତ ଏ ଭବନ । ଏ ଭବନରେ କାରୁକାର୍ଯ୍ୟ ଅଛି । ଆଡ଼ମ୍ବର ଅଛି । ପ୍ରତି ସଦସ୍ୟଙ୍କ ପାଇଁ ସ୍ୱତନ୍ତ୍ର କୋଠରୀ । ଗଣତନ୍ତ୍ର ଶାସନରେ ବ୍ୟବସ୍ଥା ସଦନ ସବୁଠାରୁ ସୁନ୍ଦର ଏବଂ ସୁବୃହତ୍ ହେବାର କଥା । ସେ ସୌଷ୍ଠବ ଏଠାରେ ପ୍ରଦର୍ଶିତ ହୋଇଛି । ସିଡ଼ିର ଆରମ୍ଭରେ ଲେଖାଯାଇଛି, "ନିୟୁତ ଡଲାର ସିଡ଼ି" । "Million dollar staircase." ଏବେ ବୋଧହୁଏ ଲେଖା ହୁଅନ୍ତା "Billion dollar" । ହଜାର ନିୟୁତ ଡଲାର । ନିୟୁୟର୍କରେ ସବୁ ବଡ଼, ସବୁ ବିରାଟ । ସେ ପୁଣି ପ୍ରଗତିଶୀଳ ହୁଏ ।

Digitized by PPRACHIN, SOA

ବୋଷ୍ଟନ—ମାସାଚୁସେଟସ୍

ସେଦିନ ସେପ୍ଟେମ୍ବର ୧୭ ତାରିଖ । ଆଲବାନିରୁ ବିମାନରେ ଗଲୁ ବୋଷ୍ଟନ୍ । ଘଣ୍ଟାଏ ଦଶ ମିନିଟ ଲାଗିଲା । ଆମ ପାଇଁ ନିର୍ଦ୍ଧାରିତ ହୋଟେଲରେ ରହିଲୁ । ଏଠାରେ ତିନି ସପ୍ତାହରୁ ଅଧିକ କାଳ ରହିବାକୁ ହେବ । ଏହିଟି ଆମେରିକାର ଶ୍ରେଷ୍ଠ ଏବଂ ସର୍ବବୃହତ ଶିକ୍ଷା କ୍ଷେତ୍ର ଏବଂ ସଂସ୍କୃତି ପୀଠ । ଏହିଟି ମାସାଚୁସେଟସ୍ ରାଜ୍ୟର ରାଜଧାନୀ ଏବଂ ଏକ ପ୍ରଧାନ ବନ୍ଦର । ଇଂରେଜମାନେ ପ୍ରଥମେ ଏହିଠାରେ ବସତି ସ୍ଥାପନ କରିଥିଲେ । ଏ ଅଞ୍ଚଳକୁ ନିଉ ଇଂଲଣ୍ଡ କୁହାଯାଉଥିଲା । ବ୍ରିଟିଶ କବଳରୁ ମୁକ୍ତ ହେବାପାଇଁ ଯେଉଁ ସଂଗ୍ରାମ ହୋଇଥିଲା, ବୋଷ୍ଟନ୍ ସେଥିରେ ହୋଇଥିଲା ଅଗ୍ରଣୀ ।

ଏଠାରେ ପହଞ୍ଚିଲା ବେଳଠାରୁ ଅବିରତ ବର୍ଷା ଲାଗିଥାଏ । ପ୍ରଥମ ଦିନ ସକାଳେ ହାରଓ୍ୱାର୍ଡ୍ ୟୁନିଭରସିଟିର ମାର୍ଶାଲ ଏବଂ ଆଉ କେତେ ଜଣଙ୍କ ସହିତ ଦେଖା କରିବାର କଥା । କୌଣସିମତେ ବାହାରିଲୁ । ବର୍ଷାରେ ପୂରାପୂରି ଭିଜି ଗଲୁ । ଚାରିଟାବେଳକୁ ଜୁଡ଼ୁବୁଡ଼ୁ ହୋଇ ଫେରିଲୁ । ଅବିରତ ବର୍ଷା ଲାଗିଥାଏ । ଆମ ଦେଶର ମୌସୁମୀ ବର୍ଷାପରି ଝଡ଼ବର୍ଷା । ଖୁବ୍ ଶୀତ । ଭାରି ଥଣ୍ଡା । କିଛି କାମ କରି ହେଲା ନାହିଁ । ବର୍ଷା ଲାଗିଥାଏ । ପରଦିନ ଭୂଇଁ ତଳ ଟ୍ରେନ୍‌ରେ ଯାଇ କିଛି ସମୟ ବଜାରରେ ବୁଲି ଆସିଲି । ନିଉୟର୍କ ଏବଂ ଓ୍ୱାଶିଙ୍ଗଟନ୍ ପରି ବୋଷ୍ଟନ୍‌ର ରାସ୍ତାଗୁଡ଼ିକ ସିଧା ଏବଂ ସମାନ୍ତରାଳ ନୁହେଁ । ଯାତାୟାତ ଶୃଙ୍ଖଳିତ ନୁହେଁ । ଜଣେ ଭଦ୍ରଲୋକ ମନ୍ତବ୍ୟ ଦେଲେ, ଇଂରେଜ ଲୋକେ ଏହି ନଗରୀଟିକୁ ଭଲ ପାଆନ୍ତି । ତାଙ୍କ ଦେଶରେ ସେମାନେ ଏହି ପରିବେଶରେ ଅଭ୍ୟସ୍ତ ।

Digitized by PPRACHIN, SOA

ବର୍ଷା ଗ୍ଲଡ଼ ଯାଇଛି । ପରଦିନ ହାରଓ୍ୱାର୍ଡ଼ ୟୁନିଭରସିଟିକୁ ଗଲି । ସେଦିନ ନାମ ଲେଖା ହେବ । ଯେଉଁମାନେ ଏଠାରେ ପ୍ରବେଶ କରିବା ଲାଗି ଆସିଥାନ୍ତି, ସେମାନେ ଗୋଟିଏ ବିସ୍ତୀର୍ଣ୍ଣ କକ୍ଷରେ ସମବେତ ହୋଇଥାନ୍ତି । ତିନିଜଣ ଅଧ୍ୟାପକ ଏମାନଙ୍କୁ ପରାମର୍ଶ ଦେଉଥାନ୍ତି । ହାରଓ୍ୱାର୍ଡ଼ରେ କ'ଣ ପଢ଼ିବାକୁ ହେବ, କପରି ବିଷୟ ବାଛିବାକୁ ହେବ, କପରି ଚଳିବାକୁ ହେବ, କପରି ଶୃଙ୍ଖଳା ଭିତରେ ରହିବାକୁ ହେବ, ଇତ୍ୟାଦି । ବକ୍ତୃତା ଶୁଣିଲି । ଶୁଣିବାକୁ ଭଲ ଲାଗିଲା । ଛାତ୍ର-ମାନେ ନୂଆ ଆସିଛନ୍ତି ପଢ଼ିବାକୁ । କଲେଜ ଜୀବନର ଆରମ୍ଭ । ଅତି ଆଗ୍ରହରେ ଶୁଣୁଥାନ୍ତି । ବକ୍ତାମାନେ ମଧ୍ୟ ପୂର୍ଣ୍ଣପ୍ରାଣରେ ପରାମର୍ଶ ଦେଉଥାନ୍ତି ।

ଆଉ ଗୋଟିଏ କକ୍ଷରେ ଛାତ୍ରମାନେ ନାମ ରେଜିଷ୍ଟ୍ରି କରିବାକୁ ଗଲେ । ଆଗରୁ ପ୍ରତ୍ୟେକଙ୍କ ପାଇଁ ଫର୍ମ ଇତ୍ୟାଦି ସବୁ ଫମାନ୍ୱୟରେ ରଖାଯାଇଛି । ପ୍ରତ୍ୟେକ ଛାତ୍ର ତାଙ୍କର ଫର୍ମ ନେଇ ପୂରଣ କରୁଥାନ୍ତି । ତାଙ୍କର ଦେୟ ସବୁ ଚେକ୍‌ରେ (Cheque) ଦେଉଥାନ୍ତି । ବିଭିନ୍ନ ଛାତ୍ର ଅନୁଷ୍ଠାନର ଉଦ୍ୟୋକ୍ତାମାନେ ତାଙ୍କ ସମିତି ପାଇଁ ଚାନ୍ଦା ସଂଗ୍ରହ କରୁଥାନ୍ତି ।

ହାରଓ୍ୱାର୍ଡ଼ କଲେଜରେ କେବଳ ପୁରୁଷମାନେ ପଢ଼ନ୍ତି । ସମସ୍ତେ ହଷ୍ଟେଲରେ ରହନ୍ତି । ପ୍ରଥମ ବର୍ଷ ଲମ୍ବା ଲମ୍ବା ହଲରେ ରହିବାକୁ ହୁଏ । ପରବର୍ଷଠାରୁ ଦୁଇଜଣିଆ ଘର ମିଳେ । ସମସ୍ତେ ନିଜ ନିଜର ବ୍ୟବସ୍ଥା କରନ୍ତି । କାହାରି ସାହାଯ୍ୟ ମିଳେ ନାହିଁ । କିଛି ଦୂରରେ ରାଡ଼କ୍ଲିଫ ମହିଳା କଲେଜ । ଛାତ୍ର ଏବଂ ଛାତ୍ରୀଙ୍କ ପାଇଁ ପୃଥକ କଲେଜ । ଯୁଦ୍ଧ ପୂର୍ବରୁ ଛାତ୍ର ଓ ଛାତ୍ରୀମାନେ ଏକାଠି ପଢ଼ୁ ନ ଥିଲେ । ହାରଓ୍ୱାର୍ଡ଼ର ଅଧ୍ୟାପକମାନେ ଯାଇ ରାଡ଼କ୍ଲିଫରେ ପଢ଼ାଉଥିଲେ । ଯୁଦ୍ଧ ପରଠାରୁ ସମସ୍ତେ ହାରଓ୍ୱାର୍ଡ଼ରେ ଏକାଠି ପଢ଼ୁଛନ୍ତି । ମାତ୍ର ରାଡ଼କ୍ଲିଫ୍‌ର ଛାତ୍ରୀମାନଙ୍କୁ ହାରଓ୍ୱାର୍ଡ଼ର ଉପାଧି ଦିଆଯାଏ ନାହିଁ ।

Digitized by PPRACHIN, SOA

ଯେଉଁଠାରେ ଛାତ୍ରମାନେ ନାମ ରେଜିଷ୍ଟ୍ରେସନ୍ କରୁଥିଲେ, ସେଠାରେ କେତେଜଣ ରାଡ୍‌କ୍ଲିଫ୍ ଛାତ୍ରୀ ଠିଆହୋଇ ଛାତ୍ରମାନଙ୍କୁ ଦେଖୁଥିଲେ। ଏଇଟି ସାଧାରଣ କଥା। ମାତ୍ର ସେଥିମଧ୍ୟରୁ ଦୁଇଜଣ ଛାତ୍ର ରାଡ୍‌କ୍ଲିଫ୍‌ର ନବାଗତା ଛାତ୍ରୀମାନଙ୍କର ନାମ ଏବଂ ଫଟୋ ଆଣି ବିତରଣ କରୁଥିଲେ। ପ୍ରିନ୍‌ସଟନରେ କୋଡ଼ିଏ ମାଇଲ୍ ଭିତରେ କୌଣସି ଛାତ୍ରୀ ହାଇସ୍କୁଲ ନ ଥିଲା। ଛାତ୍ରମାନେ ସପ୍ତାହ ଶେଷବେଳକୁ ସେଠାକୁ ଯାଉଥିଲେ। ମାତ୍ର ହାରଭାର୍ଡ଼ର ଅତି ନିକଟରେ ରାଡ୍‌କ୍ଲିଫ୍ ମହିଳା କଲେଜ। ଏଠାରେ କଲେଜ ଜୀବନରେ ଏ ସବୁ ସାଧାରଣ ସାମାଜିକ ନୀତି। ଏହା ଅପରିହାର୍ଯ୍ୟ। ଏ ଦେଶରେ ବାପ ମା ପୁତ୍ର କନ୍ୟାଙ୍କର ବିବାହ ସ୍ଥିର କରନ୍ତି ନାହିଁ। ଏଠାରେ ତରୁଣ ତରୁଣୀଙ୍କର ଅବାଧ ମିଳନ ଲାଗି ସୁଯୋଗ ନ ମିଳିଲେ ବିବାହ ହେବ କିପରି ?

ଏଠାରେ ଛାତ୍ର ଜୀବନ ବିଲାତର କେମ୍ବ୍ରିଜ ଭଳି ନିୟନ୍ତ୍ରିତ। ହଷ୍ଟେଲରେ ଚାକର ପ୍ରକାଶ ନାହାନ୍ତି। ଛାତ୍ରମାନେ ନିଜ ନିଜର ପ୍ରକୋଷ୍ଠ, ସ୍ନାନାଗାର, କମୋଡ଼ ଇତ୍ୟାଦି ସଫା କରନ୍ତି। ନିଜର ଖାଦ୍ୟ ପ୍ରସ୍ତୁତ କରନ୍ତି। କେହି ତତ୍ତ୍ୱାବଧାରକ ନାହାନ୍ତି। ହାରଭାର୍ଡ଼ ହଷ୍ଟେଲ ଏବଂ ରାଡ଼କ୍ଲିଫ୍ ହଷ୍ଟେଲରେ ଏକାପରି ବ୍ୟବସ୍ଥା। ଅନେକ ଛାତ୍ର ଛାତ୍ରୀ କଲେଜରେ ଏବଂ ଛାତ୍ରାବାସରେ ବିଭିନ୍ନ କାର୍ଯ୍ୟ କରନ୍ତି ଏବଂ ସେଥିପାଇଁ ଘଣ୍ଟାକୁ ଦେଡ଼ ଡଲାର୍ ହିସାବରେ ଉପାର୍ଜନ କରନ୍ତି। ହାରଭାର୍ଡ଼ ଏକ ବିସ୍ତୀର୍ଣ୍ଣ ବିଶ୍ୱବିଦ୍ୟାଳୟ। ଏହାର୍ ଗଛ ପତ୍ର ଘାସ ପଡ଼ିଆ ସବୁ ସୁନ୍ଦର ଏବଂ ପରିଷ୍କାର କରି ରଖିବାକୁ ହେବ। ଘାସ ପଡ଼ିଆରେ ସ୍ଥାନେ ସ୍ଥାନେ ଘାସକଟା ଯନ୍ତ୍ର ପଡ଼ିଥାଏ। ଛାତ୍ରମାନେ କ୍ଲାସ ନ ଥିଲା ବେଳେ ସେଇ ଯନ୍ତ୍ର ଚଲାଇ ଘାସ କାଟନ୍ତି। ଘଣ୍ଟାଏ କାମ କଲେ ଦେଢ଼ ଡଲାର ମିଳିଯାଏ। ସେଥିରେ ହୁଏତ ରାଡ଼କ୍ଲିଫ୍‌ର ସଙ୍ଗିନୀଙ୍କ ସହିତ ସିନେମା ଦେଖନ୍ତି। ଛାତ୍ରୀ ହଷ୍ଟେଲ୍‌ରେ ଫୋନ୍ ଅଛି। କୌଣସି ପ୍ରଫେସର୍ ଏବଂ ତାଙ୍କ ସ୍ତ୍ରୀ ସିନେମା କି ଥିଏଟର ଦେଖିଯିବେ। ଘରେ ଗୋଟିଏ ଶିଶୁ ସନ୍ତାନ। ଛାଡ଼ିକରି ଯିବେ କିପରି ? ଛାତ୍ରୀ ହଷ୍ଟେଲ୍‌କୁ ଫୋନ୍ କଲେ ଜଣେ ଛାତ୍ରୀ ଆସିବେ। ସେ ଶିଶୁ ପାଳନ ଶିଖିଛନ୍ତି। ତାଙ୍କୁ Baby

Digitized by PPRACHIN, SOA

sitter କୁହାଯାଏ । ପିଲଟିର ଯତ୍ନ ନେବେ । ପିଲଟିର ପିତାମାତା ଫେରିଆସିଲେ ଛାତ୍ରୀଟିକୁ ଘଣ୍ଟା ହାରରେ ପ୍ରାପ୍ୟ ମିଳିବ । ଏ ସବୁ ପୂର୍ଣ୍ଣାଙ୍ଗ ଶିକ୍ଷା ସହିତ ସଶ୍ଳିଷ୍ଟ । ଆତ୍ମନିର୍ଭରଶୀଳତାର ଉପାଦାନ ।

ୟୁନିଭରସିଟିର ପରିସର ଭିତରେ ବୁଲି ଦେଖିଲି । ଅତି ବିସ୍ତୀର୍ଣ୍ଣ । ବିଭିନ୍ନ ବିଭାଗୀୟ ସାହାଲାଗୁଡ଼ିକ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ତିଆରି ହୋଇଛି । ଏଠାରେ ବହୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଅଧ୍ୟାପକ ଅଛନ୍ତି । ବହୁ ପରୀକ୍ଷା ନିରୀକ୍ଷା କରି ଛାତ୍ର ଗ୍ରହଣ କରିଯାଏ । ଆମେରିକାରେ କଲେଜ, ୟୁନିଭରସିଟିର ସଂଖ୍ୟା ପ୍ରାୟ ଦୁଇହଜାର ପାଞ୍ଚଶହ । ଅର୍ଥର ଅଭାବ ନାହିଁ । ମାତ୍ର ସବୁ ଅନୁଷ୍ଠାନର ମାନ ସମାନ ନୁହେ । ପ୍ରାୟ ଦଶଟି ୟୁନିଭରସିଟି ଅତି ଉଚ୍ଚସ୍ତରୀୟ । ଇଂଲଣ୍ଡର କେମ୍ବ୍ରିଜ, ଅକ୍ସଫୋର୍ଡ ପରି ଆମେରିକାର ପ୍ରିନ୍ସଟନ୍ ଏବଂ ହାର-ଭାର୍ଡ ଶୀର୍ଷସ୍ଥାନୀୟ । କେମ୍ବ୍ରିଜର ସଦନଗୁଡ଼ିକ କାନ୍ଥରେ ଗୋଟିଏ ପ୍ରକାର ଲତା ମାଡ଼ିଥାଏ । କାନ୍ଥଗୁଡ଼ିକ ଲତାର ଆବରଣ ଭିତରେ ଲୁଚିଥାଏ । ଏ ଲତାର ନାମ ଆଇଭି (ivy) । ଏଇ ଆଇଭି ଲତାଗୁଡ଼ିକ ୟୁନିଭରସିଟିର ସଙ୍କେତ । ଆମେରିକାର ଶୀର୍ଷସ୍ଥାନୀୟ ୟୁନିଭରସିଟି-ଗୁଡ଼ିକ ଗୋଟିଏ ଆଇଭି ଲିଗ୍ (ivy League) ଗଠନ କରିଛନ୍ତି । ଏଗୁଡ଼ିକ କୁଳୀନ ଶ୍ରେଣୀର । ଏଥିମଧ୍ୟରୁ ପ୍ରିନ୍ସଟନ୍ ହାରଭାର୍ଡ ସବୁଠାରୁ ପ୍ରାଚୀନ ।

ବର୍ଷା ଛାଡ଼ିଗଲା । ସେ ଦିନ ଶନିବାର । ସ୍କୁଲ କଲେଜ ବନ୍ଦ । ଅଫିସ ବନ୍ଦ । ସପ୍ତାହରେ ପାଞ୍ଚଦିନ କାମ ହୁଏ । ସେଦିନ ଦୋକାନ ବଜାରରେ ଖୁବ୍ ଭିଡ଼ । ବୋଷ୍ଟନ ସହରରେ ବହୁତ ବଡ଼ ବଡ଼ ଦୋକାନ, ଡିପାର୍ଟମେଣ୍ଟ ଷ୍ଟୋର । ସେଠାରେ ସବୁ ପ୍ରକାର ଜିନିଷ ମିଳେ । ଦୋକାନ ଭିତରେ ବହୁତ ଲୋକ । ଯେତେ ଜିନିଷ ବିକ୍ରି ହେଉଛି, ଦେଖିଲେ ଆଖି ଖୋସି ହୋଇଯିବ । ରବିବାର ଦିନ ଦୋକାନ ବଜାର ବନ୍ଦ । ଅନ୍ୟ ଦିନମାନଙ୍କରେ ଦୋକାନ ଖୋଲିଥିବ ସକାଳ ନଅଟାରୁ ସନ୍ଧ୍ୟା ପାଞ୍ଚଟା ପର୍ଯ୍ୟନ୍ତ । ଶୁଣି ହେଲି, ଯେଉଁମାନେ

Digitized by PPRACHIN, SOA

ସ୍କୁଲ କଲେଜ, ଅଫିସ ଫାକ୍ଟରୀରେ କାମ କରନ୍ତି ସେମାନେ ଦୋକାନରୁ କିଣିବେ କେତେବେଳେ ? ତା'ର ଉତ୍ତର—ଯେଉଁମାନେ ଦୋକାନରେ କାମ କରୁଛନ୍ତି, ସେମାନେ କିଣୁଛନ୍ତି କେତେବେଳେ ?

ଆମ ଦେଶରେ ସାପ୍ତାହିକ ହାଟରେ ଭିଡ଼ ହୁଏ । ବହୁ ଦୂରରୁ ଲୋକେ ଆସନ୍ତି । ପରିବାପତ୍ର, ଲୁଗାପଟା, ହାଣ୍ଡି ଆଟିକା, ଝାଡ଼ୁ ଠୋକେଇ ପ୍ରଭୃତି ବିକ୍ରି ହୁଏ । ସାତ ଦିନ ପାଇଁ ଲୋକେ ଜିନିଷପତ୍ର କିଣି ନିଅନ୍ତି । ଦରିଦ୍ର ଗାଆଁ ଗହଳରେ ବିଭବ ନାହିଁ କି ଉପଭୋଗ ଲାଗି ଅବକାଶ ନାହିଁ । ତେଣୁ ହାଟ ମେଳଣରେ ମନୋରଞ୍ଜନ ପାଇଁ ଯାହା ସମ୍ଭବ କରାଯାଏ—ଡେଡେଙ୍କାଳ, ମାଙ୍କଡ଼ ନାଟ, ଭାଲୁ ନାଟ ଇତ୍ୟାଦି ।

ଆମେରିକା ବିଭବରେ ପରିପୂର୍ଣ୍ଣ । ଦୋକାନର ସାଜସଜ୍ଜା ଚମତ୍କାର । ନାନା ବିଧ ଜିନିଷପତ୍ର । ଆବଶ୍ୟକ ନ ଥିଲେ ମଧ୍ୟ କିଣିବାକୁ ଆଗ୍ରହ ହେବ । ପାଖରେ ଖାଇବାର ବ୍ୟବସ୍ଥା । ପିଇବାର ବନ୍ଦୋବସ୍ତ । ବିକିବା ଲୋକଙ୍କୁ କଥା କହିବା ଶୈଳୀ, ଗ୍ରାହକଙ୍କର ମନଭୁଲାଣିଆ ପ୍ରଣାଳୀ, ସବୁଥିରେ ତାଲିମ କରାଯାଇଛି । ଅଧିକାଂଶ ତରୁଣୀ । ଶନିବାର ଦିନ ସବୁଠାରୁ ଭିଡ଼ ।

ପରଦିନ ରବିବାର । ଆମ ପାଇଁ କିଛି କାର୍ଯ୍ୟକ୍ରମ ଦିଆ ଯାଇ ନାହିଁ । ସକାଳୁ M. I. T. କୁ (ମାସାଚୁସେଟସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲଜି) ବୁଲିବାକୁ ଗଲୁ । ଏଇଟି ଏକ ବିରାଟ ଅନୁଷ୍ଠାନ । ହାର୍‌ଭାର୍ଡ଼ଠାରୁ କିଛି ଦୂରରେ । ହାରଭାର୍ଡ଼ ଏବଂ M. I. T. ମଧ୍ୟରେ ବହୁ ପାର୍ଥକ୍ୟ । ହାରଭାର୍ଡ଼ ବିଲାତର କେମ୍ବ୍ରିଜ ଢାଞ୍ଚାରେ ତିଆରି । ଅଧିକାଂଶ କୋଠାବାଡ଼ି, ବଗିଚା, ପାହାଚ ଇତ୍ୟାଦିରେ କେମ୍ବ୍ରିଜର ଆଭାସ । ଭିତରେ ବୁଲିଲେ କେମ୍ବ୍ରିଜର କଥା ସ୍ୱତଃ ମନରେ ଆଙ୍କି ହୋଇଯାଏ । ଆମେରିକାର ଏ ଅଞ୍ଚଳଟିର ନାମ ମଧ୍ୟ କେମ୍ବ୍ରିଜ ।

Digitized by PPRACHIN, SOA

M. I. T.ର ପରିବେଶ ଅତି ଆଧୁନିକ । ଓ୍ୱାଶିଙ୍ଗଟନ୍ ଢଙ୍ଗରେ ବଡ଼ ବଡ଼ ସ୍ତମ୍ଭ । ମାର୍ବଲ ପ୍ରସ୍ତରରେ ନିର୍ମିତ । ସବୁ ଶିକ୍ଷାନୁଷ୍ଠାନରେ ଗୋଟିଏ ଗିର୍ଜା ଥାଏ । ସେ ସବୁ ପ୍ରାଚୀନ କଳା ଅନୁଯାୟୀ ନିର୍ମିତ ହୋଇଛି । ମାତ୍ର M. I. T.ର ଗିର୍ଜାଟି ବିଚିତ୍ର ନକ୍ସାରେ ନିର୍ମିତ । ଏଠାରେ ଅଟ୍ଟାଳିକା ଗୁଡ଼ିକରେ ଅଛି ଚରମ ଆଧୁନିକତା । ଖେଳପଡ଼ିଆ, ବୃକ୍ଷଲତା, ପ୍ରାନ୍ତର ପରୀକ୍ଷାଗାର ଇତ୍ୟାଦି ସମସ୍ତ ହାରଓ୍ୱାର୍ଡ଼ଠାରୁ ଭିନ୍ନ । ସେଠାରେ ଗୋଟିଏ ହ୍ରଦ କରାଯାଇଛି । ସେ ଦିନ ରବିବାର । ବହୁ ଛାତ୍ର ଜଳକ୍ରୀଡ଼ାରେ ଲାଗି ପଡ଼ିଛନ୍ତି । ମଟର ବୋଟ୍ ଅଛି, ପାଲଦିଆ ନୌକା ଅଛି ।

ସବୁଠାରେ ଆଧୁନିକ ସ୍ଥାପତ୍ୟର ସମାବେଶ । କର୍ମଶାଳା ଦେଖିବାକୁ ଗଲୁ । ବିରାଟ ପ୍ରବେଶଦ୍ୱାର । ଠେଲିଲେ ବେଳକୁ ହାତ ପାଉ ନାହିଁ । ହାରଟି ଭିତରକୁ ଚାଲି ଯାଉଛି । ଲୋକଟି ଆସିଲେ ପୁଣି ବନ୍ଦ ହୋଇ ଯାଉଛି । ଇଲେକ୍ଟ୍ରୋନିକ ବ୍ୟବସ୍ଥା କରାଯାଇଛି । ମଣିଷ ଛାଇ ପଡ଼ିଲେ କବାଟ ଆପେ ଆପେ ଖୋଲି ଯାଉଛି । ଏଇଥିରୁ ଭିତର କର୍ମଶାଳାର ସଂକେତ ।

ଉପରେ ଲେଖାଯାଇଛି, ଏ ଅନୁଷ୍ଠାନରେ ଖାଲି ଯନ୍ତ୍ରର ଛାତ ତିଆରି କରିବାକୁ ଇଂଜିନିୟର ପ୍ରସ୍ତୁତ କରାଯାନ୍ତି ନାହିଁ । ଛାତ ତଳେ କିପରି ମଣିଷ ରହିବେ, ସେ ସବୁ ମଧ୍ୟ ଶିକ୍ଷାଦିଆଯାଏ । ସେଥିପାଇଁ M. I. T. ରେ ଇଞ୍ଜିନିୟରଙ୍କ ଏବଂ ସ୍ଥାପତ୍ୟ କଳା ସହିତ ସାହିତ୍ୟ, ଅର୍ଥନୀତି, ରାଜନୀତି, ପଦାର୍ଥବିଦ୍ୟା, ମନସ୍ତତ୍ତ୍ୱ ପ୍ରଭୃତି ଶିକ୍ଷା ଦିଆଯାଏ । ଆମେରିକାରୁ ଅର୍ଥନୀତିରେ ପ୍ରଥମ ନୋବେଲ୍ ପ୍ରାପ୍ତ ସାମୁଏଲ୍ସନ (Samuelson) ଏହି ଅନୁଷ୍ଠାନରେ ପ୍ରଫେସର ।

ଏହି ଅନୁଷ୍ଠାନକୁ ଅନୁକରଣ କରି ଭାରତରେ ଖଡ଼ଗପୁର, କାନପୁର, ଦିଲ୍ଲୀ, ବମ୍ବେ; ମାଡ୍ରାଜରେ ପାଞ୍ଚଟି I. I. T. (Indian Institute of Technology) ପ୍ରତିଷ୍ଠିତ ହୋଇଛି । ଏଗୁଡ଼ିକର

Digitized by PPRACHIN, SOA

ମାନ ଅନ୍ୟାନ୍ୟ ଇଞ୍ଜିନିୟରିଙ୍ଗ୍ କଲେଜ ଠାରୁ ବହୁ ଉଚ୍ଚରେ । ଆମେ-ରିକାର M. I. T. ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛି । ଏଇଟି ଆମେରିକାର ଆଇଭି ଲୀଗ୍‌ରେ ଅନ୍ତର୍ଭୁକ୍ତ । ଏଥିରେ ପ୍ରଚୁର ଅର୍ଥ ବିନିଯୋଗ କରି ଯାଇଛି । ଆନନ୍ଦର କଥା, ଯେଉଁମାନେ ଏଠାରୁ ଶିକ୍ଷା ଲାଭ କରି ବିଭିନ୍ନ କ୍ଷେତ୍ରରେ ପ୍ରଚୁର ଉପାର୍ଜନ କରିଛନ୍ତି, ସେମାନେ ଏ ମାତୃ ଅନୁଷ୍ଠାନକୁ ବହୁ ଅର୍ଥ ଦାନ କରନ୍ତି ।

M. I, T, ର ପ୍ରେକ୍ଷାଳୟ ଆଧୁନିକ ସ୍ଥାପତ୍ୟର ଏକ ଚୂଡ଼ାନ୍ତ ନିଦର୍ଶନ । ଏହା ଭିତରେ ଦଶ ହଜାର ଦର୍ଶକ ବସି ପାରନ୍ତି । କଇଁଛ ପିଠି ପରି ଗୋଲାକାର ଭାବରେ ଏହାଟି ନିର୍ମିତ ହୋଇଛି । ତଳେ ତିନୋଟି ପରସ୍ପର ସହିତ ସଂଲଗ୍ନ ତୋରଣ । ସମଗ୍ର ଅଟ୍ଟାଳିକାଟି ମାତ୍ର ତିନୋଟି କ୍ଷୁଦ୍ର ସ୍ଥାନରେ ଭୂମି ସ୍ପର୍ଶ କରିଛି । ଦେଖିଲେ ବିଶ୍ୱାସ କରି ହେବ ନାହିଁ, ଏପରି ଏକ ବିଶାଳ ଅଟ୍ଟାଳିକା ତିନୋଟି ବିନ୍ଦୁ ଉପରେ ତିଷ୍ଠି ରହିଛି କିପରି ?

ହାରଓ୍ୱାର୍ଡ଼ରେ ଯେଉଁଠାରେ ପୋଷ୍ଟଗ୍ରାଜୁଏଟ୍ ବିଭାଗ ଅଛି, ତାକୁ କୁହାଯାଏ ଗ୍ରାଜୁଏଟ୍ ସ୍କୁଲ୍ । ଅର୍ଥନୀତି ଗ୍ରାଜୁଏଟ୍ ସ୍କୁଲରେ ଅନେକ ପ୍ରଖ୍ୟାତ ପ୍ରଫେସର । ସେମାନଙ୍କର ନାମ ଏବଂ ପୁସ୍ତକ ସହିତ ମୁଁ ପରିଚିତ । ଛାତ୍ରମାନଙ୍କ ନାମ ଲେଖା ଦିନ ମୋତେ ଗ୍ରାଜୁଏଟ୍ ସ୍କୁଲର ଖଣ୍ଡିଏ କାଲେଣ୍ଡର ମିଳିଥିଲା । ସେଥିରେ ବର୍ଷକ ପାଇଁ କାର୍ଯ୍ୟନିର୍ଘଣ୍ଟ ଦିଆ ଯାଇଛି । ମୁଁ ଗ୍ରାଜୁଏଟ୍ ସ୍କୁଲ ଅର୍ଥନୀତି ମହଲାକୁ ଯାଇଥିଲି । ସବୁ ପ୍ରଫେସର୍‌ଙ୍କ ପାଇଁ ପ୍ରଶସ୍ତ କକ୍ଷ । ସେଥିରେ ତାଙ୍କର ଲାଇବ୍ରେରୀ ଅଛି । ପାଖକୁ ଲାଗିକରି ଅଛି ତାଙ୍କ ସେକ୍ରେଟରୀଙ୍କ କକ୍ଷ । କାଲେଣ୍ଡରରେ ଦେଖିଲି ପ୍ରଫେସର୍ ସାଇମନ କୁଜନେଟ୍‌ସଙ୍କ ନାମ । ଭାରି ଆନନ୍ଦ ଲାଗିଲା । ତାଙ୍କ କକ୍ଷକୁ ଗଲି । ସେ ମୋତେ ହଠାତ୍ ଚିହ୍ନି ପାରିଲେ ।

ଦୁଇ ବର୍ଷ ତଳେ, ୧୯୫୬ ମସିହା ଡ଼ିସେମ୍ବର ମାସରେ, ରେଭେନ୍‌ସା କଲେଜରେ ଭାରତୀୟ ଅର୍ଥନୀତି ସମ୍ମିଳନୀ ଅନୁଷ୍ଠିତ

Digitized by PPRACHIN, SOA

ହୋଇଥିଲା । ସେତେବେଳେ ପ୍ରଫେସର ପରିଜା ଭାଇସ୍ ଚାନ୍‌ସେଲର୍ । ମୁଁ ସମ୍ମିଳନୀର ସେକ୍ରେଟେରୀ । କୁଜନେଟ୍‌ସ ଏ ସମ୍ମିଳନୀରେ ଯୋଗ ଦେଇଥିଲେ । ପରିଜାଙ୍କ କଥା ପଚାରିଲେ । ମୁଁ କହିଲି, ମଣ୍ଟ୍ରିଏଲ୍‌କୁ ଆସିଛନ୍ତି । ଏଠାକୁ ଆସିବେ ଶନିବାର ୨୦ ତାରିଖ ଦିନ ସନ୍ଧ୍ୟାରେ । ଆମେ ସବୁ ଥାଉ ବ୍ରାଟଲ୍ ପାନ୍ଥଶାଳାରେ (Brattle Inn) । ହାର୍-ଭାର୍ଡ଼ର ନିକଟରେ ।

ପରିଜା ନିର୍ଦ୍ଦିଷ୍ଟ ଦିନ ସନ୍ଧ୍ୟାରେ ଆସି ପହଞ୍ଚିଲେ । ସେଇଠାରେ ରହିଲେ । ସକାଳେ ତାଙ୍କୁ ସାଙ୍ଗରେ ନେଇ ଆମେ M, I. T. ଦେଖି-ବାକୁ ଗଲୁ । ସେଠାରୁ ଫେରିଲୁ ଦିନ ବାରଟା ବେଳେ ।

ଦିନ ଗୋଟାଏ ବେଳେ ପ୍ରଫେସର କୁଜନେଟ୍‌ସ ପାନ୍ଥଶାଳାକୁ ଆସି ପ୍ରଫେସର ପରିଜାଙ୍କୁ ଏବଂ ମୋତେ ତାଙ୍କ ଗାଡ଼ିରେ ତାଙ୍କ ଘରକୁ ନେଇଗଲେ । ସେଠାରେ ମଧ୍ୟାହ୍ନ ଭୋଜନ ହେଲା । ତାଙ୍କର ଝିଅ ରାଡ୍‌କ୍ଲିଫ୍‌ରେ ପଢ଼େ । ସେ ଆଉ ତା'ର ଦୁଇଜଣ ଛାତ୍ରୀବନ୍ଧୁ ମଧ୍ୟ ଆସିଥିଲେ । ବହୁତ ସମୟ କଥାବାର୍ତ୍ତା ହେଲା । ନାନା ଗଳ୍ପ ହେଲା । ଯେଉଁମାନେ ୟୁନିଭର୍ସିଟିରେ ଉଚ୍ଚ ଆସନକୁ ଉଠିଛନ୍ତି, ସେ ସମସ୍ତଙ୍କର କେତେଗୁଡ଼ିଏ ସାଧାରଣ ସଦ୍‌ଗୁଣ ଅଛି । ପିଲାଙ୍କ ପରି ସରଳ । ସବୁ-କଥା ଜାଣିବାରେ ଆଗ୍ରହ, ଆନନ୍ଦ । ଆତ୍ମବଡ଼ିମା ଆଦୌ ନାହିଁ ।

ପ୍ରଫେସର କୁଜନେଟ୍‌ସ ଭାରତୀୟ ଅର୍ଥନୀତି ଅଧିବେଶନରେ ଯୋଗ ଦେବା ପାଇଁ କଟକ ଆସିଥିଲେ । ସେ ଏବଂ ତାଙ୍କ ପତ୍ନୀ ପରିଜାଙ୍କ ଘରେ ରହିଥିଲେ । ସବୁ କଥା ମନେ ରଖିଛନ୍ତି । କଟକରେ କେଉଁ ଜିନିଷ କେଉଁଠାରେ ମିଳେ, ପରିଜାଙ୍କ ନୂଆ ଘର ତିଆରି କେତେ ଦୂର ଗଲାଣି, ତାଙ୍କ ଲେମ୍ବୁ ଗଛଟି ପୁରୁଣା ଘର ପଟେ ରହି-ଗଲା କି ନୂଆ ଘର ବଗିଚାକୁ ଆସିଲା—ଇତ୍ୟାଦି ।

ରାତିରେ ପୁଣି ତାଙ୍କ ଘରକୁ ଗଲୁ । କଫି ଖାଇଲୁ । କଫି ଟେବୁଲ ଉପରେ ଯେଉଁ ଥାଳିଆରେ (Tray) କଫି ଆସିଲା, ସେଇଟି

Digitized by PPRACHIN, SOA

ଆସିଛି ବନାରସରୁ । ଗୋଟିଏ ପେଲ୍ଟରେ ଫଳ ଥିଲା । ସେଇଟି ଆସିଛି ଜାପାନରୁ । ଯେଉଁ ଶ୍ରେଷ୍ଠ ଶ୍ରେଷ୍ଠ ଚିତ୍ରିତ ମଶିଣାରେ ଆମ ସମ୍ମୁଖରେ କଫି ଥୁଆଗଲା ସେ ସବୁ ଆସିଛି କଟକରୁ । ଗୋଟିଏ ଚିତ୍ରିତ ପାତ୍ର ଆସିଛି କାଶ୍ମୀରରୁ । ଏ ସବୁ ବର୍ଣ୍ଣନା କଲେ । ମେସିନ୍ ପ୍ରସ୍ତୁତ ପଦାର୍ଥ ସଙ୍ଗେ ଅଭ୍ୟସ୍ତ ହୋଇ ବିଭିନ୍ନ ଦେଶର ହାତ ତିଆରି କାରୁକାର୍ଯ୍ୟ ପ୍ରତି ବିଶେଷ ଆଗ୍ରହ । ଘର ଭିତରେ ବୁଲି ଦେଖାଇଲେ ଶ୍ରୀମତୀ କୁଜନେଟ୍ସ । କୌଣସିଠାରେ ଆଡ଼ମ୍ବର ନାହିଁ । ମାତ୍ର ସବୁ ସୁନ୍ଦର । ଶ୍ରେଷ୍ଠ ଶ୍ରେଷ୍ଠ ଜିନିଷ ସଂଗ୍ରହ କରିବାରେ ତାଙ୍କର ଅତ୍ୟନ୍ତ ଆଗ୍ରହ ।

କୁଜ୍‌ନେଟ୍ସ ଅର୍ଥନୀତି ବିଶାରଦ । ବହୁ ଗବେଷଣା କରିଛନ୍ତି । ତାଙ୍କର ବହୁ ପ୍ରବନ୍ଧ ଏବଂ ପୁସ୍ତକ ପ୍ରକାଶିତ ହୋଇଛି । କିଛି ବର୍ଷପରେ ସେ ଅର୍ଥନୀତିରେ ନୋବେଲ୍ ପୁରସ୍କାର ପାଇଲେ ।

ପରଦିନ ପ୍ରଫେସର ଚେମ୍ବରଲିନ୍‌ଙ୍କ (Chamberlin) ସହିତ ପ୍ରଥମେ ଦେଖା କରିବା ଲାଗି ଠିକ୍ ହୋଇଥିଲା । ସେଠାରେ ପ୍ରଫେସର ହାନସେନ୍ (A. H. Hansen) ଆସି ଯୋଗଦେଲେ । ଏ ଦୁହିଁଙ୍କ ସହିତ ମଧ୍ୟାହ୍ନ ଭୋଜନ ହେଲା । ହାନସେନ୍ ଅଳ୍ପଦିନ ତଳେ ଭାରତରୁ ଫେରିଥାନ୍ତି । ନାନା ବିଷୟରେ ପ୍ରାୟ ଦେଢଘଣ୍ଟା ଆଲୋଚନା ହେଲା । ଭାରତର ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଚାଲିଥାଏ । ସେ ମତ ଦେଲେ, ଏ ଯୋଜନାରେ ଗୁରୁ ଉଦ୍ୟୋଗ ପାଇଁ ଯେପରି ଅପର୍ଯ୍ୟାପ୍ତ ପରିମାଣରେ ସମ୍ବଳ ବିନିଯୋଗ କରିବା ଲାଗି ବ୍ୟବସ୍ଥା ହେଉଛି, ସେଇଟି ଅତିରିକ୍ତ ପରି ବୋଧ ହେଉଛି । ତାଙ୍କ ମତରେ ବାଧ୍ୟତାମୂଳକ ଶିକ୍ଷା, ଖାଦ୍ୟ ଶସ୍ୟ ଉତ୍ପାଦନ ଏବଂ ପରିବାର ନିୟନ୍ତ୍ରଣ ଅଗ୍ରାଧିକାର ପାଇବା ଉଚିତ । ଆମେରିକୀୟ କୃଷି ପ୍ରଣାଳୀ ଭାରତର ସମସ୍ୟା ସମାଧାନ କରିପାରିବ ନାହିଁ । ଜାପାନର ପ୍ରଣାଳୀ ଭାରତ ପ୍ରତି ପ୍ରଯୁଜ୍ୟ । ସେଠାରେ ଏକର ପିଚ୍ଛା ଉତ୍ପାଦନ ବହୁତ ବେଶୀ । ସାର, ବିହନ, କଠିନ ପରିଶ୍ରମ, ଅଶେଷ ଯତ୍ନ ଯୋଗୁଁ ଏହା ସମ୍ଭବ ହେଉଛି । ଏ ସବୁର ମୂଳରେ ଅଛି ବାଧ୍ୟତା-

Digitized by PPRACHIN, SOA

ମୂଳକ ଶିକ୍ଷା । ଭାରତ ଏ ଦିଗରେ ଅଧିକ ପାଣ୍ଠି ବିନିଯୋଗ କରିବା ଏକାନ୍ତ ଆବଶ୍ୟକ ।

ହାନସେନ୍ ମୋତେ ନେଇଗଲେ ଗଲ୍‌ବ୍ରେଥ୍‌ଙ୍କ (Galbraith) ପାଖକୁ । ସେ ଭାରତବର୍ଷ ବୁଲିଛନ୍ତି । କୋଣାର୍କ ଦେଖିଛନ୍ତି । ଅଳ୍ପଦିନ ତଳେ ସମୃଦ୍ଧ ସମାଜ (Affluent Society) ବୋଲି ଏକ ପୁସ୍ତକ ପ୍ରଣୟନ କରିଛନ୍ତି । ସେ ବହିଟି ଆଦୃତ ହୋଇଛି । ସେଥିରୁ ଖଣ୍ଡିଏ ବହି ମୋତେ ଉପହାର ଦେଲେ । ମୁଁ ଫେରିଲା ପରେ ନବକୃଷ୍ଣ ଚୌଧୁରୀ କପରି ଶୁଣିଲେ । ମୋ ପାଖରୁ ବହି ଖଣ୍ଡିକ ନେଇ ପଢ଼ିଲେ । ତାଙ୍କର ଅଧ୍ୟୟନ ବହୁଦୂର ପ୍ରସାରିତ । ପଢ଼ିସାରି ବହି ଖଣ୍ଡିକ ମୋ ପାଖକୁ ପଠାଇ ଦେଲେ । ତାଙ୍କ ସହିତ ମୋର ପରିଚୟ ହୋଇ ନ ଥିଲା । ମାତ୍ର ତାଙ୍କର ବିଶ୍ୱାସ ହୋଇଥିଲା, ମୁଁ ନିଶ୍ଚୟ ଏ ବହିଖଣ୍ଡିକ ସାଙ୍ଗରେ ଆଣିଥିବ ।

ଅନୁନ୍ନତ ବା ବିକାଶମୁଖୀ ଅର୍ଥନୀତି ବିଷୟରେ ଆଲୋଚନା ହେଲା । ଗଲ୍‌ବ୍ରେଥ୍‌ଙ୍କର ପ୍ରକାଶ ଭଙ୍ଗୀ ଅତି ପ୍ରଖର । ବୁଦ୍ଧିସମ୍ପନ୍ନ ଲୋକ । କହିଲେ, ଏ ମହାବିଜ୍ଞତ କଥାଟାର ଗୋଟାଏ ନିର୍ଦ୍ଦିଷ୍ଟ ଉତ୍ତର ଦିଆଯାଇ ପାରିବ ନାହିଁ । ଦକ୍ଷିଣ ଆମେରିକାରେ ଜନପିଛା ଆୟର ପରିମାଣ ଭାରତବର୍ଷଠାରୁ ଅଧିକ । ଖାଦ୍ୟ, ପରିଧେୟ ଏବଂ ବସବାସ ଭାରତବର୍ଷ ଅପେକ୍ଷା ଅଧିକ ଉନ୍ନତ । ଜୀବନ ନିର୍ବାହ ପ୍ରଣାଳୀ ଅପେକ୍ଷାକୃତ ଉଚ୍ଚତର । ମାତ୍ର ଅନ୍ୟ ଦିଗରେ ଅଛି ଅଶେଷ ପାର୍ଥକ୍ୟ । ଭାରତର ପ୍ରଶାସନ ପ୍ରଣାଳୀ ଦକ୍ଷିଣ ଆମେରିକାରେ ନାହିଁ । ବିଜ୍ଞାନ, ଅର୍ଥନୀତିରେ ଆମେରିକା ସଙ୍ଗେ ତୁଳନୀୟ ହେବା ଲୋକେ ଭାରତରେ ଅଛନ୍ତି । ଭାରତର ଅନେକ ୟୁନିଭରସିଟି ଆମେରିକା ସଙ୍ଗେ ତାଳ ଦେଇ ପାରିବ । ଦିଲ୍ଲୀ, ବମ୍ବେ ପରି ୟୁନିଭରସିଟିରେ ଅଧ୍ୟାପକ ହେଲେ ସେ ଆନନ୍ଦିତ ହେବେ । ମାତ୍ର ଦକ୍ଷିଣ ଆମେରିକାରେ ଏହା ବହୁତ ତଳେ ପଡ଼ି ରହିଛି ।

Digitized by PPRACHIN, SOA

ମୋତେ ଲାଗିଲା, ଯେପରି କଥାଟାକୁ ବୁଲାଇ ଦେଉଛନ୍ତି । ପଚାରିଲି, ବଳବଶାଳୀ ଆମେରିକାର କ'ଣ ଭାରତ ପ୍ରତି କିଛି କର୍ତ୍ତବ୍ୟ ନାହିଁ ? ସେ ଉତ୍ତର ଦେଲେ, ଭାରତବର୍ଷର ପରିସ୍ଥିତି ଆମେରିକା କଦାପି ଏଡ଼ି ଦେଇ ନ ପାରେ । ଖାଲି କେତେଟା ଉଦ୍ୟୋଗ ପାଇଁ ସମ୍ବଳ ଯୋଗାଇବା କିମ୍ବା କମ୍ୟୁନିଜିମ୍‌ର ପ୍ରତିରୋଧ ପାଇଁ ସାହାଯ୍ୟ କରିବା ମନୋବୃତ୍ତି ଆମେରିକାର ହେବ ନ ପାରେ । ଅର୍ଥନୈତିକ ସମ୍ପର୍କ ହିସାବରେ କଂଗ୍ରେସକୁ ଅଧିକ ସମ୍ବଳ ଭାରତବର୍ଷ ପାଇଁ ମଞ୍ଜୁର କରିବାକୁ ପଡ଼ିବ । ତାଙ୍କ ସଙ୍ଗରେ ଆଲୋଚନାରୁ ଦେଖିଲି, ସେ ଅତି ବିଚକ୍ଷଣ ଲୋକ । କହିବାର ପ୍ରଣାଳୀ ଏବଂ ପ୍ରକାଶର ଭଙ୍ଗୀ ଚମତ୍କାର ।

ଆମେରିକାର କଲେଜ ଏବଂ ୟୁନିଭରସିଟିରେ ପରୀକ୍ଷା ପ୍ରଣାଳୀ ବିଷୟ ପଡ଼ିଲା । ଗଲବ୍ରେଥ୍ କହିଲେ, ଆମେରିକାର ଶିକ୍ଷା ପଦ୍ଧତିରେ ପରୀକ୍ଷା ପ୍ରଣାଳୀ ସବୁଠାରୁ ନିକୃଷ୍ଟ ଅଙ୍ଗ । ସେଇଟାକୁ ତୁମେ ଗ୍ରହଣ କର ନାହିଁ । ଇଂଲଣ୍ଡରେ ପରୀକ୍ଷା ପ୍ରଣାଳୀ ପ୍ରକୃତରେ ଶିକ୍ଷା ପ୍ରଣାଳୀ । ଏ ଦେଶରେ ଘନଘନ ପରୀକ୍ଷାର ବ୍ୟବସ୍ଥା କରାଯାଇଛି, ଛାତ୍ରମାନଙ୍କୁ ଅଭ୍ୟାସରୁ ନିବୃତ୍ତ କରିବା ଲାଗି ।

ସନ୍ଧ୍ୟାରେ M. I. T. ର ପଦାର୍ଥ ବିଜ୍ଞାନ ପ୍ରଫେସର ବୁକ୍‌ନର୍ (Buochner) ଆମ ସମସ୍ତଙ୍କୁ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କରିଥିଲେ । ସେଠାକୁ ଗଲୁ । ବୁକନର୍ ଦମ୍ପତି ଭାରତବର୍ଷ ବୁଲିଛନ୍ତି । ସ୍ୱାମୀ, ସ୍ତ୍ରୀ ଦୁହେଁ ଆଗ୍ରହରେ, ସୁନ୍ଦର ଭାବରେ ଆମର ଅଭ୍ୟର୍ଥନା କଲେ । ଆଉ ଚାରିଜଣ ଆମେରିକାନ୍ ଅତିଥି ମଧ୍ୟ ଆସିଥିଲେ । ବସାଇବା, କଥାବାର୍ତ୍ତା, ଖାଦ୍ୟ ପରିବେଷଣ ସବୁ ନିଖୁଣ । ଏଠାକୁ ଆସିଲା ଦିନଠାରୁ ସବୁଠାରେ ଆମେ ଅଭ୍ୟର୍ଥନା ପାଇଛୁ । ସେ ଦିନର ଅଭ୍ୟର୍ଥନା ସମସ୍ତଙ୍କୁ ବଳିଗଲା । ଯେଉଁମାନେ ଅଧ୍ୟାପକ ହିସାବରେ ଉଚ୍ଚ ଆସନକୁ ଉଠିଛନ୍ତି, ସେମାନେ ସମସ୍ତେ ଉଦାର, ଆଗ୍ରହୀ । ସମସ୍ତଙ୍କର ଜାଣିବା ପାଇଁ ପ୍ରବଳ ଆକାଂକ୍ଷା । ଅଭିମାନ ବା ଅହଙ୍କାର ଆଦୌ ନାହିଁ । ଶ୍ରୀମତୀ ବୁକନର ଜଣ ଜଣ କରି ସମସ୍ତଙ୍କର ଚର୍ଚ୍ଚା କରୁଥାନ୍ତି ।

Digitized by PPRACHIN, SOA

ଆମ ଦେଶରେ କେହି ବିଦେଶୀ ଅତିଥି ଆସିଲେ ଆମେ ଆମର ପ୍ରାଚୀନ ଗୌରବ ବର୍ଣ୍ଣନା କରି ଗର୍ବ କରୁ । ସେମାନଙ୍କ ଦେଶ ଏବଂ ଅଭିଜ୍ଞତା ବିଷୟରେ ମନ ଦେଉନାହିଁ । ଏଥିରେ ଅଭ୍ୟର୍ଥନା ବ୍ୟାହତ ହୁଏ । ବୁକନର ଦମ୍ପତି ଦେଶ ବିଦେଶ ବୁଲି ନାନା ଛୋଟ ଛୋଟ ଜିନିଷ ସଂଗ୍ରହ କରିଛନ୍ତି । ସେଗୁଡ଼ିକ ସଜ୍ଜିତ ହୋଇ ରହିଛି । ଖାଇବା ଟେବୁଲ ମଝିରେ ଭାରତ ଏବଂ ଯୁକ୍ତରାଷ୍ଟ୍ରର ପତାକା ରଖିଲେ । କଫି ଦେଲାବେଳେ ପୃଥିବୀର ବିଭିନ୍ନ ଦେଶରୁ ସଂଗୃହୀତ ଛୋଟ ଛୋଟ ଚାମଚ ଆଣି ଥୋଇଲେ । ସୁନ୍ଦର ପରିପାଟୀ । ଭାରି ଆନନ୍ଦ ଲାଗିଲା ।

ଗଲବ୍ରେଥ୍‌ଙ୍କ ସେମିନାରକୁ ଯାଇଥିଲି । "ସ୍ୱଳ୍ପବିକଶିତ ରାଷ୍ଟ୍ରରେ ଅର୍ଥନୈତିକ ଅଭିବୃଦ୍ଧି" ଥିଲା ବିଷୟବସ୍ତୁ । କଲେଜ ଏବଂ ୟୁନିଭର-ସିଟିରେ ଶିକ୍ଷାବର୍ଷଟି ତିନୋଟି ଟର୍ମରେ ବିଭକ୍ତ । ଏ ବିଷୟଟି ଗୋଟିଏ ଟର୍ମ୍ ଚାଲିବ । ଏ ବିଷୟରେ ବିଭିନ୍ନ ସମସ୍ୟା ନିର୍ଦ୍ଦେଶିତ ହୋଇଛି । ସେ ସବୁ ସମସ୍ୟା ବିଷୟରେ ପ୍ରକାଶିତ ପ୍ରବନ୍ଧ ଏବଂ ପୁସ୍ତକମାନ ନିର୍ଦ୍ଦେଶ କରାଯାଇଛି । ଛାତ୍ରମାନେ ପ୍ରସ୍ତୁତ ହୋଇ ଆସିବେ । ସେମି-ନାରରେ ଆଲୋଚନା ହୁଏ । କେତେଜଣ ଅଧ୍ୟାପକ ମଧ୍ୟ ଆସିଥିଲେ । ଏଇଟି ପାଠ୍ୟକ୍ରମର ପ୍ରଣାଳୀ । ଏଥିରେ ଛାତ୍ରମାନଙ୍କର ମୂଲ୍ୟାୟନ ହୁଏ । ସାଇମନ୍ କୁଜନେଟ୍‌ସ ଥିଲେ । ମୁଁ ଦୁଇଘଣ୍ଟା କାଳ ରହିଲି । ଆଲୋଚନା ଭିତରେ ଜଣେ ଯୁକ୍ତିକଲେ ଯେ ଦେଶର ସଂସ୍କୃତି ସହିତ ଅର୍ଥନୈତିକ ଯୋଜନା ଜଡ଼ିତ । ଯେଉଁଠାରେ ପ୍ରାଚୀନତାକୁ ଲୋକେ ଜାବୁଡ଼ି ଧରିଥିବେ, ସେଠାରେ ପରିବର୍ତ୍ତନ ଲାଗି ପ୍ରବୃତ୍ତି ହେବ ନାହିଁ । ହୁଏତ ସତ୍ୟ; ମାତ୍ର ଅତିରଞ୍ଜିତ ।

ହାର୍ଭାର୍ଡ ବିଷୟରେ ଅଧିକ ତଥ୍ୟ ଆହରଣ କରିବାକୁ ହେବ । ମାର୍ଶାଲଙ୍କ ସହିତ ସାକ୍ଷାତ କଲି । ସେ ସବୁ ତଥ୍ୟ ବାହାର କଲେ ।

ହାର୍ଭାର୍ଡ଼୍‌ରେ ସ୍ଥାନ ପାଇବା କଷ୍ଟକର । ନାନାପ୍ରକାର ପରୀକ୍ଷା ନିରୀକ୍ଷା, ଅନୁସନ୍ଧାନ କରି ଛାତ୍ର ଗ୍ରହଣ କରାଯାଏ । ସେଠାରେ

Digitized by PPRACHIN, SOA

ଛାତ୍ର ସଂଖ୍ୟା ୪୪୦୦ । ପ୍ରତିବର୍ଷ ୧୧୦୦ ଛାତ୍ର ପ୍ରଥମ ବାର୍ଷିକ ଶ୍ରେଣୀରେ ପ୍ରବେଶ କରନ୍ତି । ସ୍ନାତକ ହେବାପାଇଁ ଚାରିବର୍ଷ ଅଧ୍ୟୟନ କରିବାକୁ ହୁଏ । ଶ୍ରେଣୀରେ କୃତକାର୍ଯ୍ୟ ହୋଇ ନ ପାରି କିମ୍ବା ଅନ୍ୟ କିଛି କାରଣରୁ ମଝିରେ କେତେକ ଛାତ୍ର ବାହାରି ଯାଆନ୍ତି । ତାଙ୍କ ସଂଖ୍ୟା ଦଶ ଜଣରୁ କୋଡ଼ିଏ ଜଣ ପର୍ଯ୍ୟନ୍ତ । ବାକି ଯେଉଁମାନେ ରହନ୍ତି, ସେମାନଙ୍କ ମଧ୍ୟରେ ଶତକଡ଼ା ୯୦ ଭାଗ କୃତକାର୍ଯ୍ୟ ହୁଅନ୍ତି, ସ୍ନାତକ ଉପାଧି ଅର୍ଜନ କରନ୍ତି । ତାଙ୍କ ସଂଖ୍ୟା ପ୍ରାୟ ୯୭୫ । ପଚାରିଲି, ଏଥିରୁ କେତେଜଣ ସରକାରୀ ଚାକିରି ପାଆନ୍ତି ? ଉତ୍ତରରେ ମାର୍ଶାଲ ପଚାରିଲେ, ଏ ପ୍ରଶ୍ନ କାହିଁକି ? ମୁଁ କହିଲି, ଆମ ଦେଶ ସହିତ ତୁଳନା କରିବା ପାଇଁ ମୋର ଇଚ୍ଛା । ପ୍ରତିବର୍ଷ କିଏ କେଉଁଠାରେ ନିଯୁକ୍ତି ପାଇଲେ, ସେ ସବୁ ହିସାବ ରଖାଯାଏ । ସେ ହିସାବ ବାହାର କରି କହିଲେ, ଗତ ବର୍ଷ ଦୁର୍ଭାଗ୍ୟରୁ ଦୁଇଜଣ ସରକାରୀ ଚାକିରିକୁ ଗଲେ । ବିଭିନ୍ନ ଉଦ୍ୟୋଗ, ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ବିଶେଷଜ୍ଞମାନେ ଏଠାକୁ ଆସୁଥାନ୍ତି, ଛାତ୍ର-ମାନଙ୍କର କୃତିତ୍ୱ, ଆଚରଣ ଏବଂ ନିପୁଣତା ଲକ୍ଷ୍ୟ କରୁଥାନ୍ତି । ଶେଷ ପରୀକ୍ଷା ପୂର୍ବରୁ କୃତୀ ଛାତ୍ରମାନଙ୍କୁ ନିଯୁକ୍ତି ମିଳିଯାଏ । ସରକାରୀ ଚାକିରିକୁ ଏମାନେ ପସନ୍ଦ କରନ୍ତି ନାହିଁ । ବେସରକାରୀ ଅନୁଷ୍ଠାନରେ ଉପାର୍ଜନ ବେଶୀ । କାର୍ଯ୍ୟରେ ସାଫଲ୍ୟ ବୋଧ ଆଉରି ଏକ ଆକର୍ଷଣ ।

ଆମେରିକାର ସର୍ବପ୍ରାଚୀନ ୟୁନିଭରସିଟି ହାରଭାର୍ଡ଼ । ଇଂଲଣ୍ଡର କାମ୍ବ୍ରିଜ ପରମ୍ପରା ଅନୁକରଣ କରି ପ୍ରତିଷ୍ଠିତ ହୋଇଛି । ଏଇଟି ବେସରକାରୀ ସ୍ୱତନ୍ତ୍ର ଅନୁଷ୍ଠାନ । ଆରମ୍ଭରୁ ଏପରି ସ୍ୱତନ୍ତ୍ର ପରିସ୍ଥିତି ମଧ୍ୟରେ ବଢ଼ି ଚାଲିଛି । ଅଜସ୍ର ଅର୍ଥ ଆସି ଅଜାଡ଼ି ହେଉଛି । ସରକାରୀ କର୍ତ୍ତୃତ୍ୱ ନାହିଁ । ସରକାରଙ୍କଠାରୁ ଅର୍ଥ ସାହାଯ୍ୟ ଆବଶ୍ୟକ ହୁଏ ନାହିଁ । ଜାତି ଗଢ଼ିବାକୁ ହେଲେ ଏପରି ସ୍ୱୟଂଚାଳିତ ୟୁନିଭରସିଟି ଆବଶ୍ୟକ । ସାମୟିକ କ୍ଷମତାରେ ବୁଦବୁଦ ଛଡ଼ା ଆଉ କିଛି ନିର୍ମିତ ହେବ ନାହିଁ ।

Digitized by PPRACHIN, SOA

ହାରଓ୍ୱାର୍ଡ଼ର ଯେଉଁ ପ୍ରଖ୍ୟାତ ଅର୍ଥନୀତି ପ୍ରଫେସରଙ୍କ ଲେଖା ସହିତ ମୁଁ ପରିଚିତ ସେ ସମସ୍ତଙ୍କ ସହିତ ସାକ୍ଷାତ କରିଛି; ସେମାନଙ୍କ ସହିତ ଆଲୋଚନା କରିଛି । ଏଭଳି ସୁଯୋଗ ପାଇବି ବୋଲି କେବେ କଳ୍ପନା ମଧ୍ୟ କରି ନ ଥିଲି ।

ଗଲବ୍ରେଥ୍‌ଙ୍କ ସହିତ ବହୁବାର ସାକ୍ଷାତ କରିଛି । ବିଭିନ୍ନ ବିଷୟରେ ଆଲୋଚନା କରିଛି । ୧୯୬୦ ମସିହାରେ କେନେଡ଼ି ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହେଲେ । ୧୯୬୧ ମସିହା ଜାନୁଆରୀ ମାସରେ ଗଲବ୍ରେଥ୍ ଭାରତରେ ରାଷ୍ଟ୍ରଦୂତ ଭାବରେ ନିଯୁକ୍ତ ହେଲେ । ସେ ରାଷ୍ଟ୍ରଦୂତ ଥିଲାବେଳେ କେନେଡ଼ି ଭାରତକୁ ଆସିଥିଲେ । ଗଲ୍‌ବ୍ରେଥ୍ ଭାରତର ବହୁସ୍ଥାନ ବୁଲିଥିଲେ । ତାଙ୍କର ଉଚ୍ଚତା ସାଢ଼େ ଛଅ ଫୁଟ୍ । କୌଣସି ହୋଟେଲରେ ସେ ସ୍ୱଚ୍ଛନ୍ଦରେ ଶୋଇ ପାରନ୍ତି ନାହିଁ । ପୁରୀ ବି. ଏନ୍. ଆର୍ ହୋଟେଲ୍‌ର ମାନେଜର ଏ କଥା ଜାଣି, ଗୋଟିଏ ଆଠ ଫୁଟ ଲମ୍ବର ଡନଲପ୍ ଗଦିରେ ସ୍ୱତନ୍ତ୍ର ବିଛଣା ପ୍ରସ୍ତୁତ କରିଥିଲେ । ଗଲ୍‌ବ୍ରେଥ୍ ବାହାରରୁ ଏ ହୋଟେଲକୁ ଦେଖି ପସନ୍ଦ କଲେ ନାହିଁ । ମାନେଜର ତାଙ୍କୁ ତାଙ୍କ ପାଇଁ ପ୍ରସ୍ତୁତ କୋଠରୀକୁ ନେଇଗଲେ । ଗଲବ୍ରେଥ୍ ଅତି ଆନନ୍ଦରେ ସେ ବିଛଣା ଉପରେ ନାଚି ଲାଗିଲେ । ମାନେଜରଙ୍କୁ ଅଶେଷ ଧନ୍ୟବାଦ ଦେଲେ । ରାତ୍ରୀ ଭୋଜନରେ ଅତିଶୟ ସନ୍ତୁଷ୍ଟ ହେଲେ । ଖଣ୍ଡିଏ ସାର୍ଟିଫିକେଟ ଲେଖି ଯାଇଛନ୍ତି । ସେଇଟି ହୋଟେଲର ପ୍ରବେଶ ଦ୍ୱାରରେ ବନ୍ଧା ହୋଇ ରଖାଯାଇଛି ।

ଭାରତରେ ତାଙ୍କ ରହଣିକାଳ ଶେଷ ହେଲାରୁ ସେ ହାରଓ୍ୱାର୍ଡ଼ ଫେରିଗଲେ । ଏଇଥିରେ ଅଛି ୟୁନିଭରସିଟିର ସାର୍ଥକତା । ୟୁନିଭର-ସିଟିର ଅଧ୍ୟାପନା ଏବଂ ଗବେଷଣା ଆଉ ପ୍ରଶାସନର ଅଭିଜ୍ଞତା ଉଭୟ ଏଥିରେ ଉନ୍ନତ ହୁଅନ୍ତି । କିଛି ବର୍ଷ ପରେ ମଇନିହାନ୍ ରାଷ୍ଟ୍ରଦୂତ ହୋଇ ଆସିଲେ । କିସିଙ୍ଗର୍ ବୈଦେଶିକ ମନ୍ତ୍ରୀ ହୋଇଥିଲେ । ପ୍ରିନ୍‌ସଟନ୍‌ର ଗୋହିନ ରାଷ୍ଟ୍ରଦୂତ ହୋଇ ଆସିଥିଲେ । ଆମେରିକାରେ ଚାରିବର୍ଷରେ ଥରେ ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି । ନିର୍ବାଚିତ ହେଲାପରେ ତାଙ୍କର ମନ୍ତ୍ରୀମଣ୍ଡଳ ଗଠନ କରନ୍ତି । କଂଗ୍ରେସରେ ଦୁଇଟି ସଦନ । ସେନେଟ୍

Digitized by PPRACHIN, SOA

ଏବଂ ପ୍ରତିନିଧି ସଭା । ସେଥିରୁ କୌଣସି ସଦସ୍ୟ ମନ୍ତ୍ରୀମଣ୍ଡଳରେ ଅନ୍ତର୍ଭୁକ୍ତ ହୁଅନ୍ତି ନାହିଁ । ରାଷ୍ଟ୍ରପତି ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ମନ୍ତ୍ରୀରୂପେ ମନୋନୀତ କରନ୍ତି । ସେଥିରେ ଅନେକ ପ୍ରଫେସରଙ୍କୁ ନିଯୁକ୍ତି ଦିଅନ୍ତି । ଚାରିବର୍ଷ ପରେ ସେମାନେ ୟୁନିଭରସିଟିକୁ ଫେରି ଆସନ୍ତି ।

ସେ ଦିନ ଶନିବାର । ଅକ୍ଟୋବର ମାସ ଚାରି ତାରିଖ । ଏଠାରେ ଭାରତୀୟ ଛାତ୍ରମାନେ ଗାନ୍ଧୀ ଜୟନ୍ତୀ ପାଳନ କଲେ । ଗାନ୍ଧିଜୀଙ୍କର ଜନ୍ମତିଥି ୨ ତାରିଖରେ । ମାତ୍ର ଶନିବାର ସନ୍ଧ୍ୟାରେ ବହୁ ଛାତ୍ର ଆସି ଯୋଗ ଦେଇ ପାରିବେ । ତେଣୁ ଦୁଇଦିନ ପରେ ଏ ଜୟନ୍ତୀ । ଆମକୁ ନିମନ୍ତ୍ରଣ କରିଥିଲେ । ଅନେକ ଆମେରିକାନ୍ ଛାତ୍ର ଏବଂ କେତେଜଣ ଅଧ୍ୟାପକ ଏଥିରେ ଯୋଗ ଦେଇଥିଲେ ।

ଡୀନ୍ ହାଓ୍ୱାର୍ଡ ଥରମାନ୍ (Dean Howard Thurman) ବୋଷ୍ଟନ୍ ୟୁନିଭରସିଟିର ଅଧ୍ୟାପକ । ସେ ଗାନ୍ଧିଜୀଙ୍କ ସମ୍ବନ୍ଧରେ ବକ୍ତୃତା ଦେଲେ । ଗାନ୍ଧୀଜି ଗୋରା କଳା ଭେଦ ବିରୁଦ୍ଧରେ ତାଙ୍କର ଅସହଯୋଗ ଅଭିଯାନ କରିଥିଲେ । ଜୀବନଯାକ ଏଥିଲାଗି ସଂଗ୍ରାମ କରିଥିଲେ । ଆମେରିକାରେ କୃଷ୍ଣକାୟ ଏବଂ ଶୁଭ୍ରକାୟଙ୍କ ମଧ୍ୟରେ ତୀବ୍ର ବିଭେଦ । ନିଗ୍ରୋମାନେ ଗାନ୍ଧିଜୀଙ୍କ ନୀତି ଅନୁଯାୟୀ ଅଭିଯାନ ଚଳାଇଛନ୍ତି । ଗୋରା ପିଲାଙ୍କ ସାଥିରେ କଳା ପିଲାମାନେ ସ୍କୁଲ କଲେଜରେ ପାଠ ପଢ଼ି ପାରୁ ନାହାନ୍ତି । ସୁପ୍ରୀମ୍ କୋର୍ଟର ରାୟ ମଧ୍ୟ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଥରମାନ୍ ଗାନ୍ଧିଜୀଙ୍କୁ ଦେଖି ନ ଥିଲେ । ମାତ୍ର ତାଙ୍କୁ ଗୁରୁରୂପେ ବରଣ କରିଥିଲେ । ୧୯୩୬ ମସିହାରେ, ଥରମାନ୍ ଯାଇଥିଲେ ଭାରତରେ ଗାନ୍ଧିଜୀଙ୍କ ଦର୍ଶନ ପାଇଁ । ତାଙ୍କର ଅଭିଜ୍ଞତା ବର୍ଣ୍ଣନା କଲେ । ଗାନ୍ଧୀଜି ମାନ୍ଦ୍ରାଜରେ ଥିଲେ । ଥରମାନ୍ ସେଠାକୁ ଗଲେ । ରାସ୍ତାର ଚଲା ବାଟରେ ଯାଉଥିଲେ । ବିପରୀତ ପଟରୁ କେତେ ଜଣ ଏକାଠି ଆସୁଥିଲେ । ଗାନ୍ଧୀଜି ସେଥିମଧ୍ୟରେ ଥିଲା ପରି ତାଙ୍କୁ ଲାଗିଲା । ଟିକିଏ ରହିଁଲେ । ଚାଲିଗଲେ । ଗାନ୍ଧୀଜି ମଧ୍ୟ ଟିକିଏ ରହିଁଲେ ।

Digitized by PPRACHIN, SOA

ଷ୍ଟଲିଗଲେ । ଥରଣ୍ଟନ୍ ପୁଣି ଫେରିପଡ଼ ଚଟକୁ ଷୁନ୍ଧିଲେ । ଗାନ୍ଧୀଜି ମଧ୍ୟ ପଟକୁ ଷୁନ୍ଧିଲେ । ଥରଣ୍ଟନ୍ ଆଉ ଅପେକ୍ଷା କରି ପାରିଲେ ନାହିଁ । ଦଉଡ଼ି ଯାଇ ଗାନ୍ଧୀଜିଙ୍କ ପାଦତଳେ ପଡ଼ିଗଲେ । ଏ ଭାବବିହ୍ୱଳ ବର୍ଣ୍ଣନା ଶ୍ରୋତାମାନଙ୍କୁ ଅଭିଭୂତ କରିଦେଲା ।

ଥରମାନ ଜଣେ ନିଗ୍ରୋ ଲୋକ । ସେ ଜଣେ ପ୍ରଫେସର । ନିଗ୍ରୋମାନଙ୍କ ମୁକ୍ତି ପାଇଁ ସେ ଆନ୍ଦୋଳନରେ ଲାଗି ପଡ଼ିଛନ୍ତି । ଯେଉଁ ଭଳି ଭାବରେ ସେ ଗାନ୍ଧୀଜିଙ୍କ ସହିତ ସାକ୍ଷାତ କଲେ ଏବଂ ତାଙ୍କର ଆକର୍ଷଣ ବର୍ଣ୍ଣନା କଲେ ସେ ଭଳି ବକ୍ତୃତା ମୁଁ କେବେ ଶୁଣି ନ ଥିଲି । ମର୍ମସ୍ପର୍ଶୀ ସେ ବକ୍ତୃତା । ଶେଷରେ ତାଙ୍କ ପକେଟରୁ ଖଣ୍ଡିଏ ରୁମାଲ କାଢ଼ିଲେ । ଖୋଲିକରି ଦେଖାଇଲେ । ଗାନ୍ଧୀଜି ପଠାଇଛନ୍ତି ତାଙ୍କ ହାତକଟା ସୂତାରେ ପ୍ରସ୍ତୁତ ଏ ରୁମାଲ୍ଟି । ଗୋଟିଏ କଣରେ ଲେଖା ହୋଇଛି ଗାନ୍ଧୀଜିଙ୍କର ନାମ । ତାଙ୍କ ଆଖିରୁ ଅଶ୍ରୁ ଝରି ପଡ଼ିଲା । ଶ୍ରୋତାମାନେ ବିହ୍ୱଳ ହୋଇଗଲେ । ସମସ୍ତଙ୍କ ଆଖି ଛଳ ଛଳ ।

ଏ ଅଞ୍ଚଳରେ ଅନେକ ଗୁଡ଼ିଏ କଲେଜ ଏବଂ ୟୁନିଭରସିଟି ଅଛି । ପ୍ରତ୍ୟେକଟି ସ୍ୱତନ୍ତ୍ର । କେହି କାହାର ଅଧୀନସ୍ଥ ନୁହନ୍ତି । ଆମ ଦେଶ ପରି ଏଠାରେ ସ୍ୱୀକୃତ ପ୍ରାପ୍ତ କଲେଜ ନାହିଁ । ଛାତ୍ର ଛାତ୍ରୀମାନେ ଯେଉଁ କଲେଜରେ ପଢ଼ନ୍ତି, ସେହିଠାରେ ପରୀକ୍ଷା ଦିଅନ୍ତି, ଉପାଧି ଅର୍ଜନ କରନ୍ତି । ସମଗ୍ର ଆମେରିକାରେ ପ୍ରାୟ ଦୁଇ ହଜାର କଲେଜ ୟୁନିଭରସିଟି । ସେଥି ମଧ୍ୟରୁ ଦଶଟି ଅନୁଷ୍ଠାନ ଏକ ଆଇଭି ଲିଗ ଗଠନ କରିଛନ୍ତି । ହାରଭାର୍ଡ଼ ୟୁନିଭରସିଟି ଏବଂ M. I. T. ଏହି କୁଳୀନ ଶ୍ରେଣୀରେ ଅନ୍ତର୍ଭୁକ୍ତ । ଏପରି ଅନୁଷ୍ଠାନ ପୃଥିବୀରେ ବିରଳ ।

ବୋଷ୍ଟନ୍ ୟୁନିଭରସିଟିକୁ ପୂର୍ବରୁ ଯାଇଥିଲି । ମେଥଡ଼ିଷ୍ଟ ଚର୍ଚ୍ଚ (Methodist church) ଏହାକୁ ପ୍ରତିଷ୍ଠା କରିଛି । ଆମେରିକାରେ ଖ୍ରୀଷ୍ଟିଆନ ମାନେ ସମସ୍ତେ କାଥଲିକ୍ । ଆମ ଦେଶରେ ଯେପରି ସେଣ୍ଟ୍ ଜେଭିଅରସ କଲେଜ, ସେଣ୍ଟ୍ ପଲସ କଲେଜ । ଯାଇଥିଲୁ ବ୍ରାଣ୍ଡାଇସ (Brandeis) ୟୁନିଭରସିଟିକୁ । ଏହିଟି ମାତ୍ର ଦଶ ବର୍ଷ ହେଲା ହୋଇ-

Digitized by PPRACHIN, SOA

ଥାଏ । ଜଷ୍ଟିସ୍ ବ୍ରାଣ୍ଡାଇସ୍ ଥିଲେ ସୁପ୍ରୀମ୍ କୋର୍ଟର ଜଜ୍ । ସେ ଜଣେ ଇହୁଦୀ । ତାଙ୍କର ନାମ ଅନୁସାରେ ଏ ୟୁନିଭରସିଟି ନାମିତ ହୋଇଛି । ଦଶ ବର୍ଷ ଭିତରେ ବହୁ କୋଠାବାଡ଼ି ନିର୍ମିତ ହୋଇ ସାରିଥାଏ । ଇହୁଦୀମାନେ ଧନିକ ଶ୍ରେଣୀ । ପ୍ରଚୁର ଧନ ସମ୍ପତ୍ତି ସେମାନଙ୍କର । ବିଶେଷତଃ ନିଉୟର୍କ ଏବଂ ବୋଷ୍ଟନ୍‌ରେ । ୟୁନିଭରସିଟିଟିଏ କରିବା ଅତି ସହଜ । ଯେଉଁ ସ୍ଥାନରେ ଏ ୟୁନିଭରସିଟି କରାଯାଇଛି, ସେଠାରେ ଗଛବୃକ୍ଷ, ପାହାଡ଼ ପଥର, ଉଚ୍ଚ ନୀଚ ଭୂମି ଭିନ୍ନ ସ୍ଥାନରେ ଯେପରି ଥିଲା ସେହିପରି ରଖା ଯାଇଛି । ତେଣୁ ରମଣୀୟ ପ୍ରାକୃତିକ ପରିବେଶ । ସହରଠାରୁ ଟିକିଏ ଦୂରରୁ । ବିଦେଶୀ ଛାତ୍ରମାନଙ୍କ ବୃତ୍ତି ନିମନ୍ତେ ତିନି ଲକ୍ଷ ଡଲାର୍ ବାର୍ଷିକ ବୃତ୍ତି ଖଞ୍ଜା ଯାଇଛି । ସମ୍ବଳର ଅଭାବ ନାହିଁ । ଏଠାରେ ତିନୋଟି ଧର୍ମର ଉପାସନା ମନ୍ଦିର କରାଯାଇଛି । ଅତି ସୁନ୍ଦର । ରମଣୀୟ ଆଧୁନିକ ସ୍ଥାପତ୍ୟ । ଭିତର ଏବଂ ବାହାର ।

ତା'ପରେ ଗଲୁ ଟଫ୍‌ଟସ୍ ୟୁନିଭରସିଟିକୁ (Tufts) । ସେଠାରେ ଅଧ୍ୟାପକମାନେ ଆମକୁ ମଧ୍ୟାହ୍ନ ଭୋଜନ ଦେଲେ । ଛାତ୍ରୀ ଆବାସରେ ଏହାର ବନ୍ଦୋବସ୍ତ କରା ଯାଇଥିଲା । ପାଚକ ନାହାନ୍ତି । ଭୃତ୍ୟ ନାହାନ୍ତି । ଛାତ୍ରୀମାନେ ଖାଦ୍ୟ ପ୍ରସ୍ତୁତ କଲେ । ପରିବେଷଣ କଲେ । ଯେଉଁଭଳି ଭାବରେ ସେମାନେ ଏ ସବୁ କରୁଥିଲେ, ସେଥିରେ ଆମ ଦେଶର କଲେଜ ଛାତ୍ରୀମାନେ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ ।

ଖାଇଲା ବେଳେ ନାନା କଥାବାର୍ତ୍ତା ଚାଲିଲା । ମୋ ପାଖକୁ ଜଣେ ଅଧ୍ୟାପକ ବସିଥିଲେ । କଲେଜ ପାଠପଢ଼ା ଏବଂ ଅବକାଶ ଇତ୍ୟାଦି ବିଷୟ ପଡ଼ିଲା । ପଚାରିଲେ, ତୁମ ଦେଶରେ ଛାତ୍ରଛାତ୍ରୀମାନେ ଗ୍ରୀଷ୍ମାବକାଶରେ କଅଣ କରନ୍ତି ? କହିଲି—ପୂର୍ଣ୍ଣ ଅବକାଶ । ଆଶ୍ଚର୍ଯ୍ୟ ହେଲେ । ଏ ଦେଶରେ ଗ୍ରୀଷ୍ମାବକାଶରେ ଛାତ୍ରଛାତ୍ରୀମାନେ ରୋଜଗାର କରନ୍ତି । ସେଥିରୁ କିଛି ପାଠପଢ଼ା ଖର୍ଚ୍ଚ ଆୟୋଜନ କରନ୍ତି । ନାନା ପ୍ରକାର କାମରେ ଯୋଗ ଦିଅନ୍ତି । ହୋଟେଲ୍‌ରେ, ଅଫିସରେ, ଦୋକାନରେ—ଯେ କୌଣସି ସ୍ଥାନରେ ଯେ କୌଣସି ପ୍ରକାର ଶ୍ରମକାର୍ଯ୍ୟ

Digitized by PPRACHIN, SOA

କରନ୍ତି । କାମରେ ଉଚ୍ଚ ନୀଚ ଭେଦ ନାହିଁ । ରୋଜଗାର କରିବାରେ ଉଚ୍ଚ ନୀଚ କର୍ମର ବିଗ୍ଗୁର ନାହିଁ ।

ବୋଷ୍ଟନ୍ କଲେଜକୁ ଗଲୁ । ସେଇଟି ଏକ ବିରାଟ ଅନୁଷ୍ଠାନ । ବୋଷ୍ଟନ୍ ୟୁନିଭରସିଟିଠାରୁ ପୃଥକ । ଉଭୟେ ସ୍ୱୟଂଶାସିତ । କଲେଜରେ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କ ଗହଣରେ କଥାବାର୍ତ୍ତା ହେଲା । ଏମାନେ ଭାରତବର୍ଷ ବିଷୟରେ ଅନଭିଜ୍ଞ । ଆମ ଦଶ ଜଣଙ୍କ ଭିତରେ ଥିଲେ ଜଣେ ମହିଳା । ଶ୍ରୀମତୀ ଡକ୍ଟର ଶ୍ରୀଦେବୀ । ହାଇଦ୍ରାବାଦ ଓସମାନିଆ ୟୁନିଭରସିଟିର ମହିଳା କଲେଜର ପ୍ରିନ୍ସିପାଲ୍ । ସେ ସୁନ୍ଦର ଶାଢ଼ୀଟିଏ ପିନ୍ଧିଥିଲେ । ଜଣେ ସ୍ନାତକ ଉଚ୍ଚଶ୍ରେଣୀର ଛାତ୍ରୀ ଆମକୁ ପଚାରିଲା, ଏ ଭଦ୍ର ମହିଳା ଗୋଟିଏ ସୁନ୍ଦର ପୋଷାକ ପିନ୍ଧିଛନ୍ତି; ଆପଣମାନେ ଏଭଳି ପୋଷାକ ପିନ୍ଧି ନାହାନ୍ତି କାହିଁକି ? ଆମେ ମୁହଁ ଚାହାଁଚାହିଁ ହେଲୁ । ଛାତ୍ରୀ ଜଣକ ଭାରତରେ ପୁରୁଷ ଏବଂ ସ୍ତ୍ରୀଙ୍କର ପରିଧେୟରେ ପାର୍ଥକ୍ୟ ଜାଣି ନାହାନ୍ତି । ସେଠାରେ ପୁରୁଷ ସ୍ତ୍ରୀ ସମସ୍ତେ ଜିନ୍ ପ୍ୟାଣ୍ଟ ପିନ୍ଧୁଛନ୍ତି ।

ନ୍ୟୁୟର୍କ ଟାଇମ୍ସ (New york Times) ଆମେରିକାର ଏକ ସମ୍ଭ୍ରାନ୍ତ ପ୍ରାମାଣ୍ୟ ସମ୍ବାଦପତ୍ର । ଏଥିରେ ଗୋଟିଏ ବିଚିତ୍ର ସମ୍ବାଦ ପ୍ରକାଶିତ ହୋଇଥିଲା । ଭାରତବର୍ଷ ବିଷୟରେ ଏ ଦେଶରେ କ୍ୱଚିତ ସମ୍ବାଦ ପ୍ରକାଶିତ ହୁଏ । ଏ ବିଚିତ୍ର ସମ୍ବାଦଟି ପଢ଼ି ଦୁଃଖ ଲାଗିଲା । ଦିଲ୍ଲୀର ଏକ ସମ୍ଭ୍ରାନ୍ତ ହୋଟେଲ୍‌ରେ ଜଣେ ଭାରତୀୟ ଭଦ୍ରଲୋକ ପ୍ରବେଶ କଲେ । ସେ ଖଣ୍ଡିଏ ଧୋତି ପିନ୍ଧିଥିଲେ । ହୋଟେଲ୍‌ର ପରିଚାଳକମାନେ ତାଙ୍କୁ ସ୍ଥାନ ଦେଲେ ନାହିଁ । ବାହାର କରିଦେଲେ । ଆମେରିକାନ ପାଠକମାନେ "ଧୋତି" ବୁଝିପାରିବେ ନାହିଁ ବୋଲି ବନ୍ଧନୀ ଭିତରେ ସୂଚନା ଦିଆ ଯାଇଥିଲା । "ଧୋତି ଖଣ୍ଡିଏ ବିଛଣା ଚାଦର, ଅଣ୍ଟା ଚାରିପାଖେ ଗୁଡ଼ାଇ ଦିଆଯାଏ ।" ଏଥିରେ ଭାରତର କୁତ୍ସା ରଟନା କରିବା ପାଇଁ ହୁଏତ ଅଭିପ୍ରାୟ ଥିଲା । ମାତ୍ର ସ୍ୱାଧୀନତା ପ୍ରାପ୍ତିର ଦଶ ବର୍ଷ ପରେ ଭାରତୀୟ ପରିଧେୟ ପିନ୍ଧିଥିଲେ, ସମ୍ଭ୍ରାନ୍ତ

Digitized by PPRACHIN, SOA

ହୋଟେଲ୍‌ରେ ସ୍ଥାନ ମିଳେ ନାହିଁ । ଏହାଠାରୁ ଆଉ କ୍ଷୋଭର ବିଷୟ କ'ଣ ହୋଇପାରେ ?

× × ×

କେମ୍ବ୍ରିଜ ଏବଂ ବୋଷ୍ଟନ୍‌ରେ ୧୭ ଦିନ ଅତିବାହିତ କରି ସେ ଶିକ୍ଷାଞ୍ଚଳ ଛାଡ଼ିଲୁ । ସେଠାରୁ ଆକାଶ ମାର୍ଗରେ ଆସିଲୁ । ନିଉୟର୍କ ବିମାନ ଘାଟିରେ ବିମାନ ପରିବର୍ତ୍ତନ କରି ବଫାଲୋ (Buffalo) ସହରରେ ପହଞ୍ଚିଲୁ । ବୋଷ୍ଟନରୁ ନିଉୟର୍କ ପ୍ରାୟ ଏକ ଘଣ୍ଟା । ନିଉୟର୍କରୁ ବଫାଲୋ ଆଉ ଏକ ଘଣ୍ଟା । ବଫାଲୋ ସହରଟି ନିଉୟର୍କ ରାଷ୍ଟ୍ରଭିତରେ ଅବସ୍ଥିତ ।

ଏହି ଦୁଇଘଣ୍ଟାର ଯାତ୍ରା କଲି ଅପରାହ୍ଣରେ । ଚତୁର୍ଦ୍ଦିଗ ଆଲୋକମୟ । ଭୂତଳ ସୁନ୍ଦର ଦିଶୁଥାଏ । ଶରତ ପୂର୍ଣ୍ଣିମାର ସୌନ୍ଦର୍ଯ୍ୟ ଉପେନ୍ଦ୍ର ଭଞ୍ଜ ବର୍ଣ୍ଣନା କରିଛନ୍ତି । ସହଜରେ ଶରତ କାଳ । ଗୁହମୁଖ ଜାତ ତିଥି ମିଶି ମଞ୍ଜୁଳ । ଗୁହମୁଖ ଅର୍ଥାତ୍ ଷଡ଼ାନନ କାର୍ତ୍ତିକେୟଙ୍କ ଜାତ ତିଥି ହେଉଛି ଶରତ ପୂର୍ଣ୍ଣିମା । ବୋଷ୍ଟନ୍‌ରୁ ବଫାଲୋ ବିମାନ ଯାତ୍ରା ଅତି ଚଞ୍ଚଳ । ଶରତ କାଳରେ ଏ ଦେଶରେ ଗଛର ପତ୍ର ସବୁ ବିଭିନ୍ନ ରଙ୍ଗରେ ଉଦ୍ଭାସିତ ହୁଅନ୍ତି । ଲାଲ, ପୀତ, ସୁନେଲି ପ୍ରଭୃତି ବିଭିନ୍ନ ରଙ୍ଗରେ ରଞ୍ଜିତ ହୋଇଯାନ୍ତି । ଶୁଖି ଝଡ଼ିବା ପୂର୍ବରୁ ପତ୍ରର ଶେଷ ଶିଖାପରି ଅତି ରମଣୀୟ ହୋଇଯାଏ ପତ୍ରରାଜି । ବିଭିନ୍ନ ରଙ୍ଗର ଗେଣ୍ଡୁ ଫୁଲ ସଜାହୋଇ ରହିଥିଲା ପରି ଦେଖା ଯାଉଥାଏ । ବୋଷ୍ଟନରେ ଏ ସୌନ୍ଦର୍ଯ୍ୟ ଦେଖିଥିଲି । ସେଠାରେ ଶୁଣିଥିଲି, କେତେଜଣ ମହିଳା କାର୍ଯ୍ୟରୁ ଛୁଟୀ ନେଇ, ମଟର ଗାଡ଼ିରେ ବୁଲି ବୁଲି ମାସାଚୁସେଟ୍‌ର ଉପକୂଳରେ ପତ୍ରରାଜିର ବିଚିତ୍ର ବର୍ଣ୍ଣାଭ ଦେଖିବା ପାଇଁ ଆସିଥିଲେ । ଆକାଶ ମାର୍ଗରୁ ଅତି ରମଣୀୟ ଶୋଭା ଦେଖିବାକୁ ମିଳିଲା ।

ଏ ଦେଶରେ ବହୁଳ ଅରଣ୍ୟାନୀ । ବ୍ୟୋମଯାନରୁ ଦେଖା ଯାଉଥାଏ ଯେପରି କେହି କଳାକାର ସୁନ୍ଦର ଶୈଳୀରେ ନାନାରଙ୍ଗର

Digitized by PPRACHIN, SOA

ଫୁଲତୋଡ଼ା ବଗିଚା ଭରି ସଜାଇ ରଖିଛି । ମଝିରେ ମଝିରେ ପଡ଼େ ନଦୀ ବା ଗ୍ରେଟ ଜଳାଧାର । ଘର ସବୁ ଦେଖାଯାଉଥାଏ ମଟର ଗାଡ଼ି ଥୁଆ ହେଲ ପରି । ଯେପରି ଭାବରେ ଏ ଦେଶର ସହରମାନଙ୍କରେ ମଟର ଗାଡ଼ି ପାର୍କିଂ କରାଯାଇଥାଏ, ତାକୁ ଦେଖି ଦେଖି ଏ ଘରସବୁ ମଟର ଗାଡ଼ି ଥୁଆଗଲ ପରି ଭ୍ରମ ହେବା ସ୍ୱାଭାବିକ । ମାଇ ବଗିଚା ବ୍ୟାପି ଏ ଯେଉଁ ବର୍ଣ୍ଣ ବିଭବ, ତାହାର ପଟାନ୍ତର ନାହିଁ । କୌଣସି କୌଣସି ପାର୍କରେ ଏପରି ସୌଷ୍ଠବ ଦେଖିଥିଲି । ମାଇ ଆକାଶମାର୍ଗରୁ ଏ ପରି-ବ୍ୟାପ୍ତ ଦୃଶ୍ୟ ଅତି ରମଣୀୟ ଦେଖାଯାଉଥାଏ ।

ନିଉଯୁର୍କ ଗଲାପରେ ଆକାଶ ମେଘାଚ୍ଛନ୍ନ । ବିମାନ ମେଘମାଳାର ଅନେକ ଉପରେ ଉଡ଼ିଲା । ବାର ହଜାର ଫୁଟ୍ ଉଚ୍ଚରେ । ତଳେ ଅଖଣ୍ଡ ମେଘମାଳା । ସୂର୍ଯ୍ୟ କିରଣରେ ଉଦ୍‌ଭାସିତ । ଉଚ୍ଚନୀଚ, ବିଭିନ୍ନ ଆକୃତି ବିଶିଷ୍ଟ ଏ ମେଘରାଜି ଚତୁର୍ଦ୍ଦିଗରେ ବ୍ୟାପିଥାଏ । ସବୁ ସ୍ପଷ୍ଟ ଧବଳ । ତୁଳାରେ ନିର୍ମିତ ପାହାଡ଼ ଶ୍ରେଣୀ ପରି । ଉଚ୍ଚ ନୀଚ ହୋଇ ନ ଥିଲେ, ସୂର୍ଯ୍ୟକିରଣରେ ଅନବଚ୍ଛିନ୍ନ ଗୋଟିଏ ଧବଳିମା ପରି ଦେଖାଯାଉଥାନ୍ତା । ଏଥିରେ ବୈଚିତ୍ର୍ୟ ରହନ୍ତା ନାହିଁ । ଉଚ୍ଚନୀଚ ହେବାରୁ ମେଘ ପାହାଡର ଛାୟା ମେଘ ଭିତରେ ଲୁଚି ଯାଉଥାଏ । ଚମତ୍କାର ଏ ଦୃଶ୍ୟ । ଏଇ ପାହାଡରେ ଦେବତାମାନେ ମର୍ତ୍ତ୍ୟଧାମକୁ ଓହ୍ଲାଇ ଆସୁଥିବେ । ଓହ୍ଲାଇଲା ବେଳକୁ ବିମାନ ମେଘ ଭିତରେ ପଶିଗଲା । ଅନ୍ଧାର । ବାଷ୍ପରୁଦ୍ଧ । ତଳେ ଦେଖିଲି ବେଳକୁ ମେଘାଚ୍ଛନ୍ନ । ଅତି ଶୀତ ପବନ । ଏ ଦୁଇଘଣ୍ଟା ବିମାନ ଯାତ୍ରା ଅତି ଉପଭୋଗ୍ୟ ହୋଇଥିଲା ।

●

ନାଏଗ୍ରା

ବଫାଲୋ ସହରରେ ପହଞ୍ଚିଲୁ । ହୋଟେଲ ବନ୍ଦୋବସ୍ତ ହୋଇଥିଲା । ଆଉଦିନ ରବିବାର । ସବୁ ବନ୍ଦ । ନାଏଗ୍ରା ଜଳପ୍ରପାତ ଦେଖିବାକୁ ଗଲୁ । ସେଠାରୁ ଅଳ୍ପ ବାଟ । ବଫାଲୋ ସହର ଆମେରିକାର ଉତ୍ତର ସୀମାରେ । ନାଏଗ୍ରା ନଦୀ ବହିଯାଉଛି ଏରି (ERIE) ହ୍ରଦରୁ ଅଣ୍ଟାରିଓ (Ontario) ହ୍ରଦକୁ । ଏହି ନାଏଗ୍ରା ନଦୀ ଆମେରିକା ଏବଂ କାନାଡ଼ାର ସୀମା । ନଦୀ ଉପରେ ପୋଲ ନିର୍ମାଣ କରାଯାଇଛି । ଏଠାରେ ରାସ୍ତା, ଘର, ପାର୍କ, ଗଛବୃକ୍ଷ, ଘାସପ୍ରାନ୍ତର ସବୁ ସୁନ୍ଦର । ଏହାର ଯଥାର୍ଥ ରକ୍ଷଣାବେକ୍ଷଣ କରାଯାଉଛି ।

ଏଠାରେ ଗଠିତ ହୋଇଛି ଗୋଟିଏ ବଫାଲୋ ଆତିଥ୍ୟ ସଂଘ । ଏଇଟି ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ । ଏ ସଂଘ ତରଫରୁ ରେମଣ୍ଡ ଲୁଇସ୍ ଆମକୁ ବିମାନ ଘାଟିରୁ ହୋଟେଲକୁ ଆଣିଥିଲେ । ଏ ସଂଘର ସଭ୍ୟା କୁମାରୀ ଆର୍ଗ୍ରେସ୍ ଓ୍ୱେଲସ୍ ମାନ ଏବଂ ଆଉ ଦୁଇଜଣ ସଭ୍ୟା ଆମକୁ ତାଙ୍କ ମଟର ଗାଡ଼ିରେ ବୁଲାଇ ନେଲେ । ବିଦେଶ ଦେଶର ଲୋକଙ୍କୁ ଅଭ୍ୟର୍ଥନା କରି ତାଙ୍କୁ ଏ ଦେଶ ଏବଂ ଏଠାର ବୈଚିତ୍ର୍ୟ ଦେଖାଇବା ଏ ସଂଘର ମୁଖ୍ୟ ଉଦ୍ଦେଶ୍ୟ । ଏ ସଂଘ ସରକାରୀ ଅନୁଷ୍ଠାନ ନୁହେଁ । ପୂରାପୂରି ସ୍ୱେଚ୍ଛାସେବୀ ସଂଘ । ଦିନ ବାରଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ବୁଲାଇଲେ । ମଧ୍ୟାହ୍ନ ଭୋଜନ ଦେଲେ । ବଡ଼ ଆନନ୍ଦ ଲାଗିଲା । ଆଶ୍ଚର୍ଯ୍ୟ ମଧ୍ୟ ଲାଗିଲା । ଆମେ ପୁରୁଣା ବହିରୁ ଶ୍ଳୋକ ଆବୃତ୍ତି କରି ଅତିଥି ସତ୍କାର ବିଷୟରେ ପୌରୁଷ କରୁ । ମାତ୍ର ଏପରି ଅନୁଷ୍ଠାନ କେଉଁଠାରେ ଦେଖିନାହିଁ ।

ନାଏଗ୍ରା ପ୍ରପାତ ଦେଖିଲୁ । ଆମେରିକା ପଟରୁ ଦେଖିଲୁ । କାନାଡ଼ା ପଟରୁ ମଧ୍ୟ । ପ୍ରପାତଟିର ଘୋଡ଼ାଟାପୁ ପରି ଆକୃତି । ପ୍ରକାଣ୍ଡ

Digitized by PPRACHIN, SOA

ଜଳରାଶି ଅବିରତ ୧୮° ଫୁଟ୍ ଉଚ୍ଚରୁ ପଡ଼ୁଛି । ବହୁ ଦୂରରୁ ଶବ୍ଦ ଶୁଭୁଛି । ଜଳକଣା ଧୂଆଁ ଭଳି ବହୁ ଉଚ୍ଚକୁ ଉଠୁଛି । ଏ ବିରାଟ ପ୍ରପାତ ଦେଖିଲେ ମୁଣ୍ଡ ବୁଲାଇ ହୋଇଯାଏ ବୋଲି ପ୍ରବାଦ ଅଛି । କେତେଜଣ ମଧ୍ୟ ଏଠାରେ ମୃତ୍ୟୁ ବରଣ କରିଛନ୍ତି ।

ଏ ପ୍ରପାତ ଦେଖି ମନେ ପଡ଼ିଲା ଡୁଡୁମା କଥା । ନାଏଗ୍ରା ପ୍ରପାତ ୧୮° ଫୁଟ ଉଚ୍ଚରୁ । ଡୁଡୁମା ୮°° ଫୁଟରୁ । ମାତ୍ର ଡୁଡୁମାର ଜଳାଧାର ଅତ୍ୟନ୍ତ କ୍ଷୀଣ । ଓଡ଼ିଶାରେ ଆଜି କେତେ ପ୍ରପାତ ଅଛି ଲୋକଲୋଚନ ଅଗୋଚରରେ । ସେ ସବୁର ନାମ ମଧ୍ୟ ଅନେକେ ଶୁଣି ନାହାନ୍ତି । ଯାତାୟାତ ଲାଗି ଏବଂ ଉପଭୋଗ ଲାଗି ସେ ସବୁଠାରେ କିଛି ବ୍ୟବସ୍ଥା ନାହିଁ । ନାଏଗ୍ରାଠାରେ ଉପଭୋଗ ଲାଗି, ମନୋରଞ୍ଜନ ଲାଗି ଯେପରି ବ୍ୟବସ୍ଥା କରାଯାଇଛି, ନାଏଗ୍ରା ବିଷୟରେ ଯେତେ ବିଜ୍ଞାପନ କରାଯାଉଛି, ସେ ସବୁ ବିଚାର କରିବାର କଥା । ଏ ସବୁ ପ୍ରପାତକୁ ପର୍ଯ୍ୟଟକ ଆକୃଷ୍ଟ ହେବେ ।

ପଚାରିଲି, ଶୀତକାଳ ଆସିଗଲାଣି । ନାଏଗ୍ରା ନଦୀର ଜଳ ବରଫ ପାଲଟି ଯିବ ନାହିଁ ? ଆମର ଆତିଥେୟୀ ଉତ୍ତର ଦେଲେ— ପାଣିର ଉପର ଭାଗ ଜମାଟ ବାନ୍ଧିଯିବ; ମାତ୍ର ଭିତରେ ସ୍ରୋତ ଚାଲିଥିବ ଏବଂ ପ୍ରପାତଟିର କୌଣସି ପରିବର୍ତ୍ତନ ହେବ ନାହିଁ ।

କାନାଡ଼ା ପଟରୁ ଜଳ ପ୍ରପାତ ଆକାରରେ ବଡ଼ । ସେ ପାଖରୁ ଦେଖିବାର ମଧ୍ୟ ସୁବିଧା । ପାସପୋର୍ଟ ଭିସା ଦେଖାଇ କାନାଡ଼ାରେ ପ୍ରବେଶ କଲୁ । ନଦୀର କୂଳେ କୂଳେ ପ୍ରାୟ ୨° ମାଇଲ୍ ଗଲୁ । ସେ ପଟର ବନରାଜି ସୁନ୍ଦର । ପୁଣି ପାସପୋର୍ଟ ଦେଖାଇ ଆମେରିକା ଭିତରେ ପ୍ରବେଶ କଲୁ । ଜଳପ୍ରପାତ ଦେଖି ଅଭିଭୂତ ହୋଇଥିଲି । ସେ ସ୍ୱେଚ୍ଛାସେବୀ ଆତିଥ୍ୟ ସଂଘର ବ୍ୟବହାରରେ ଅଧିକ ଅଭିଭୂତ ହେଲି ।

ହୋଟେଲକୁ ଫେରିଲୁ । ପ୍ରଫେସର ରେମଣ୍ଡ୍ ଇୱେଲ୍ (Raymond Ewell) ବଫାଲୋ ୟୁନିଭରସିଟିର ଗବେଷଣା ବିଭାଗର

Digitized by PPRACHIN, SOA

ଭାଇସ୍ ପ୍ରେସିଡେଣ୍ଟ୍ । କଟକରେ ଅନୁଷ୍ଠିତ ଭାରତୀୟ ଅର୍ଥନୀତି ସମ୍ମିଳନୀରେ ଯୋଗ ଦେଇଥିଲେ । ସେ ମୋତେ ମନେ ରଖିଥିଲେ । ମୁଁ ଏଠାକୁ ଆସୁଛି ବୋଲି ଖବର ପାଇଥିଲେ । ଆମ ହୋଷ୍ଟେଲକୁ ଆସିଲେ । ମୁଁ ନାଏଗ୍ରା ଦେଖିବାକୁ ବାହାରି ଯାଇଥିଲି । ସେ ତାଙ୍କର କାର୍ଡ଼ ଖଣ୍ଡିଏ ଥୋଇ ଦେଇ ଗଲେ । ଫେରି ଆସି ଦେଖିଲି । ବଡ଼ ଦୁଃଖ ଲାଗିଲା । ସେ ମୋତେ ଦେଖିବାକୁ ଆସିଥିଲେ । ଅଥଚ ତାଙ୍କ ସାଙ୍ଗରେ ଦେଖା ହୋଇ ପାରିଲା ନାହିଁ ।

ବଫାଲୋ ସହରରେ ନାଏଗ୍ରା ଦର୍ଶନୀୟ ସ୍ଥାନ । ବହୁଲୋକ ଏଠାକୁ ଆସନ୍ତି । ଆଉ କିଛି ଦେଖିବାର ନାହିଁ । ବଫାଲୋ ରହଣି ଶେଷ ହେଲା । ଆତିଥେୟୀମାନଙ୍କୁ କୃତଜ୍ଞତା ଜଣାଇ ଗ୍ରେ-ହାଉଣ୍ଡ ବସ୍‌ରେ (Grehound Bus) ଆସିଲୁ ରଚେଷ୍ଟର୍ । ଆମେରିକାର ଆଟଲାଣ୍ଟିକ ମହାସାଗର କୂଳରୁ ପଶ୍ଚିମ ପଟେ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ସମସ୍ତ ରାଜ୍ୟରେ ଏ କମ୍ପାନୀର ବସ୍ ଚଳୁଛି । ସବୁ ବସ୍ ଶୀତ ତାପ-ନିୟନ୍ତ୍ରିତ । ଜଣେ ଡ୍ରାଇଭର । ଆଉ ସହାୟକ ବୋଲି କେହି ନାହାନ୍ତି । ଜିନିଷ ପତ୍ର ଲାଗି ଗାଡ଼ି ତଳେ ସ୍ଥାନ କରାଯାଇଛି । ଗୋଡ଼ରେ ଟିକିଏ ଠେଲି ଦେଲେ ଭିତରକୁ ଚାଲିଯାଉଛି । ଯାତ୍ରୀ ଭୁଣ୍ଡି କରି ଉପରେ ଲଦିବା କାଢ଼ିବାର ଆବଶ୍ୟକତା ନାହିଁ । ଠାଆକୁ ଠାଆ ଅଛି ବସ୍‌ର ଷ୍ଟେସନ୍ । ସେଠାରେ ପ୍ରତୀକ୍ଷାଗାର ଅଛି । ରେସ୍ତୋରାଁ ଅଛି । ବସ୍‌ର ଟାଇମ ଟେବୁଲ ପୁସ୍ତିକାକାରରେ ଦିଆ ଯାଉଛି । ବିମାନରେ ଏବଂ ଟ୍ରେନ୍‌ରେ ବେଳେ ବେଳେ ଯିବା ଆସିବାରେ ବିଳମ୍ବ ହୁଏ । ମାତ୍ର ଗ୍ରେହାଉଣ୍ଡ୍ ବସ୍‌ରେ ବିଳମ୍ବ ହୁଏ ନାହିଁ ।

●

Digitized by PPRACHIN, SOA

ରଚେଷ୍ଟର୍

ରଚେଷ୍ଟର ସହର ନିଉୟର୍କ ରାଜ୍ୟ ମଧ୍ୟରେ । ବଫାଲୋ ଠାରୁ ଅଳ୍ପ ବାଟ । ଗ୍ରେହାଉଣ୍ଡ୍ ବସ୍‌ରେ ଆସି ରଚେଷ୍ଟର ସହରରେ ପହଞ୍ଚାଇଲୁ ।

ରଚେଷ୍ଟର ୟୁନିଭରସିଟି ବୁଲି ଦେଖିଲୁ । ଏହାଟି ପ୍ରତିଷ୍ଠିତ ହୋଇଥିଲା ୧୮୫୦ ମସିହାରେ । ଶହେ ବର୍ଷରୁ ଅଧିକ ହୋଇ ଗଲଣି । ଏହାଟି ଆମେରିକାର ଆଇଭି ଲିଗ୍‌ରେ ଅନ୍ତର୍ଭୁକ୍ତ ହୋଇ ନ ଥିଲେ ମଧ୍ୟ କେତେକ କ୍ଷେତ୍ରରେ ଏହାର ଖ୍ୟାତି ଅଛି । ପଦାର୍ଥ ବିଜ୍ଞାନ ବିଭାଗରେ ଖ୍ୟାତି ଅର୍ଜନ କରିଥିବା ପ୍ରଫେସର ଅଛନ୍ତି । ଏଠାରେ ପ୍ରଖ୍ୟାତ ଏକ ସଙ୍ଗୀତ ବିଭାଗ । ସଙ୍ଗୀତରେ ଶ୍ରେଷ୍ଠ ଉପାଧି ଏଠାରେ ଦିଆଯାଏ । ୟୁନିଭରସିଟିର କୋଠାବାଡ଼ି, ଗଛ ବଗିଚା, ଖେଳ ଆମୋଦର କ୍ଷେତ୍ର, ସବୁ ଆଡ଼ ବୁଲି ଦେଖିଲୁ । ପରିବେଶ ଏବଂ ପରିସର ଦେଖି ଆନନ୍ଦ ଲାଗିଲା । ସବୁ ଆଡ଼ ସୁନ୍ଦର, ନିର୍ମଳ, ରମଣୀୟ । ଛାତ୍ର ଏବଂ ଅଧ୍ୟାପକଙ୍କ ସହିତ କଥାବାର୍ତ୍ତା ହେଲା । ଏଠାରେ ଅର୍ଥନୀତି ବିଭାଗରେ କୌଣସି ଜଣାଶୁଣା ଅଧ୍ୟାପକ ନ ଥିଲେ ।

ପରଦିନ ସକାଳେ କୋଡ଼ାକ୍ (Kodak) କମ୍ପାନୀର ମୁଖ୍ୟ କାରଖାନା ଦେଖିଲୁ । ଏ କାରଖାନାରେ ରସାୟନିକ ଦ୍ରବ୍ୟ ସବୁ ପ୍ରସ୍ତୁତ ହୁଏ । ଫିଲ୍ମ ସବୁ ଏଠାରେ ପ୍ରସ୍ତୁତ କରାଯାଉଛି । ବିରାଟ କାରଖାନା । ସବୁଠାରେ ସ୍ୱୟଂଚାଳିତ ଯନ୍ତ୍ରପାତି । ତଥାପି ଏଠାରେ ୨୧ ହଜାର ଲୋକ କାରଖାନାରେ କାର୍ଯ୍ୟ କରୁଛନ୍ତି । ଅଶେଷ ଦଶ ହଜାର ଡଲାରରେ Eastman Kodak ଏ କାରଖାନା ଆରମ୍ଭ କରିଥିଲେ । ଇଂଲଣ୍ଡ, ଫ୍ରାନ୍ସ ଏବଂ ଆମେରିକାର ଅନ୍ୟ ସ୍ଥାନରେ ଏହାର ଶାଖା ପ୍ରତିଷ୍ଠିତ ହେଲଣି । ରଚେଷ୍ଟର୍‌ରେ ଅଛି ମୁଖ୍ୟ କାରଖାନା । ଫିଲ୍ମ

Digitized by PPRACHIN, SOA

ଫିଲ୍ମ ଫ୍ୟାକ୍ଟ୍ରିରେ ବହୁ ସ୍ତ୍ରୀଲୋକ କାମ କରନ୍ତି । ତାଙ୍କ ପାଇଁ ଗୋଟିଏ ପ୍ରତୀକ୍ଷାଗାର ଅଛି । ସେଠାରେ ସେମାନେ ରଙ୍ଗିନ ପରିଧେୟ ବାହାର କରି ସ୍ୱଚ୍ଛ ଧଳା ପୋଷାକ ପିନ୍ଧନ୍ତି । ନଖ ଏବଂ ଅଧର ଚିକ୍କଣ ଘଷି ଘଷି ସଫା କରନ୍ତି । ନ ହେଲେ ଫିଲ୍ମରେ ଉଠିଯିବ ।

ଏ ବିରାଟ କାରଖାନା ନ ଦେଖିଲେ ବୁଝିହେବ ନାହିଁ । ଇଷ୍ଟମ୍ୟାନ୍ (Eastman) ଏହି କାରଖାନାରୁ ଅଜସ୍ର ଉପାର୍ଜନ କରି ରଚେଷ୍ଟର ୟୁନିଭରସିଟିକୁ ବହୁ ଅର୍ଥ ଦାନ କରିଛନ୍ତି ଏବଂ କରୁଛନ୍ତି ।

ସନ୍ଧ୍ୟାବେଳେ ରଚେଷ୍ଟର ଅଧ୍ୟାପକମାନଙ୍କ ସହିତ ବସି ବହୁ ସମୟ ଆଲୋଚନା ହେଲା । ଜଣେ ଅଧ୍ୟାପକ ପଚାରିଲେ, ନେହେରୁଙ୍କ ପରେ ଭାରତ ଅବସ୍ଥା କ'ଣ ହେବ ? କହିଲି, ଗଣତନ୍ତ୍ର ରାଜ୍ୟରେ ରାଜନୀତିକ ଦଳରୁ ନେତା ଆପେ ଆପେ ବାହାରନ୍ତି । ନେହେରୁଙ୍କ ପରେ କ'ଣ ହେବ—ଏପରି ପ୍ରଶ୍ନ ଲୋକତନ୍ତ୍ର ଶାସନରେ ଉଠିବ କାହିଁକି ? ତାଙ୍କର ବିଶ୍ୱାସ ହେଲା ନାହିଁ । ପଚାରିଲେ, କେରଳରେ କମ୍ୟୁନିଷ୍ଟ ଦଳ ଶାସନ କରୁଛନ୍ତି । ସେ ଦିନେ ଭାରତରେ ସବୁଆଡ଼େ ବ୍ୟାପିଯିବେ । ଏ ଭୟ କ'ଣ ନାହିଁ ? କହିଲି —କେରଳର କମ୍ୟୁନିଷ୍ଟ ସରକାର ଭାରତର ସମ୍ବିଧାନ ଅନୁଯାୟୀ ଗଠିତ ହୋଇଛି ଏବଂ କାର୍ଯ୍ୟ କରୁଛି । ପାର୍ଲି-ମେଣ୍ଟାରି ପଦ୍ଧତିରେ ସେଠାରେ ମନ୍ତ୍ରୀମଣ୍ଡଳ ଗଢ଼ା ଯାଇଛି । ସେଠାରେ ବିରୋଧୀ ଦଳ ମଧ୍ୟ ଅଛନ୍ତି । ନିର୍ବାଚନ କମିସନଙ୍କ ନିର୍ଦ୍ଧାରଣ ଅନୁସାରେ ନିର୍ବାଚନ କରାଯାଏ । ତାଙ୍କ ମନକୁ ପାଇଲା ନାହିଁ । ଏଠାରେ କମ୍ୟୁନିଜମ୍‌ର ଭୟ ସବୁଆଡ଼େ ।

କାଶ୍ମୀର କଥା ମଧ୍ୟ ଉଠାଇଲେ । କହିଲେ, ନେହେରୁ ସବୁ ବିଷୟରେ ନିରପେକ୍ଷ । ଆଉ କାଶ୍ମୀର ବିଷୟରେ ଜିଦ୍ ଧରିଛନ୍ତି କାହିଁକି ? କାଶ୍ମୀରରେ କାହାର ସଂଖ୍ୟା ଅଧିକ—ହିନ୍ଦୁ ନା ମୁସଲମାନ ? ମୁଁ କହିଲି, ହିନ୍ଦୁ ବେଶୀ କି ମୁସଲମାନ ବେଶୀ, ସେ କଥା ଅବାନ୍ତର । ଭାରତ ହିନ୍ଦୁ ରାଜ୍ୟ ନୁହେଁ, ଧର୍ମନିରପେକ୍ଷ ରାଜ୍ୟ । ଭାରତରେ ବହୁ

Digitized by PPRACHIN, SOA

ମୁସଲମାନ ବାସ କରନ୍ତି । କାଶ୍ମୀରରେ ମୁସଲମାନ ବେଶୀ ଅଛନ୍ତି ବୋଲି ଏଇଟି ପାକିସ୍ତାନକୁ ଯିବ—ଏ ଯୁକ୍ତି ନିରର୍ଥକ । ସେମାନେ ଏ ସବୁ ବୁଝିବାକୁ ନାରାଜ ।

ଆମେରିକାର ବହୁ ସ୍ଥାନରେ ଯେପରି, ଏଠାରେ ମଧ୍ୟ ସେହିପରି ଅନେକ ସମୃଦ୍ଧ ବଣିକ ବ୍ୟବସାୟୀ ଶିଳ୍ପପତି ଅଛନ୍ତି । ଧନ ଅର୍ଜିଲେ ଧର୍ମ କର । ଆମ ଦେଶରେ ଧନବନ୍ତ ଲୋକେ ମନ୍ଦିର ତୋଳନ୍ତି । ଏଠାରେ ପୁଞ୍ଜିପତିମାନେ କଲେଜ ୟୁନିଭରସିଟି ପାଇଁ ପ୍ରଭୂତ ଅର୍ଥଦାନ କରନ୍ତି ।

Digitized by PPRACHIN, SOA

ଆଣ୍ଟିଅକ୍ କଲେଜ

ରଚେଷ୍ଟରରୁ ଆସିଲି ଡେଟନ୍ (Dayton) ଆକାଶ ମାର୍ଗରେ । ଏ ସହରଟି ଓହାଇଓ (Ohio) ରାଜ୍ୟରେ । ଡେଟନ୍ ଏ ରାଜ୍ୟର ପ୍ରଧାନ ସହର । ସେଠାରୁ ପ୍ରାୟ ୨୦ ମାଇଲ ଦୂରରେ ଗୋଟିଏ ଛୋଟ ଜନବସତି । ଲୋକ ସଂଖ୍ୟା ପ୍ରାୟ ସାଢ଼େ ତିନି ହଜାର । ବସତିର ନାମ ପୀତ ନିର୍ଝର (Yellow spring) । ଡେଟନରୁ ଏଠାକୁ ଆସିଲୁ ମଟର ଗାଡ଼ିରେ ।

ଶିକ୍ଷା କାଉନ୍ସିଲର ପ୍ରାଧିକାରୀମାନେ ଆମର ପରିକ୍ରମା ପ୍ରସ୍ତୁତ କରିଥିଲେ । ମୋର ପ୍ରସ୍ତାବ ଅନୁଯାୟୀ ଆମ ତିନି ଜଣଙ୍କ କାର୍ଯ୍ୟକ୍ରମରେ ଆଣ୍ଟିଅକ କଲେଜ ଅନ୍ତର୍ଭୁକ୍ତ ହେଲା । ଡକ୍ଟର ଆର୍ଥର ମର୍ଗାନ୍ (Arthur Morgan) ଆମେରିକାର ଜଣେ ପ୍ରଖ୍ୟାତ ଶିକ୍ଷାବିତ୍ । ସେ ଜଣେ ଅଭିଜ୍ଞ ଇଞ୍ଜିନିୟର । ଟେନେସି ନଦୀର ଅନେକ ସ୍ଥାନରେ ଜଳ-ଭଣ୍ଡାର ନିର୍ମାଣ କରିଥିଲେ । ଟେନେସି ଭ୍ୟାଲି ଅଥରିଟିର (Tennesee Valley Authority = T. V. A.) ଅଧ୍ୟକ୍ଷ । ମାତ୍ର ମୁଖ୍ୟତଃ ନୂତନ ପଦ୍ଧତିରେ ଶିକ୍ଷାଦାନ ତାଙ୍କର ବିଶିଷ୍ଟ ଅବଦାନ । ସେ ଆଣ୍ଟିଅକ୍ କଲେଜର ପ୍ରେସିଡେଣ୍ଟ ଥିଲେ । ଏବେ ଅବସର ନେଇଛନ୍ତି । ୧୯୪୮ ମସିହା ନଭେମ୍ବର ମାସରେ ଭାରତ ସରକାର ଗୋଟିଏ ୟୁନିଭର୍ସିଟି କମିଶନ ନିଯୁକ୍ତ କରିଥିଲେ । ତାହାର ଅଧ୍ୟକ୍ଷ ଥିଲେ ଡକ୍ଟର ରାଧା-କୃଷ୍ଣନ୍ । ସଭ୍ୟମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲେ ଡକ୍ଟର ମର୍ଗାନ । କମିଶନ ଭାରତର ବିଭିନ୍ନ କଲେଜ, ୟୁନିଭର୍ସିଟି ପରିଦର୍ଶନ କରିଥିଲେ । ୧୯୪୯ ମସିହା ମାର୍ଚ୍ଚ ମାସରେ ରେଭେନ୍ସା କଲେଜକୁ ଆସିଥିଲେ । ତାଙ୍କ ସାଙ୍ଗରେ ମୋର ସାକ୍ଷାତ୍ ହୋଇଥିଲା । କିଛି ଆଲୋଚନା ମଧ୍ୟ ହୋଇଥିଲା । ସେ ଅନୁରୋଧରେ ବାକି ରାଜିତ ରୁକ୍ଷା-

Digitized by PPRACHIN, SOA

ବାସ ଦେଖି ଭୂୟସୀ ପ୍ରଶଂସା କରିଥିଲେ । ରାଧାକୃଷ୍ଣନ କମିଶନ ରିପୋର୍ଟରେ "ଗ୍ରାମୀଣ ୟୁନିଭର୍ସିଟି" ଶୀର୍ଷକ ଏକ ଅଧ୍ୟାୟ ଲେଖି-ଛନ୍ତି ।

ୟୀଲୋସ୍ପ୍ରିଙ୍ଗ୍ସର ଜନବସତି ବାସ୍ତବରେ ଗୋଟିଏ ଗ୍ରାମାଞ୍ଚଳ । ମାତ୍ର ସହରର ସମସ୍ତ ପ୍ରକାର ଉପଯୋଗର ବ୍ୟବସ୍ଥା ଏଠାରେ କରାଯାଇଛି । ଗ୍ରାମୀଣ ପରିବେଶ । ବୃକ୍ଷଲତାରେ ପରିପୂର୍ଣ୍ଣ ଶ୍ୟାମଳିମା । ପାଖରେ ବନ, ପାହାଡ଼, ନିର୍ଝର । ଆଣ୍ଟିଅକ୍ କଲେଜ ଏହାର ପ୍ରାଣକେନ୍ଦ୍ର । ଗ୍ରାମୀଣ ସାମାଜିକ ଜୀବନର ବିକାଶ ପାଇଁ ଏଠାରେ ଆଦର୍ଶ ସୃଷ୍ଟି କରାଯାଇଛି ।

ଡକ୍ଟର ମରଗାନଙ୍କ ସହିତ ସାକ୍ଷାତ କଲି । ସେ ଆଣ୍ଟିଅକ୍‌ର ସମାଜଦର୍ଶନ ବୁଝାଇଲେ । ସ୍ଥାନ, କାଳ, ପରିବେଶ, ପରିସ୍ଥିତି ବିଚାର ନ କରି ଗୋଟିଏ ନିର୍ଦ୍ଦିଷ୍ଟ ଶିକ୍ଷାପଦ୍ଧତି ସମଗ୍ର ଦେଶରେ ଲଦି ଦେବା ଅବାଞ୍ଛନୀୟ । ବ୍ରିଟେନ୍‌ରେ କେମ୍ବ୍ରିଜ ଅକ୍‌ସଫୋର୍ଡ଼ ପରି, ଆମେରି-କାର ପ୍ରିନ୍‌ସଟନ ହାର୍ଭାର୍ଡ଼ ପରି କମ୍ବା ଭାରତର ତକ୍ଷଶିଳା ନାଳନ୍ଦା ପରି ଦେଶ ସାରା ଶିକ୍ଷାନୁଷ୍ଠାନ ଗଢ଼ିଦେବା ଅସଙ୍ଗତ, କ୍ଷତିକାରକ । ଖାଲି ଦାର୍ଶନିକ ଭାଷାରେ ଶିକ୍ଷାର ମହତ୍ତ୍ୱ ବର୍ଣ୍ଣନା କରିବା ନିରର୍ଥକ । ଆଣ୍ଟିଅକ୍‌ର ପଦ୍ଧତି ଏବଂ ପ୍ରଣାଳୀ ସବୁ ଅଞ୍ଚଳ ପ୍ରତି ପ୍ରଯୁଜ୍ୟ ନୁହେଁ ।

ଆଣ୍ଟିଅକ୍‌ର ଛାତ୍ରାବାସ ଦେଖିଲି । ଛାତ୍ରାବାସରେ, ଛାତ୍ରୀ ନିବାସରେ କୌଣସି ଅଧ୍ୟାପକ ବା ପରିଚାଳକ ନାହାନ୍ତି । ରୋଷେଇ ପାଚକ ନାହାନ୍ତି । ଛାତ୍ର ଛାତ୍ରୀମାନଙ୍କୁ ସବୁ କାର୍ଯ୍ୟ କରିବାକୁ ହୁଏ । ସେମାନେ ରୋଷେଇ କରନ୍ତି । ଘର ସଫା କରନ୍ତି । କମୋଡ଼ ପରିଷ୍କାର କରନ୍ତି । ବୃକ୍ଷ ଲତାର ଯତ୍ନ ନିଅନ୍ତି ।

ଆଣ୍ଟିଅକ୍ କଲେଜର ଅଳ୍ପ ଦୂରରେ ଅଛି ଏକ ସଂରକ୍ଷିତ ବନଭୂମି । ନାମ ତା'ର ଗ୍ଲେନ୍ ହେଲେନ୍ (Glen Helen) । ଏକ-

Digitized by PPRACHIN, SOA

ହଜାର ଏକର ପରିମିତ ବଣ । (Hugh Birch) ହ୍ୟୁଜ ବର୍ଚ୍ଚ ତାଙ୍କର କନ୍ୟା ହେଲେନ୍‌ଙ୍କ ସ୍ମୃତିରକ୍ଷା ଲାଗି ଏ ବନଭୂମି ଆଣ୍ଟିଅକ୍ କଲେଜକୁ ଦାନ କରିଛନ୍ତି । ଲମ୍ବ ପ୍ରାୟ ଦୁଇ ମାଇଲ୍ । ପ୍ରସ୍ଥ ଏକ ମାଇଲରୁ କିଛି ଅଳ୍ପ । ଏ ଅରଣ୍ୟ ପ୍ରାକୃତିକ ଅବସ୍ଥାରେ ରଖା ଯାଇଛି । ଏଥିରେ ପାହାଡ଼, ଝରଣା, ଜଳପ୍ରପାତ, ନାନା ଜାତିର ଛୋଟ ବଡ଼ ବୃକ୍ଷରାଜି ସବୁ ରହିଛି । ଏହାର ମଧ୍ୟ ଦେଇ ଯାଇଛି ପୀତ ନିର୍ଝର (Yellow Spring) । ଏ ପାଣିର ରଙ୍ଗ ପୀତବର୍ଣ୍ଣ । ସେଥିପାଇଁ ସ୍ଥାନର ନାମ ୟେଲୋ ସ୍ପ୍ରିଙ୍ଗ୍ । ଏଥିରୁ କେହି ଗଛ କାଟନ୍ତି ନାହିଁ । ଗଛ ମରିଯାଏ; ଭାଙ୍ଗିପଡ଼େ । ପ୍ରାକୃତିକ ପ୍ରକ୍ରିୟାରେ ଯାହା ହେବାର ହେଉଥାଏ ।

ଏହା ଭିତରେ ୪୮ ଜଣ ରହିବା ଲାଗି ଦୁଇ ମହଲା ଘର ତିଆରି ହୋଇଛି । ଦୂରଦୂରାନ୍ତରୁ ସ୍କୁଲ ପିଲା ଆସନ୍ତି । ଏହା ଭିତରେ ଦୁଇ ସପ୍ତାହ ରହନ୍ତି । ଗଛପତ୍ର, ପାହାଡ଼, ଜନ୍ତୁ ଦେଖନ୍ତି । ଶିକ୍ଷକ ସାଙ୍ଗରେ ଆସିଥାନ୍ତି । ଏହା ତାଙ୍କ ଶିକ୍ଷାର ଏକ ବିଶିଷ୍ଟ ଅଙ୍ଗ । କଲେଜ ଛାତ୍ରମାନେ ଏହା ଭିତରେ ଦୁଇ ସପ୍ତାହ ରହନ୍ତି । ନିଜେ ନିଜର ବ୍ୟବସ୍ଥା କରନ୍ତି । ଉଦ୍ଭିଦ୍ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଏବଂ ଭୂ-ବିଜ୍ଞାନ ଅଧ୍ୟୟନ କରନ୍ତି । ଏହା ତାଙ୍କର ମୂଲ୍ୟବାନ କର୍ମଶାଳା । ବାହାର ଲୋକେ ମଧ୍ୟ ଆସନ୍ତି । ବୁଲନ୍ତି, ଦେଖନ୍ତି, ଶିଖନ୍ତି । ଭିତରେ ପାଣି, କାଦୁଅ, କଣ୍ଟା, ଖାଲ ଢିପ । ବାଟ ନ ଦେଖିଥିଲେ ଭୁଲୁଥିବ । ଆମେ ରବର ବୁଟ୍-ଜୋତା ପିନ୍ଧି ବଣର ଜଣେ ରକ୍ଷକଙ୍କ ସହିତ ଭିତରେ ବୁଲି ଦେଖିଲୁ ।

କଲେଜ ପରିସର ଭିତରେ ଗୋଟିଏ ପାନ୍ଥଶାଳା (Antiock Inn) । ପ୍ରବେଶ ଦ୍ୱାରରେ ଲେଖାଯାଇଛି ଆଣ୍ଟିଅକ ତୁମକୁ ସ୍ୱାଗତ କରୁଛି । ଭିତରେ ସ୍ୱାଗତିକା ପରିତୁଷ୍ଟ । ଗୋଟିଏ ଦୋତାଲା ସୌଧ । କକ୍ଷଗୁଡ଼ିକ ପରିଷ୍କାର, ସୁସଜ୍ଜିତ । ସ୍ୱାଚ୍ଛନ୍ଦ୍ୟ ଲାଗି ସକଳ ବ୍ୟବସ୍ଥା କରାଯାଇଛି । କେତେ ଜଣ ପରିଚାରିକା ସବୁବେଳେ କର୍ମରତ । ସେମାନଙ୍କର ବୟସ ପ୍ରାୟ ସତର ଅଠର ହେବ । ସମସ୍ତେ ସୁଶ୍ରୀ, ସ୍ମାର୍ଟ,

Digitized by PPRACHIN, SOA

ସମବୟସୀ । ନିର୍ଦ୍ଦିଷ୍ଟ ସମୟରେ ଗୁ’ କହି ଦେଇ ଯାଉଛନ୍ତି । ଫଳ ରଖି ଯାଉଛନ୍ତି । ବିଛଣା ପ୍ରସ୍ତୁତ କରି ଦେଉଛନ୍ତି । ଜୋତା ସଫା କରୁଛନ୍ତି । କଥା, ଭାଷା, ବ୍ୟବହାର, ସବୁଥିରେ ସୁରୁଚି । ବରାବର ଲାଗି ପଡ଼ିଛନ୍ତି ।

ଜଣଙ୍କୁ ଡାକି ପଚାରିଲି, ତୁମେ ଏତେ ଅଳ୍ପ ବୟସରୁ ହୋଟେଲ ପରିଚାରିକା ହେଲ କାହିଁକି ? କେତେ ଦିନ ହେଲା ରହିଲଣି ? ଏଠାରେ କେତେ ବେତନ ମିଳେ ? ସେ କହିଲା, ମୁଁ ଏ କଲେଜର ଛାତ୍ରୀ । ପ୍ରଥମ ବର୍ଷ ଶେଷ କରି ଏ ହୋଟେଲ୍‌ରେ ତିନିମାସ ପରିଚାରିକା ଭାବରେ ନିଯୁକ୍ତ ହୋଇଛି । ଅନ୍ୟାନ୍ୟ ଅଭିଜାତ ହୋଟେଲ୍‌ରେ ଯାହା ବେତନ ମିଳେ, ଆମକୁ ସେହି ହାରରେ ପାରିଶ୍ରମିକ ଦିଆଯାଏ । ମୁଁ କଲେଜରେ ଗୃହ ବିଜ୍ଞାନ ଅଧ୍ୟୟନ କରୁଛି । ଆପଣଙ୍କ ମନ୍ତବ୍ୟ ଅନୁସାରେ ଆମକୁ ନମ୍ବର ମିଳିବ । ତିନି ମାସ ଶେଷ ହୋଇଗଲେ, ଦ୍ୱିତୀୟ ବର୍ଷ ଶ୍ରେଣୀରେ ପଢ଼ିବି । ତା’ପରେ ତିନିମାସ ହାସପାତାଲ୍‌ରେ ସେବିକା ହେବି । ତୃତୀୟ ବର୍ଷ ପରେ ଖାଦ୍ୟ ଲାବୋରେଟରୀରେ ସହାୟକ ଭାବେ ତିନି ମାସ ନିଯୁକ୍ତି ମିଳିବ । ଚତୁର୍ଥ ବର୍ଷର ପାଠ୍ୟକ୍ରମ ଶେଷ କରି ଗୋଟିଏ ପରିଚାଳନା ବା ମାନେଜମେଣ୍ଟ ଅନୁଷ୍ଠାନରେ ତିନି ମାସ ଶିକ୍ଷାନବିଶ ଭାବରେ କାର୍ଯ୍ୟ କରିବି । ଏ ସମସ୍ତ ଶେଷ ହେଲା ବେଳକୁ କୌଣସି ଅନୁଷ୍ଠାନରେ ସ୍ୱତଃ ନିଯୁକ୍ତି ମିଳି ଯାଇଥିବ । ଏଠାରେ ପାଠ-ପଢ଼ା ଏବଂ ତାଲିମ ସମୟ ମିଶି ପାଞ୍ଚବର୍ଷ । ପ୍ରତ୍ୟେକ ବିଷୟ ପାଇଁ ଏପରି ବ୍ୟବସ୍ଥା କରାଯାଇଛି ।

ଆଉ ଦିନକର କଥା । ସେ ଦିନ ରବିବାର । କଲେଜ ପରିସର ଭିତରେ ବୁଲୁଥାଉ । ଗୋଟିଏ ଶ୍ରେଷ୍ଠ ଭବନ ନିକଟରେ ଗୁଡ଼ିଏ ମଟର-ଗାଡ଼ି ଜମା ହୋଇଥାଏ । କିନ୍ତୁ ଗୋଟାଏ ସଭା ସମିତି ବା ଆଲୋଚନା ଚକ୍ର ଚାଲିଥିବ । ବାହାରେ କେହି ନ ଥାନ୍ତି । ଭବନର ପ୍ରବେଶଦ୍ୱାରରେ ଲେଖା ଯାଇଛି—‘‘ଭିତରକୁ ଆସ; ନୀରବ ହୋଇ ଉପବେଶନ କର ।’’ ଏ ଲେଖାର କ’ଣ ଉଦ୍ଦେଶ୍ୟ ? କାହାର ସହିତ ପରିଚୟ

Digitized by PPRACHIN, SOA

ନାହିଁ । ଭିତରକୁ ଯିବୁ କିପରି ? କିଛି ଠଉରେଇ ପାରିଲି ନାହିଁ । ଠିକ ବାରଟା ବେଳକୁ ଦ୍ୱାର ଖୋଲିଲା । ଅନେକ ଲୋକ ବାହାରି ଆସିଲେ ।

ସେମାନଙ୍କ ମଧ୍ୟରୁ ଜଣେ ବାହାର ଆସି ସିଧା ସଳଖ ମୋ ପାଖକୁ ଆସିଲେ । ପଚାରିଲେ, ତୁମେ କେଉଁଠାରୁ ଆସିଛ ? କହିଲି, ଭାରତରୁ । ସେ କହିଲେ, ସେ କଥା ମୁଁ ଜାଣି ପାରୁଛି । ମାତ୍ର କେଉଁ ରାଜ୍ୟରୁ ? ଉତ୍ତର ଦେଲି, ଓଡ଼ିଶା ରାଜ୍ୟରୁ । ସେ ଅତି ଆନନ୍ଦରେ କରମର୍ଦ୍ଦନ କରି କହିଲେ—ମୋର ବନ୍ଧୁ ଦାସ, ମହାନ୍ତି ଏବଂ ପଟ୍ଟ-ନାୟକମାନେ କିପରି ଅଛନ୍ତି ? ମୁଁ ଅବାକ୍ । ଆଶ୍ଚର୍ଯ୍ୟ ହୋଇ ଗଲିଁ । ସେ ତାଙ୍କର ପରିଚୟ ଦେଲେ । ତାଙ୍କ ନାମ (Matt Thomson) ମାଟ୍ ଟମ୍ସନ । ସେ ସମ୍ବଲପୁର ବରପାଲିରେ ବହୁ ଦିନ ରହି କାମ କରୁଥିଲେ । ଗ୍ରାମ ସଂଗଠନ ଥିଲା ତାଙ୍କର ଅଭିପ୍ରେତ । ସେହିଠାରୁ ବାହାରିଛି ବରପାଲି ପାଇଖାନା । ସମ୍ବଲପୁରଠାରେ ବହୁ ପଦସ୍ଥ ଲୋକଙ୍କ ସହିତ ତାଙ୍କ ପରିବାରର ବନ୍ଧୁତା ଥିଲା ।

ତାଙ୍କ ଘର ଓେଟନ୍ ସହରରେ । ଆଣ୍ଟିଅକ୍ ଠାରୁ ପ୍ରାୟ କୋଡ଼ିଏ ମାଇଲ । ସେମାନେ ସମସ୍ତେ କ୍ୱେକରସ୍ (Quakers) । ତାଙ୍କର କୌଣସି ନିର୍ଦ୍ଦିଷ୍ଟ ପୂଜା ଉପାସନା ନାହିଁ, କି ଗୀର୍ଜା ନାହିଁ । ଏଇ ଭବନଟି ତାଙ୍କର ଉପାସନା ମନ୍ଦିର । ସେବା ତାଙ୍କର ଧର୍ମ । ଆଣ୍ଟିଅକ୍ ତାଙ୍କର ପ୍ରେରଣା ପୀଠ । ଆମ ତିନିଜଣଙ୍କୁ ତାଙ୍କ ସାଙ୍ଗରେ ଘରକୁ ନେଇଗଲେ । ସେଠାରେ ମଧ୍ୟାହ୍ନ ଭୋଜନ । ଓଡ଼ିଶାର ନାନା କଥା, ନାନା ବନ୍ଧୁଙ୍କ କଥା ପଚାରିଲେ । ସବୁ ମନେ ରଖିଛନ୍ତି । ତାଙ୍କ ପତ୍ନୀ ଏବଂ କନ୍ୟା ମୋ ସାଙ୍ଗରେ ଭାଙ୍ଗି ଭାଙ୍ଗି ଓଡ଼ିଆରେ କଥାବାର୍ତ୍ତା କଲେ । ଜୀବନରେ ସେବାବ୍ରତ ଗ୍ରହଣ କରି, ସେଇ ଆଦର୍ଶରେ ଅନୁ-ପ୍ରାଣିତ ହୋଇ ସେବା କରିବା ଲୋକ କେତେ ଜଣ ଅଛନ୍ତି ? ଆମେ-ରିକାର ସୁଖ ସମ୍ଭୋଗ, ପରିସ୍ଥିତି, ବନ୍ଧୁବର୍ଗଙ୍କୁ ଛାଡ଼ି ବରପାଲି ପରି ସୁଦୂର ପଲ୍ଲୀ ଗ୍ରାମରେ ବର୍ଷ ବର୍ଷ ଧରି ରହିବା ଅତି ଆଶ୍ଚର୍ଯ୍ୟ । କେତେଜଣ ଏପରି ସେବା ଧର୍ମରେ ଦୀକ୍ଷିତ ହୋଇ ପାରନ୍ତି ?

Digitized by PPRACHIN, SOA

ମୁଁ ଟମସନ୍‌ଙ୍କୁ କହିଲି, ମୋର ଇଚ୍ଛା ଦେଖିବାକୁ ଗ୍ରାମାଞ୍ଚଳ ଏବଂ କୃଷିକ୍ଷେତ୍ର । ସେ ଆମ ତିନିଜଣଙ୍କୁ ନେଇଗଲେ କୃଷି ଅଞ୍ଚଳକୁ । ଜଣେ କୃଷିଜୀବୀ ତାଙ୍କ ଘରୁ ବାହାର ଫାର୍ମ ଭିତରକୁ ଯାଉଥିଲେ । ତାଙ୍କର ନାମ ମିଟ୍‌ମାନ (Mitman) । ସେ ଆମକୁ ଫାର୍ମ ଭିତର ବୁଲି ଦେଖାଇଲେ । ସେ ଫାର୍ମର ଆକାର ୧୬୫ ଏକର । ତାଙ୍କର ବୟସ ପ୍ରାୟ ୭୦ ବର୍ଷ । ସେ ଜମିର ମାଲିକ । ପ୍ରଜା କି ରୟତ ନୁହନ୍ତି । ମୁଁ ତାଙ୍କୁ ପଚାରିଲି, କେତେଜଣ ଶ୍ରମିକ ତାଙ୍କ ଜମିରେ କାମ କରନ୍ତି ? ସେ କହିଲେ, ତାଙ୍କର ଜମି ମାତ୍ର ୧୬୫ ଏକର । ସେ ନିଜେ ସବୁ କରନ୍ତି । ବେଳେ ବେଳେ ତାଙ୍କର ସ୍ତ୍ରୀ ସାହାଯ୍ୟ କରନ୍ତି । ଏତିକି ଜମି ପାଇଁ କାହାର ସହାୟତା ଆବଶ୍ୟକ ହୁଏ ନାହିଁ । ହଳଠାରୁ ଅମଳ ପର୍ଯ୍ୟନ୍ତ ସବୁ କାମ ପାଇଁ ଅଛି ଯନ୍ତ୍ରପାତି । ସେ ଗୁଡ଼ିକ ଆମକୁ ଦେଖାଇଲେ । ସେ ମକା କରନ୍ତି । ଗହମ କରନ୍ତି । ଅନ୍ୟାନ୍ୟ ଫସଲ ମଧ୍ୟ କରନ୍ତି । ତାଙ୍କର ଗାଈ ଅଛନ୍ତି; ଘୁଷୁରି ମଧ୍ୟ ଅଛନ୍ତି । ସେ କ୍ଷେତ ଭିତରେ ବୁଲୁଥାନ୍ତି । ଘଣ୍ଟିକେତ ଶୁଣି ଗାଈ ଗୁଡ଼ିକ ଗୋଶାଳା ଭିତରକୁ ଚାଲି ଆସିଲେ । ସବୁ ଗାଈଙ୍କ ଦେହ ଗରମ ପାଣିରେ ଧୁଆ ଗଲା । ଗରମ ପବନରେ ଶୁଖାଇ ଦିଆଗଲା । ଯନ୍ତ୍ର ଲଗାଇ ସେ ଗାଈ ଗୁଡ଼ିକ ଦୁହିଁ ଦେଲେ । ସବୁ ଦୁଧ ଗୋଟିଏ ବଡ଼ ରେଫ୍ରିଜରେଟର୍ କୁଣ୍ଡରେ ଢାଳି ଦେଲେ । ଦୁଧ କମ୍ପାନୀର ଲୋକ ପାଳି ଦିନରେ ଆସି ଦୁଧତକ ନେଇଯିବେ ।

ମନେ ହେଲା, ଆମଦେଶରୁ କୃଷି ଛାତ୍ର ଏବଂ କୃଷି ଅଧ୍ୟାପକ ଏ ଦେଶକୁ ଆସି କୃଷିବିଦ୍ୟା ଅଧ୍ୟୟନ କରିବା ଏକ ପ୍ରହସନ । ଏ ଦେଶରେ ଶତକଡ଼ା ୪ଭାଗ ଲୋକ କୃଷିଜୀବୀ । ତାଙ୍କ ଦେଶର ଲୋକଙ୍କ ଲାଗି ଯଥେଷ୍ଟ ଖାଦ୍ୟଶସ୍ୟ ଯୋଗାଇ ସାରି ବଳକା ଶସ୍ୟ ରପ୍ତାନୀ କରନ୍ତି । ଆମ ଦେଶରେ ପ୍ରାୟ ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି । ତେବେ ମଧ୍ୟ ବହୁ ଲୋକଙ୍କ ଭାଗ୍ୟରେ ଅନ୍ନ ଜୁଟେ ନାହିଁ ।

Digitized by PPRACHIN, SOA

ଆର୍ଥର ମର୍ଗାନ ଖାଲି ଗୋଟିଏ ଶିକ୍ଷାପ୍ରତିଷ୍ଠାନ ଗଢ଼ି ନ ଥିଲେ । ଏହି ଆଣ୍ଟିଅକ୍‌କୁ ଆଧାର କେନ୍ଦ୍ର କରି ଗୋଟିଏ ଆଦର୍ଶ ଗ୍ରାମାଞ୍ଚଳ ସୃଷ୍ଟି କରିଥିଲେ । ତାହାର ନାମ ହେଲା ୟେଲୋ ସ୍ପ୍ରିଙ୍ଗ୍ସ ଗ୍ରାମ । ଏ ଗ୍ରାମରେ ଅଧିବାସୀଙ୍କ ସଂଖ୍ୟା ପ୍ରାୟ ତିନି ହଜାର । ସାନ ସାନ ବହୁ ଉଦ୍ୟୋଗ ଏଠାରେ ପ୍ରତିଷ୍ଠିତ ହୋଇଛି । ସବୁଥିରେ ସ୍ୱୟଂଚାଳିତ ଆଧୁନିକ ଯନ୍ତ୍ରପାତି ବ୍ୟବହୃତ ହେଉଛି । ମାତ୍ର ଏଠାରେ ପୁଞ୍ଜିପତି-ଙ୍କର ପ୍ରବେଶ ନାହିଁ । ସମାଜରେ ସ୍ୱଚ୍ଛଳ ଜୀବନ ଧାରଣ ପାଇଁ ଏ ଗ୍ରାମଟି ଗଢ଼ା ହୋଇଛି ।

ପରଦିନ ସକାଳେ ୟେଲୋ ସ୍ପ୍ରିଙ୍ଗ୍ସ ଗ୍ରାମ ଅଫିସ ଦେଖିବାକୁ ଗଲି । ଗ୍ରାମ ମାନେଜରଙ୍କ ସହିତ ଦେଖାକଲି । ଅଳ୍ପ ଲୋକସଂଖ୍ୟା ବିଶିଷ୍ଟ ଏ ଛୋଟ ଗ୍ରାମଗୋଷ୍ଠୀ କିପରି ସୁନ୍ଦର ଭାବରେ ପରିଚାଳିତ ହୋଇ ପାରେ, ଆଧୁନିକ ସମସ୍ତ ସୁବିଧା ସୁଯୋଗ, ଶିକ୍ଷା ସ୍ୱାସ୍ଥ୍ୟ, କୃଷି ଏବଂ ଶିଳ୍ପ କିଭଳି ଭାବରେ ସଂଗଠିତ ହୋଇପାରେ, ୟେଲୋ ସ୍ପ୍ରିଙ୍ଗ୍ସର ଗ୍ରାମଗୋଷ୍ଠୀ ତାହାର ଏକ ସଫଳ ଦୃଷ୍ଟାନ୍ତ ।

ସନ୍ଧ୍ୟାରେ ଆଣ୍ଟିଅକ୍ କଲେଜର ପ୍ରେସିଡେଣ୍ଟ୍ ଡକ୍ଟର ଡସନ୍ (Dawson) ରାତ୍ରିଭୋଜନ ପାଇଁ ନୂତନ ଅଧ୍ୟାପକମାନଙ୍କୁ ନିମନ୍ତ୍ରଣ କରିଥିଲେ । ସେଥି ସଙ୍ଗେ ଆମ ତିନିଜଣଙ୍କୁ ମଧ୍ୟ । ସେମାନଙ୍କୁ ଆଣ୍ଟି-ଅକ୍‌ର ପ୍ରଣାଳୀ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଉପଦେଶ ଦେଲେ । ଛାତ୍ରଛାତ୍ରୀମାନଙ୍କୁ ଏଠାରେ ପୂର୍ଣ୍ଣାଙ୍ଗ ମଣିଷ ରୂପେ ଗଢ଼ିବାକୁ ହେବ । ଖାଲି ଅଧ୍ୟୟନ କ୍ଷେତ୍ରରେ ନୁହେଁ, ଜୀବିକା ନିର୍ବାହ, ସମାଜ ପ୍ରତି ଦାୟିତ୍ୱ, ସ୍ୱାୟତ୍ତ ଶାସନ, ସ୍ୱାବଲମ୍ବନ ପ୍ରଭୃତି ଦିଗରେ ସମ୍ୟକ ଦୃଷ୍ଟି ଦେବାକୁ ହେବ । ଖାଲି ଶିକ୍ଷାଦାନ କଲେ ଶିକ୍ଷକର କର୍ତ୍ତବ୍ୟ ସମ୍ପାଦିତ ହୁଏ ନାହିଁ । ଡସନ୍ ଜଣେ ଆଦର୍ଶବାଦୀ ଏବଂ ସେ ଆଦର୍ଶ କର୍ମକ୍ଷେତ୍ରରେ କାର୍ଯ୍ୟକାରୀ କରିବା ପାଇଁ ସେ ଲାଗି ପଡ଼ିଛନ୍ତି । ଆଣ୍ଟିଅକ୍‌ର ଛାତ୍ରମାନେ ବହୁ କ୍ଷେତ୍ରରେ ସୁନାମ ଅର୍ଜନ କରି ପାରିଛନ୍ତି ।

Digitized by PPRACHIN, SOA

ମୋତେ ଲାଗିଲା, ମହାତ୍ମା ଗାନ୍ଧୀଙ୍କର ଶିକ୍ଷା ପ୍ରଣାଳୀ, ତ୍ୟାଗ, ନିଷ୍ଠା, ଆତ୍ମ ସଂଯମ ଏବଂ ଆଶ୍ରମ ଜୀବନ ଏଥିରେ ପ୍ରତିଫଳିତ ହୋଇଛି । ସମଗ୍ର ଯୁକ୍ତରାଷ୍ଟ୍ର ପୁଞ୍ଜିପତିଙ୍କର ପ୍ରଧାନତ କ୍ଷେତ୍ର ନୁହେଁ । ଆଣ୍ଟିଅକ୍ ପରି ସୁସ୍ଥ, ସରଳ ପରିବେଶ, ସେବା ଏବଂ ତ୍ୟାଗ ଉପରେ ଆଧାରିତ ସାମାଜିକ ଜୀବନ ଏବଂ ମାନବିକତାର ଆଦର୍ଶ ଏ ଦେଶରେ ମଧ୍ୟ ସ୍ଥାନେ ସ୍ଥାନେ ବିକଶିତ ହୋଇଛି ।

ଆଣ୍ଟିଅକ୍ କଲେଜ ଆଉ ପିଟର୍ସବର୍ଗର ଗ୍ରାମ ପରିଦର୍ଶନ କରି ବଡ଼ ଆନନ୍ଦ ଲାଗିଲା ଏ ସବୁ ଦେଖିବାର ଅଭିଳାଷ ମୋର ସଫଳ ହେଲା । ଆର୍ଥର ମର୍ଗାନ୍‌ଙ୍କ ସହିତ ରେଭେନ୍‌ସା କଲେଜରେ ସାକ୍ଷାତ ହୋଇ ନ ଥିଲେ ମୋତେ ଏ ସୁଯୋଗ ମିଳି ନ ଥାନ୍ତା ।

× × ×

ଆଣ୍ଟିଅକ୍ କାର୍ଯ୍ୟକ୍ରମ ଶେଷ ହେଲା । ମଟର ଗାଡ଼ିରେ ଆଣ୍ଟି-ଅକ୍‌ରୁ ଆସିଲୁ ଡେଟନ୍ । ସେଠାରୁ ଟ୍ରେନ୍‌ରେ ଯିବାକୁ ହେବ ଡେଟ୍ରଇଟ୍ । ଆମ ବଖରାରେ ଜଣେ ବୟସ୍କ ଲୋକ ଆମର ସହଯାତ୍ରୀ ହେଲେ । ତାଙ୍କ ନାମ ଡୋନୋଭନ୍ (R. E. Donovan) । ତାଙ୍କ ସହିତ କଥାବାର୍ତ୍ତା ହେଲା । କଥା ପ୍ରସଙ୍ଗରେ ସେ କହିଲେ, ତମ ଭାର-ତରେ ସରକାର ଯେପରି କଳକାରଖାନା ପରିଚାଳନା କରିବାର ଭାର ନେଇଛନ୍ତି, ଆମେ ଏଠାରେ ସେ ସବୁ ପସନ୍ଦ କରୁନାହୁଁ । ଏଠାରେ ସମସ୍ତେ ସବୁବେଳେ ଦୌଡ଼ି ଚାଲିଛନ୍ତି । ଉପାର୍ଜନ ବୃଦ୍ଧି କରିବାକୁ ହେବ । ସବୁବେଳେ ବେଗ ଏବଂ ପରିଶ୍ରମ । ସରକାରଙ୍କ ହାତକୁ ଯାହା ଯିବ, ସେଥିରେ ଅଫିସରମାନେ ଖାଲି ପୋଷାକ ପିନ୍ଧି ଟହଲ ମାରିବେ । ଧୀରେ ସୁସ୍ଥେ ଚାଲିଥିବେ । ଆମେରିକାରେ ଟ୍ରେନ୍, ବିମାନ, ବିଦ୍ୟୁତ୍‌ଶକ୍ତି, ଟେଲିଫୋନ୍ ପ୍ରଭୃତି ବେସରକାରୀ ସଂସ୍ଥା । କେବେହେଲେ କେଉଁଠାରେ ଅଟକିବ ନାହିଁ । ସରକାର ନିୟନ୍ତ୍ରଣ କରି ପାରନ୍ତି । ମାତ୍ର ପରିଚାଳନାର ଦାୟିତ୍ୱ ନେଲେ, ସବୁ ଧିମେଇ ଯିବ । ଭଦ୍ରଲୋକ କୌଣସି ରାଜନୈତିକ ଦୃଷ୍ଟିରୁ ମନ୍ତବ୍ୟ ଦେଉ ନ ଥିଲେ । ସେ ବାର-

Digitized by PPRACHIN, SOA

ସ୍ୱାର କହିବା ଲାଗିଲେ—ସରକାରୀ କଳ ସବୁବେଳେ ମାନ୍ଦା । ସେଥିରେ ଅକ୍ଷମତା ଗୁରୁତା ହୋଇଛି ।

ବୟସ୍କ ଲୋକ । ଷାଠିଏ ବର୍ଷ ବୟସ ହେବ । ମାତ୍ର ଆମେରିକାର ମୂଳ ପିଣ୍ଡ ଯେ କ୍ରମାଗତ ପରିବର୍ତ୍ତନ, ସେଥିରେ ତାଙ୍କର ଅଖଣ୍ଡ ଅନୁରକ୍ତି । କଥା ପ୍ରସଙ୍ଗରେ କହିଲେ—ଲଣ୍ଡନ ମୋତେ ବେଶ୍ ଭଲ ଲାଗିଲା । ସୁନ୍ଦର ସହର । ମାତ୍ର ସେଠାରେ ଯେପରି ଯାହା ଥିଲା, ସେଥିରେ ଲୋକେ ସନ୍ତୁଷ୍ଟ । କୌଣସି ପରିବର୍ତ୍ତନ ଲକ୍ଷ୍ୟ ନାହିଁ । ତାଙ୍କର କଣ୍ଠାଭୂଷା, ଟେବୁଲ ତଳଗଣା ମଧ୍ୟଯୁଗର । ହୋଟେଲ ପରିବେଶକର ବସ୍ତ୍ରଦୂତ ପରି ପୋଷାକ । ଆଉ ଫ୍ରାନ୍ସ । ସେଠାରେ ଲୋକେ କଳାବିଦ୍ୟାରେ ଚୂଡ଼ାନ୍ତ ସ୍ଥାନରେ ଉପନୀତ ହୋଇଛନ୍ତି । ଭଦ୍ରଲୋକଙ୍କର ପୁତ୍ର ସାନଫ୍ରାନ୍‌ସିସ୍କୋର ହାଇସ୍କୁଲରେ ଶିକ୍ଷକ । ଦେଖା କରିବା ପାଇଁ ମୋତେ ଅନୁରୋଧ କଲେ ।

ଡେଟ୍ରଇଟ୍

ୱେଟନ୍‌ରୁ ଟ୍ରେନ୍‌ରେ ଆସି ପାଞ୍ଚଟା ବେଳେ ଡେଟ୍ରଇଟ୍ ସହରରେ ପହଞ୍ଚିଲୁ । ଡେଟ୍ରଇଟ୍ ମିସିଗାନ ରାଜ୍ୟର ମୁଖ୍ୟ ସହର । ଆମ ପାଇଁ ରହିବାର ବନ୍ଦୋବସ୍ତ ହୋଇଥିଲା । ସନ୍ଧ୍ୟାରେ ମିଳିତ ଜାତିସଂଘ ବିଷୟରେ ଏକ ସଭା ହେଉଥିଲା । ସେଠାକୁ ଗଲୁ । ସେଥିରେ ଭାଷଣ ଦେଉଥିଲେ ଥରଷ୍ଟନ୍ ମର୍ଗାନ (Thurston Morgan) । ସେ କେଣ୍ଟକି ରାଜ୍ୟର ସେନେଟର୍ । ପୂର୍ବରୁ ସେ ଉପମନ୍ତ୍ରୀ ଥିଲେ । ରାଜନୀତିରେ ପ୍ରବେଶ କରିଛନ୍ତି । ବକ୍ତୃତା କରିବାର ଶକ୍ତି ଅଛି । ସେ ଜାତିସଂଘ ବିଷୟରେ କହିବାକୁ ଯାଇ ଆମେରିକାର ବୈଦେଶିକ ନୀତି ଆଲୋଚନା କଲେ ।

ଦ୍ୱିତୀୟ ମହାଯୁଦ୍ଧ ପରେ ଦୁଇଟି ମୁଖ୍ୟ ସମସ୍ୟା ଆବିର୍ଭୂତ ହୋଇଛି । ପ୍ରଥମଟି ହେଲା ସୋଭିଏଟ୍ ୟୁନିଅନ୍‌ର ଶକ୍ତି ପ୍ରସାର । କମ୍ୟୁନିଜିମ୍‌ର ପରିସର ବୃଦ୍ଧି ପାଇବାରେ ଲାଗିଛି । ତାହାର ସାମରିକ ଶକ୍ତି ବଢ଼ି ଚାଲିଛି । ଯେଥିପ୍ରତି ସଜାଗ ରହିବାକୁ ହେବ । ଦ୍ୱିତୀୟଟି ଏକ ବ୍ୟାପକ ସମସ୍ୟା । ବହୁ ରାଜ୍ୟ ନୂଆ କରି ସ୍ୱାଧୀନତା ଲାଭ କରିଛନ୍ତି । ସେ ସବୁ ରାଜ୍ୟରେ ଗଣତନ୍ତ୍ର ପ୍ରତିଷ୍ଠିତ ହେବା ସହଜ ନୁହେ । ସେମାନେ ଚାହାନ୍ତି କେବଳ ଅର୍ଥନୈତିକ ବିକାଶ ପାଇଁ ବିଦେଶୀ ସମ୍ବଳ । ରୁଷିଆର ପ୍ରଭାବ ସେଠାରେ ବ୍ୟାପିବାର ସମ୍ଭାବନା ରହିଛି । ରୁଷିଆର ବ୍ୟାପକ ଅର୍ଥନୈତିକ ପ୍ରଗତି ପୃଥିବୀରେ ଆତଙ୍କ ସୃଷ୍ଟି କରିଛି । ତା'ର ସ୍ପୁଟନିକ ଏ ଶକ୍ତିର ନିଦର୍ଶନ ।

ଜାତି ସଂଘରେ ନିରାପତ୍ତା କାଉନ୍‌ସିଲ୍ ସବୁଠାରୁ ଅଧିକ ଶକ୍ତିଶାଳୀ । ସେଥିରେ ପାଞ୍ଚଜଣ ସ୍ଥାୟୀ ସଭ୍ୟ—ଚୀନ, ଫ୍ରାନ୍‌ସ,

Digitized by PPRACHIN, SOA

ସୋଭିଏଟ ୟୁନିୟନ୍, ବ୍ରିଟେନ୍ ଏବଂ ଯୁକ୍ତରାଷ୍ଟ୍ର । ଚୀନ ଦେଶକୁ ଏ ପର୍ଯ୍ୟନ୍ତ ଜାତିସଂଘରେ ସଭ୍ୟ କରି ଯାଇନାହିଁ । ତା' ସ୍ଥାନରେ ଫର୍ମୋଜାକୁ ନିଆଯାଇଛି । ଏହିଟା ଗୋଟାଏ ପ୍ରହସନ । ତାଙ୍କ ମତରେ ଫର୍ମୋଜା ସ୍ଥାନରେ ଭାରତକୁ ଗ୍ରହଣ କରିବା ଉଚିତ । ଏ ପ୍ରସ୍ତାବର ତାତ୍ପର୍ଯ୍ୟ କିଛି ବୁଝିପାରିଲି ନାହିଁ । ଚୀନ ଦେଶକୁ ଜାତିସଂଘରେ ଗ୍ରହଣ କରିବା ପାଇଁ ଭାରତ ବରାବର ପ୍ରସ୍ତାବ କରି ଆସିଛି ।

ରୁଷିଆ ୧୯୫୭ ମସିହା ଅକ୍ଟୋବର ମାସରେ ମହାକାଶକୁ ସ୍ପୁଟ୍ନିକ ପ୍ରେରଣ କଲା ଦିନଠାରୁ ଆମେରିକାରେ ଆତଙ୍କ ସୃଷ୍ଟି ହୋଇଛି । ବିଜ୍ଞାନ ଏବଂ ଶିକ୍ଷା କ୍ଷେତ୍ରରେ ରୁଷିଆ ଆମେରିକାକୁ ଟପି ଯାଇଛି । ଛାତ୍ର ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ସେମାନେ ଅଧିକ ସଂଖ୍ୟାରେ ଗଣିତ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟୟନ କରିବାପାଇଁ ଆଗ୍ରହର ହୋଇ ପଡ଼ିଛନ୍ତି । ଏଥିରେ ପ୍ରକଟିତ ହୋଇଛି ଛାତ୍ର ମହଲରେ ଜାତୀୟତାର ମନୋବୃତ୍ତି । କଲେଜ ଏବଂ ୟୁନିଭରସିଟିରେ ଅଧିକ ମାତ୍ରାରେ ବିଜ୍ଞାନ ପଢ଼ାଇବା ଲାଗି ବ୍ୟବସ୍ଥା କରିଯାଇଛି । ପ୍ରଥମରୁ ଆଣବିକ ଅସ୍ତ୍ର ବିସ୍ଫୋରଣ କରି ଆମେରିକା ଯେଉଁ ପରାକ୍ରମ ପ୍ରକଟିତ କରିଥିଲା, ସେଥିରେ ପ୍ରବଳ ଧକ୍‌କା ଲାଗିଛି । ସବୁଆଡ଼େ କଥାବାର୍ତ୍ତାରେ ଛାତ୍ର ଏବଂ ଶିକ୍ଷକମାନଙ୍କ ମଧ୍ୟରେ ଏ ବିଷୟ ଅବିରତ ଆଲୋଚନା କରିଯାଉଛି ।

ପରଦିନ ସକାଳେ ଫୋର୍ଡ଼ (Ford) ମଟର କାରଖାନା ଦେଖିବାକୁ ଗଲି । ବହୁ ମଟର ଗାଡ଼ି ବାହାରେ ପାର୍କ କରିଯାଇଛି । ଶ୍ରମିକଙ୍କ ସଂଖ୍ୟା ୨୫୦୦୦ । ସେମାନଙ୍କର ଗାଡ଼ି ଥୁଆ ହୋଇଛି । ଶିଫ୍‌ଟ (Shift) ପରିବର୍ତ୍ତନ ସମୟ ଏକ ସମୟରେ ହେଲେ ଗାଡ଼ି ସବୁ ବାହାରି ପାରିବ ନାହିଁ । ତେଣୁ ପର୍ଯ୍ୟାୟ କ୍ରମେ ପ୍ରତି ଦଶ ମିନଟ ବ୍ୟବଧାନରେ ବିଭିନ୍ନ ବିଭାଗର ଶିଫ୍‌ଟ ଶେଷ କରିଯାଉଛି । ପ୍ରତିଦିନ ଏ କାରଖାନାରେ ୫୬୦୦ ଇଞ୍ଜିନ୍ ତିଆରି ହେଉଛି । ଗୋଟିଏ ଫାଟକ ବାଟେ ଲୁହା ଭିତରକୁ ଯାଏ । ସେଥିରେ ବିଭିନ୍ନ ଅଂଶ ତିଆରି

Digitized by PPRACHIN, SOA

ଠାଆ ଡିଆର୍ ହୋଇ ଯୋଡ଼ ହୋଇ ଯାଉଥାଏ । ପ୍ରତି ୪୮ ସେକେଣ୍ଡରେ ଗୋଟିଏ ଗାଡ଼ି ପ୍ରସ୍ତୁତ ହୋଇ ଅନ୍ୟ ଏକ ଫାଟକରେ ବାହାରି ଯାଉଥାଏ । ହେନ୍‌ରି ଫୋର୍ଡ଼ ପୃଥିବୀରେ ପ୍ରଥମ ମଟରଗାଡ଼ି ନିର୍ମାତା । ଏ ଦେଶର ସମୃଦ୍ଧିରେ ସେ ଜଣେ ବରିଷ୍ଠ ନିର୍ମାତା ।

ଏହି ସହରରେ ଅଛି ପୁଣି ଆଉ ଗୋଟିଏ ମଟର ଗାଡ଼ି କାରଖାନା—ଜେନେରାଲ୍ ମୋଟରସ୍ ।

ତା'ପରେ ଦେଖିବାକୁ ଗଲୁ ହେନ୍‌ରି ଫୋର୍ଡ଼ ମ୍ୟୁଜିଅମ୍ । ଏ ଗୋଟିଏ ବିରାଟ ପ୍ରଦର୍ଶନୀ । ବିଭିନ୍ନ କ୍ଷେତ୍ରରେ ବିଜ୍ଞାନ କିପରି ପ୍ରଗତି କରି ଚାଲିଛି, ବିଭିନ୍ନ ପ୍ରକାର ଯନ୍ତ୍ରପାତି ଉଦ୍ଭାବନ କରି ଲାଗିଛି, ସେ ସବୁ ପ୍ରଦର୍ଶିତ ହୋଇଛି । ପ୍ରବେଶ ଦ୍ୱାର ପରେ ଏକ ବିସ୍ତୀର୍ଣ୍ଣ ପ୍ରାଙ୍ଗଣ । ସେଠାରୁ ବିଭିନ୍ନ ବିଷୟରେ ଗୋଟିଏ ଗୋଟିଏ ସରଣୀ ପ୍ରସାରିତ ହୋଇଛି । କୃଷି କ୍ଷେତ୍ରରେ ଲଙ୍ଗଳ, ମଇ, ଦାଆଠାରୁ ଆରମ୍ଭ କରି ସ୍ୱୟଂଚାଳିତ ଯନ୍ତ୍ରପାତି ରଖାଯାଇଛି । ମାତ୍ର ଆମ ଦେଶରେ ଅଧିକାଂଶ କୃଷିଜୀବୀ ଲଙ୍ଗଳ ସ୍ତରରେ ରହିଛନ୍ତି । ଆଲୋକ କ୍ଷେତ୍ରରେ ଜୀବଜନ୍ତୁଙ୍କର ଚର୍ବିଠାରୁ ଆରମ୍ଭ କରି ତୈଳ ପ୍ରଦୀପ, କିରାସିନ, ଗ୍ୟାସ, ଲଣ୍ଠନ ମହମବତୀ, ବିଦ୍ୟୁତ ଆଲୋକ, ଫ୍ଲୁରେସେଣ୍ଟ ଆଲୋକ ସବୁ ପ୍ରଦର୍ଶିତ ହୋଇଛି । ଆମ ଦେଶରେ ଦୀପ ବଳିତା, ଡିବି, ଲଣ୍ଠନ ଏବେ ମଧ୍ୟ ବହୁ ସ୍ଥାନରେ ବ୍ୟବହୃତ ହେଉଛି । ଯାନବାହାନ ବିଭାଗରେ ଶଗଡ଼, ଘୋଡ଼ାଗାଡ଼ି, ସାଇକେଲ, ରେଲଇଞ୍ଜିନ, ବିଭିନ୍ନ କିସମର ମଟରଗାଡ଼ି, ଜାହାଜ, ବ୍ୟୋମଯାନ ପର୍ଯ୍ୟନ୍ତ ସଜଡ଼ା ହୋଇ ଥୁଆ ହୋଇଛି । ଭାଗ୍ୟରୁ ହାତଟଣା ରିକ୍‌ସା ସ୍ଥାନ ପାଇନାହିଁ । ସେଠାରେ ଛାତ୍ରମାନେ ଆସି ଦେଖନ୍ତି, ପୂର୍ବକାଳରେ କଅଣ ଥିଲା । ଆମ ଛାତ୍ରମାନେ ଦେଖିବେ ଆମରି ନୂଆଯୁଗ କେତେବାଟ ଗଲାଣି । ବିଭିନ୍ନ ଶ୍ରେଣୀର ଯନ୍ତ୍ରପାତି କିପରି କ୍ରମେ କ୍ରମେ ଉଦ୍ଭାବିତ ହୋଇଛି, କି କି ଅବସ୍ଥା ମଧ୍ୟ ଦେଇ ତା'ର ବିକାଶ ହୋଇଛି, ସେ ସବୁ ସୁନ୍ଦର ଭାବରେ ରଖାଯାଇଛି । ଦୁଇ ଶହ ବର୍ଷ ତଳର ଯନ୍ତ୍ରପାତି ଦେଖି ଏ ଦେଶର ପିଲାଏ କୌତୁକ

Digitized by PPRACHIN, SOA

ପ୍ରକାଶ କରୁଛନ୍ତି । ମାତ୍ର ଏବେ ସୁଦ୍ଧା ସେ ଆମର ଆଶ୍ଚର୍ଯ୍ୟ ଉଦ୍ଦୀପକ ।

ତା'ପରେ ଦେଖିଲୁ ସବୁଜକ୍ଷେତ୍ର ଗ୍ରାମ (Green field Village) । ଫୋର୍ଡ଼ ମୋଟର କାରଖାନା ହେବା ପୂର୍ବରୁ ଏ ସ୍ଥାନଟି ଗୋଟିଏ ଗ୍ରାମ ମାତ୍ର ଥିଲା । ସେ ପ୍ରାୟ ୧୦୦ ବର୍ଷ ତଳର କଥା । ସେତେବେଳର ଗ୍ରାମଟିକୁ ଉଦ୍ଧାର କରାଯାଇଛି । ସେତେବେଳର ପରିବେଶ, ଘରଦ୍ୱାର, ସ୍କୁଲ କଲେଜ, କଳ କବଜା, ଲାବୋରେଟୋରୀ ଇତ୍ୟାଦି ଯେପରି ଥିଲା, ଠିକ୍ ସେହିପରି ଭାବରେ ପ୍ରସ୍ତୁତ କରି ଏହାଟିକୁ ଗୋଟିଏ ମ୍ୟୁଜିଅମ୍ ଗ୍ରାମ ରୂପରେ ରଖାଯାଇଛି । ସେତେବେଳର ଘୋଡ଼ା ଗାଡ଼ିଟି ମଧ୍ୟ ଥୁଆ ଯାଇଛି । ହେନରି ଫୋର୍ଡ଼ ଯେଉଁ ଘରେ ଜନ୍ମଗ୍ରହଣ କରିଥିଲେ, ସେଇଟି ଥିଲା ଦୁଇ ମାଇଲ ଦୂରରେ । ସେଇଟି ଅକ୍ଷୁଣ୍ଣ ହୋଇ ରହିଛି । ଏ ଗ୍ରାମଟିକୁ ଦେଖିବା ପାଇଁ ବହୁ ଲୋକ ଆସନ୍ତି । ଏଇଟି ଅଳଭ୍ୟ ସ୍ମୃତିର ବାସ୍ତବ ରୂପାନ୍ତର ।

ଡେଟ୍ରଇଟ୍ ଏକ ସୁନ୍ଦର ସହର । ଡେଟ୍ରଇଟ୍ ନଦୀର ଅପର ପାର୍ଶ୍ୱରେ କାନାଡ଼ାର ଓ୍ୱିଣ୍ଡସର ସହର (Windsor) । ଡେଟ୍ରଇଟ୍ରୁ ଓ୍ୱିଣ୍ଡସରକୁ ପୋଲ କରାଯାଇଛି । ନଦୀ ତଳେ ଟନେଲ୍ ମଧ୍ୟ ଖୋଳା ଯାଇଛି । ଏହି ସହରରେ ଅଛି ଡେଟ୍ରଇଟ୍ ୟୁନିଭରସିଟି ଏବଂ ଓ୍ୱେନ୍ (Wayne) ୟୁନିଭରସିଟି । ମୋଟର ଫାକ୍ଟରୀଗୁଡ଼ିକ ଅନେକ ଦୂରରେ । ଡେଟ୍ରଇଟ୍ ସହର ଜନାକୀର୍ଣ୍ଣ ନୁହେ । ଏଠାରେ କାରଖାନାର ଧୂଆଁ କି ଧୂଳି ନାହିଁ । ମୁଁ ହୋଟେଲର ନଅ ତାଲା ଉପରେ ରହୁଥିଲି । ରାତିସାରା କାନାଡ଼ାର ଓ୍ୱିଣ୍ଡସର ସହରର ଆଲୋକମାଳା ଦେଖା ଯାଉଥାଏ । ସେ ଦିନ ଗୋଟିଏ କମ୍ପାସ୍ କିଣିକରି ଆଣିଥିଲି । ମୂଲ୍ୟ ମାତ୍ର ଅଧ ଡଲାର୍ । କମ୍ପାସରେ କାନାଡ଼ାର ଓ୍ୱିଣ୍ଡସର ଦେଖାଗଲା ଦକ୍ଷିଣଦିଗକୁ । ଶସ୍ତା ଠକେଇ କମ୍ପାସଟିଏ ବୋଲି ମୁଁ ଥରେ ଭାଙ୍ଗିଦେବାକୁ ବସିଥିଲି । କ'ଣ ମନକୁ ଆସିଲା, ଟେବୁଲ ଉପରେ ରଖିଦେଲି । ଆରଦିନ ଏ କଥା ଜଣେ ବନ୍ଧୁଙ୍କୁ କହିଲି । ସେ ମାନଚିତ୍ର ଆଣି ଦେଖାଇଦେଲେ, ଏଥି

Digitized by PPRACHIN, SOA

(Erie) ହ୍ରଦ କୂଳର ଦୁଇ ପାଖରେ ଡେଟ୍ରଏଟ୍ ଏବଂ ଓ୍ଵିଣ୍ଡସର। ସେ ହ୍ରଦଟି ଏହିଠାରେ ଦକ୍ଷିଣକୁ ପଶିଯାଇଛି। କମ୍ପାସଟି ରକ୍ଷା ପାଇଗଲା।

ଆମେରିକାରେ ପ୍ରାୟ ସବୁ ଲୋକଙ୍କର ମନୋଭାବ, ଯେ ଦେଶରେ ସବୁ ବଡ଼। ଏମ୍ପାୟର ଷ୍ଟେଟ୍ ବିଲ୍ଡିଙ୍ଗ ସବୁଠାରୁ ଉଚ୍ଚ। ନିଉୟର୍କ ଟାଇମ୍ସର ରବିବାର ସଂସ୍କରଣ ସବୁଠାରୁ ବୃହତ୍‌କାୟ। ଜେନେରାଲ ମୋଟର୍ସର ଅଫିସ ସବୁଠାରୁ ବଡ଼ ଅଫିସ। ଆମେରିକାରେ ସବୁ ଜିନିଷ "ସବୁଠାରୁ ବଡ଼" ବୋଲି କହିବାରେ ଭାରି ଆନନ୍ଦ। ଆମେରିକା ସବୁଠାରୁ ଧନବନ୍ତ, ଏଠାରେ ସବୁ ପ୍ରକାର ସମୃଦ୍ଧି ଏଠାରେ ଅତି ଉଚ୍ଚରେ। ଏ ସବୁ ସେମାନେ ଅନୁଭବ କରନ୍ତି ଏବଂ ଅନ୍ୟମାନଙ୍କୁ ଜଣାଇବା ପାଇଁ ଆଗ୍ରହୀ। ଆମେରିକାର ପ୍ରବଧି ବିଜ୍ଞାନ ବହୁ ଦୂର ପ୍ରସାରିତ ହୋଇ ଦେଶକୁ ବିଭବଶାଳୀ କରିଛି। ତେଣୁ କୌଣସି ବିଗରେ ଚୁଷିଆ ଉପର ସ୍ତରକୁ ଉଠିଗଲେ, ଏଠାରେ ବିଶୃଙ୍ଖଳା ସୃଷ୍ଟି ହୁଏ।

ଉପରଓଳି ଦେଖିବାକୁ ଗଲୁ ପ୍ରାଇଭେଟ ସ୍କୁଲ ଏବଂ ହାଇ-ସ୍କୁଲ। ଗଛବୃକ୍ଷ ପାହାଡ଼ରେ ବିଭୂଷିତ ପ୍ରଶସ୍ତ ପ୍ରାନ୍ତର। ସ୍କୁଲର କୋଠାବାଡ଼ି, ଉପକରଣ, ଖେଳପଡ଼ିଆ, ମ୍ୟୁଜିଅମ ଦେଖିଲେ ଆମ ଦେଶରେ ଅନେକ ୟୁନିଭରସିଟି ହାର ମାନିଯିବେ। ଘଣ୍ଟାଏ କାଳ ବୁଲି ଦେଖିଲୁ। ଶିକ୍ଷା ପାଇଁ ଏ ଦେଶରେ ଅଜସ୍ର ଅର୍ଥ ବ୍ୟୟିତ ହେଉଛି। ଏଥିରେ ଅଛି ପ୍ରଗତିର ମୌଳିକ ଉପାଦାନ।

ସନ୍ଧ୍ୟାବେଳକୁ ମିଷ୍ଟର୍ କେନେଥ୍ ପ୍ଲାଜର୍ ତାଙ୍କ ଘରକୁ ନେଲେ ରାତ୍ରିଭୋଜନ ନିମନ୍ତ୍ରଣରେ। ପ୍ଲାଜର୍ ଦମ୍ପତି ଆମକୁ ବିପୁଳ ସମ୍ବର୍ଦ୍ଧନା କଲେ। ଶ୍ରୀମତୀ ପ୍ଲାଜର ତାଙ୍କ ଘର, ବିଶେଷରେ ରୋଷାଇଘର ସବୁ ଦେଖାଇଲେ। ରୋଷେଇ ଘରଟି ଏକ ଯନ୍ତ୍ରଚାଳିତ ପ୍ରଦର୍ଶନୀ। ଏହା ଭିତରେ ଚମତ୍କାର ସ୍ୱୟଂଚାଳିତ ଯନ୍ତ୍ରପାତି ସନ୍ନିବିଷ୍ଟ ହୋଇଛି। ନାନା

Digitized by PPRACHIN, SOA

କଥାବାର୍ତ୍ତା ହେଲା । ଭଲ ଖାଇବାକୁ ଦେଲେ । ତାଙ୍କ ମଟର ଗାଡ଼ିରେ ସହର ବୁଲାଇଲେ । ଏ ଦେଶରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଅଭ୍ୟର୍ଥନା କରିବା ପାଇଁ ଯେପରି ଏକ ସଂଘ ଗଠିତ ହୋଇଛି ! ଏମାନେ ଖୋଜି ଲୋଡ଼ି ଆନନ୍ଦରେ ଏଭଳି ଅଭ୍ୟର୍ଥନା କରୁଛନ୍ତି ।

ମଧୁରେଣ ସମାପୟେତ୍ । ଏଇଠାରେ ଆମର ଡେଟ୍ରଇଟ୍ କାର୍ଯ୍ୟକ୍ରମ ସମାପ୍ତ ହେଲା ।

●

Digitized by PPRACHIN, SOA

ମାଉଣ୍ଟ ପ୍ଲେଜାଣ୍ଟ

ଡେଟ୍ରଇଟ୍‌ରୁ ଗ୍ରେହାଉଣ୍ଡ ବସ୍‌ରେ (Grehound Bus) ଆସିଲୁ ମାଉଣ୍ଟ ପ୍ଲେଜାଣ୍ଟ (Mt. pleasant) । ଏ ସହରଟି ମିଚିଗାନ ରାଜ୍ୟରେ । ବିମାନରେ ଆସିବାର ଥିଲା । ସେ ବିମାନ କମ୍ପାନୀରେ କର୍ମ ବନ୍ଦ ହୋଇଛି । ବସ୍‌ରେ ଆସିଲୁ ।

ମଟରଗାଡ଼ି ଏ ଦେଶ ସଭ୍ୟତାର ମେରୁଦଣ୍ଡ । ରାସ୍ତା ସୁନ୍ଦର, ପ୍ରଶସ୍ତ । ବହୁଦୂର ବ୍ୟାପୀ ସିଧା ସଳଖ । ବାଟରେ ମଝିରେ ମଝିରେ ପଡ଼ୁଥାଏ ମୋଟେଲ୍ (Motel) । Motel ଶବ୍ଦଟି Motel ଏବଂ Hotel ର ସଂକ୍ଷିପ୍ତ ପ୍ରକରଣ । ମଟର ଗାଡ଼ିର ବ୍ୟାପକ ବ୍ୟବହାର ଫଳରେ ସହର ଭିତରେ ରହିବା ସବୁଠାରେ ସୁବିଧା ହୁଏ ନାହିଁ । ଗାଡ଼ି ରଖିବାକୁ ସ୍ଥାନ ମିଳେ ନାହିଁ । ସଡ଼କରେ ଯିବାବେଳେ ଯେଉଁଠାରେ ଇଚ୍ଛା ହେଲା କି ଆବଶ୍ୟକ ହେଲା, ସେଠାରେ କୌଣସି ମୋଟେଲରେ ମଣିଷ ଓ ଗାଡ଼ି ଉଭୟଙ୍କ ଲାଗି ସୁବିଧା କରାଯାଇଛି । ଇଂରେଜ ଉପନ୍ୟାସ ପଢ଼ିଲାବେଳେ ସ୍କଟ୍‌ଙ୍କ (Scott) ଲେଖାରେ ସଡ଼କର ସ୍ଥାନେ ସ୍ଥାନେ ଇନ୍ (INN) ବା ପାନ୍ଥଶାଳାର ବିଷୟ ବର୍ଣ୍ଣନା କରାଯାଇଛି । ଘୋଡ଼ାଗାଡ଼ି ସେତେବେଳେ ଥିଲା ପ୍ରଧାନ ବାହନ । ଯେଉଁଠାରେ ରାତି ହୁଏ, ତୁଷାରପାତ ହେଉଥାଏ, ସଡ଼କ ପାଖରେ ବିଶ୍ରାମ ଆବଶ୍ୟକ ହୁଏ । Inn ବା ପାନ୍ଥଶାଳା ଗୋଟିଏ ଶ୍ରେଷ୍ଠ ଆଶ୍ରୟ ନିବାସ । ପରିବାର ସୂତ୍ରରେ ଏଗୁଡ଼ିକର ବ୍ୟବସ୍ଥା ହେଉଥିଲା । ପରିବାରର କେତୋଟି କକ୍ଷ ଏଥିପାଇଁ ବ୍ୟବହୃତ ହେଉଥିଲା । ସେମାନେ ଖାଇବାକୁ ଦିଅନ୍ତି । ପାନ୍ଥ ସେଠାରେ ଅଗ୍ନି ପାଖରେ ବସି ରାତିରେ ଆରାମ କରେ । ବିଶ୍ରାମ କରେ । ସେଗୁଡ଼ିକର ବର୍ଣ୍ଣନା ଅତି ସୁନ୍ଦର । ଏ ମଟର ଗାଡ଼ି ଯୁଗରେ ଆଉ ପାନ୍ଥଶାଳାର ଆବଶ୍ୟକତା ନାହିଁ । ତାହାର ପରିବର୍ତ୍ତିତ ସଂସ୍କରଣ ହୋଇଛି ମୋଟେଲ୍ ।

Digitized by PPRACHIN, SOA

ମୋଟର ଚାଲିଥାଏ । ସନ୍ଧ୍ୟା ହେଲା । ଆକାଶ ନିର୍ମଳ । ଟିକିଏ ଶୀତ ପଡ଼ି ଆସିଛି । ରାତି ନଅଟାବେଳେ ଯାଇ ପହଞ୍ଚିଲୁ । ମିସିଗାନ ସେଣ୍ଟ୍ରାଲ୍ କଲେଜର ଅତିଥି ଭବନରେ ଆତିଥ୍ୟ ଲାଗି ବନ୍ଦୋବସ୍ତ ହୋଇଛି । ଜଣେ ଅଫିସର୍ ସେଥିଲାଗି ସ୍ୱତନ୍ତ୍ର ଦାୟିତ୍ୱ ନେଇଛନ୍ତି । ସବୁ ବନ୍ଦୋବସ୍ତ କରୁଛନ୍ତି । ରାତିଟି କଟିଲା ।

ସକାଳେ ସେଣ୍ଟ୍ରାଲ କଲେଜ ବୁଲି ଦେଖିଲୁ । ପରିବେଶ, ପରିପାଟୀ ସବୁ ସୁନ୍ଦର । ଛାତ୍ରମାନଙ୍କ ସହିତ କଥାବାର୍ତ୍ତା ହେଲା । କଲେଜଟି ଗୋଟିଏ ସହର ପରି ।

ଦିନ ଦ୍ୱିପ୍ରହର ବେଳେ ସେଠାରେ ରୋଟାରି କ୍ଲବ ଆମକୁ ନିମନ୍ତ୍ରଣ କରିଥିଲେ । ମୁଁ ସେତେବେଳେ ରୋଟାରି କ୍ଲବ୍‌ର ମେମ୍ବର ହୋଇ ନ ଥିଲି । ଖବର ପାଇ ସେଠାର କ୍ଲବ୍ ଆମ ତିନିଜଣଙ୍କୁ ନିମନ୍ତ୍ରଣ କରିଥିଲେ । ଆମର ପରିଚୟ ଦେଲେ । ଆମ ଦେଶ ବିଷୟରେ କେତୋଟି ପ୍ରଶ୍ନ ପଚାରିଲେ । ଆମେ କିଛି କିଛି କହିଲୁ । ଏ ସବୁ ରୋଟାରି କ୍ଲବର ସାଧାରଣ ଅଭ୍ୟର୍ଥନା । ସେଠାରେ ମଧ୍ୟାହ୍ନ ଭୋଜନରେ ଯୋଗ ଦେଲୁ । ସେଠାକୁ ମୁଖ୍ୟବକ୍ତା ରୂପେ ଆସିଥିଲେ ଜଣେ ଆମେରିକାନ୍ ଇହୁଦୀ ଭଦ୍ରଲୋକ । ସେ ପାଲେଷ୍ଟାଇନ୍ ବିଷୟରେ ବକ୍ତୃତା ଦେଲେ ।

ସହର, କଲେଜ, ୟୁନିଭର୍ସିଟି କେତେ ଦେଖା ହେଲାଣି । ମୁଁ ସେଠାରେ ଗ୍ରାମାଞ୍ଚଳ ଏବଂ କୃଷିକ୍ଷେତ୍ର ଦେଖିବା ପାଇଁ ଆଗ୍ରହ ପ୍ରକାଶ କଲି । ସବୁ ବନ୍ଦୋବସ୍ତ ହୋଇଗଲା । ପରଦିନ ଦୁଇଟି କୃଷିକ୍ଷେତ୍ର ବୁଲି ଦେଖିଲୁ ।

ପ୍ରଥମ ଫାର୍ମ୍‌ର ଭୂସ୍ୱାମୀ ରବର୍ଟ ବେଇଲି (Robert Bailey) । ତାଙ୍କ କ୍ଷେତ୍ରର ଆୟତନ ୧୩୦ ଏକର । କିଛି ଜମିରେ ଚାଷ କରନ୍ତି । ବହୁମାତ୍ରାରେ ତାଙ୍କ ଫାର୍ମର ଉତ୍ପାଦନ ଦୁଧ ଏବଂ ମାଂସ । ବେଇଲି ସମସ୍ତ କାମ ନିଜେ କରନ୍ତି । ତାଙ୍କ ସ୍ତ୍ରୀ ମଝିରେ ମଝିରେ ସାହାଯ୍ୟ

Digitized by PPRACHIN, SOA

କରନ୍ତି । ଶୁଣିଲି ହନ୍ସାନ । ଆମେ ପହଞ୍ଚିଲା ବେଳକୁ ତାଙ୍କ ମା ଛୁଅ ପିଲାଙ୍କୁ ଧରି ମଟର ଗାଡ଼ି ଚଳାଇ ସ୍କୁଲକୁ ନେଉଥିଲେ । ଅଳ୍ପ ସମୟ ପରେ ଫେରି ଆସିଲେ ।

ଫାର୍ମ ଭିତରେ ତାଙ୍କର ଗୋଟିଏ ଘର । ଆମ ଆଡ଼ ଗାଆଁ ଗଣ୍ଡାପର ନୁହେଁ । ଘର ଭିତରକୁ ଗଲୁ । ଆଧୁନିକ ସାଜ ସରଞ୍ଜାମ ସୁନ୍ଦର । ବେଇଲ ଆମକୁ ନେଇ ଫାର୍ମ ଭିତରେ ଅମାର ଘର, ଗୋରୁ ଶୁହାଳ ସବୁ ଦେଖାଇଲେ । ମଟର ଗାଡ଼ିରେ ଜମି ଭିତରେ ବୁଲି ତାଙ୍କର ଗହମ କ୍ଷେତ ଏବଂ ମକା କ୍ଷେତ ଦେଖିଲୁ । ତାଙ୍କର କୃଷକ ଓ କୃଷୀ ଆମର କୃଷକ କୃଷୀଙ୍କ ମଧ୍ୟରେ କୌଣସି ପ୍ରକାର ତୁଳନା କରିବା ହେବ ବାତୁଳତା ।

ଆଜି ଗୋଟିଏ ଫାର୍ମକୁ ଗଲୁ । ମାଲିକଙ୍କର ନାମ Wren Ervin । ଜମିର ଆୟତନ ୧୮୦ ଏକର । ଆମେ ପହଞ୍ଚିଲା ବେଳକୁ ସେ ବିଲ ମଝିରେ କାମ କରୁଥିଲେ । ଗୋଡ଼ରେ ବୁଟ୍ ଜୋତା । ଆମକୁ ଦେଖି ଆସିଲେ । ହାତ ତାଙ୍କର କାଦୁଅ । କରମର୍ଦ୍ଦନ କରି ନ ପାରି କ୍ଷମା ମାଗିଲେ । ଘର ଭିତରକୁ ଗଲୁ । ସୁନ୍ଦର, ଆଧୁନିକ ଘର । ବୈଠକ ଖାନା ଆମ ଦେଶର ଉଚ୍ଚସ୍ଥ ଅଫିସରଙ୍କ ଘରଠାରୁ ଅଧିକ ସୁସଜ୍ଜିତ । ଫୋନ୍, ଟେଲିଭିଜନ, ମଟରକାର, ରେଫ୍ରିଜରେଟର ସବୁ ଅଛି । ଶୀତ ତାପ ନିୟନ୍ତ୍ରିତ ଘର । ପାଇପରେ ଥଣ୍ଡା ଗରମ ପାଣି । ଆଧୁନିକ ଗାଧୁଆ ଘର । ତାଙ୍କ ସ୍ତ୍ରୀ କଫି ପ୍ରସ୍ତୁତ କରି ଆଣିଲେ । ଭାରତବର୍ଷ ବିଷୟରେ ନାନା କଥା ପଚାରିଲେ । ମିଷ୍ଟର ଏରଭିନ୍ ଭାରତୀୟ ଲୋକଙ୍କର ଧାରଣା ଏବଂ ଭାରତରେ କମ୍ୟୁନିଜ୍ମ ବିଷୟରେ ପ୍ରଶ୍ନ କଲେ । ତାଙ୍କର ବଡ଼ ବଡ଼ ଦୁଇଟି ପୁଅ । ହାଇସ୍କୁଲରେ ପଢ଼ନ୍ତି । ଦୁଇଖଣ୍ଡ ମଟର କାର । ଏ ଫାର୍ମରେ ଡେଇରି ଅଛି । ହୃଷ୍ଟପୁଷ୍ଟ ଗାଈ । ସବୁ ଗାଈଙ୍କର ଶିଙ୍ଘ ମୂଳରୁ କାଟି ଦିଆଯାଇଛି । ଆଉ ଗଜୁରିବ ନାହିଁ । ଗୋଶାଳା ଦେଖିଲୁ । ଦୁଧ ରଖିବା ପାଇଁ ଶୀତଳ ଭଣ୍ଡାର କରାଯାଇଛି । ସବୁପ୍ରକାର ଯନ୍ତ୍ରପାତିର ବ୍ୟବସ୍ଥା କରାଯାଇଛି । ଏରଭିନ୍

Digitized by PPRACHIN, SOA

ନିଜେ ସବୁ କାମ କରନ୍ତି । ମଜୁରିଆ ଲଗନ୍ତି ନାହିଁ । ଏରଭିନ୍ ସେ ଅଞ୍ଚଳର କେଟେଗୁଡ଼ିଏ ବୋର୍ଡ଼ରେ ମେମ୍ବର ହୋଇଛନ୍ତି ।

ଆମକୁ ସାଙ୍ଗରେ ନେଇ ଯାଇଥିଲେ ଜଣେ ମୃତ୍ତିକା ସଂରକ୍ଷଣର ଅଫିସର । ନାମ ଜନ୍ ଫଷ୍ଟର୍ (John Foster) । ଫଷ୍ଟର ଏ ସବୁ ଚାଷୀମାନଙ୍କୁ ଜାଣନ୍ତି । ତାଙ୍କର ଆବଶ୍ୟକତା ଅନୁଯାୟୀ ପରାମର୍ଶ ଦିଅନ୍ତି । ଥରକୁ ଥର ଆସି କୃଷିଜୀବୀଙ୍କ କ୍ଷେତ ଦେଖିଯାନ୍ତି । ଏମାନଙ୍କ ଘର, କଥାବାର୍ତ୍ତା, ପରିଶ୍ରମ, ଆୟ ଦେଖି ମନେ ହେଲା ଆମ ଦେଶର କୃଷକ ଏବଂ ଏମାନଙ୍କ ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ଜନ ଫଷ୍ଟର ଆମକୁ ସାଙ୍ଗରେ ନେଇଗଲେ ଆଉ କେତୋଟି ଫାର୍ମ ଦେଖାଇବାକୁ । ସଡ଼କ ପାଖରୁ ଦେଖିଲୁ କେତୋଟି ଫାର୍ମରେ ଗୋଟିଏ ଗୋଟିଏ ଷ୍ଟ୍ରେଟ ବ୍ୟୋମଯାନ ଅଛି । ଦରକାର ହେଲେ ଚାଷୀ ନିଜେ ଏଥିରେ ଯାଇ ବଡ଼ ବଡ଼ ସହରରେ ଦରଦାମ, ଅନ୍ୟଠାରେ ଉତ୍ପାଦନର ପରିମାଣ ବୁଝି ଆସନ୍ତି ।

ଆହୁରି କିଛି ଦୂରକୁ ଗଲୁ । ସାଙ୍ଗରେ ଫଷ୍ଟର୍ କଫି ଏବଂ ବିସ୍କିଟ ନେଇଥିଲେ । ଗୋଟିଏ ଷ୍ଟ୍ରେଟ ନିର୍ଝର ପଡ଼ିଲା । ପାହାଡ଼ିଆ ଅଞ୍ଚଳ । କୂଳରେ ବସି କଫି ଖାଇଲୁ । ଫଷ୍ଟର୍ ପଚାରିଲେ, ଏ ଝରଣାର ପାଣି କିପରି ଦିଶୁଛି ? କହିଲି, ନିର୍ମଳ ପାଣି; ଟିକିଏ ହେଲେ ଗୋଳିଆ ନାହିଁ । ଦେଖିଲି, କାଚକେନ୍ଦୁ ପରି ପାଣି । ଫଷ୍ଟର୍ କହିଲେ, ପାଞ୍ଚବର୍ଷ ପରିଶ୍ରମ କରି ମୁଁ ଏହାକୁ ସଜାଡ଼ିଛି । ଏଥିରେ ଅତି ଗୋଳିଆ ପାଣି ଆସୁଥିଲା । ମୃତ୍ତିକା କ୍ଷୟ ହେଉଥିଲା । ଏବେ ନିର୍ମଳ ପାଣି ଆସୁଛି । ମୋ ମନରେ ଅପାର ଆନନ୍ଦ ।

ପାଖରେ ଉଚ୍ଚ ଜାଗାରେ ଗୋଟିଏ ଫାର୍ମ୍ । ଫଷ୍ଟର୍ ଏହି ଫାର୍ମଟିର ବିଷୟ ବର୍ଣ୍ଣନା କଲେ । ଏହାର ଆୟତନ ପ୍ରାୟ ଅଠଶହ ଏକର । ଏ ମାଟିରେ କିଛି ଫସଲ ହେଉ ନଥିଲା । ସେ ଫାର୍ମ ମାଲିକକୁ ପରାମର୍ଶ ଦେଲି ପାଇନ୍ (Pine) ଗଛ ଲଗାଇବା ପାଇଁ । ସେ ଦଶଲକ୍ଷ

Digitized by PPRACHIN, SOA

ପାଇନ୍ ବୃକ୍ଷ ରୋପଣ କରିଛନ୍ତି । ପାଇନ୍ ଗୋଟିଏ ଡେଙ୍ଗା ଡେଙ୍ଗା ବୃକ୍ଷ । ସରୁ ସରୁ ପତ୍ର । ଏଥିରୁ ମୋଟା ମୋଟା କାଠ ବାହାରେ । ଶୀତ ପ୍ରଧାନ ଦେଶମାନଙ୍କରେ ଏ ଗଛ ହୁଏ ଏବଂ ବଡ଼ ବଡ଼ ବୃକ୍ଷରେ ପରିଣତ ହୁଏ । କାଶ୍ମୀର ପାହାଡ଼ ଅଞ୍ଚଳରେ ଏ ଗଛର ବଣ । ପଚାରିଲି, ଏ ପାଇନ୍ ବୃକ୍ଷ ବଢ଼ି କାଠରୂପେ ବିକ୍ରି ହେବା ପାଇଁ ପଚିଶ ବର୍ଷ ଲାଗିଯିବ । ଏ ଫାର୍ମର ମାଲିକ ଚଳିବ କିପରି ? ଫଷ୍ଟର୍ ଉତ୍ତର ଦେଲେ, ଏ ବୃକ୍ଷ ଗୁଡ଼ିକ ବର୍ଷକ ଭିତରେ ତିନି ପାଞ୍ଚ ଫୁଟ ବଢ଼ିଯିବ । ଖ୍ରୀଷ୍ଟମାସ ପର୍ବରେ ଖ୍ରୀଷ୍ଟିଆନ ପରିବାର ଗୋଟିଏ ଗଛ ନେଇ ଘର ଭିତର ସଜାନ୍ତି । ଏ ଶ୍ରେଷ୍ଠ ପାଇନ୍ ଗଛଗୁଡ଼ିକ କାଟି ଦେଲେ ବ୍ୟବସାୟୀମାନେ ଆସି ଗଛ ପିଛା ମାତ୍ର ଗୋଟିଏ ଡଲାର ଦେଇ କିଣିନେବେ । ଫାର୍ମ ମାଲିକ ବର୍ଷକ ପରେ ୧୦ ଲକ୍ଷ ଡଲର୍ ଉପାର୍ଜନ କରିବେ । ମୁଁ ଆଶ୍ଚର୍ଯ୍ୟ ହୋଇ ରହିଥାଏ । ଉପାଦେୟ ପରାମର୍ଶ । ବ୍ୟବସାୟ ଭିତ୍ତିକ ବୁଦ୍ଧି ଥିଲେ ବାଟ ବାହାରିଯାଏ । ଫଷ୍ଟରଙ୍କୁ ପ୍ରଶଂସା କଲି ।

ମାଉଣ୍ଟ ପ୍ଲେଜାଣ୍ଟ ଗୋଟିଏ ଶ୍ରେଷ୍ଠ ସହର । କେନ୍ଦ୍ରୀୟ ମିଚିଗାନ କଲେଜରେ ଛାତ୍ରସଂଖ୍ୟା ତିନି ହଜାର । କଲେଜର ଅଟ୍ଟାଳିକା, ପରିବେଶ ସବୁ ଆମେରିକାନ କଲେଜ ପରି । ଦ୍ୱିତୀୟ ମହାଯୁଦ୍ଧ ପୂର୍ବରୁ ବିବାହିତ ଛାତ୍ର ଛାତ୍ରୀ କ୍ୱଚିତ କଲେଜରେ ପଢ଼ୁଥିଲେ । ଯୁଦ୍ଧ ପରେ ବିବାହିତ ଯୁବକମାନେ ଯୁଦ୍ଧରୁ ଫେରି ପରିବାରଙ୍କୁ ନେଇ ପଢ଼ିବାକୁ ଆସିଲେ । ସେ ଦିନଠାରୁ ପରମ୍ପରା ବଦଳି ଯାଇଛି । ଏବେ କେତେକ ଅଳ୍ପ ବୟସର ବିବାହିତ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ସେଥିପାଇଁ ପରିବାର ରହିବା ଲାଗି ଗୃହ ନିର୍ମାଣ କରାଯାଇଛି । ସେମାନେ ପରିବାର ଧରି ରହୁଛନ୍ତି । ଶୁଣିଲି, ପାଠପଢ଼ାରେ ସାଧାରଣତଃ ବିବାହିତ ଛାତ୍ର ଛାତ୍ରୀ ଅପେକ୍ଷାକୃତ ଅଧିକ କୃତିତ୍ୱ ଅର୍ଜନ କରୁଛନ୍ତି । ମନସ୍ତତ୍ତ୍ୱବିତ୍‌ମାନେ ଏ କଥା ବିଚାର କରିବେ ।

ମୁଁ କଲେଜ ଅଫିସକୁ ଗଲି । ସହକାରୀ ରେଜିଷ୍ଟ୍ରାର ପଚାରିଲେ, ଆପଣ ବଙ୍ଗଳା ପଢ଼ି ଜାଣନ୍ତି ? ଖଣ୍ଡିଏ ଚିଠି ଆସିଛି । ଦେଖନ୍ତୁ ।

Digitized by PPRACHIN, SOA

ଚିଠିଟି ବଙ୍ଗଳାରେ ନୁହେଁ, ଓଡ଼ିଆରେ ଲେଖା । ୱାଶିଙ୍ଗଟନ୍‌ରେ ପହଞ୍ଚି କେତେ ବନ୍ଧୁଙ୍କ ପାଖକୁ ଚିଠି ଲେଖିଥିଲି । ଠିକଣା ଦେଇଥିଲି ମାର୍ଫତ ଆମେରିକାନ ଶିକ୍ଷା କାଉନସିଲ୍ ୱାଶିଙ୍ଗଟନ୍ । ମୋ ଚିଠି ପାଇ ଆମ ଗ୍ରାମର ଦୟାନିଧି ବାବୁ ମୋ ପାଖକୁ ଖଣ୍ଡିଏ ଚିଠି ଦେଇଛନ୍ତି । ପଢ଼ି ଭାରି ଆନନ୍ଦ ଲାଗିଲା । ଆଉ ଆଶ୍ଚର୍ଯ୍ୟ ଲାଗିଲା । ୱାଶିଙ୍ଗଟନ୍‌ରୁ ଶିକ୍ଷା କାଉନସିଲ୍ ଆମ ଭିତରେ କିଏ କେଉଁଠାରେ ଥିବେ, ଚିଠି କେଉଁଠାକୁ ଯିବାକୁ କେତେ ଦିନ ଲାଗେ, ସେ ସବୁ ହିସାବ କରି ଚିଠି ଗୁଡ଼ିକ ପଠାଇ ଦେଉଛନ୍ତି ।

ଏଠାରେ ଡାକ ତାର, ଯାନବାହନ, ବିଦ୍ୟୁତ୍ ଉତ୍ପାଦନ ସବୁ ବେସରକାରୀ ସଂସ୍ଥା । ଏମାନେ କେବଳ ଏକ ଗୁଟିଆ କମ୍ପାନୀ ନୁହନ୍ତି । ରେଲବାଇ କମ୍ପାନୀ ଅନେକ, ବିମାନ କମ୍ପାନୀ ଅନେକ । ଏପରିକି ଟେଲିଫୋନ୍ କମ୍ପାନୀ ମଧ୍ୟ ଦୁଇଟି । ଏମାନଙ୍କ ଭିତରେ ପ୍ରତିଯୋଗିତା ଅଛି, ସହଯୋଗ ମଧ୍ୟ ଅଛି । ଗ୍ରାହକମାନଙ୍କୁ ହରବର ହେବାକୁ ପଡ଼େ ନାହିଁ । ଅଫିସକୁ ଯାଇ ବହୁକାଳ ଅପେକ୍ଷା କରିବାକୁ ପଡ଼େନାହିଁ ।

ସରକାରୀ କର୍ମଚାରୀମାନେ ଏ ଦେଶ ରାଜନୀତିରେ ସକ୍ରିୟ ଭାଗ ନେଇପାରନ୍ତି । ନିର୍ବାଚନ ବକ୍ତୃତା ଦେଇପାରନ୍ତି । ନିର୍ବାଚିତ ହୋଇପାରନ୍ତି । ଅନ୍ୟାନ୍ୟ ନାଗରିକଙ୍କର ଯେପରି ରାଜନୈତିକ ଅଧିକାର; ସରକାରୀ କର୍ମଚାରୀମାନଙ୍କର ମଧ୍ୟ ସେହିପରି ଅଧିକାର । ମିସିଗାନ କଲେଜଟି ସରକାରୀ ଅନୁଷ୍ଠାନ । ଆମ ଦେଶରେ ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି । ସେ ରାଜ୍ୟର ରାଜ୍ୟପାଳଙ୍କୁ ନିଯୁକ୍ତ କରନ୍ତି । ଆମେରିକାରେ ରାଷ୍ଟ୍ରପତି ଯେପରି ନିର୍ବାଚିତ ହୁଅନ୍ତି, ରାଜ୍ୟର ଗଭର୍ଣ୍ଣର ମଧ୍ୟ ସେହିପରି ନିର୍ବାଚିତ ହୁଅନ୍ତି । ସେମାନେ ରାଷ୍ଟ୍ରପତିଙ୍କର ଅଧୀନସ୍ଥ ନୁହନ୍ତି । ଆମେସବୁ ଥିଲା ବେଳେ ମିସିଗାନ ରାଜ୍ୟର ଗଭର୍ଣ୍ଣର ହେବା ପାଇଁ ନିର୍ବାଚନ ହେଉଥାଏ । କଲେଜର ପ୍ରଫେସର ବ୍ୟାଗ୍‌ୱେଲ୍ ପ୍ରାର୍ଥୀ ହୋଇଥାନ୍ତି । ଅନେକ ଅଧ୍ୟାପକ ତାଙ୍କ ପାଇଁ ପ୍ରଚାର କରୁଥାନ୍ତି । ନିର୍ବାଚିତ ହେଲେ

Digitized by PPRACHIN, SOA

ଛୁଟୀ ନେଇ ଗଭର୍ଣ୍ଣର ହେବେ । ସେଠାରେ କାର୍ଯ୍ୟକାଳ ଶେଷ ହେଲେ କଲେଜକୁ ଫେରି ଆସିବେ ।

ପ୍ରାଇମେରୀ ସ୍କୁଲ ଦେଖିବାକୁ ଯାଇଥିଲୁ । ମିସିଗାନ୍ ରାଜ୍ୟରେ ୧୬ ବର୍ଷ ବୟସପର୍ଯ୍ୟନ୍ତ ପାଠପଢ଼ା ବାଧ୍ୟତାମୂଳକ । ଏ ରାଜ୍ୟଟି ଜନାକୀର୍ଣ୍ଣ ନୁହେ । ଗୋଟିଏ ବଡ଼ ପ୍ରାଇମେରୀ ସ୍କୁଲ ଦେଖିଲୁ । ସେଥିରେ ଛଅଟି ଶ୍ରେଣୀ । ସେଥିପାଇଁ ଛଅଜଣ ଶିକ୍ଷୟିତ୍ରୀ ଏବଂ ଜଣେ ଅଧ୍ୟକ୍ଷ । ସ୍କୁଲ ବାହାରେ ସାତଟି ମଟର ଗାଡ଼ି ଥୁଆ ହୋଇଛି । ଶିକ୍ଷୟିତ୍ରୀମାନଙ୍କର ଦରମା ବର୍ଷକୁ ଚାରିହଜାର ଡଲାର୍ । ସେତେବେଳେ ଥିଲା ଚାରି ଟଙ୍କାରେ ଗୋଟିଏ ଡଲାର । ଅର୍ଥାତ୍ ବାର୍ଷିକ ଦରମା ଥିଲା ୧୬ ହଜାର ଟଙ୍କା ସେତେବେଳ ହିସାବରେ । ଯେ ସ୍କୁଲରେ ଯେଉଁସବୁ ଉପକରଣ ଥିଲା, ସେ ସବୁ ଆମ କଲେଜରେ ବିରଳ । ଗ୍ଲୋବ ଅଛି; ମାନଚିତ୍ର ଅଛି । ରେଫ୍ରିଜରେଟର ଅଛି; ପିଆନୋ ଅଛି । ସମସ୍ତଙ୍କୁ ଦୁଧ ପିଇବାକୁ ଦିଆଯାଏ । ବହିପତ୍ର ଦିଆଯାଏ । ଆସବାବ, ଉପକରଣ, ପୁସ୍ତକାଗାର ସବୁ ରହିଛି ।

ଉପରଓଳ ଦେଖିବାକୁ ଗଲୁ ମିଡ଼ଲଣ୍ଡ ସହରରେ ଡାଓ କେମିକାଲ କାରଖାନା । (Dow Chemical works) । ଜଣେ ଗ୍ରାହ ତାଙ୍କ ମଟର ଗାଡ଼ିରେ ଆମକୁ ନେଇଗଲେ । ଆମେରିକାରେ ମଟରକାର ନିର୍ମାତା ହେନେରୀ ଫୋର୍ଡ଼ । ପେଟ୍ରୋଲ୍ କମ୍ପାନୀର ନିର୍ମାତା ରକ୍‌ଫେଲର ଏବଂ ଇସ୍ପାତ ଶିଳ୍ପପତି କାର୍ନେଜି । ଚତୁର୍ଥ ସ୍ଥାନରେ Dow Chemical works, ଏହିଟି ଏକ ବିରାଟ କାରଖାନା । ଏ କମ୍ପାନୀର ଶାଖା ନାନା ସ୍ଥାନରେ କରାଯାଇଛି । ଏ ମୁଖ୍ୟକାରଖାନାଟି ସବୁଠାରୁ ବଡ଼, ଏଠାରେ ବାର ହଜାର ଲୋକ କାମ କରନ୍ତି । ମାତ୍ର ଏତେ ମାତ୍ରାରେ ସ୍ୱୟଂଚାଳିତ ମେସିନ୍ କାମ କରୁଛି ଯେ କୌଣସି ସ୍ଥାନରେ ଦୁଇଜଣରୁ ଅଧିକ ଶ୍ରମିକ ଦେଖିବାକୁ ମିଳିବେ ନାହିଁ । ଆମେରିକାରେ ସବୁ ବିଷୟରେ ପୃଥିବୀର ସର୍ବବୃହତ୍ତ ଅନୁଷ୍ଠାନ ବୋଲି କହିବା ଅଭ୍ୟାସଗତ । ଏଠାରେ କହିଲେ, ଏହି ରସାୟନିକ କାରଖାନାଟି ପୃଥିବୀରେ ସବୁଠାରୁ । ବଡ଼ କାରଖାନା ଦେଖି ସାରିଲା ପରେ ଜଣେ ଅଫିସର ଆମକୁ

Digitized by PPRACHIN, SOA

ପଚାରିଲେ, ଆମେ କେଉଁ ଉଦ୍ୟୋଗ ସହିତ ସଂଶ୍ଳିଷ୍ଟ । ତାଙ୍କ ପ୍ରଶ୍ନରୁ ଇଙ୍ଗିତ ପ୍ରକାଶ ପାଉଥିଲା, ଆମେ ବୋଧହୁଏ କୌଣସି ଗୁପ୍ତସୂତ୍ର ଦେଖିବାକୁ ଆସିଛୁ । ଆମେ ସବୁ କଲେଜ ପ୍ରଫେସର୍ ବୋଲି କହିଲୁ । ସେଥିରେ ତାଙ୍କର ସନ୍ଦେହ ଦୂର ହେଲା କି ନାହିଁ କେଜାଣି । ଗୋଟିଏ ପ୍ରଶସ୍ତ ଲବୋରେଟରୀରେ ରସାୟନର ଡକ୍ଟରେଟ୍ ପାଇଥିବା ବହୁ ରସାୟନ ଗବେଷକ କାମ କରୁଥିଲେ । ପଚାରିଲି, ସେମାନେ କଣ କୌଣସି କଲେଜ ବା ୟୁନିଭରସିଟିରେ ନିଯୁକ୍ତି ପାଇଲେ ନାହିଁ କି ? ଉତ୍ତର ମିଳିଲା, ଏଠାରେ କଲେଜଠାରୁ ଅଧିକ ଉପାର୍ଜନ ଏବଂ ଗବେଷଣା ଲାଗି ପ୍ରସାରିତ କ୍ଷେତ୍ର ।

Digitized by PPRACHIN, SOA

ସିକାଗୋ

ଗ୍ରେହାଉଣ୍ଡ୍ ବସ୍‌ରେ ମାଉଣ୍ଟ ପ୍ଲେଜାଣ୍ଟ୍‌ରୁ ଆସିଲୁ ସିକାଗୋ । ସକାଳ ୯ଟାରେ ବାହାରି ସନ୍ଧ୍ୟା ପାଞ୍ଚଟାରେ ପହଞ୍ଚିଲୁ । ସିକାଗୋ ସହର ମିସିଗାନ୍ ହ୍ରଦ କୂଳରେ, ଇଲିନଏସ୍ (Illinois) ରାଜ୍ୟର ପ୍ରଧାନ ସହର । ବିମାନରେ ଗଲେ ଅଛି ଆବେଗ । ଦେଖିବ ଶୁଭ୍ର ମେଘମାଳା । ସଡ଼କରେ ଗଲେ ଅଛି ସମ୍ଭୋଗ । ରାସ୍ତାପଟେ ଅଛି ଜନବସତି । ବସ୍‌ରେ ଆସି ସଡ଼କ ଦୁଇପାଖରେ ଦେଖିଲୁ କେତେ କୃଷି ଫାର୍ମ୍ । ଅନେକ ପଡ଼ିଆ ଜମି । ସିଧାସଳଖ ରାସ୍ତା । ଜମି ବହୁତ ପଡ଼ିଛି । ଅଧିକ ଫାର୍ମ କରାଯାଇ ପାରିବ । ଯେଉଁଠାରେ ଫାର୍ମକୁ ଯାଇଛୁ କମ୍ପା ଗ୍ରାମ ବୋଲି ଯାହାକୁ କହନ୍ତି, ତା' ଭିତରେ ପ୍ରବେଶ କରିଛୁ । ସବୁଠାରେ, ସମସ୍ତଙ୍କ ଘରେ ସବୁ ପ୍ରକାର ଆଧୁନିକ ଉପକରଣ, ଜିନିଷପତ୍ର, ଘରସଜ୍ଜା । ମାତ୍ର ଇଂଲଣ୍ଡର ଫାର୍ମ ଏବଂ ଗ୍ରାମାଞ୍ଚଳରେ ଯେଉଁ ସୁନ୍ଦର ପରିବେଶ, ଉଦ୍ୟାନ, ରମ୍ୟ ବୃକ୍ଷଲତା, ସବୁଜ ଦୂର୍ବାଦଳ, ନାନାଜାତି ଫୁଲର ସମାବେଶ ରହିଛି, ସେ ସବୁ ରଙ୍ଗୀନ ଚିତ୍ର ପରି ସୁଦୃଶ୍ୟ । ସେ ଭଳି ପଲ୍ଲୀ ସମ୍ଭାର ଏ ଦେଶରେ ନାହିଁ । ଅଛି ବିରାଟ ଗହମ ବା ମକା କ୍ଷେତ୍ର, ଗୋରୁ ଗାଈ ଏବଂ ବଡ଼ ବଡ଼ ଦ୍ରୁମ ।

ସିକାଗୋ ସହର ଏକ ବିରାଟ ନଗରୀ । ସେତେବେଳର ଲୋକ ସଂଖ୍ୟା ପ୍ରାୟ ୭୦ ଲକ୍ଷ । ବହୁ କଳ କାରଖାନା । ଶିଳ୍ପ ବ୍ୟବସାୟର ସ୍ଥଳୀ । ଏ ପ୍ରକାର ସହରରେ ଯେପରି ଜନଗହଳି, ଅପରିଷ୍କାର ଗଳି କନ୍ଦି, ଅସ୍ୱାସ୍ଥ୍ୟକର ବସ୍ତି ଥାଏ, ସେ ସବୁ ଏଠାରେ ରହିଛି । ଶୁଣିଲୁ, ନିଗ୍ରୋଙ୍କ ସଂଖ୍ୟା ଲୋକସଂଖ୍ୟାର ପ୍ରତିଶତ ୨୫ ଭାଗ । ସିକାଗୋ ସହରରେ ବହୁତ ଡକାୟତି ହୁଏ ବୋଲି ଅପବାଦ ଅଛି । ଏଠାକୁ ଆସି ସେଇ କଥା ଶୁଣିଲୁ ।

Digitized by PPRACHIN, SOA

ପରଦିନ ସିକାଗୋ ୟୁନିଭରସିଟିକୁ ଗଲି । ସେଦିନ ଶନିବାର । ୟୁନିଭରସିଟି ବନ୍ଦ । ସେଇ ପରିସର ଭିତରେ ବୁଲିଲି । ଆନ୍ତର୍ଜାତିକ ସଦନକୁ ଗଲି । ଓଡ଼ିଶାରୁ କେତେଜଣ ଛାତ୍ର ଏଠାରେ ଅଛନ୍ତି । ଭାରତର ସୁନାମଧନ୍ୟ ଏସ୍. ଚନ୍ଦ୍ରଶେଖର ଏଠାରେ ପଦାର୍ଥ ବିଜ୍ଞାନ ପ୍ରଫେସର ଅଛନ୍ତି । ସେ ଜ୍ୟୋତିଃଶାସ୍ତ୍ର ଗବେଷଣାରେ ଖ୍ୟାତି ଅର୍ଜନ କରିଛନ୍ତି । ଏଠାରେ ପଦାର୍ଥ ବିଜ୍ଞାନ ବିଭାଗ ପ୍ରଥମେ ଆଣବିକ ରିଆକ୍ଟର୍ ଉଦ୍ଭାବନ କରିଥିଲା । କିଛିବର୍ଷ ପରେ ଚନ୍ଦ୍ରଶେଖର ନୋବେଲ ପ୍ରାଇଜ ପାଇଲେ ।

ସନ୍ଧ୍ୟାରେ ବନ୍ଧୁ ଆଉଲକ୍କଙ୍କର ଜୋତା ମରାମତି ପାଇଁ ଗୋଟିଏ ମୋଚି ଦୋକାନକୁ ଗଲୁ । ବନ୍ଧୁଙ୍କ ଜୋତା ଗୋଇଠି ତଳେ ଖଣ୍ଡିଏ ପତଳା ରବର ପକାଇବାର କଥା । ଲାଗିଲା ପ୍ରାୟ ୧୦ ମିନିଟ୍ । ଦେବାକୁ ହେଲା ଦେଢ଼ ଡଲାର୍; ଅର୍ଥାତ୍ ଛଅଟଙ୍କା । ସେ ମୋଚି ପଚାରିଲା, ତମ ଦେଶରେ ଏ ଜୋତାର ଦାମ୍ କେତେ ? ବନ୍ଧୁ ଉତ୍ତର ଦେଲେ ୨୫ ଟଙ୍କା । ସେତେବେଳେ ଏଇ ଦାମ ଥିଲା । ଅର୍ଥାତ୍ ଛଅ ଡଲାର୍ । ମୋଚି ମନ୍ତବ୍ୟ ଦେଲା, ଏତିକି ମୂଲ୍ୟରେ ଯେବେ ଜୋତା ବିକ୍ରି ହୁଏ, ତେବେ ଜୋତା କାରିଗର ବଞ୍ଚନ୍ତି କିପରି ? ଆଉ ଏଣୁ ତେଣୁ କଥା ପଡ଼ିଲା । ଆମ ଦେଶର କେତେ ସ୍ତ୍ରୀ ଲୋକଙ୍କୁ ସେ ଦେଖିଛନ୍ତି । ସେ ମୋଚି ଏବଂ ତାଙ୍କ ସ୍ତ୍ରୀ ଉଭୟେ କହିଲେ, ତୁମେ ପୁରୁଷମାନେ ଆମ ଦେଶପରି ପୋଷାକ ପିନ୍ଧୁଛ । ତୁମ ଦେଶର ସ୍ତ୍ରୀ ଲୋକମାନେ ଗୋଡ଼ ତଳକୁ ଲମ୍ବାଇ ପରିଧେୟ ପିନ୍ଧନ୍ତି କାହିଁକି ? ଶାଢ଼ୀ ଶବ୍ଦଟି ସେମାନେ ଜାଣି ନାହାନ୍ତି । କହିଲୁ, ଆମ ଦେଶରେ ସେଭଳି ଶାଢ଼ୀ ପିନ୍ଧା ଆମେ ପସନ୍ଦ କରୁ । ମୋଚି ଏକ ଆଶ୍ଚର୍ଯ୍ୟଜନକ ତର୍ଜମା କଲା । ଏ ଲମ୍ବ ଶାଢ଼ୀ ଅତି ପୁରୁଣା ଯୁଗର ଢଙ୍ଗ । ଆମ ଦେଶରେ ସ୍ତ୍ରୀଲୋକମାନେ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବ ସ୍କର୍ଟ ପିନ୍ଧନ୍ତି । ଯେ ଭଲ ସେ ଭଲ । ଯେ ଖରାପ ସେ ଖରାପ । ଖାଲି ଶାଢ଼ୀ ଗୋଡ଼ ପର୍ଯ୍ୟନ୍ତ ଲମ୍ବାଇ ପିନ୍ଧିଲେ ଭଲ ହୁଅନ୍ତି ନାହିଁ । ଆମେ ଆଧୁନିକ ପୋଷାକ ପସନ୍ଦ କରୁ ।

Digitized by PPRACHIN, SOA

ସେଦିନ ରବିବାର । ଗଲୁ ଦେଖିବାକୁ ଷ୍ଟକ ୟାର୍ଡ଼ (Stock yard) ଏକ୍ଷିଟି ପୃଥିବୀରେ ସବୁଠାରୁ ବଡ଼ ମାଂସ ଟ୍ୟାକିଂ କାରଖାନା । ଏଠାରେ ପଶୁ ମରାଯାନ୍ତି । ମାଂସ କଟାଯାଇ ଟ୍ୟାକିଂ ହୁଏ । ସବୁ କାମ କରାଯାଏ ମେସିନ୍ ସାହାଯ୍ୟରେ । ହାତ ଲାଗେ ନାହିଁ । ଏଠାରୁ ଭିନ୍ନ ସ୍ଥାନକୁ ପଠାଯାଏ । ଏ ସବୁ କରିବା ଲାଗି ଏକ ପ୍ରକାଣ୍ଡ ପରିସର ଆବଦ୍ଧ କରାଯାଇଛି । ଆମେ ଯାଇଥିଲୁ ଦେଖିବାପାଇଁ । ଅନୁମତି ପତ୍ର ଆଣିଥିଲୁ । ଫାଟକ ପାଖରେ ଜଣେ ଆଳ କହିଲା—ଆଜି ରବିବାର । ମାତ୍ର ୩୦ ହଜାର ଗୋରୁ ଆସିଥିଲେ । ସବୁ କାମ ସରିଗଲାଣି ।

ଉପରବେଳା ଜଣେ ଭଦ୍ରଲୋକ ତାଙ୍କ ଗାଡ଼ିରେ ନେଇ ସହରର କେତେକ ଅଞ୍ଚଳ ଦେଖାଇଲେ । ଯେଉଁ ଅଞ୍ଚଳରେ ବିଶେଷକରି ନିଗ୍ରୋବସ୍ତି । ଅପରିଷ୍କାର ଅଞ୍ଚଳ । ଡକାୟତି ସେଠାରେ ବେଶୀ ହୁଏ । ସେମାନଙ୍କ ପାଇଁ ଗୋଟିଏ ଅଞ୍ଚଳରେ ଗୃହ ନିର୍ମାଣ କରାଯାଉଛି । ଭଦ୍ରଲୋକଙ୍କର ଗୋଡ଼ ଜଖମ । ବାଡ଼ି ଧରି ବୁଲନ୍ତି । ମାତ୍ର ଗାଡ଼ି ଚଳାଇବାରେ କିଛି ଅସୁବିଧା ହୁଏ ନାହିଁ । ବିଦେଶୀ ଲୋକଙ୍କୁ ସାଙ୍ଗରେ ନେଇ ବୁଲାଇବାରେ ତାଙ୍କର ବିଶେଷ ଆନନ୍ଦ ।

ସୋମବାର ଦିନ ସିକାଗୋ ୟୁନିଭରସିଟିକୁ ଗଲି । ଏଇଟି ଆଇଭି ଲିଗରେ ଅନ୍ତର୍ଭୁକ୍ତ । ଅର୍ଥାତ୍ ଆମେରିକାର ଦଶଟି ଶୀର୍ଷସ୍ଥାନୀୟ ୟୁନିଭରସିଟିରୁ ଗୋଟିଏ । ଅର୍ଥନୀତି ବିଭାଗକୁ ଗଲି । ପ୍ରଫେସର ହାୟେକ୍‌ଙ୍କ (Hayek) ସହିତ ସାକ୍ଷାତ କଲି । ସେ ପ୍ରଥମେ ଜର୍ମାନୀରେ ପ୍ରଫେସର ଥିଲେ । ସେଠାରୁ ଆସିଲେ ଲଣ୍ଡନ ଅର୍ଥନୀତି ସ୍କୁଲକୁ (London School of Economics) । ମୁଁ ସେଠାରେ ଛାତ୍ର ଥିଲି । ତାଙ୍କର କେତୋଟି ଶ୍ରେଣୀରେ ଅଧ୍ୟାପନା ଶୁଣିଛି । ସେ ମାର୍କସ୍ ପନ୍ଥାର ବିରୋଧ କରୁଥିଲେ । ଖଣ୍ଡିଏ ବହି ଲେଖିଲେ—Road to Freedom —ଦାସତ୍ୱର ପନ୍ଥା । ସରକାର ଅର୍ଥନୀତି କ୍ଷେତ୍ରରେ ହସ୍ତକ୍ଷେପ କଲେ, ଅର୍ଥନୈତିକ ଯୋଜନା ପ୍ରସ୍ତୁତ କରି ପରିଚାଳନା କଲେ, ସେଥିରୁ

Digitized by PPRACHIN, SOA

ଉପୁଜବ ଏକାଧିପତ୍ୟ—ଫାସିବାଦ । Hermann Finer ତାହାର ସମାଲୋଚନା କରି ଲେଖିଲେ Road to Reaction—ପ୍ରତିକ୍ରିୟାର ପନ୍ଥା । ମୁଁ ଲଣ୍ଡନରୁ ପାଠପଢ଼ା ସାରି ରେଭେନ୍‌ସା କଲେଜରେ ଏ ଦୁଇଟି ପୁସ୍ତକ ଉପରେ ସେମିନାର କରାଇଥିଲି । ସିକାଗୋ ୟୁନିଭର୍‌ସିଟିରେ ଦେଖିଲି ଅନନ୍ତ ଉଭୟେ—ହାୟେକ୍ ଏବଂ ଫାଇନର୍ । ଦୁହିଁଙ୍କ ସଙ୍ଗେ କଥାବାର୍ତ୍ତା କରିବାର ସୁଯୋଗ ପାଇଲି । ଏବେ କିଛି ବର୍ଷ ତଳେ ହାୟେକ ତାଙ୍କ ପୁସ୍ତକ ଉପରେ ଅର୍ଥନୀତି ନୋବେଲ୍ ପୁରସ୍କାର ପାଇଛନ୍ତି ।

ସିକାଗୋ ସହରରେ ଆଉ ଡଜନେଟି ୟୁନିଭରସିଟି ଅଛି । ମାତ୍ର ସିକାଗୋ ୟୁନିଭରସିଟି ବ୍ୟକ୍ତିତ ଅନ୍ୟଗୁଡ଼ିକର ବିଶେଷ ପ୍ରତିଷ୍ଠା ନାହିଁ । ସବୁଠାରେ ବୁଲି ଆସିଲି ।

ସେ ଦିନ ଭୋଟନେବା ଦିନ । ରାଜ୍ୟ ପ୍ରତିନିଧି ସଭା ଏବଂ ସଂଘ ପ୍ରତିନିଧି ସଭା ଲାଗି ଭୋଟ ନିଆ ଯାଉଥାଏ । ଗୋଟିଏ ଭୋଟ କେନ୍ଦ୍ରକୁ ଗଲି ଦେଖିବା ପାଇଁ । ସବୁ ମେସିନ୍‌ରେ ହେଉଛି । ଯାହାକୁ ଭୋଟ ଦେବାର ଇଚ୍ଛା, ତାହାର ନାମ ପାଖରେ ଥିବା ବୋତାମଟିକୁ ଟିପି ଦେବାକୁ ହୁଏ । ଯେତେଜଣ ପ୍ରାର୍ଥୀ, ସମସ୍ତଙ୍କ ନାମ ପାଖରେ ବୋତାମ ଦିଆଯାଇଛି । ଭୋଟ ଦେବା ସଙ୍ଗେ ସଙ୍ଗେ ହିସାବ ହୋଇଯାଉଛି । ଭୋଟ ବାକ୍‌ସ ନାହିଁ କି ଭୋଟ କାଗଜ ନାହିଁ କି ଭୋଟ ଗଣତି ନାହିଁ ।

ଆମେରିକାରେ ଦୁଇଟି ରାଜନୈତିକ ଦଳ । ଡେମୋକ୍ରାଟ ଏବଂ ରିପବ୍ଲିକାନ୍ । ଦୁଇ ଦଳ ପକ୍ଷରୁ ଦୁଇଜଣ ବସିଛନ୍ତି । ତାଙ୍କ ପାଖରେ ଅଛି ଭୋଟର ତାଲିକା । ତା'ପରେ ଆଉ ଚାରିଜଣ ଅଛନ୍ତି ଭୋଟର-ମାନଙ୍କୁ ଚିହ୍ନଟ କରିବା ପାଇଁ । ଘର ଭିତରେ ଜଣେ ପୁଲିସ ଅଫିସର ଅଛନ୍ତି । କୋଟ ବାହାର କରିଦେଇ ବେଞ୍ଚ ଉପରେ ବସିଛନ୍ତି । ହାତରେ ସିଗାରେଟ୍ । ଏ ପୁଲିସ ଅଫିସରଙ୍କୁ ଦେଖି ବଳିତ କଥା ମନେ ପଡ଼ିଲା ।

Digitized by PPRACHIN, SOA

ସେଠାରେ କୌଣସି ପୁଲିସ ଅଫିସର ବସିବାର ମୁଁ ଦେଖିନାହିଁ । କୋଟରେ ଗୋଟିଏ ହେଲେ ବୋତାମ ଖୋଲାଥିବା ଦେଖିନାହିଁ । ସିଗାରେଟ୍ ତ ଅତି ଦୂରର କଥା ।

ବହୁ ସହରରେ ଆମକୁ ରାତ୍ରୀଭୋଜନ ପାଇଁ ନିମନ୍ତ୍ରଣ ଆସୁଛି । ଆତିଥେୟମାନେ ବିଦେଶୀମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ଆଗ୍ରହୀ । ସେଦିନ ଆମକୁ ନିମନ୍ତ୍ରଣ କରିଥିଲେ ଡକ୍ଟର ଏବଂ ଶ୍ରୀମତୀ ଲେଭିଟିନ୍ (Levitin) । ଅଭ୍ୟର୍ଥନା କଲେ । ଭାରତ ବିଷୟରେ ନାନା କଥାବାର୍ତ୍ତା ହେଲା । ଆନନ୍ଦରେ ସନ୍ଧ୍ୟାବେଳଟି କଟିଲା । ଏମାନଙ୍କ ସଙ୍ଗେ ପୂର୍ବରୁ ପରିଚୟ ନାହିଁ । ଭବିଷ୍ୟତରେ କେବେ ଦେଖା ହେବାର ସମ୍ଭାବନା ନ ଥାଇପାରେ । ମାତ୍ର ଏଇ ଅଭ୍ୟର୍ଥନାରେ ପ୍ରକଟିତ ହୋଇଛି ସାମାଜିକ ସଂସ୍କୃତି ।

ପରଦିନ ସକାଳେ ଦେଖିବାକୁ ଗଲୁ ଖାଦ୍ୟଶସ୍ୟର ଫାଟକା ବଜାର । ଏଥିପାଇଁ ନିର୍ମିତ ହୋଇଛି ଏକ ବିରାଟ ଅଟ୍ଟାଳିକା । ଭିତରକୁ ଗଲୁ । ଯେଉଁଠାରେ ଦଲାଲମାନେ ତାଙ୍କ ବ୍ୟବସାୟରେ ଲାଗିଛନ୍ତି, ସେ ଏକ ସୁନ୍ଦର ଏବଂ ବିସ୍ତୃତ ପ୍ରକୋଷ୍ଠ । ଗହମ, ମକା, ସୋୟାବିନ୍ ପ୍ରଭୃତି ବିଭିନ୍ନ ଖାଦ୍ୟଶସ୍ୟ ପାଇଁ ଗୋଟିଏ ଲେଖାଏଁ ବୃତ୍ତାକାର ସ୍ଥାନ ପ୍ରସ୍ତୁତ କରାଯାଇଛି । ସେ ବୃତ୍ତ ମଧ୍ୟରେ ଗୋଟିଏ ଅଫିସ । ସବୁ ଆଡ଼କୁ ଟେଲିଫୋନ୍ । ଟେଲିପ୍ରିଣ୍ଟର୍‌ରେ ପୃଥିବୀର ସବୁ ସ୍ଥାନରୁ ବିଭିନ୍ନ ଖାଦ୍ୟ-ଶସ୍ୟର ଦରଦାମ୍ ଆସି ପହଞ୍ଚୁଛି । କେତେଗୁଡ଼ିଏ ଅଫିସର ଅବିରତ ଦରଦାମ ଲେଖୁଛନ୍ତି । ସମଗ୍ର ପୃଥିବୀର ବଜାର ଦର ମୁହୂର୍ତ୍ତକ ମଧ୍ୟରେ ଲେଖି ହୋଇଯାଉଛି ।

ହଲ୍ ଭିତରେ ଭୂମୂଳ ପାଟିତୁଣ୍ଡ । ସମସ୍ତେ ଉତ୍ତେଜିତ । ସମସ୍ତଙ୍କର ହାତ ଦର୍ପ ସହିତ ଉପର ତଳ ହୋଇ ଚାଲୁଛି । ସେଥିରେ ଅଛି ସଙ୍କେତ । ଗର୍ଜନ ବହୁ ଦୂର ଶୁଭୁଛି । ଗୋଟାଏ ପ୍ରଚଣ୍ଡ ବିପ୍ଳବ ପରି ମନେ ହେବ । ଏମାନେ ସମସ୍ତେ ଦଲାଲ । ପୃଥିବୀର ବିଭିନ୍ନ ଦରଦାମ ଦେଖି ସେମାନେ ଅନୁମାନ କରୁଛନ୍ତି ବର୍ଦ୍ଧିକ ଦରେ କି ଛଅ

Digitized by PPRACHIN, SOA

ମାସ ପରେ ଦର କମିବ କି ବଢ଼ିବ । କେହି ଭବିଷ୍ୟତ ପାଇଁ କିଣୁଛନ୍ତି; କେହି ବିକୁଛନ୍ତି, କେହି ଖାଦ୍ୟଶସ୍ୟ ବିକିବେ ନାହିଁ କି କିଣିବେ ନାହିଁ । ଦର ବଢ଼ିଲେ କି କମିଲେ କାହାର ବଢ଼ତି ହେବ, କାହାର ଘଟତି ହେବ । ପାଖକୁ ଲାଗି ଗୋଟିଏ କୋଠରୀରେ ୨୦ ମିନିଟ୍‌ର ଗୋଟିଏ ଫିଲ୍ମ ଦେଖାଯାଉଛି । ସେଥିରେ ବୁଝାଇ ଦିଆଯାଉଛି, ଏ ଫାଟକା ବଜାର କିପରି କାର୍ଯ୍ୟ କରୁଛି ।

ଏ ପାଟିଗୋଳ, ଉତ୍ତେଜନା ଦେଖି ମନେ ହେଲା, ଏହିପରି ପ୍ରାଚୁର୍ଯ୍ୟ, ଉପାର୍ଜନ, ସମୃଦ୍ଧି ଯେଉଁମାନେ ଆହରଣ କରୁଛନ୍ତି, ଭୋଗ କରୁଛନ୍ତି, ଏଇ କ'ଣ ତାଙ୍କର ଉପଭୋଗ ? ମଣିଷ ତା'ର ସତକର୍ମ ଭିତରେ ବଞ୍ଚେ । ସେଇ ତା'ର ଜୀବନର ମାନଦଣ୍ଡ । ମାତ୍ର ଧନଲାଗି ଏଭଳି ପାଗଳ ପରି ଉତ୍ତେଜିତ ହୋଇ ରହିବା କ'ଣ ପ୍ରକୃତରେ ସମ୍ଭୋଗମୟ ଜୀବନ ? ଏଇ କ'ଣ ସମୃଦ୍ଧିର ପରିଣତି ?

ତା'ପରେ ଗଲୁ ଦେଖିବାକୁ ପ୍ରକାଣ୍ଡକାୟ ମାଲ ଗୋଦାମ । ସେ ମଧ୍ୟ ଅତି ସୁନ୍ଦର ସୁବୃହତ ଅଟ୍ଟାଳିକା । ଏ ଗୋଦାମ ଘର ପୃଥିବୀର ସର୍ବବୃହତ ପାଇକାରୀ ବଜାର । ନାନାବିଧ ପଦାର୍ଥ ବିଭିନ୍ନ କୋଠରୀରେ ସଜ୍ଜିତ ହୋଇ ରହିଛି । ପାଇକାରୀ ବ୍ୟବସାୟୀମାନେ ଏଠାରୁ କିଣି ନିଅନ୍ତି । ସିକାଗୋ ସବୁଠାରୁ ବଡ ରେଳ ୟାର୍ଡ଼ । ନ ହୋଇଥିଲେ ଏତେ ମାଲ ଯାଆସ କରିପାରନ୍ତା ନାହିଁ ।

ନିଉୟର୍କରେ ଯେପରି ଓ୍ୱାଲ୍ ଷ୍ଟ୍ରୀଟ୍ (Wall street) ସର୍ବବୃହତ ସ୍କନ୍ଧ ବିପଣି (share market); ଡେଟ୍ରଇଟ୍‌ରେ ସେହିପରି ମଟରଗାଡ଼ି ବିପଣି (automobile centre); ସିକାଗୋରେ ସେହିପରି ମାଲ୍ ବିପଣି (Produce exchange) ।

ଗୋଟିଏ ସପ୍ତାହ ରହଣି ପରେ ସିକାଗୋ ଛାଡ଼ିଲୁ ବିମାନବନ୍ଦର ଠାରୁ । ଶୁଣିଲୁ, ସିକାଗୋର ବିମାନଘାଟୀ ପୃଥିବୀରେ

Digitized by PPRACHIN, SOA

ସବୁଠାରୁ ବୃହତ । ହୋଇଥିବ । ଆଗରୁ ଯାଇଥିଲୁ ପ୍ରୁଡେନ୍‌ସିଆଲ ବୀମା କମ୍ପାନୀକୁ । ଆମେରିକାରେ ଲିଫ୍‌ଟକୁ କହନ୍ତି ଏଲଭେଟର (Elivator) । ସେଠାରେ ଲେଖା ଅଛି, ଏ ଏଲଭେଟର୍ ପୃଥିବୀର ସବୁଠାରୁ ଅଧିକ ଦ୍ରୁତଗାମୀ । ଅସମ୍ଭବ ନୁହେଁ ।

●

Digitized by PPRACHIN, SOA

ସାନ୍‌ଫ୍ରାନସିସ୍କୋ

ଶିକାଗୋରୁ ସାନଫ୍ରାନସିସ୍କୋ ବିମାନ ଯାତ୍ରା । ଅନେକ ଦୂର । ଦୀର୍ଘ ସାତଘଣ୍ଟା ଧରି ଅନବଚ୍ଛିନ୍ନ ଭାବରେ ଆକାଶରେ ଉଡ଼ିବାକୁ ହେଲା । ବହୁଭାଗ ପର୍ବତମାଳା ଉପରେ ଆସିଲୁ । ଯୁକ୍ତରାଷ୍ଟ୍ରର ଏ ପାର୍ବତ୍ୟ ଅଞ୍ଚଳ ଖାଲି ଅକର୍ମଣିଆ । ରକି ପର୍ବତମାଳା ଉତ୍ତରରୁ ଦକ୍ଷିଣକୁ ମାଡ଼ି ରହିଛି । ତେଣୁ କାନାଡ଼ାରୁ ଶୀତ ପବନ ମାଡ଼ିଆସେ । ଆମର ହିମାଳୟ ପର୍ବତମାଳା ଉତ୍ତରରୁ ଦକ୍ଷିଣକୁ ହୋଇଥିଲେ, ସେହିପରି ଶୀତ ପବନ ଆସୁଥାନ୍ତା । ପଶ୍ଚିମରୁ ପୂର୍ବକୁ ହୋଇଥିବାରୁ ଚୀନ୍ ଦେଶ ଆଡ଼ୁ ଉତ୍ତର ଶୀତପବନ ଅଟକି ଯାଉଛି । ଆମେ ବହୁ ଉପରେ ଉଡ଼ୁଥାଉ । ତଳେ ଖାଲି ପାହାଡ଼, ପର୍ବତ ଏବଂ ମରୁଭୂମି । କ୍ୱଚିତ କେଉଁଠାରେ ଗଛବୃକ୍ଷ । ନଦୀସବୁ ବଙ୍କା ବଙ୍କା ହୋଇ ସୁନ୍ଦର ଦିଶୁଥାନ୍ତି । ମଝିରେ ମଝିରେ ରାସ୍ତା ଦେଖା ଯାଉଥାଏ । ଆଉ ସବୁ ପାହାଡ଼, ପର୍ବତ । ଦିନ ବାରଟା ବେଳେ ଶିକାଗୋ ଛାଡ଼ିଥିଲୁ । ସନ୍ଧ୍ୟା ସାତଟାରେ ପହଞ୍ଚିଲୁ । ଶିକାଗୋ ସମୟ ସାତଟା । ସାନଫ୍ରାନସିସ୍କୋ ଘଣ୍ଟାରେ ପାଞ୍ଚଟା ।

ସାନ୍‌ଫ୍ରାନ୍‌ସିସ୍କୋ ଷ୍ଟେଟ୍ କଲେଜର ପ୍ରଫେସର ଡକ୍ଟର ଆଲଫ୍ରେଡ୍ ଫିସ୍କ୍ (Alfred Fisk) ବିମାନ ପତ୍ତନକୁ ଆସିଥିଲେ । ମୁଁ ତାଙ୍କ ପାଖକୁ ଚିଠି ଲେଖିଥିଲି । ଛଅବର୍ଷ ତଳେ ପ୍ରଫେସର ଫିସ୍କ ଆସିଥିଲେ କଟକ । ସାଙ୍ଗରେ ଥିଲେ ତାଙ୍କର ସ୍ତ୍ରୀ ଏବଂ କନ୍ୟା । ଭାରତସେବକ ସମାଜର ଅଧ୍ୟକ୍ଷ ହୃଦୟ ନାଥ କୁଞ୍ଜରୁ ଦିଲ୍ଲୀରେ ଏକ ସଂସ୍ଥା ଗଢ଼ିଥିଲେ । (Indian Council of World Affairs) ସଂକ୍ଷେପରେ I. C. W. A. । କଟକ ବକସିବଜାରରେ ଭାରତ ସେବକ ସମାଜର ଓଡ଼ିଶା ଅଫିସ । କୁଞ୍ଜରୁ କଟକ ଆସନ୍ତି । ମୁଁ କେତେଥର

Digitized by PPRACHIN, SOA

ତାଙ୍କ ସହିତ ଦେଖା କରିଛୁ । I. C. W. A. ର ଗୋଟିଏ ଶାଖା କଟକରେ କରିବା ପାଇଁ ଅନୁରୋଧ କଲି । ସେ ସମ୍ମତି ଦେଲେ । ରେଭେନ୍‌ସା କଲେଜରେ ଏ ଶାଖା ପ୍ରତିଷ୍ଠିତ ହେଲା । ଡକ୍ଟର ହରେକୃଷ୍ଣ ମହତାବ ହେଲେ ସଭାପତି । ମୁଁ ହେଲି ସେକ୍ରେଟାରୀ । ଏ କାଉନସିଲ୍ ସଭ୍ୟମାନଙ୍କରେ ଦେଶ ବିଦେଶର କଥା ଏବଂ ଆନ୍ତର୍ଜାତୀୟ ବିଷୟ ଆଲୋଚନା କରଯାଏ । ଦିଲ୍ଲୀ ସଂସ୍ଥାକୁ ଯେଉଁ ବିଶିଷ୍ଟ ଲୋକେ ଆସନ୍ତି, ସେଥିରୁ କେତେଜଣ କଟକ ଶାଖାକୁ ମଧ୍ୟ ଆସୁଥିଲେ । ପ୍ରଫେସର ଫିସ୍କ୍ କଟକ ଆସିଥିଲେ । ତାଙ୍କୁ ସରକଟ ହାଉସରେ ରଖାଇଥିଲି । ମୁଁ ତାଙ୍କୁ ଗାଡ଼ିରେ ନେଇ କରି ଆସୁଛି, ଶ୍ରୀମତୀ ଫିସ୍କ୍ କହିଲେ, କଟକରେ ପବି ଷଣ୍ଢ ରାସ୍ତାରେ ବୁଲୁଥାନ୍ତି ? ତାଙ୍କ ପାଟିରୁ କଥା ସରିନାହିଁ, ରାଣୀହାଟ ଛକରେ ଗୋଟିଏ ଷଣ୍ଢ ଆସି ହାବୁଡ଼ ଗଲା । ଏ ଅତିଥିମାନଙ୍କୁ ମୁଁ ତିନି ଦିନ ବୁଲାଇ ବହୁସ୍ଥାନ ଦେଖାଇଛି । ମିସେସ୍ ଫିସ୍କ୍ ଏ ଷଣ୍ଢ ଘଟଣା ଅନେକଥର କହିଛନ୍ତି । ତାଙ୍କ ସାଙ୍ଗରେ ନିୟମିତ ପତ୍ରାଳାପ ହେଉଥିଲା ।

ପ୍ରଫେସର ଫିସ୍କ୍ ଆମ ତିନିଜଣଙ୍କୁ ନେଇ ନର୍ଥଷ୍ଟ୍ରି ହୋଟେଲରେ ଛାଡ଼ିଦେଲେ । କହିଲେ, ଘଣ୍ଟାକ ପରେ ମୋ ପାଖକୁ ଆସିବେ । ତାଙ୍କର ସ୍ତ୍ରୀ ଏବଂ ଆଉ ଜଣେ ବନ୍ଧୁଙ୍କୁ ସାଙ୍ଗରେ ନେଇ ଆସିଲେ । ଏକାଠି ଗଲୁ ତାଙ୍କ ଗାଡ଼ିରେ । କହିଲେ, "ଆଜି ଆମ ବିବାହର ବାର୍ଷିକ ଦିବସ । ଆଜି ତୁମମାନଙ୍କ ସଙ୍ଗେ ରାତ୍ରୀ ଭୋଜନ ପାଇଁ ସ୍ଥିର କରିଛୁ । ମୋର ସୌଭାଗ୍ୟ ତୁମେ ଏଇ ତିଥିରେ ଆସି ପହଞ୍ଚିଛ ।"

ସାନଫ୍ରାନସିସ୍କୋ ସହରର ସମୁଦ୍ର କୂଳରେ । ପାଖକୁ ଲାଗିଛି ଗୋଟିଏ ବିସ୍ତୃତ ହ୍ରଦ । ସେ ହ୍ରଦ ଘରରେ କୌଣସିଠାରେ କାଦୁଅ ପଙ୍କ ନାହିଁ । ସବୁ ପଥରରେ ଗଢ଼ାଯାଇଛି । ପରିଷ୍କାର ପରିଚ୍ଛନ୍ନ । ବୁଲିବା ପାଇଁ ପ୍ରଶସ୍ତ ସ୍ଥାନ । ସେଠାରେ ଅଛି ମତ୍ସ୍ୟଜୀବୀଙ୍କ ମାଛଧରା ଟ୍ରଲର୍ । ହ୍ରଦ କୂଳରେ ଧାଡ଼ି ହୋଇ ଲାଗିଛି । ତାହାର ନାମ Fishermen's Wharf । ପାଖରେ ଗୁଡ଼ିଏ ରେସ୍ତୋରାଁ, ମନୋହର

Digitized by PPRACHIN, SOA

ଦୋକାନ । ଅନେକ ସଜ୍ଜା ଚମତ୍କାର । ଆଖି ଝଲସି ଯାଉଛି । ଗୋଟିଏ ରେସ୍ତୁରାଁରେ ପ୍ରବେଶ କଲୁ । ତାହାର ନାମ ଓ୍ୱାଇକିକି (WAIKIKI) ବାହାରେ ନାନା ରଙ୍ଗର ଅନେକ ସଜ୍ଜା । ଭିତରଟା ଅନ୍ଧାରୁଆ । ଠାଏ ଠାଏ ବଜ୍ କି ଅନେକ ମିଞ୍ଜି ମିଞ୍ଜି ହୋଇ ଜଳୁଛି । ଖାଇବା ଟେବୁଲ ଉପରେ ମହମବତି । ଘର ଭିତରେ ଗୁଡ଼ିଏ ଶୁଖିଲା ନଡ଼ିଆ କାଠରେ ଓହଳିଛି । ଦୁଇ ତିନିଟା ଜାଲ ଶୁଖୁଛି । କ୍ଷୋଠ ଏବଂ ଚାଳପତ୍ରରେ ଗୃହ ଛାଆଁଳ ହୋଇଛି କୋଠା ଛାତ ତଳେ । ବେତରେ ତିଆରି କେତେଖଣ୍ଡ ଚୌକି । ଗୋଟିଏ ଚୌକିର ଗୋଟିଏ ଗୋଡ଼ ଭାଙ୍ଗିଯାଇଛି । ତଳେ ଛଟା ଦିଆଯାଇଛି । ଠାଏ ଠାଏ ନିଆଁ ଜଳୁଛି । ସେଥିରେ କଙ୍କଡ଼ା କଇଁଛ ପୋଡ଼ାଯାଉଛି । ପରିବେଷଣ କରୁଛନ୍ତି କେତେଜଣ ସ୍ୱଳ୍ପବସ୍ତ୍ରା-ନ୍ୱିତା ତରୁଣୀ । ମନେ ପଡ଼ିଲା, କାଳିଦାସ ଶକୁନ୍ତଳାଙ୍କ ରୂପ ବର୍ଣ୍ଣନା କରିଛନ୍ତି । ଇୟମଧିକ ମନୋଜ୍ଞା ଶୈବଳେନାପି ରମ୍ୟା । ମାତ୍ର ସେ ରେସ୍ତୁରାଁ ପରିବେଶ ଦେଖି ଅସ୍ୱସ୍ତିକର ବୋଧ ହେଲା । ନିଆଁ ଭିତରୁ କଙ୍କଡ଼ା କାଢ଼ି ଆଣି ପ୍ଲେଟ୍‌ରେ ବଢ଼ାଗଲା । ଉପରୁର ସବୁ ଏହିପରି । ଖାଦ୍ୟ ଅରୁଚିକର ହେଲା । ଭଦ୍ରତା ରକ୍ଷା କରି ଟିକିଏ ଟିକିଏ ଖାଉଥାଏ ।

ବାହାରକୁ ଆସି ପଚାରିଲି, ଏପରି ଏକ ରେସ୍ତୁରାଁ ଏଠାରେ ଅଛି କିପରି ? ଫିସ୍କ କହିଲେ, ଏଇଟି ସମ୍ଭ୍ରାନ୍ତ ରେସ୍ତୁରାଁ । ହାଓ୍ୱାଇ (Hawaii) ଆଦିବାସୀ ଧୀବରମାନଙ୍କର ଘର ଏହିପରି । ସେଠାରେ ଗୋଟିଏ ଶ୍ରେଷ୍ଠ ଦ୍ୱୀପର ନାମ ଓ୍ୱାଇକିକି । ସେଠାର ବାତାବରଣ ସୃଷ୍ଟି କରିବା ପାଇଁ ବହୁ ବ୍ୟୟରେ ଏ ସାଜସଜ୍ଜା କରାଯାଇଛି । ଏଠାରେ ଭୋଜନ ଅତି ବ୍ୟୟସାପେକ୍ଷ । ବୁଝିଲି, ଭବିଷ୍ୟ ଉପଭୋଗ କରିବାପାଇଁ ଏଭଳି ପରିବେଶ ମଧ୍ୟ ସୃଷ୍ଟି କରିବାକୁ ହୁଏ ।

ସାନ ଫ୍ରାନ୍‌ସିସ୍କୋ ଆମେରିକାର ଅତି ରମଣୀୟ ସହର । ଏଠାକୁ ଇଉରୋପର ସବୁ ଦେଶରୁ ଆପ୍ରବାସୀ ଆସିଛନ୍ତି । ଚୀନ ଏବଂ ଜାପାନରୁ ମଧ୍ୟ । ଏଠାରେ ଗୋଟିଏ ଜାପାନୀ ଉପବନ କରାଯାଇଛି ।

Digitized by PPRACHIN, SOA

ବୌଦ୍ଧ ପାଗୋଡ଼ା ଢାଞ୍ଚାରେ ପ୍ରବେଶ ଦ୍ୱାର ଏବଂ ଭିତରେ ଗୁଡ଼ିଏ ବୌଦ୍ଧ ମନ୍ଦିର ନିର୍ମିତ ହୋଇଛି । ଉଦ୍ୟାନରେ ଫୁଲ ଫଳ ଗଛ ଓ ଝଙ୍କା ପତ୍ର ରୋପଣ କରାଯାଇଛି । ବହୁ ଲୋକ ଆସନ୍ତି ଏହି ଉପବନ ଦେଖିବା ପାଇଁ, ଉପଭୋଗ କରିବା ପାଇଁ । ଆଉ ଗୋଟିଏ ଅଞ୍ଚଳରେ ଅଛି ଚାଇନା ଟାଉନ୍ । ସେଠାରେ ସମସ୍ତେ ଚୀନ ଦେଶର ଲୋକ । ସନ୍ଧ୍ୟାରେ ଚାଇନା ଟାଉନ୍ ରଙ୍ଗୀନ ଆଲୋକରେ ମଣ୍ଡିତ ହୁଏ । ସାଜସଜ୍ଜା ଅତି ଚମତ୍କାର । ଅନେକ ସହରରେ ଚୀନ ଲୋକେ ଆସ୍ଥାନ ଗଢ଼ିଛନ୍ତି ।

କଲମ୍ବସ ଆମେରିକା ଆବିଷ୍କାର କରିଥିଲେ ୧୪୯୨ ଖ୍ରୀଷ୍ଟାବ୍ଦରେ । ଯୁକ୍ତରାଷ୍ଟ୍ର ସ୍ୱାଧୀନ ହେଲା ୧୭୭୬ ମସିହାରେ । ସେତେବେଳ ପର୍ଯ୍ୟନ୍ତ କାଲିଫର୍ଣ୍ଣିଆକୁ କେହି ଆସି ନ ଥିଲେ । ଆଟଲାଣ୍ଟିକ ଉପକୂଳରେ ବହୁ ଅନୁକୂଳ ସ୍ଥାନ । ସେ ସବୁ ପ୍ରାକୃତିକ ବନ୍ଦର । ସେଇ ପଟରୁ ଆପ୍ରବାସୀମାନେ ଆସି ବସତି ସ୍ଥାପନ କଲେ । ପ୍ରଶାନ୍ତ ମହାସାଗର ପଟରୁ ନାବିକମାନେ କୌଣସିଠାରେ ପ୍ରବେଶ ପଥ ଦେଖି ନ ଥିଲେ । ଯୁକ୍ତରାଷ୍ଟ୍ର ସ୍ୱାଧୀନ ହେଲା ବର୍ଷ, ସ୍ପେନ୍‌ର ଜଣେ ନାବିକ ପ୍ରଶାନ୍ତ ମହାସାଗରରେ ଯାଉଥିଲା ବେଳେ ଲକ୍ଷ୍ୟ କଲେ ଦୁଇଟି ପାହାଡ଼ ଭିତରେ ସମୁଦ୍ର ପଶିଯାଇଛି । ଭିତରେ ଗୋଟିଏ ହ୍ରଦ । ଦେଖାଗଲା, ସେଇଟି ପୃଥିବୀର ଗଭୀରତମ ପୋତାଶ୍ରୟ । ଏବେ ସେଇଠାରେ ଅଛି ଆମେରିକାର ନୌବାହିନୀ । ସେ ଦୁଇଟି ପାହାଡ଼କୁ ଯୋଗ କରିବା ଲାଗି ଗୋଟିଏ ଅତି ଉଚ୍ଚ ତୋରଣ ପୋଲ (Golden gate bridge) ଗଢ଼ାଯାଇଛି । ସେଇ ତୋରଣ ତଳେ ବଡ଼ ବଡ଼ ଜାହାଜ ଯା ଆସ କରିପାରୁଛି । ଉପରେ ସଡ଼କ ।

ତଳକା ଭିତରେ ଖଣ୍ଡେ ଖଣ୍ଡେ ପାହାଡ଼ ଥିଲା ପରି, ଏହି ହ୍ରଦରେ ଗୋଟିଏ ଦ୍ୱୀପ ଅଛି । ତାହାର ନାମ ଦିଆଯାଇଛି ଅଲକାଟ୍ରାଜ ଦ୍ୱୀପ (Alcatrag Island) । ସେଠାରେ ଅଛି ଦୁର୍ଦ୍ଦାନ୍ତ ଅପରାଧୀଙ୍କ ପାଇଁ ଗୋଟିଏ ଜେଲଖାନା । କୂଳରେ ଗୋଟିଏ ମଣ୍ଡପରେ

Digitized by PPRACHIN, SOA

କେତେଗୁଡ଼ିଏ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପିତ ହୋଇଛି । ସେଥିରେ ଗୋଟିଏ ଅଧଡଲାର୍ ପକାଇ ଦେଖିଲେ, ସେ ଅପରାଧୀ ଦ୍ୱୀପର ଜେଲଖାନା ସ୍ପଷ୍ଟ ଦେଖାଯାଏ ।

ଡକ୍ଟର ଫିସ୍କଙ୍କ ସାଙ୍ଗରେ ଦେଖିବାକୁ ଗଲି ମୁଇର ବନାଞ୍ଚ (Muir Woods) । ସୁନ୍ଦର ପ୍ରାକୃତିକ ବନସ୍ପତି । ଏଥିରେ ଅଛି ଗୋଟିଏ ଜାତିର ପ୍ରକାଣ୍ଡ ଦ୍ରୁମ । ଝଙ୍କା ନୁହେଁ, ଲମ୍ବ ନୁହେଁ । ସିଧା ହୋଇ ଉପରକୁ ଉଠି ଯାଇଛି । ୩୫୦ ଫୁଟ ପର୍ଯ୍ୟନ୍ତ ଗଛର ଉଚ୍ଚତା । ବିଶାଳ ବୃକ୍ଷ । ତଳେ ଗୁଳ୍ମ, କଣ୍ଟା କିଛି ନାହିଁ । ଏ ଗଛର କାଠ ଲାଲ ରଙ୍ଗର । ତେଣୁ ଏହାକୁ Red Wood Forest କୁହାଯାଏ । ଏ ଗଛର ଆୟୁ ଦୁଇ ହଜାର ବର୍ଷରୁ ଅଧିକ । ଏ ଅରଣ୍ୟରୁ ଗଛ କାଟିବା ନିଷେଧ । ଗୋଟିଏ ଗଛ ଭାଙ୍ଗି ପଡ଼ିଛି । ଭଙ୍ଗା ଗଛଟି ସେହିଠାରେ ପଡ଼ିଛି । ଗଛ ବଢ଼ିବା ସଙ୍ଗେ ସଙ୍ଗେ ଗଣ୍ଡି ଭିତରେ ଗୋଟିଏ ଗୋଟିଏ ବୃତ୍ତାକାର ରେଖା ପଡ଼ିଯାଏ । ସେଥିରୁ ଗଛର ବୟସ ଜଣାଯାଏ । ସେ ଭଙ୍ଗାଗଛ ମୂଳରେ ସ୍କୁଲଫୁଟ ଉଚ୍ଚରୁ ମସୃଣ କରି କାଟି ଦିଆଯାଇଛି । ସେ ବୃତ୍ତଗୁଡ଼ିକରେ ଇତିହାସର ବିଭିନ୍ନ ଘଟଣା ନିର୍ଦ୍ଦେଶିତ ହୋଇଛି । ଗୋଟିଏ ବୃତ୍ତ ପାଖରେ ଲେଖାଯାଇଛି ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ।

କିଛି ଦୂରରେ ଗୋଟିଏ ବୃକ୍ଷ ଅଛି ଯାହାର ଗଣ୍ଡି ଏତେ ମୋଟା ଯେ ତାହା ଭିତରେ ମଟର ଯିବା ପାଇଁ ମଧ୍ୟ ରାସ୍ତା ତିଆରି ହୋଇଛି । ଏଇ କାଲିଫର୍ଣ୍ଣିଆ ଉପକୂଳରେ ଅଳ୍ପ କେତେ ମାଇଲ୍ ପରିମିତ ସ୍ଥାନରେ ଅଛି ଏ ବୃକ୍ଷର ବନାଞ୍ଚ । ପୃଥିବୀରେ ଅନ୍ୟତ୍ର ଏ ବୃକ୍ଷ ହୁଏ ନାହିଁ । ମୁଁ ଯେଉଁ ଦ୍ରୁମଟିର ଛବି ଆଣିଛି, ତା'ର ଉଚ୍ଚତା ୩୬୪ ଫୁଟ ଏବଂ ଗଣ୍ଡିର ପରିଧି ୭୭ ଫୁଟ ।

ଦ୍ୱିତୀୟ ମହାଯୁଦ୍ଧର ଶେଷ ବେଳକୁ ଆମେରିକାର ରାଷ୍ଟ୍ରପତି ରୁଜଭେଲ୍ଟ (Roosevelt) ଜାତି ସଂଘ ଗଢ଼ିବାର କଳ୍ପନା କରି-ଥିଲେ । ବିଭିନ୍ନ ଦେଶରୁ ପ୍ରତିନିଧିମାନେ ନିମନ୍ତ୍ରିତ ହୋଇଥିଲେ । ୧୯୪୫ ମସିହାରେ ସାନ ଫ୍ରାନସିସ୍କୋଠାରେ ଏ ସମ୍ମିଳନୀ ଅନୁଷ୍ଠିତ

Digitized by PPRACHIN, SOA

ହୋଇଥିଲା । ସେତେବେଳକୁ ରୁଜଭେଲ୍‌ଟଙ୍କର ଦେହାନ୍ତ ହୋଇଯାଇଥିଲା । ପ୍ରତିନିଧିମାନେ ସମ୍ମିଳନୀ ଶେଷରେ ମୁଇର ବନାଞ୍ଚଳରେ ରୁଜଭେଲ୍‌ଟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେଇ ସ୍ଥାନରେ ଏକ ଫଳକ ନିର୍ମିତ ହୋଇଛି । ପ୍ରତିନିଧିମାନେ ସ୍ମାରକ ସ୍ୱରୂପ ଗୋଟିଏ ଲେଖାଏଁ ଏ ବୃକ୍ଷର ଗୁଚ୍ଛ ନେଇ ଦେଶକୁ ଫେରିଥିଲେ ।

ପିଷ୍ଟ ଏବଂ ମୁଁ ସେ ସ୍ଥାନକୁ ଗଲୁ । ଜାତି ସଂଘର ପ୍ରବର୍ତ୍ତକ ରୁଜଭେଲ୍‌ଟଙ୍କ ଫଳକଠାରେ ହାତଯୋଡ଼ି ଶ୍ରଦ୍ଧାଞ୍ଜଳି ଅର୍ପଣ କଲି । ଫେରି ଆସୁଥିଲୁ । ମନେ ପଡ଼ିଗଲା—ଭାରତର ସମ୍ମତି ନ ନେଇ ବ୍ରିଟିଶ ସରକାର ଭାରତକୁ ଯୁଦ୍ଧକ୍ଷେତ୍ରରେ ପ୍ରବେଶ କରାଇଥିଲେ । ଯୁଦ୍ଧ ଶେଷରେ ଭାରତ ସ୍ୱାଧୀନତା ପାଇବା ଲାଗି ସର୍ତ୍ତ ମାଗିଥିଲା । ପ୍ରଧାନ ମନ୍ତ୍ରୀ ଚର୍ଚ୍ଚିଲ ପ୍ରତିଶ୍ରୁତି ଦେବାକୁ ନାରାଜ । ରୁଜଭେଲ୍‌ଟ ଭାରତର ଦାବୀ ସମର୍ଥନ କଲେ । ଏ ଦାବୀର ଯଥାର୍ଥତା ଚର୍ଚ୍ଚିଲଙ୍କ ଉପରେ ଆରୋପ କଲେ । ଯୁଦ୍ଧରେ ଇଂଲଣ୍ଡ ସଙ୍କଟର ସମ୍ମୁଖୀନ ହୋଇଛି । ବାଧ୍ୟ ହୋଇ ଚର୍ଚ୍ଚିଲ ପ୍ରତିଶ୍ରୁତି ଦେଲେ । ମୁଁ ଫେରିପଡ଼ି ରୁଜଭେଲ୍‌ଟଙ୍କର ଫଳକ ନିକଟରେ ନମସ୍କାର କଲି । କୃତଜ୍ଞତା ଜ୍ଞାପନ କଲି ।

ଗଲୁ ମୁଇର୍ କଲେଜ (Muir College) ଦେଖିବା ପାଇଁ । ଏଇଟି ଛାତ୍ରୀମାନଙ୍କ ପାଇଁ । ମହିଳା କଲେଜ । ଓକଲାଣ୍ଡ ସହରରେ । (OAKLAND) ବେଶୀ ଦୂର ନୁହେଁ । ପୋଲଟି ପାର ହେଲେ ଓକ-ଲାଣ୍ଡ ସହର । ସବୁ କଲେଜ ପରି ଏ କଲେଜର ଦୃଶ୍ୟ ମଧ୍ୟ ସୁନ୍ଦର । ଏଠାରେ ଡ୍ରଇଁ, ଚିତ୍ରାଙ୍କନ, ମୂର୍ତ୍ତିଗଠନ, ସଙ୍ଗୀତ ନୃତ୍ୟ ପ୍ରଭୃତି ଅତିରିକ୍ତ ବିଷୟ ରୂପେ ଶିକ୍ଷା ଦିଆଯାଏ । ଦେଖିଲି ଛାତ୍ରୀମାନେ ତାଙ୍କର ସୁନ୍ଦର ପରିଧେୟ ଉପରେ ଆପ୍ରନ୍ ପିନ୍ଧି ମାଟି ଚକଟି କୁମ୍ଭାର ଗଢ଼ିଲା ପରି ବସି କାମ କରୁଛନ୍ତି । ହାତ ମଇଳା ନ ହେଲେ ଶିକ୍ଷା ପୂର୍ଣ୍ଣାଙ୍ଗ ହୁଏ ନାହିଁ । ଏ ଦେଶର ଶିକ୍ଷା ପ୍ରଣାଳୀରେ ଏ ଆଦର୍ଶ ଅନ୍ତର୍ଭୁକ୍ତ ହୋଇଛି । ଆନନ୍ଦ ଲାଗିଲା ।

Digitized by PPRACHIN, SOA

ସାନ ଫ୍ରାନସିସ୍କୋରେ ଦର୍ଶନୀୟ ସ୍ଥାନ ଅନେକ । ଗୋଟିଏ ଗଡ଼ାଣିଆ ସଡ଼କରେ ଅଛି ଗୋଟିଏ ଚେନ୍ କାର (Chain Car) । ଶକ୍ତ ଶିକୁଳିଟିଏ ବନ୍ଧା ହୋଇଛି । ସେଇଟି ଗୁଡ଼ା ହେଲେ ଗାଡ଼ି ଉପରକୁ ଉଠି ଯାଏ । ଗୁଡ଼ ଦେଲେ ତଳକୁ ଖସିଆସେ । ପିଲଙ୍କ ଖେଳନା ପରି । ଏଥିରେ ଆମୋଦ କରିବାକୁ ପ୍ରତିଦିନ ବହୁ ଲୋକ ଆସନ୍ତି । ସହର ଆରମ୍ଭ ହେଲା ବେଳେ ଏଇଟି କରାଯାଇଥିଲା । ପୁରୁଣା ହୋଇ ଗଲାଣି । ରାସ୍ତା ଅବରୁଦ୍ଧ ହେଉଛି । ଅନେକ ଥର ପ୍ରସ୍ତାବ ହେଲା, ଏହାକୁ ଉଠାଇ ଦିଆଯିବ । ସବୁ ଥର ଲୋକେ ଆପତ୍ତି ଉଠାନ୍ତି । ଏଇଟିକୁ କାଢ଼ି ନେଲେ ଆମେ ଏ ସହର ଗୁଡ଼ ଭୁଲିଯିବୁ । ପୁରୁଣା ଯାନଟି ପାଇଁ ଏମାନଙ୍କର ଏତେ ମମତା !

ସେ ଦିନ ନଭେମ୍ବର ୧୧ ତାରିଖ । ଅଫିସ ଦୋକାନ ସବୁ ବନ୍ଦ । ସେଇ ତାରିଖରେ ପ୍ରଥମ ମହାଯୁଦ୍ଧର ଅବସାନ ଘଟିଥିଲା । ତାକୁ ଶାନ୍ତି ଦିବସ ରୂପେ ପାଳନ କରାଯାଉଥିଲା । ଆମ ଦେଶରେ ମଧ୍ୟ । ପ୍ରଥମ ମହାଯୁଦ୍ଧ ଯାଇ, ଦ୍ୱିତୀୟ ମହାଯୁଦ୍ଧ ଯାଇ, କେତେ ବାଟରେ କେତେ ପାଣି ବୋହି ଗଲାଣି । ପ୍ରଥମ ଯୁଦ୍ଧର ଶାନ୍ତି ସ୍ମରଣାର୍ଥ ପାଳନ କରାଯାଉଛି ।

ଉପର ବେଳା ଆନ୍ତର୍ଜାତୀୟ ଅଭ୍ୟର୍ଥନା କେନ୍ଦ୍ରର ଜଣେ ଭଦ୍ର ମହିଳା ତାଙ୍କ ଗାଡ଼ିରେ ଆମକୁ ସହରର ବିଭିନ୍ନ ସ୍ଥାନ ବୁଲାଇ ନେଲେ । ଏ ଅନୁଷ୍ଠାନର ସମସ୍ତେ ସ୍ୱେଚ୍ଛାରେ ଏପରି କାର୍ଯ୍ୟରେ ବ୍ରତୀ ହୋଇଛନ୍ତି । ଏହା ତାଙ୍କର ସ୍ୱେଚ୍ଛା ନୁହେ କମ୍ପା. ଏଥିରେ କୌଣସି ପଦୋନ୍ନତି ବା ସ୍ୱାର୍ଥସିଦ୍ଧି ହେବାର ନାହିଁ । ଖାଲି ବିଦେଶୀ ଲୋକଙ୍କୁ ଆନନ୍ଦ ଦେବାରେ ତାଙ୍କର ଆନନ୍ଦ ।

ଏ ମହିଳାଙ୍କର ଜନ୍ମ ଇଂଲଣ୍ଡରେ । ସନ୍ଧ୍ୟାରେ ତାଙ୍କ ଘରକୁ ନେଲେ । ତାଙ୍କ ମାଆ ଇଂଲଣ୍ଡରୁ ଆସିଛନ୍ତି । ପୁରୁଣା ବିଲାତି ଆଦବ କାୟଦା, କଥା କହିବାର ଭଙ୍ଗୀ । ତାଙ୍କ ସ୍ୱାମୀଙ୍କର ବାପା ଭାରତରେ ସିପାହୀ ବିଦ୍ରୋହରେ ଲଢ଼ିଥିଲେ । ସେଥିରେ ଆହତ ହୋଇ କିଛି କାଳ

Digitized by PPRACHIN, SOA

ପରେ ପ୍ରାଣତ୍ୟାଗ କଲେ । ଏ କଥାଟି ବିଶେଷ ଭାବରେ ବର୍ଣ୍ଣନା କଲେ । କହିବାରେ ଆବେଗ ଶ୍ଳେଷ ଥିଲା । ପୂର୍ବ ପୁରୁଷମାନଙ୍କର ସାମ୍ରାଜ୍ୟ ଚିନ୍ତା ମନରୁ ପାସୋର ପାଇନାହିଁ ।

ପରଦିନ ଷ୍ଟାନ୍‌ଫୋର୍ଡ଼ (Stanford) ୟୁନିଭରସିଟିକୁ ଗଲୁ । ସାନ ଫ୍ରାନ୍‌ସିସ୍କୋଠାରୁ ଅନେକ ବାଟ । ଏଇଟି ଗୋଟିଏ ବେସରକାରୀ କୃତିସମ୍ପନ୍ନ ୟୁନିଭରସିଟି । ଆଇଭି ଲିଗ୍‌ର ଅନ୍ତର୍ଭୁକ୍ତ । ଅନେକ ଅଧ୍ୟାପକ ଏଠାରୁ ସୁନାମ ଅର୍ଜନ କରିଛନ୍ତି । ଆମେରିକାର ରାଷ୍ଟ୍ରପତି ହୁଭର୍ (Hoover) ଏଥିରେ ଛାତ୍ର ଥିଲେ । ତାଙ୍କ ନାମରେ ଏବଂ ସହାୟତାରେ ଗୋଟିଏ ସ୍ୱତନ୍ତ୍ର ପୁସ୍ତକାଗାର ପ୍ରତିଷ୍ଠିତ ହୋଇଛି । ସେଥିରେ ଯୁଦ୍ଧ, ବିପ୍ଳବ, ସନ୍ଧି ସମ୍ବନ୍ଧରେ ବହୁ ତଥ୍ୟ ସମ୍ବଳିତ ପୁସ୍ତକ ରଖାଯାଇଛି । ଗବେଷଣା ପାଇଁ ଉପଯୁକ୍ତ ସ୍ଥାନ ।

ଦେଖିବାକୁ ଗଲୁ ବର୍କଲେଠାରେ (Berkeley) କାଲିଫର୍ଣ୍ଣିଆ ୟୁନିଭରସିଟି । ସାନଫ୍ରାନ୍‌ସିସ୍କୋଠାରୁ ଉପସାଗର ଉପର ପୋଲ (Bay Bridge) ପାର ହେଲେ ଡାହାଣ ପଟେ ଓକଲଣ୍ଡ୍, ବାମ ପଟେ ବର୍କଲେ । ପାହାଡ଼ ଉପରେ ନିର୍ମିତ ଏ ୟୁନିଭର୍‌ସିଟି । ସବୁ ୟୁନିଭର-ସିଟି ପରି ସୁନ୍ଦର ଏବଂ ବିରାଟ । ପାହାଡ଼ର ବିଭିନ୍ନ ସ୍ଥାନରେ, ବିଭିନ୍ନ ସ୍ତରରେ ବିଭିନ୍ନ ଅଟ୍ଟାଳିକା । ତେଣୁ ଅଧିକ ସୁନ୍ଦର । ଆମେରିକାରେ ଅନେକ ଗୁଡ଼ିଏ ସରକାରୀ ୟୁନିଭରସିଟି ଅଛି । ସେଥି ମଧ୍ୟରୁ ଏହିଟି ଏକ ପ୍ରଖ୍ୟାତ ଶିକ୍ଷାନୁଷ୍ଠାନ । ବହୁ ବିଶିଷ୍ଟ ଅଧ୍ୟାପକ ଏଠାରେ ଅଧ୍ୟାପନା କରିଛନ୍ତି ଏବଂ କରୁଛନ୍ତି । ଅର୍ଥନୀତି ବିଭାଗର ପ୍ରଫେସର ଲିଇବେନ୍ ଷ୍ଟାଇନ୍ (Leiben Stein) ଗବେଷଣାରେ ସୁନାମ ଅର୍ଜନ କରିଛନ୍ତି । ତାଙ୍କ ସଙ୍ଗେ ଆଲୋଚନା କଲି । ସେ ଅର୍ଥନୈତିକ ଅଭିବୃଦ୍ଧି ବିଷୟରେ ଗବେଷଣା କରୁଛନ୍ତି । କେତେ ବିଷୟ ମଧ୍ୟରେ ସେ କହିଲେ ଯେ ବିକାଶମୁଖୀ ଦେଶଗୁଡ଼ିକ ଅତି ଅଳ୍ପ ସମୟ ମଧ୍ୟରେ ସବୁ କ୍ଷେତ୍ରରେ ବିଶେଷଜ୍ଞ ସୃଷ୍ଟି କରିବାକୁ ଲାଗି ପଡ଼ିଛନ୍ତି । ଏ ସହଜସାଧ୍ୟ ନୁହେଁ । ସମ୍ଭବ ମଧ୍ୟ ନୁହେଁ । ସମ୍ବଳ ଏବଂ ବାସ୍ତବତା ପ୍ରତି ଦୃଷ୍ଟି ନ ଦେଇ ଏ ଭଳି ଯୋଜନା ପ୍ରସ୍ତୁତ କଲେ ଭିତ୍ତି ଦୁର୍ବଳ ହୋଇଯାଏ । ଏହା ପ୍ରମାଣ

Digitized by PPRACHIN, SOA

କହିବା ପାଇଁ ସେ କେତେକ ଦୃଷ୍ଟାନ୍ତ ମଧ୍ୟ ଦେଲେ । ୟୁନିଭରସିଟିରେ କେତେକ ସ୍ଥାନ ବୁଲି ଦେଖିଲି ।

ଉଷ୍ଟର ଫିସ୍ଟ ଆମକୁ ବୁଲେଇ ନ ଥିଲେ, ସାନଫ୍ରାନ୍‌ସିସ୍କୋର ବହୁ ସ୍ଥାନ ଆମେ ଦେଖି ପାରି ନ ଥାନ୍ତୁ । ଏ ସୁନ୍ଦର ସହରରେ ଆମର ରହଣି କାଳ ଶେଷ ହେଲା । ଫିସ୍ଟ ଦମ୍ପତିଙ୍କଠାରୁ ବିଦାୟ ନେଇ ଆସିଲି । ଫିସ୍ଟ ବେଳେ ବେଳେ ଅସୁସ୍ଥ ହେଉଥାନ୍ତି । କଟକ ଫେରିଲା ପରେ ତାଙ୍କ ସହିତ ପତ୍ରାଳାପ ଚାଲିଥାଏ । ଦୁଇ ବର୍ଷ ପରେ ତାଙ୍କ ପତ୍ନୀଙ୍କଠାରୁ ଚିଠି ପାଇଲି, ଉଷ୍ଟର ଫିସ୍ଟ୍‌ଙ୍କର ପରଲୋକ ହୋଇ-ଯାଇଛି ଏବଂ ତାଙ୍କୁ ସେଇ କଲେଜ ଲାଇବ୍ରେରୀରେ ଗୋଟିଏ ନିଯୁକ୍ତି ମିଳିଛି । ଛଅ ମାସ ପରେ ଚିଠି ପାଇଲି, ତାଙ୍କ କନ୍ୟାର ବିବାହ ହୋଇଯାଇଛି । ମିସେସ୍ ଫିସ୍ଟ ଏକାକିନୀ । ତାଙ୍କର ସଂସାର ଭାଙ୍ଗି-ଯାଇଛି । ସ୍ୱାମୀଙ୍କ ସାଙ୍ଗରେ ବହୁ ଦେଶ ବିଦେଶରେ ପର୍ଯ୍ୟଟନ କରି-ଥିଲେ । ସବୁ ଶେଷ ହୋଇଯାଇଛି ।

●

Digitized by PPRACHIN, SOA

ଫ୍ଲାଗଷ୍ଟାଫ—ଆରିଜୋନା

ସାନଫ୍ରାନ୍‌ସିସ୍କୋରୁ ଆକାଶ ମାର୍ଗରେ ଆସିଲୁ । ଆରିଜୋନା ରାଜ୍ୟର ଫ୍ଲାଗଷ୍ଟାଫ୍‌ ଆସିବାର କଥା । ଫିନିକ୍‌ସଠାରୁ ବିମାନ ପରିବର୍ତ୍ତନ କରି ଆଉ ଗୋଟିଏ ଛୋଟ ବିମାନରେ ଆସିବାକୁ ହେବ। ସେଠାରେ ଘଣ୍ଟାଏ ଅପେକ୍ଷା କରିବାକୁ ପଡ଼ିବ । ଫିନିକ୍‌ସଠାରେ ଓହ୍ଲାଇଲୁ । ଛୋଟ ସହରଟିଏ ପରି ବୋଧ ହେଲା । ବିମାନ ଷ୍ଟେସନଠାରେ ଗୋଟିଏ ଛୋଟ ବଜାର । ପାଖରେ ପାହାଡ଼ଶ୍ରେଣୀ । ନିକଟରେ ସୁନ୍ଦର ଏକ ଉଦ୍ୟାନ । ଛୋଟ ବିମାନ ସ୍ଟେସନଟିଏ । ମାତ୍ର ସୁନ୍ଦର ।

ଦେଖିଲି, ପ୍ରତୀକ୍ଷାଳୟରେ ଗୋଟିଏ ସାଲୁନ ଅଛି । ବିମାନରୁ ଓହ୍ଲାଇବା ପାଇଁ ବା ଚଢ଼ିବା ପାଇଁ ଯେ ଆସିବ, ସେ ପୁଣି ଏଠାରେ ବାଳ କାଟିବ କାହିଁକି ? ଏଠାରେ ସାଲୁନ୍‌ କାହିଁକି ? ଦେଖିଲି, ଦୁଇଜଣ ବାଳ କାଟୁଛନ୍ତି । ଏଠାରେ ବିମାନ ପରିବର୍ତ୍ତନ କରିବାକୁ ହୁଏ । ଅଧଘଣ୍ଟାଏ ବା ଘଣ୍ଟାଏ ଅପେକ୍ଷା କରିବାକୁ ହେବ । ତେଣୁ ବାଳକାଟିବାରେ କିଛି ସମୟ ବିତିଯିବ । ଜଣକ ପରେ ଜଣେ ଯାଉଥାନ୍ତି । ମୁଁ ମଧ୍ୟ ଗଲି । ଅଧିକ ପଇସା ଦେଲେ ମଧ୍ୟ ଏ ଗୋଟାଏ ସଉକ ।

ଫିନିକ୍‌ସରୁ ଗୋଟିଏ ଡାକୋଟା ବିମାନରେ ଚଢ଼ିଲୁ । ପାହାଡ଼ ଉପରେ ବିମାନ ଆସିଲା । ଓହ୍ଲାଇଲା ଗୋଟିଏ ଛୋଟ ଜାଗାରେ । ଅତି ଛୋଟ ଜାଗାରେ । ବିଲ ଭିତରେ ଓହ୍ଲାଇଲା ପରି ଲାଗିଲା । ମଫସଲର ଷ୍ଟେସନ୍‌ରେ ଟ୍ରେନ ରହିଲେ ଯେପରି ଲାଗେ । ବାହାରେ ଦୁଇଖଣ୍ଡ ମାତ୍ର ଗାଡ଼ି ଥୁଆ ହୋଇଛି । ଏପରି ସ୍ଥାନରେ ମଧ୍ୟ ବିମାନ ପଡ଼ିଆ ଅଛି ! ପୁଣି ଉଠିଲା । ଫ୍ଲାଗଷ୍ଟାଫରେ ଓହ୍ଲାଇବାର କଥା ।

Digitized by PPRACHIN, SOA

ସନ୍ଧ୍ୟା ହୋଇ ଆସୁଥାଏ । ତଳ ଅନ୍ଧାର । ମାତ୍ର ବିମାନରେ ସୂର୍ଯ୍ୟକିରଣ ପଡ଼ୁଥାଏ । ତଳ ବେଶ୍ ଅନ୍ଧାର ହୋଇ ସାରିଲା ପରେ ମଧ୍ୟ ବିମାନର ଡେଣା ବୁଡ଼ନ୍ତା ସୂର୍ଯ୍ୟର ଆଭାରେ ଆଲୋକିତ ହେଉଥାଏ । ମେଘମୁକ୍ତ ଆକାଶ । ମନୋରମ ସୂର୍ଯ୍ୟାସ୍ତ । ଦିଗ୍‌ବଳୟରେ ଆକର୍ଷଣୀୟ ରଙ୍ଗିମା ।

ଗୋଧୂଳି ଶେଷ ହୋଇଗଲା । ଅନ୍ଧାର ହୋଇଗଲା । ରାତି ଆସିଲା । ଫ୍ଲାଗ୍‌ଷ୍ଟାଫ୍ ସହରର ଆଲୋକ ସୁନ୍ଦର ଦେଖାଯାଉଥାଏ । ଓହ୍ଲାଇବାର କଥା । ମାତ୍ର ବିମାନଟି ଏ ଆଲୋକସୃଷ୍ଟିର ଚତୁର୍ଦ୍ଦିଗରେ ବାରମ୍ବାର ପ୍ରଦକ୍ଷିଣ କରି ଲାଗିଲା । ପ୍ରାୟ ୧୫ ମିନିଟ୍ କାଳ । କଥା କ'ଣ ? ଯାତ୍ରୀମାନେ ବ୍ୟସ୍ତ ହେଲେ । ପାଇଲଟ୍ ଜଣାଇଦେଲା, ବିମାନ ପଡ଼ିଆର ଆଲୋକ ଦେଖାଯାଉ ନାହିଁ । ବିଦ୍ୟୁତ୍ କାମ କରୁନାହିଁ । ଆମେ କ'ଣ ଓଡ଼ିଶାର ବିଦ୍ୟୁତ ଏଠାକୁ ସାଙ୍ଗରେ ଆଣି ଆସିଛୁ ? ସବୁ ଚେଷ୍ଟା ବିଫଳ ହେବାରୁ ପାଇଲଟ୍ ୬୦ ମାଇଲ ଦୂରବର୍ତ୍ତୀ ଓ୍ୱିନସ୍ଲୋ (Winslow) ବିମାନଘାଟିରେ ଅବତରଣ କଲା ।

ଅତି ଛୋଟ ଜାଗାଟିଏ । ଗାଆଁ ଖଣ୍ଡିଏ ପରି ଦିଶୁଥାଏ । ଷାଠିଏ ମାଇଲ ବାଟ ଫେରିବାକୁ ପଡ଼ିବ । ଏ ଅଜଣା ସ୍ଥାନରେ, ରାତିରେ କିପରି କଅଣ କରିବୁ ? ଅନେକ ସମୟ ପ୍ରତୀକ୍ଷାଗାରରେ ବସିବାକୁ ହେବ । ବାହାରେ ତୁଷାର ପଡ଼ୁଥାଏ । ଘରଟି ଉଷୁମ ଥାଏ । ବିମାନଘାଟୀରେ ଜଣେ ମାତ୍ର କର୍ମଚାରୀ ଥାଆନ୍ତି । ସେ କ'ଣ ବା କରି-ପାରିବେ ? କେପେ ରୁ କ କର୍ ମିଳିଲା ନାହିଁ । ଆମେ ତିନିଜଣ ଭାରତୀୟ । ଆଉ ପାଞ୍ଚଜଣ ଆମେରିକୀୟ ଯାତ୍ରୀ ମଧ୍ୟ ଓହ୍ଲାଇଥାନ୍ତି । ସେଥିରୁ ତିନିଜଣ ତାଙ୍କର ବନ୍ଧୁଙ୍କୁ ଫୋନ୍ କରି ଗାଡ଼ି ଆଣି ଚାଲିଗଲେ ।

ମିଷ୍ଟର ହଣ୍ଟ୍ (HUNT) ନାମରେ ଜଣେ ଭଦ୍ରଲୋକ ଆମକୁ ଅସହାୟ ଦେଖି ପଚାରିଲେ, ତୁମେ କେଉଁଠାକୁ ଯିବ ? ଆମେ କହିଲୁ ଫ୍ଲାଗଷ୍ଟାଫ୍ । ସେ ଭରସା ଦେଲେ । ବ୍ୟସ୍ତ ହୁଅ ନାହିଁ । କିଛି ଗୋଟାଏ

Digitized by PPRACHIN, SOA

ବ୍ୟବସ୍ଥା ହୋଇଯିବ । ଆମେରିକାରେ ଭଡ଼ାରେ ଗାଡ଼ି ମିଳେ । ମିଷ୍ଟର ହଣ୍ଟ୍ ଖୋଟିଏ ମଟର ଗାଡ଼ି ଭଡ଼ା ଆଣିଲେ । ଆମକୁ ଗାଡ଼ିରେ ବସାଇଲେ । ନିଜେ ଚଳାଇ କରି ନେଲେ । ସବୁଆଡ଼ ଅନ୍ଧାର । ବାଟରେ ବରଫ ଜମିଯାଇଛି । ରାସ୍ତା ଖରାପ । ଆମ ଦେଶ ହୋଇଥିଲେ ବିଶ୍ୱାସ ହୁଅନ୍ତା ନାହିଁ ରାତି ଅଧରେ ଜଣେ ଅପରିଚିତ ଲୋକ ସହିତ ଆସିବାକୁ । ଏ ଦେଶରେ ଏପରି ଲୋକ ଅଛନ୍ତି ଯେ କେତେଜଣ ଅପରିଚିତ ଲୋକଙ୍କୁ ଗାଡ଼ିରେ ବସାଇ, ରାତିରେ ବରଫ ପଡ଼ିଥିବା ଖରାପ ରାସ୍ତାରେ ନିଜେ ଗାଡ଼ି ଚଳାଇ, ଷାଠିଏ ମାଇଲ ଦୂରରେ ଛାଡ଼ିଦେଇ ଆସିବେ । ଏହିଟି ପାର୍ବତ୍ୟ ଅଞ୍ଚଳ । ଜନବସତି ଅଳ୍ପ । ଠାଏ ଠାଏ ମୋଟେଲ୍ । ମଝିରେ ମଝିରେ ଗାଡ଼ି ଖରାପ ହୁଏ । ମୁଁ ବାଟସାରା ତାଙ୍କ ସହିତ କଥାବାର୍ତ୍ତା କରୁଥାଏ । ରାତି ଦଶଟାବେଳକୁ ସେ ଆମକୁ ନିର୍ଦ୍ଦିଷ୍ଟ ହୋଟେଲରେ ପହଞ୍ଚାଇ ଦେଲେ । ଠିକଣାଟି ତାଙ୍କର ଲେଖି ରଖିଲି । A. C. Hunt, Vice President, Apache Railway Company. ତାଙ୍କଠାରେ ଗଭୀର କୃତଜ୍ଞତା ଜ୍ଞାପନ କରି ବିଦାୟ ନେଲୁ ।

ପ୍ରତିବର୍ଷ ତାଙ୍କ ପାଖକୁ ଖଣ୍ଡିଏ ନବବର୍ଷ ଗ୍ରୀଟିଙ୍ଗ୍ କାର୍ଡ଼ ପଠାଏ । ୧୯୬୮ ମସିହା ଫେବ୍ରୁୟାରୀ ମାସରେ ତାଙ୍କଠାରୁ ଖଣ୍ଡିଏ ଚିଠି ପାଇଲି । ଲେଖିଥିଲେ, ତୁମେ ପ୍ରତିବର୍ଷ ମୋତେ ମନେପକାଇ ଦେଉଛ ତୁମକୁ ଓ୍ୱିନ୍ସ୍ଲୋରୁ ଫ୍ଲାଗଷ୍ଟାଫ୍ ପର୍ଯ୍ୟନ୍ତ ଆଣିଥିଲି ବୋଲି । ପ୍ରତିବର୍ଷ ତୁମର କାର୍ଡ ପାଇଲେ ମୁଁ ଭାବୁଛି ଏ ପୃଥିବୀରେ ଲୋକେ ଅତି ଦ୍ରୁତଗତିରେ ଧାଇଁ ଚାଲିଛନ୍ତି । ଟିକିଏ ବେଶୀ ସମୟ ପରସ୍ପର ସହିତ ରହିଥିଲେ କଥାବାର୍ତ୍ତାରେ ମିଳନ୍ତା ଅପାର ଆନନ୍ଦ ।

ଗ୍ରାଣ୍ଡ କାନୟନ

ଗ୍ରାଣ୍ଡ କାନୟନ ଦେଖିବାକୁ ଯିବାର କଥା । ସକାଳୁ ଉଠି ଯିବାପାଇଁ ପ୍ରସ୍ତୁତ ହୋଇଗଲୁ । ବସ୍ ରହିବା ଜାଗା ପର୍ଯ୍ୟନ୍ତ ଯିବାକୁ ହେବ । ହୋଟେଲ୍‌ରୁ ପ୍ରାୟ ଦଶ ମିନଟର ଚାଲିବାଟ । ଖୁବ୍ ଥଣ୍ଡା । ବରଫ ଭିତରେ ଜୋତା ବୁଡ଼ି ଯାଉଥାଏ । ଝୁଡ଼ୁ ଝୁଡ଼ୁ ହୋଇ ତୁଷାର ବୃଷ୍ଟି ହେଉଥାଏ । ନଅଟା ବେଳେ ବସ୍ ଗ୍ରୁଡ଼ିଲା ବେଳକୁ ତୁଷାର ବୃଷ୍ଟି ଘନେଇ ଆସିଥାଏ । ଭୀଷଣ ଶୀତ । ରାସ୍ତାଯାକ ତୁଷାର ଝଡ଼ । ମଟର ଭିତର ଉଷ୍ମ କରାଯାଇଥାଏ । ରାସ୍ତାରେ ପ୍ରାୟ ୧୧ଟା ବେଳେ ଗୋଟିଏ ଦୋକାନ ସମ୍ମୁଖରେ ବସ୍ ଠିଆ ହେଲା—ବାଥରୁମ୍ ବ୍ୟବହାର କରିବା ପାଇଁ । ଓଃ କି ତୁଷାର ଝଡ଼ ! ଦେହ କମ୍ପୁଥାଏ । ତୁଷାରରାଶି ପବନ ବେଗରେ ଉଡ଼ୁଥାଏ । ଦଉଡ଼ିକରି ବସ୍ ଭିତରେ ପଶିଗଲୁ । ବସ୍ ଗ୍ଳିଲା ।

ବାରଟାବେଳେ ଯାଇ ପହଞ୍ଚିଲୁ ଗୋଟିଏ ଗ୍ରେଟ ପୁରୁଣାକାଳିଆ ପାନ୍ଥଶାଳାରେ । EL TOVER INN. । କିଛି ଲାଲ ଇଣ୍ଡିଆନ (Red Indian) ବସତି ଅଛି ନିକଟରେ । ପାନ୍ଥଶାଳାରେ ଲଣ୍ଠନ ଭିତରେ, ଲ୍ୟାମ୍ପ ଭିତରେ ମହମବତି ଆକାରର ବିଦ୍ୟୁତ୍ ବତି ଦିଆଯାଇଛି । କାନ୍ଥ ଛାତ ସବୁ କାଠରେ ତିଆରି । ପଥରରେ ଗଢ଼ା ଅଗ୍ନିକୁଣ୍ଡରେ ବଡ଼ ବଡ଼ କାଠ ଜଳୁଛି । ତୁଷାର ଘରଚାଳରେ ଜମା ହୋଇଯାଇଛି । ଗ୍ରାଣ୍ଡ କାନୟନ ଉପରେ ଅଛି ଏଇ ପାନ୍ଥଶାଳାଟି । ସେଠାରେ ମଧ୍ୟାହ୍ନ ଭୋଜନ କଲୁ । ଯେଉଁମାନେ ପରିବେଷଣ କରୁଥିଲେ ସେମାନେ ସମସ୍ତେ ତରୁଣ ରେଡ୍ ଇଣ୍ଡିଆନ୍ । ଦେହର ବର୍ଣ୍ଣ ସାଧାରଣ ଭାରତୀୟଙ୍କ ପରି । ଇଂରେଜି ଭାଷାରେ କଥାବାର୍ତ୍ତା କରୁଛନ୍ତି । ପରିଧେୟ ସାଧାରଣ ଆମେରିକାନ୍‌ଙ୍କ ପରି । ସେମାନେ ଆମେରିକାର ଆଦିମ ଅଧିବାସୀ ।

Digitized by PPRACHIN, SOA

କଲମ୍ବସ୍ ଜଳପଥରେ ଇଣ୍ଡିଆକୁ ଯିବାପାଇଁ ବାହାର ଆମେରିକାରେ ପହଞ୍ଚିଲେ । ଏଇ ଆଦିମ ଅଧିବାସୀଙ୍କୁ ଦେଖି ଇଣ୍ଡିଆନ୍ ବୋଲି ବିଚାରିଲେ । କିଛି ବର୍ଷ ପରେ ଇଉରୋପୀୟମାନେ ଆଫ୍ରିକା ପ୍ରଦକ୍ଷିଣ କରି ଇଣ୍ଡିଆରେ ପହଞ୍ଚିଲେ । ବାଣିଜ୍ୟ ବ୍ୟବସାୟ କଲେ । ଆମେରିକାର ଇଣ୍ଡିଆନମାନଙ୍କୁ ରେଡ଼ ଇଣ୍ଡିଆନ୍ କୁହାଗଲା ।

ଆରିଜୋନା ରାଜ୍ୟଟି ପାହାଡ଼ିଆ ଅଞ୍ଚଳ । ବିଚିତ୍ର ଏ ଗ୍ରାଣ୍ଡ କାନିୟନ । ୨୧୭ ମାଇଲ ଲମ୍ବ । ୦।୧ ୦।୧ ଠାରୁ ମାଇଲ ଓସାର । ହ୍ରଦ ପରି । ପ୍ରାୟ ମାଇଲ ଏ ଗଭୀର । ଏଇ କଲୋରାଡ଼ୋ (Colorado) ନଦୀରେ ଗୋଳିଆ ପାଣି । ନଦୀ ଭିତରକୁ କାଟି କାଟି ବହି ଚାଲିଛି । ତୁଷାର ତୋଫାନ ହାୱା ମଧ୍ୟ ପଥର କ୍ଷୟ ହୋଇ ଲାଗିଛି । ସେଠାରେ ଅଛି ଏକ ପରୀକ୍ଷାଗାର । ସେଥିରେ ଅବକ୍ଷୟର ମାତ୍ରା ଲେଖାଯାଇଛି । ପାଖରେ ବସି ଦେଖିବା ପାଇଁ ଗୋଟିଏ ଗ୍ଲେଟ ଗାଲେରୀ ନିର୍ମିତ ହୋଇଛି । ନଦୀର ଦୁଇ ପଟ ଖାଲି ପଥର ।

କଲୋରାଡ଼ୋ ପାର୍ଶ୍ୱରେ ଯୁକ୍ତରାଷ୍ଟ୍ରର ଦୀର୍ଘତମ ନଦୀ ଭୂତତ୍ତ୍ୱଜ୍ଞଙ୍କ ହିସାବରେ ସାତରୁ ନଅ ନିୟୁତ ବର୍ଷ ହେଲା ଏ ଅବକ୍ଷୟ ହୋଇ ଚାଲିଛି । ବିରାଟ, ଖିତଦ୍ରଦ, ସୁନ୍ଦର ଏବଂ ବିଚିତ୍ର ଏ ଗ୍ରାଣ୍ଡ କାନିୟନ । ବିଭିନ୍ନ ସ୍ତରରେ ପ୍ରସ୍ତରର ବିଭିନ୍ନ ବର୍ଣ୍ଣବୈଚିତ୍ର୍ୟ । ଜଣେ ଦର୍ଶକ ମତ ପ୍ରକାଶ କଲେ, ପ୍ରକୃତି ଏଠାରେ ବାତୁଳ ହୋଇଯାଇଛି ।

ତୁଷାର ଝଡ଼ ବନ୍ଦ ହୋଇ ଆସିଲା । ସୂର୍ଯ୍ୟ ମଧ୍ୟ ହସିଲେ । କାନିୟନ୍ ଦର୍ଶନ ସାର୍ଥକ ହେଲା । ପାହାଡ଼ରେ, ପ୍ରସ୍ତରରେ ବର୍ଣ୍ଣବୈଚିତ୍ର୍ୟ ପ୍ରଦୀପ୍ତ ହୋଇ ପଡ଼ିଲା । ତା' ସାଙ୍ଗକୁ ଉପରିଭାଗରେ ଜମାଟ ବାନ୍ଧିଥିବା ବରଫ ମଧ୍ୟ ସୂର୍ଯ୍ୟ ରଶ୍ମିରେ ରଞ୍ଜିତ ହୋଇଗଲା । ସୂର୍ଯ୍ୟୋଦୟବେଳେ ହିମାଳୟର କାଞ୍ଚନଜଙ୍ଘା ଶୃଙ୍ଗ ଯେପରି ଉଦ୍ଭାସିତ ହୋଇଯାଏ, ତାହାଠାରୁ ଅଧିକ ମନୋଜ୍ଞ । ପଥରର ବିଭିନ୍ନ ସ୍ତରରୁ ଭୂତତ୍ତ୍ୱଜ୍ଞମାନେ ନାନାରକମ ଜୀବାଶ୍ମ (Fossil) ପାଇଛନ୍ତି । ମତ୍ସ୍ୟ ଜୀବାଶ୍ମ ଅତି ତଳରୁ । ଆଗେ ସମୁଦ୍ର ଥିବାର ସୂଚନା । ବିଭିନ୍ନ ସ୍ତରରୁ ଡାଇନୋସାର

Digitized by PPRACHIN, SOA

ଫସିଲ୍ ମଧ୍ୟ ବାହାରିଛି । ଗ୍ରାଣ୍ଡ କାନ୍‌ୟନ୍‌ର ସୌନ୍ଦର୍ଯ୍ୟ ଦର୍ଶକଙ୍କୁ ଅଭିଭୂତ କରିଦିଏ । ଦର୍ଶକ ଆପଣାର ସତ୍ତା ଭୁଲିଯାଏ ।

ସନ୍ଧ୍ୟା ପର୍ଯ୍ୟନ୍ତ ବସି ଏ ଦୃଶ୍ୟ ଦେଖିଲୁ । ଅନ୍ଧାର ହୋଇଗଲା । ଆସିଲୁ ସେଇ ପାନ୍ଥଶାଳାକୁ । ସେଠାରେ କିଛି ଖାଇବାର ବନ୍ଦୋବସ୍ତ ହେଲା । ପରିବେଷଣ କଲେ ସେଇ ରେଡ୍ ଇଣ୍ଡିଆନ ଯୁବକମାନେ । ଏଇ ପାନ୍ଥଶାଳାକୁ ଲାଗି ଗୋଟିଏ ଷ୍ଟୋର୍ ଅଛି । ରେଡ୍ ଇଣ୍ଡିଆନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ନାନା ଜିନିଷ ବିକ୍ରୟ କରାଯାଉଛି—ମାଳ, ଗୁଙ୍ଗୁଡ଼ି, ଚିତ୍ରପଟ, ମୃଣ୍ମୟ ମୂର୍ତ୍ତି ପ୍ରଭୃତି । ସବୁ ସଜା ହୋଇ ଥୁଆ ହୋଇଛି । ବ୍ୟବସାୟୀ ଆମେରିକାନ୍‌ମାନେ ଏଥିରୁ ଲାଭ ଉଠାଉଛନ୍ତି । ଏ ଅଞ୍ଚଳରେ ସ୍ଥାନେ ସ୍ଥାନେ ରେଡ୍ ଇଣ୍ଡିଆନଙ୍କର ବସତି ଅଛି । ସେମାନେ ଆମେରିକୀୟ ସଭ୍ୟତାରୁ ବରାବର ବିଚ୍ଛିନ୍ନ ହୋଇ ରହିଛନ୍ତି । ଘର, ଖାଦ୍ୟ, ପରିଧେୟ, ସବୁ ପୃଥକ । ଆମ ଦେଶରେ ଆଦିବାସୀଙ୍କ ମଧ୍ୟରେ ଗୋଷ୍ଠୀଭେଦ ଥିଲା ପରି, ଏଠାରେ ମଧ୍ୟ ସେହିପରି ଭେଦ ଅଛି । ଏ ସ୍ଥାନରେ ଅଛନ୍ତି ହୋପି (Hopi) ଶ୍ରେଣୀ । ସନ୍ଧ୍ୟା ପାଞ୍ଚଟା ପରେ ପାନ୍ଥଶାଳା ପାଖ ହୋପି ନିବାସରେ ଏମାନେ ପ୍ରତିଦିନ ନୃତ୍ୟ କରନ୍ତି ଦର୍ଶକମାନଙ୍କ ପାଇଁ । ଚିତ୍ର ବିଚିତ୍ର ପୋଷାକ । ମୁଣ୍ଡରେ ନାନା ଜାତିର ପର ଖଞ୍ଜିଥାନ୍ତି । ଦର୍ଶକମାନେ କିଛି କିଛି ପାରିତୋଷିକ ଅର୍ପଣ କରନ୍ତି ।

ବେଢ଼ାବୁଲା ଶେଷ ହେଲା । ତୁଷାର ଝଡ଼ ଲାଗିଥାଏ । ଫେରିଲା ବେଳେ ଗୃହ ପାଞ୍ଚଟା ସ୍ଥାନରେ ଦେଖିଲୁ ରେଡ୍ ଇଣ୍ଡିଆନମାନେ ମୁକ୍ତ ଆକାଶ ତଳେ ନିଆଁ ଜାଳି ଗୃହପଟେ ବସିଛନ୍ତି । ତୁଷାର ବୃଷ୍ଟି ଉପଭୋଗ କରୁଛନ୍ତି । ଏମାନେ ସେଇ ଆଦିମ ଅବସ୍ଥାରେ ରହିଛନ୍ତି ।

ତୁଷାର ବୃଷ୍ଟି ଚାଲିଥାଏ । ରାସ୍ତା ଖସଡ଼ା ଏବଂ ଅନ୍ଧାର । ରାସ୍ତା ଦୁଇ ପାଖରେ ବନଭୂମି । ସେଇ ଅନ୍ଧାର ଭିତରେ ଜଣେ ପୁଲିସ

Digitized by PPRACHIN, SOA

ଅଫିସର ଲାଲ ବତି ଦେଖାଇ ବସ୍‌କୁ ଅଟକାଇଲା । ଚାଳକକୁ କହିଲା, ରାସ୍ତା ଖରାପ । ଏପରି ଜୋରରେ ଗାଡ଼ି ଚଳାଅ ନାହିଁ । ଡ୍ରାଇଭର୍ ଉତ୍ତର ଦେଲା, ମୁଁ ତ ଖୁବ ବେଗରେ ଗାଡ଼ି ଚଳାଉ ନାହିଁ ? ପୁଲିସ-ମ୍ୟାନ୍ କହିଲା, ଅଯଥା ଯୁକ୍ତି କର ନାହିଁ ? ଡ୍ରାଇଭର ବେଗ କମାଇ ଦେଲା । ମୁଁ ଡ୍ରାଇଭର ନିକଟରେ ବସିଥାଏ । ପଚାରିଲି, ସେ ଜାଣିଲା କିପରି ତୁମେ ଦ୍ରୁତ ଗତିରେ ଚଳାଉଛ ବୋଲି ? ଡ୍ରାଇଭର କହିଲା, ତା' ପାଖରେ ରେଡ଼ାର ଅଛି । ମୁଁ ତାଙ୍କୁ କି ଉତ୍ତର ଦେବି ? ରେଡ଼ାର ବିଜ୍ଞାନ ଆମ କଲେଜ ୟୁନିଭରସିଟିରେ ପ୍ରବେଶ କରିନାହିଁ—ରାସ୍ତାରେ ବେଗ ନିୟନ୍ତ୍ରଣ ଲାଗି ରେଡ଼ାର ବ୍ୟବସ୍ଥା ପ୍ରବର୍ତ୍ତିତ ହେବା ତ ଦୂରର କଥା ।

●

ନକ୍‌ସଭିଲ୍ (ଟେନେସି)

ରାତିସାରା ବିସ୍ତର ତୁଷାର ବୃଷ୍ଟି । ସକାଳୁ ଦେଖିଲାବେଳକୁ ରାସ୍ତାରେ ଆଣ୍ଠୁ ବୁଡ଼ିଯାଉଛି । ଖବର ଆସିଲା, ଫ୍ଲାଗଷ୍ଟାଫରେ ବିମାନ ଓହ୍ଲାଇ ପାରିବ ନାହିଁ । ବରଫ ଭର୍ତ୍ତି ହୋଇଛି । ମଟର ଗାଡ଼ି କରି ପୁଣି ଆସିଲୁ ଓ୍ୱିନସ୍ଲୋକୁ । ସେଇ ଷାଠିଏ ମାଇଲ ପ୍ରତ୍ୟାବର୍ତ୍ତନ । ପହଞ୍ଚିଲା ବେଳକୁ ବିମାନ ଚାଲିଗଲାଣି । ଛୋଟ ଜାଗା । ଦିନ ଭିତରେ ଦୁଇଥର ମାତ୍ର ବିମାନ ଆସେ, ଯାଏ । ପୁଣି ମିଳିବ ସନ୍ଧ୍ୟା ସାତଟାରେ । ସେଇଠାରେ ଦିନସାରା ଅପେକ୍ଷା କରିବା ଛଡ଼ା ଆଉ ଗତ୍ୟନ୍ତର ନାହିଁ । ଆମେ ତିନିଜଣ ବନ୍ଧୁ, ଆଉ ଦିନ ଭିତରେ ଆଠଜଣ ଯାତ୍ରୀ ସେଠାକୁ ଆସିଥାନ୍ତି । ବିମାନଘାଟିରେ ଅଛନ୍ତି ମାତ୍ର ତିନିଜଣ କର୍ମଚାରୀ । ତିନିଥର ବିମାନ ପରିବର୍ତ୍ତନ କରିବାକୁ ପଡ଼ିବ । ଓ୍ୱିନ୍‌ସ୍ଲୋରୁ ଡେନ୍‌ଭର, ସେଠାରୁ ସିକାଗୋ, ତା'ପରେ ନକ୍‌ସଭିଲ୍ । ଜଣେ କର୍ମଚାରୀ ଟେଲି-ଫୋନ କରି ଏ ସବୁ ଜାଗାରେ ଆମ ପାଇଁ ଆସନ ମିଳିବା ଲାଗି ବ୍ୟବସ୍ଥା କରିଦେଲେ । ଅପ୍ରତ୍ୟାଶିତ ସହାୟତା । ଟିକେଟ ବଦଳାଇ ଦେଲେ । ଜିନିଷପତ୍ର ପାଇଁ ରସିଦ୍ ଦେଲେ; ଟିକେଟ୍ ମାରିଲେ । ଘର ଭିତରେ ହିଟର ବନ୍ଦ ହୋଇଗଲା । ତାକୁ ମରାମତି କଲେ । ଅସାଧାରଣ କୃତି । ବରାବର ଦଉଡ଼ୁଥାନ୍ତି । ଟିକିଏ ବସିବାର ଦେଖିନାହିଁ । ଆମର ଜିନିଷପତ୍ର ନେଇ ବିମାନରେ ଲଦିଲେ । କୁଲି, ମିସ୍ତ୍ରୀ, ସହକାରୀ କେହି ନ ଥାନ୍ତି । ଅଦ୍ଭୁତ କାମ କରିବାର ଶକ୍ତି । ମୁଁ ତାଙ୍କର କାମକୁ ଲକ୍ଷ୍ୟ କରୁଥାଏ । ଏ ଜାତି ସମୃଦ୍ଧ ହେବନାହିଁ ତ, ହେବ ଆଉ କିଏ ?

ଦିନସାରା ଅପେକ୍ଷା କରି ବସି ବସି ବିରକ୍ତ ଲାଗିଗଲା । ବାହାରେ ଅତିଶୟ ଶୀତ । ବାହାରିବାର ଉପାୟ ନାହିଁ । ବାହାରିଲେ କେଉଁଠାକୁ

Digitized by PPRACHIN, SOA

ବା ଯିବୁ ? ସନ୍ଧ୍ୟା ସାତଟାରେ ବିମାନ ଆସିଲା । କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇ ବିମାନରେ ଉଠିଲୁ । ତୁଷାର ବୃଷ୍ଟି ଅବିରତ ଚାଲିଥାଏ । ରାତି ୧୨ଟା ବେଳେ ଯାଇ ପହଞ୍ଚିଲୁ ଡେନଭର୍ (Denver) ସହର ବିମାନଘାଟିରେ । ବଡ ସହର । ବଡ଼ ବିମାନଘାଟି । ବଡ଼ ପ୍ରତୀକ୍ଷାଗାର । ତୁଷାର ବୃଷ୍ଟି ଚାଲିଛି । ଅଧ ରାତି । ବୋର୍ଡ଼ରେ ଲେଖା-ଯାଇଛି ତାପମାତ୍ରା । ରାତି ଦୁଇଟା ବେଳକୁ ବିମାନ ଆସିଲା । ପ୍ରତୀକ୍ଷା-ଗାରରୁ ମାତ୍ର ଦଶ ମିନିଟ ସମୟ ବିମାନ ପାଖକୁ ଯିବାପାଇଁ । ଅସହ୍ୟ ଥଣ୍ଡା । ବିମାନରେ ଚଢ଼ିଲା ପରେ ଶୀତରୁ ଟିକିଏ କ୍ଷାନ୍ତି ମିଳିଲା । ବାହାରେ ତୁଷାର ଝଡ଼ ଚାଲିଥାଏ । ସେ ଝଡ଼ରେ ବିମାନଟି ଅବିରତ ତଳ ଉପର ଉଠୁଥାଏ, ପଡ଼ୁଥାଏ । ବଡ଼ ଅସ୍ୱସ୍ତିକର । ମୁଣ୍ଡରେ କାନରେ ବଡ଼ କଷ୍ଟ ହେଉଥାଏ । ମାତ୍ର ଯିବାକୁ ତ ହେବ ।

ସକାଳେ ସିକାଗୋ ବିମାନ ପତ୍ତନରେ ଓହ୍ଲାଇଲୁ । ସେଠାରେ ତାପମାତ୍ରା ଅନେକ ଉପରେ । ଦେହରେ ସ୍ୱେଟର୍ ଓଭର କୋଟ୍ଟି ରଖି ହେଲାନାହିଁ । ସିକାଗୋ ପତ୍ତନରୁ ପୁଣି ବିମାନ ଧରିଲୁ ସକାଳ ୯ଟା ବେଳେ । ଆସି ବାରଟା ବେଳେ ନକ୍‌ସଭିଲ୍‌ରେ ପହଞ୍ଚିଲୁ । ଟେନେସି ନଦୀବନ୍ଧ ଦେଖିବା ଲାଗି ଏ ସହରକୁ ଆସିବାର କଥା । ପୂର୍ବଦିନ ସାରା ଓ୍ୱିନସ୍ଲୋ ବିମାନଘାଟୀରେ ବସି ବସି, ରାତିସାରା ଏବଂ ସକାଳେ ତିନଥର ବିମାନରେ ଚଢ଼ି ଓହ୍ଲାଇ ଅତିଶୟ କ୍ଳାନ୍ତ ହୋଇଥିଲି । ଅତେଲରେ ଶୋଇପଡ଼ିଲି ।

ସକାଳେ ଟି. ଭି. ଏ. (T. V. A.) ଅଫିସରେ ଆମେ ଟେନେସି ନଦୀବନ୍ଧ ପ୍ରକଳ୍ପର ଫିଲ୍ମ ଦେଖିଲୁ; ବକ୍ତୃତା ଶୁଣିଲି । ଟେନେସି ଗୋଟିଏ ବଡ଼ ନଦୀ । ଏ ନଦୀର ଉପତ୍ୟକାରେ ୩୫ ଲକ୍ଷ ଲୋକଙ୍କର ବସତି । ଏ ଅଞ୍ଚଳଟି ଅନୁନ୍ନତ ଅବସ୍ଥାରେ ପଡ଼ିଥିଲା । ୧୯୩୦ ମସିହାରେ ଦେଶସାରା ବାଣିଜ୍ୟ ବ୍ୟବସାୟ ମାନ୍ଦା ହୋଇଗଲା । ବହୁ ଲୋକ ବେକାର ହେଲେ । ଦିନକୁ ଦିନ ଅବସ୍ଥା ଜଟିଳ ହେଲା । ଏପରି ପରିସ୍ଥିତିରେ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ରୁଜଭେଲ୍ଟ ଏକ ନୂଆ ଅର୍ଥନୀତି

Digitized by PPRACHIN, SOA

(New Deal) ପ୍ରବର୍ତ୍ତନ କଲେ । ଆମେରିକାର ସମୃଦ୍ଧି ଅଭିବୃଦ୍ଧି ସ୍ୱାଧୀନ ବ୍ୟକ୍ତିଗତ ଉଦ୍‌ଯୋଗରୁ ପ୍ରସୂତ । ସରକାର ଅର୍ଥନୀତି କ୍ଷେତ୍ରରେ କୌଣସି ପ୍ରକାର ହସ୍ତକ୍ଷେପ କରି ନାହାନ୍ତି । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ପରିବର୍ତ୍ତିତ ନୀତି ପ୍ରୟୋଗ କରାଗଲା । ନୂତନ ଅର୍ଥନୀତିରେ ସରକାରୀ ସହଯୋଗ ଅନ୍ତର୍ଭୁକ୍ତ ହେଲା । ଟି. ଭି. ଏ. (T. V. A.) ହେଲା ଯୁକ୍ତରାଷ୍ଟ୍ରରେ ନୂତନ ଉମ୍ନାସିର ପ୍ରବର୍ତ୍ତନ ।

ଟେନେସି ନଦୀରେ ଜଳପ୍ରବାହର ପରିମାଣ ଅତ୍ୟନ୍ତ ଅଧିକ । ଏଥିରେ ପ୍ରବଳ ବନ୍ୟା ହୁଏ । ବନ୍ୟା ଉତ୍ପାତ ଯୋଗୁଁ ଏ ଅଞ୍ଚଳ ଅନୁନ୍ନତ ହୋଇ ପଡ଼ିଥିଲା । ୧୯୩୩ ମସିହାରେ ଏ ଅଞ୍ଚଳକୁ ଉନ୍ନତ କରିବା ପାଇଁ; ଲୋକଙ୍କୁ କର୍ମ ଯୋଗାଇବା ପାଇଁ ନୂତନ ବ୍ୟବସ୍ଥା ପ୍ରବର୍ତ୍ତିତ ହେଲା ।

ପୂର୍ବଦିଗରୁ ଏ ନଦୀର ଉତ୍ପତ୍ତି । ସେଠାରେ ପାହାଡର ଉଚ୍ଚତା ୭୦୦୦ ଫୁଟ୍ । ପଶ୍ଚିମରେ ସମତଳ ଭୂମିର ଉଚ୍ଚତା ୫୦୦ ଫୁଟ । ତେଣୁ ପ୍ରବଳ ସ୍ରୋତ, ପ୍ରବଳ ବନ୍ୟା । ଏଠାରେ ବାର୍ଷିକ ବୃଷ୍ଟିପାତ ପ୍ରାୟ ୮୦ ଇଞ୍ଚ । ଏ ନଦୀ ଯାଇ ଓହାଇଓ ନଦୀରେ ମିଶିଛି । ସେଠାରୁ ଯାଇ ପଡ଼ୁଛି ବିରାଟ ମିସିସିପି ନଦୀରେ ।

ଟି. ଭି. ଏ; ନଦୀବନ୍ଧ ଯୋଜନା ପାଇଁ ଯୁକ୍ତରାଷ୍ଟ୍ର ସରକାର ସମ୍ବଳ ଯୋଗାଇଲେ ଏବଂ ଗୋଟିଏ ସ୍ୱତନ୍ତ୍ର ନିଗମ ଗଠନ କଲେ । ସେମାନଙ୍କ ହାତରେ କ୍ଷମତା ନ୍ୟସ୍ତ କଲେ । ପ୍ରଖ୍ୟାତ ଇଞ୍ଜିନିୟର ଡକ୍ଟର ମର୍ଗାନ୍ ଏହାର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ । ଆଣ୍ଡିଅକ୍‌ଠାରେ ତାଙ୍କଠାରୁ ଏ ପ୍ରକଳ୍ପର ସୂଚନା ପାଇଥିଲି ।

ଗୋଟିଏ ନଦୀବନ୍ଧ (Dam) ଦେଖିବାକୁ ଗଲୁ । ଟେନେସି ନଦୀରେ ଏହିପରି ୩୦ଟି ନଦୀବନ୍ଧ ନିର୍ମିତ ହୋଇଛି । ଆମେ ଦେଖିଲୁ ଗୋଟିଏ । ଫୋର୍ଟ ଲୁଡ଼ୁନ୍ (Fort Loudoun) । ଏହାର ଲମ୍ବ ୪୧୯୦ ଫୁଟ୍ । ଉଚ୍ଚତା ୧୨୨ ଫୁଟ୍ । ଏ ନଦୀର ପ୍ରବଳ ବନ୍ୟା ଏ

Digitized by PPRACHIN, SOA

ଉପତ୍ୟକାକୁ ବିପନ୍ନ କରୁଥିଲା । ତିରିଶଟି ଜଳ ଭଣ୍ଡାର ଏ ବନ୍ୟାକୁ ଆୟତ୍ତ କରି ଦେଇଛି । ଦୁର୍ଦ୍ଦାନ୍ତ ନଦୀଟି ସମ୍ପୂର୍ଣ୍ଣରୂପେ ପୋଷା ମାନି ଯାଇଛି । ଜଳଭଣ୍ଡାର ଗୁଡ଼ିକ ଛୋଟ ଛୋଟ । କାହାରି ଜମି ଦଖଲ କରାଯାଇ ନାହିଁ କି ଜଳମଗ୍ନ ହୋଇନାହିଁ । କୌଣସିଟି ହୀରାକୁଦ ପରି ବିରାଟ ହ୍ରଦ ନୁହେ । ଏ ଅଞ୍ଚଳ ପାଇଁ ବନ୍ୟା ନିବାରଣ ଥିଲା ମୁଖ୍ୟ ଅଭିପ୍ରେତ । ତିରିଶ ଗୋଟି ଜଳଭଣ୍ଡାରରୁ ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ ହେଉଛି । ମହାନଦୀରେ ଯୋଗ୍ରାଠ ରୁ କେନାଲ୍ ଯାଇଛି । ନଦୀର ପାଣିସ୍ତର ଏବଂ କେନାଲ ପାଣିସ୍ତର ସମାନ ନୁହେ । ତେଣୁ ଲକ୍ ବ୍ୟବସ୍ଥା କରାଯାଇଛି । ଲକ୍‌ର ଗୋଟିଏ କବାଟ ଖୋଲି ଡଙ୍ଗାଟିକୁ ଭିତରକୁ ନିଆଯାଏ । ତା’ପରେ ଆଉପଟ ଖୋଲାଯାଏ । ନୌକା କେନାଲରେ ପ୍ରବେଶ କରେ । ଏବେ ନଦୀରୁ କେନାଲକୁ ଆଉ ଡଙ୍ଗା ଆସୁନାହିଁ । ଲକ୍ କଥା ସମସ୍ତେ ଭୁଲିଗଲେଣି । ଟେନେସି ନଦୀରେ ପ୍ରତ୍ୟେକ ଜଳଭଣ୍ଡାର ପାଖରେ ଲକ୍ ବ୍ୟବସ୍ଥା କରାଯାଇଛି । ନଦୀର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନୌକା ଯାତାୟତ କରି ପାରୁଛି । ଏଠାରେ କେନାଲର ଆବଶ୍ୟକତା ନାହିଁ । ବର୍ଷର ବହୁ ସମୟରେ ବର୍ଷା ହୁଏ । ଜଳସେଚନ ଏଠାର ସମସ୍ୟା ନୁହେ ।

ଏଠାରେ ଗୋଟିଏ ଆଣବିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠିତ ହୋଇଛି । ଏଥିପାଇଁ ଶତକଡ଼ା ୬୦ ଭାଗ ବିଦ୍ୟୁତ୍ ଶକ୍ତି ଆସୁଛି ଏହି ଜଳଭଣ୍ଡାର ଜଳପ୍ରପାତରୁ । ନଦୀର ଦୁଇ ପାଖରେ ଜଙ୍ଗଲ ରୋପଣ କରାଯାଇଛି । ତାର ସନ୍ନିଧିରେ କୃଷି ଉନ୍ନତ ହୋଇଛି । ଛୋଟ ଏବଂ ମଧ୍ୟମ ଧରଣର ଉଦ୍ୟୋଗ ମଧ୍ୟ ପ୍ରତିଷ୍ଠିତ ହୋଇଛି । ଏ ଅଞ୍ଚଳର ଆର୍ଥିକ ଅବସ୍ଥା ସମ୍ପୂର୍ଣ୍ଣରୂପେ ବଦଳି ଯାଇଛି । ଏହା ଗୋଟିଏ ଆଦର୍ଶ ଅଞ୍ଚଳ ରୂପେ ଆବିର୍ଭୂତ ହୋଇଛି । ଟି. ଭି. ଏ. ବିଷୟରେ ଗୋଟିଏ ଫିଲ୍ମ ଦେଖିଲୁ । ଆଗେ ଏ ସ୍ଥାନ କପରି ଥିଲା, କପରି ବନ୍ୟା ହେଉ-ଥିଲା, ଝାଙ୍ଗରାଭୂଇଁ ପଡ଼ିଥିଲା, କପରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରା-ଗଲା, ଏବେ କୃଷି ବିଭବ କପରି ସଞ୍ଚାରିତ ହୋଇଛି, ଘନ ଶ୍ୟାମଳ ବନାନୀ ବିକଶିତ ହୋଇଛି, ଲୋକେ ବିଭିନ୍ନ କ୍ଷେତ୍ରରେ କର୍ମରତ, ଏସବୁ

Digitized by PPRACHIN, SOA

ଚିତ୍ର ଦେଖି ଆନନ୍ଦ ଲାଗିଲା । ଏ ଗୁଡ଼ିକ ନୂତନ ଉପନିବାସିର ପରିପ୍ରକାଶ । ଏଠାକୁ ଆସିବା ସାର୍ଥକ ହେଲା ।

ଆମେରିକାର ଅନେକ ସ୍ଥାନରେ କେହି କେହି ପଚାରନ୍ତି ଦାରିଦ୍ର୍ୟ, ମହାମାରୀ, ସଂକ୍ରାମକ ରୋଗ ବିଷୟରେ କିମ୍ବା ରାଜନୀତି, ଅର୍ଥନୀତିର ସମସ୍ୟା ବିଷୟରେ । ଶ୍ରୀଲଙ୍କାର ଜଣେ ମହିଳା ଏ ଜଳଭଣ୍ଡାର ଦେଖିବାକୁ ଆସିଥିଲେ । ତାଙ୍କ ସହିତ ଦେଖା ହେଲା, କଥାବାର୍ତ୍ତା ହେଲା । ସେ ଆସିଛନ୍ତି ତିନିମାସ ପାଇଁ ଏ ଦେଶକୁ । ଓକିଲାତି କରନ୍ତି । କଥା ପ୍ରସଙ୍ଗରେ କହିଲେ, ଭାରତରେ ଏକୁଟିଆ ଯିବା ଆସିବା ବଡ଼ ବିପଜ୍ଜନକ । ପଚାରିଲି, କାହିଁକି ? ସେ କହିଲେ ସେଠାରେ ନରବଳି ପ୍ରଥା ରହିଛି । ଆମ ଦେଶରୁ ଜଣେ ଯାଇଥିଲା । ଫେରିଲା ନାହିଁ । ପୁଣି କହିଲେ, ଭାରତର ବିଶ୍ୱବିଦ୍ୟାଳୟରେ ଶିକ୍ଷାର ମାନ ଆମ ସିଂହଳଠାରୁ ଅତି ନିମ୍ନ ସ୍ତରରେ ରହିଛି କାହିଁକି ? ଅବାକ୍ ହୋଇ ରହିଲି । ଦଶ ବର୍ଷ ତଳେ ଶ୍ରୀଲଙ୍କା ଭାରତର ଗୋଟିଏ ପ୍ରଦେଶ ହୋଇଥିଲା ।

Digitized by PPRACHIN, SOA

ବେରିଆ କଲେଜ—କେଣ୍ଟୁକୀ

ନକ୍ସଭିଲ୍‌ରୁ ଆସିଲୁ ଟ୍ରେନ୍‌ରେ ବେରିଆ (Berea) । ଟ୍ରେନ୍‌ରେ ସାଢ଼େ ଦୁଇଘଣ୍ଟା ଲାଗିଲା । ପ୍ରାୟ ୧୫୦ ମାଇଲ ରାସ୍ତା । ପାହାଡ଼ିଆ ଅଞ୍ଚଳ ଭିତରେ ଟ୍ରେନ ଗଲା । ସବୁଆଡ଼େ ପାହାଡ଼ । ଛୋଟ ବଡ଼ । ସବୁ ଟାଙ୍ଗରା । ଶୀତ କାଳ ଯୋଗୁଁ ପତ୍ରଝଡ଼ା ହୋଇଯାଇଛି । ଗଛ ଗୁଡ଼ାକ ଖୁଣ୍ଟାପରି ଠିଆ ହୋଇଛି । ପାହାଡ଼ିଆ ନଦୀର କୂଳେ କୂଳେ ସରୀସୃପ ପରି ବଙ୍କେଇ ବଙ୍କେଇ ଟ୍ରେନ ଗଲା । ଜନବସତି ଅତି ଅଳ୍ପ । ଛୋଟ ଛୋଟ କେତୋଟି ବସତି ପଡ଼ିଲା ।

ସିକାଗୋରୁ ସାନଫ୍ରାନ୍‌ସିସ୍କୋ ଗଲାବେଳେ ଆକାଶ ମାର୍ଗରୁ ବହୁଦୂର ବ୍ୟାପି ରକି (Rocky) ପର୍ବତମାଳା ଦେଖିଥିଲି । ରକି ଭିତର ଦେଇ ଟ୍ରେନ୍‌ରେ ଯିବାର ଇଚ୍ଛା ଥିଲା । ହୋଇ ପାରିଲା ନାହିଁ । ନକ୍ସଭିଲ୍‌ରୁ ଆପଲେଚିଆନ୍ (Appalachian) ପାହାଡ଼ ଶ୍ରେଣୀ ଭିତରେ ଆସି ସେ ଦୃଶ୍ୟ ଦେଖିବାକୁ ମିଳିଲା । ତିନିଟା ବେଳକୁ ଆସି ବେରିଆରେ ପହଞ୍ଚିଲୁ । ବେରିଆ କଲେଜର ଜଣେ ଅଧ୍ୟାପକ ଡକ୍ଟର ଧୃଙ୍ଗ୍ ଯାଇଥିଲେ ରେଲ୍‌ ଷ୍ଟେସନକୁ । ତାଙ୍କ ଗାଡ଼ିରେ ଆମକୁ ଆଣିଲେ । ଡକ୍ଟର ଧୃଙ୍ଗ୍ ଚୀନ ଦେଶର ଲୋକ । ଏଠାରେ ବହୁ ଦିନରୁ ରହିଲେଣି । ଆମ ପାଇଁ ସବୁ ବ୍ୟବସ୍ଥା ସେ କରିଛନ୍ତି । ଅତିଥି ଭବନରେ ଯାଇ ରହିଲୁ ।

କଲେଜର ଛାତ୍ରଛାତ୍ରୀମାନେ ସେଦିନ ଗୋଟିଏ ସାଂସ୍କୃତିକ ଉତ୍ସବ କରିଥାନ୍ତି । ଆମକୁ ନିମନ୍ତ୍ରଣ କଲେ । ଅନେକ ଅଧ୍ୟାପକ ଏବଂ ତାଙ୍କର ପତ୍ନୀମାନେ ଏଥିରେ ଯୋଗ ଦେଇଥିଲେ । ଆମେ ତାଙ୍କ ସାଙ୍ଗରେ ଯାଇ ବସିଲୁ । ବେରିଆ କଲେଜର ଡୀନ (Dean) ଡକ୍ଟର

Digitized by PPRACHIN, SOA

ଲୁଇ ସ୍ମିଥଙ୍କ (Louis Smith) ସ୍ତ୍ରୀ ମୋପାଖକୁ ବସିଥିଲେ । ଛାତ୍ର-ମାନଙ୍କର ନୃତ୍ୟ, ସଙ୍ଗୀତ ଏବଂ ବ୍ୟଙ୍ଗ ଅଭିନୟ ମୁଁ ଏ ପର୍ଯ୍ୟନ୍ତ ଆମେରିକାର କୌଣସି ସ୍ଥାନରେ ଦେଖି ନଥିଲି । ଆମ ଦେଶରେ ଏ ସବୁ ଗତାନୁଗତିକ ଉତ୍ସବ । ଏଠାରେ ବହୁ ଭାଷାଭାଷୀ ଛାତ୍ର ଛାତ୍ରୀ ଅଛନ୍ତି । ସେମାନେ ନିଜ ନିଜ ଭାଷାରେ ସଙ୍ଗୀତ ପରିବେଷଣ କଲେ । ଆମ ଦେଶର କେତେଜଣ ଛାତ୍ର ଏ କଲେଜରେ ପଢ଼ନ୍ତି । ସେମାନେ ଭାରତୀୟ ଭାଷାରେ ସଙ୍ଗୀତ ଗାଇବେ ବୋଲି ଆଶା କରିଥିଲି । ମାତ୍ର ସେମାନେ ଆମେରିକାର ରକ୍ ଆଣ୍ଡ୍ ରୋଲ୍ ଗୀତରେ ଗାଇଲେ । ନିରାଶ ଲାଗିଲା ।

ଆମେରିକା ଭ୍ରମଣର ଅଭିଜ୍ଞତା ବିଷୟରେ କିଛି କହିବା ପାଇଁ ମୋତେ ଆହ୍ୱାନ କଲେ । ମୁଁ ବଡ଼ିନ୍ଦ କଲେଜ ଶିକ୍ଷା ପଦ୍ଧତି, ପ୍ରାକୃତିକ ବିଭବ ପ୍ରଭୃତି ବର୍ଣ୍ଣନା କଲି । ଆମେ ଯେଉଁ ସମ୍ବର୍ଦ୍ଧନା ପାଇଛୁ, ସେ ସବୁ ବିସ୍ତୃତ ଭାବରେ କହିଲି । ମିସେସ୍ ସ୍ମିଥ୍ ପଚାରିଲେ, ତୁମେ ସବୁ ବିଷୟରେ ବହୁ ପ୍ରଶଂସା କଲ । ଆମର ଦୋଷତ୍ରୁଟି କିଛି ଦେଖିଲ ନାହିଁ ? କହିଲି, ଆମ ଦେଶରେ କଥା ଅଛି, ଦୁଧରେ ପାଣି ମିଶିଥିଲେ, ହଂସ ଦୁଧତକ ପିଇ ଦିଏ, ପାଣିତକ ଛାଡ଼ିଯାଏ । ତମ ଦେଶରେ ତ ସବୁଠାରେ ନିରୁତା ଦୁଧ, ପାଣି ଆସିବ କୁଆଡ଼ୁ ? ମୋ କଥା ତାଙ୍କର ପସନ୍ଦ ହେଲା ।

ଡକ୍ଟର ଲୁଇସ୍ମିଥ୍ ଏବଂ ଶ୍ରୀମତୀ ସ୍ମିଥ୍ ଆମକୁ ରାତି ଭୋଜନ ପାଇଁ ନିମନ୍ତ୍ରଣ କଲେ । ଯାଇ ତାଙ୍କ ବୈଠକ ଖାନାରେ ବସିଲୁ । ସ୍ମିଥ ଦମ୍ପତି ଭାରତ ବର୍ଷ ଯାଇଥିଲେ । ଅନେକ ସ୍ଥାନ ଦେଖିଛନ୍ତି । ମିସେସ୍ ସ୍ମିଥ ଭାରତର ଭୂୟସୀ ପ୍ରଶଂସା କଲେ । ମୁଁ ତାଙ୍କ ମୁହଁକୁ ଚାହିଁ ଥାଏ । କଥାବାର୍ତ୍ତା ଭିତରେ ସେ କହିଲେ, ତୁମେ ମୋତେ ଚିହ୍ନିବ ବୋଲି ମୁଁ ଜାଣିଥିଲି । ଆଶ୍ଚର୍ଯ୍ୟ ହେଲି । କିଛି ବେଢ଼ଙ୍ଗ ହୋଇ ଗଲା କି ? ସେ କହିଲେ, ତୁମକୁ ନିମନ୍ତ୍ରଣ କରିବି ବୋଲି, କାଲି ଏ ଫ୍ରକ୍‌ଟି ମୁଁ ନିଜ ହାତରେ ତିଆରି କରିଛି । ହଠାତ୍ କିଛି ବୁଝି ପାରିଲି ନାହିଁ ।

Digitized by PPRACHIN, SOA

କହିଲେ, ବାଙ୍ଗାଲୋରରୁ ଏ ସିଲ୍କ ଶାଢ଼ୀଟି ମୁଁ ଆଣିଥିଲି । ତୁମ ଦେଶରେ ଶାଢ଼ୀ ପିନ୍ଧା ଅତି ସୁନ୍ଦର । ମୋତେ ପିନ୍ଧି ଆସିଲା ନାହିଁ । ଏ ଶାଢ଼ୀଟିକୁ କାଟି ଫ୍ରକ୍ ତିଆରି କରିଛି । ମୁଁ ତାଙ୍କର ଫ୍ରକ୍ କାରିଗରିର ପ୍ରଶଂସା କଲି ।

"ଆସୁଛି" ବୋଲି କହି ଉଠି କରି ବାହାରି ଗଲେ । ଗୋଟିଏ ସିଲ୍କ ଶାଢ଼ୀ ଆଣି ବୈଠକଖାନା ମଝିରେ ଥୋଇଦେଲେ । ସେଥିରୁ କେତେ ଖଣ୍ଡ ଶାଢ଼ୀ ଖୋଲି ଦେଖାଇଲେ । ଏ ସବୁ ଶାଢ଼ୀ ତାଙ୍କୁ ମୁଗ୍ଧ କରିଛି । ଖଣ୍ଡିଏ ଶାଢ଼ୀ ତାଙ୍କ ଫ୍ରକ୍ ଉପରେ ଗୁଡ଼ାଇ ଠିଆ ହେଲେ । କହିଲେ, କି ସୁନ୍ଦର ! ମୋତେ ଶାଢ଼ୀ ପିନ୍ଧା ଶିଖାଇଦିଅ । ଶାଢ଼ୀ ଗୁଡ଼ିକୁ ଛୁଇଁଲି । କହିଲି, ତୁମକୁ ପିନ୍ଧାଇ ପାରିବି ନାହିଁ । ମୁଁ ନିଜେ ପିନ୍ଧି ଦେଖାଇବି । ମୁଁ କୋଉଁକୁ କାଢ଼ ଶାଢ଼ୀ ପିନ୍ଧା ଦେଖାଇବା ପାଇଁ ପ୍ରସ୍ତୁତ ହେଲି । ଗୋଟିଏ ଶାଢ଼ୀର କୁଞ୍ଚ କରି ଲାଗିଲି । ସେ ମୋ ଆଙ୍ଗୁଠିକୁ ଛୁଇଁଥାନ୍ତି । କହିଲେ, ଆଉଥରେ କରନ୍ତୁ । ଆଉ ଥରେ କଲି । ସେ କହିଲେ, କେତେ ଇଞ୍ଚରେ ଭାଙ୍ଗ ପଡ଼ିବ, କେତେ ବ୍ୟବଧାନ ହେବ, ଏ ସବୁ ଲେଖିଦିଅ । କହିଲି, ଏ ପରୀକ୍ଷାରେ ମୁଁ ଫେଲ୍ ହୋଇଯିବି । ସେ କହିଲେ, ଏ ସବୁ ବଡ଼ କଠିନ । ମୁଁ ଶିଖି ପାରିବି ନାହିଁ । ସେଥିପାଇଁ ଭାରତବର୍ଷରେ କିଛି ଦିନ ରହିବାକୁ ହେବ । କହିଲି, ଅତି ଆନନ୍ଦର କଥା ।

ଭୋଜନ ପରେ, ବୈଠକଖାନାରେ ବସିଲୁ । ବେରିଆ କଲେଜ ବିଷୟରେ ବହୁ କଥାବାର୍ତ୍ତା ହେଲା ।

ଏ କଲେଜଟି ସ୍ଥାପିତ ହୋଇଛି କେତେକ ଆଦର୍ଶ ଭିତ୍ତିରେ । ଶହେ ବର୍ଷ ତଳେ ନିଗ୍ରୋମାନଙ୍କୁ ଇଉରୋପୀୟ ଲୋକଙ୍କ ସହିତ ସମାନ ଭାବରେ ଦେଖିବା ଅସମ୍ଭବ ହୋଇଥିଲା ବେଳେ, ସେମାନଙ୍କୁ ସମାନ ଭାବରେ ଶିକ୍ଷା ଦେବା ପାଇଁ ବେରିଆ କଲେଜ ସ୍ଥାପିତ ହେଲା । ଯୁକ୍ତରାଷ୍ଟ୍ରର ଆଉଗୋଟି ପାହାଡ଼ିଆ ରାଜ୍ୟରେ ଲୋକଙ୍କର ଆର୍ଥିକ ଅବସ୍ଥା

Digitized by PPRACHIN, SOA

ଥିଲ ଅତି ନମ୍ନସ୍ତରରେ । ସେମାନେ ଉଚ୍ଚ ଶିକ୍ଷା ପାଇ ପାରୁ ନ ଥିଲେ । ବିନା କଲେଜ ଫିସ୍‌ରେ, ବିନା ଖର୍ଚ୍ଚରେ ଛାତ୍ର ଗ୍ରହଣ କରିବାର ବ୍ୟବସ୍ଥା ଏହି ବେରିଆ କଲେଜରେ କରାଗଲା । ଯୁକ୍ତରାଷ୍ଟ୍ରର ଅନ୍ୟ କୌଣସି ସ୍ଥାନରେ ଏପରି ବ୍ୟବସ୍ଥା ନାହିଁ ।

ଏ କଲେଜରେ ବିଭିନ୍ନ ଶିଳ୍ପ ଉଦ୍ୟୋଗର ବ୍ୟବସ୍ଥା କରାଯାଇଛି । ଏଠାରେ କାଠକାମ, ମାଟିକାମ, ରୋଟି ତିଆରି, ଟେଷ୍ଟରି ପ୍ରଭୃତି କରାଯାଉଛି । ଛାପାଖାନା ଅଛି । ଦୁଗ୍ଧ ଉତ୍ପାଦନ କରାଯାଉଛି । କୁକୁଡ଼ା ପାଳନ କରାଯାଉଛି । ପ୍ରତ୍ୟେକ ଛାତ୍ର ଛାତ୍ରୀ ସପ୍ତାହରେ ଦଶ ଘଣ୍ଟା କାମ କରିବା ବାଧ୍ୟତାମୂଳକ । ଅଧିକ କାମ କଲେ, ସେଥିପାଇଁ ପାରିଶ୍ରମିକ ମିଳେ । ଯେଉଁ ଛାତ୍ରମାନେ ଘରୁ ସମସ୍ତ ଶିକ୍ଷା ଖର୍ଚ୍ଚ ପାଇ ପାରିବେ, ସେମାନଙ୍କୁ ଏଠାରେ ଗ୍ରହଣ କରାଯାଏ ନାହିଁ ।

ଏ କଲେଜରୁ ଶିକ୍ଷା ପାଇ ଛାତ୍ରମାନେ ଏହି ପାର୍ବତ୍ୟ ଅଞ୍ଚଳରେ ସକଳ ପ୍ରକାର ଅଭିବୃଦ୍ଧିରେ ଯୋଗଦେବେ । ଶତକଡ଼ା ପ୍ରାୟ ୫୦ ଭାଗ ଏହି ଅଞ୍ଚଳରେ ଶିକ୍ଷକ, ଡାକ୍ତର, ନର୍ସ ଇତ୍ୟାଦି କର୍ମରେ ନିଯୁକ୍ତ ହୋଇଛନ୍ତି । ଅନ୍ୟମାନେ ବଡ଼ ବଡ଼ ସହରକୁ ଯାଇଛନ୍ତି । ସେଠାରେ ସେମାନେ କୃତକାର୍ଯ୍ୟ ହୋଇଛନ୍ତି ।

ଦରିଦ୍ର, ବୁଦ୍ଧିମାନ ଏବଂ ଚରିତ୍ରବାନ ଛାତ୍ର ଛାତ୍ରୀ ନ ହେଲେ ଏଠାରେ ଗ୍ରହଣ କରାଯାଏ ନାହିଁ । ଯାହାଙ୍କର ଅବସ୍ଥା ଭଲ, ସେମାନଙ୍କୁ ଏଠାରେ ସ୍ଥାନ ମିଳେ ନାହିଁ । ଏଠାରେ ଦରିଦ୍ର ଏବଂ ବୁଦ୍ଧିମାନ ଛାତ୍ରମାନେ ସରଳ ଜୀବନ ଯାପନ କରି ଶିକ୍ଷାଲାଭ କରନ୍ତି ।

ଏ କଲେଜରେ ସାଧାରଣମାନ ଶିକ୍ଷା ଭିତରେ ସମସ୍ତଙ୍କୁ ଶିକ୍ଷା କରିବାକୁ ହେବ ସଙ୍ଗୀତ, କଳା, ସାହିତ୍ୟ ଏବଂ ମୂର୍ତ୍ତିଗଠନ । ଏ ସବୁ ସହିତ ଆମେରିକାର ଇତିହାସ ଏବଂ ପାଶ୍ଚାତ୍ୟ ସଂସ୍କୃତିର ସମନ୍ୱୟ ନ ହେଲେ ଶିକ୍ଷା ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ ।

Digitized by PPRACHIN, SOA

ଆମ ଦେଶରେ ଶିକ୍ଷା ପଦ୍ଧତି ଥରକୁ ଥର ପରିବର୍ତ୍ତନ କରାଯାଉଛି । ସେ ସବୁ ଉପରୁ ଲଦି ଦିଆଯାଉଛି । ଶିକ୍ଷାବିତ୍‌ମାନେ ଏଥିରେ ସଂଶ୍ଳିଷ୍ଟ ହେଉ ନାହାନ୍ତି । ତାଙ୍କର ପରାମର୍ଶ ଗ୍ରହଣୀୟ ହେଉନାହିଁ । ବେରିଆର ଶିକ୍ଷାପଦ୍ଧତି ମୋତେ ଆନ୍ଦୋଳିତ କରିଥିଲା ।

ବେରିଆ କଲେଜରେ କେତେ ଶିଳ୍ପ ଉଦ୍ୟୋଗ ବୁଲି ଦେଖିଲି । ଛାତ୍ରମାନେ ଗୋଶାଳା ପରିଷ୍କାର କରୁଛନ୍ତି । କୁକୁଡ଼ା ବଢ଼ି ସଫା କରୁଛନ୍ତି । ଅଣ୍ଡା ଇନ୍ କୁବେଟରରେ ରଖୁଛନ୍ତି । ତା'ପରେ ଦେଖିଲି ସାହିତ୍ୟ ଆବୃତ୍ତି, ଚିତ୍ରକଳା ଏବଂ ସଙ୍ଗୀତ ଶ୍ରେଣୀ । ସଙ୍ଗୀତ ଶିକ୍ଷା ଦେଖିଲେ ଯେ କେହି ମୁଗ୍ଧ ହୋଇଯିବ । ପ୍ରତ୍ୟେକ ବିଷୟ ପାଇଁ ଅଛନ୍ତି ଜଣେ ନିର୍ଦ୍ଦେଶକ ଏବଂ ତତ୍ତ୍ୱାବଧାରକ । ସବୁ ନିଖୁଣ ଭାବରେ ପରିଚାଳିତ ହେଉଛି । ଆମ ଜୀବନ କ'ଣ ଗଢ଼ା ଅନ ଉପାଦାନେ । ଆମେ ଯାହା କରୁଛୁ ସେ ସବୁ ଉଠେଇ ପାରୁନାହିଁ କାହିଁକି ?

ସନ୍ଧ୍ୟାରେ କସ୍ମୋପଲିଟାନ କ୍ଲବ ସଙ୍ଗୀତ ଅନୁଷ୍ଠାନ କରିଥିଲେ । ଆମ ତିନିଜଣଙ୍କୁ ସେଠାକୁ ନିମନ୍ତ୍ରଣ କରିଥିଲେ । ସଙ୍ଗୀତ ଶେଷ ହେଲା । ମୋତେ କହିବା ପାଇଁ ଡାକିଲେ । ଆମେ ଆସିବାର ଉଦ୍ଦେଶ୍ୟ, ଆମେରିକାରେ ଆମର ଅଭିଜ୍ଞତା ଏବଂ ଭାରତରେ ଯୋଜନା ଏବଂ ଅସ୍ପୃଶ୍ୟ ବିଷୟରେ କହିଲି । କ୍ଲବରେ କଥାବାର୍ତ୍ତା ପରେ ଆଦାନ ପ୍ରଦାନ ହେଲା ।

ସନ୍ଧ୍ୟାବେଳେ ଡୀନ୍ କେନେଥ ଟମସନଙ୍କ ଘରକୁ ଗଲୁ । ଭୋଜି ପାଇଁ ନିମନ୍ତ୍ରଣ । ସେ, ତାଙ୍କର ପତ୍ନୀ ଏବଂ ପିଲାମାନେ ବହୁକାଳ ପଞ୍ଜାବରେ ଥିଲେ । ଶିଙ୍ଗଡ଼ା ତିଆରି କରି ଆମକୁ ଦେଲେ । ହିନ୍ଦୀ କହି ପାରନ୍ତି । ପଞ୍ଜାବର ଅଭିଜ୍ଞତା ବର୍ଣ୍ଣନା କଲେ ।

ସେ ଦିନଟି ମୋତେ ପରିବାର ଭିତରେ ଥିଲାପରି ଲାଗିଲା ।

Digitized by PPRACHIN, SOA

ପରଦିନ ଡୀନ୍‌ଙ୍କ ଅନୁରୋଧ କ୍ରମେ ଗୋଟିଏ ସୋସିଓଲଜି କ୍ଲାସରେ ବକ୍ତୃତା ଦେଲି । ଭାରତ ବିଷୟରେ ଏଠାରେ ଛାତ୍ରମାନେ ଅନଭିଜ୍ଞ । ହେବାର କଥା । ଏ ଦେଶର ସମ୍ବାଦପତ୍ରରେ କ୍ୱଚିତ ଭାରତର ବିଷୟ ବାହାରେ । ଯାହା ବାହାରେ ସେ କେବଳ ଦୁର୍ଭିକ୍ଷର ସମ୍ବାଦ । ଭାରତର ଆଗର ସଂସ୍କୃତି ବିଷୟରେ କହିଲି । ଛାତ୍ରମାନେ ଶୁଣିବା ପାଇଁ ଆଗ୍ରହ ପ୍ରକାଶ କଲେ । ଅନେକ ପ୍ରଶ୍ନ ପଚାରିଲେ । ସେ ସବୁର ସରଳ ଉତ୍ତର ଦେଲି ।

ତା'ପରେ ଗଲି ଗୋଟିଏ ଅର୍ଥନୀତି କ୍ଲାସକୁ । ଦେଶରେ ବହୁ ଲୋକ ବେକାର ହେଲେ କି ପନ୍ଥା ଗ୍ରହଣ କରିବାକୁ ହେବ ? ଏଥିରେ କେଇନ୍‌ସ୍‌ଙ୍କ ଅବଦାନ ବିଷୟରେ କହିଲି । ଏମାନେ ଉପର ଶ୍ରେଣୀର ଛାତ୍ର । କେଇନ୍‌ସ୍‌ଙ୍କ ନାମ ଶୁଣି ନାହାନ୍ତି । ସାମୁଏଲସନ୍‌ଙ୍କ ପ୍ରତିକାର ବିଷୟ ପଚାରିଲି । ତାହାର ଉତ୍ତର ଦେଲେ । ସେମାନେ ଆମେରିକୀୟ ଅର୍ଥନୀତିଜ୍ଞମାନଙ୍କର ପାଠ୍ୟ ପୁସ୍ତକ ସହିତ ପରିଚିତ । ଇଂରେଜ ଅର୍ଥନୀତିଜ୍ଞଙ୍କ ନାମ ଜାଣିଲେ ପରି ମନେହେଉ ନାହିଁ । ଏଥିରେ ବିସ୍ମିତ ହେବାର କାରଣ ନାହିଁ । ଆମ ଦେଶରେ ଛାତ୍ରମାନଙ୍କୁ ପଚାରିଲେ ଅନୁରୂପ ଉତ୍ତର ମିଳିବ ।

ସନ୍ଧ୍ୟାରେ ମିଷ୍ଟର ଏବଂ ମିସେସ୍ ଚୁଙ୍ଗ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କଲେ । ସେ ଆମ ପାଇଁ ଆରମ୍ଭରୁ ସବୁ ଆୟୋଜନ କରିଛନ୍ତି । ଚାଇନିଜ୍ ଖାଦ୍ୟ ଦେଲେ । ତାଙ୍କର ଝିଅ ଜ୍ୱାଇଁ ଏବଂ ଆଉ ଗୋଟିଏ ଦମ୍ପତି ମଧ୍ୟ ନିମନ୍ତ୍ରିତ ହୋଇଥିଲେ । ନାନା କଥାବାର୍ତ୍ତା ହେଲା । ଚାଇନା ବିଷୟରେ କେତେ କଥା ପଚାରିଲି । ଚାଇନାରେ ଦଶବର୍ଷ ହେଲା କମ୍ୟୁନିଷ୍ଟ ସରକାର ଗଠିତ ହୋଇଥାଏ । ମିଷ୍ଟର ଚୁଙ୍ଗ୍ କହିଲେ, ସେମାନେ ଯୁଦ୍ଧ ପୂର୍ବରୁ ଏଠାକୁ ଆସିଛନ୍ତି । ପଚାରିଲି, ଚାଇନାକୁ ଜାତିସଂଘରେ ଗ୍ରହଣ କରାଯାଉନାହିଁ କାହିଁକି ? ସେ କହିଲେ, ଆମେ ଆମେରିକାର ନାଗରିକ । ଚାଇନାର ଭାଷା ଏବଂ ସଂସ୍କୃତି ସାଙ୍ଗରେ ଆଣିଛୁ । ରାଜନୀତିରୁ ବହୁ ଦୂରରେ ଅଛୁ । ଆମେରିକାରେ

Digitized by PPRACHIN, SOA

ଅନେକ ଚୀନ ଦେଶର ଲୋକେ ବସତି ସ୍ଥାପନ କରିଛନ୍ତି । ଅନ୍ୟ କଥା ପଡ଼ିଲା । ଏମାନଙ୍କର ବ୍ୟବହାର, କଥାବାର୍ତ୍ତା, ଆଦର ଅଭ୍ୟର୍ଥନା ସବୁଥିରେ ଥିଲା ଆନ୍ତରିକତା । ବଡ଼ ଆନନ୍ଦ ଲାଗିଲା ।

ଖାଲି କେଣ୍ଟୁକିରୁ ନୁହେଁ, ଆମେରିକାର ବିଭିନ୍ନ ସ୍ଥାନରୁ ଏବଂ ବିଦେଶରୁ ମଧ୍ୟ ଛାତ୍ର ଏଠାରେ ପଢ଼ୁଛନ୍ତି । କେଉଁ ଦେଶରୁ କେତେଜଣ ଏଠାରେ ଅଛନ୍ତି,ଜାଣିବାକୁ ଆଗ୍ରହହେଲା । କଲେଜ ଅଫିସରେ ପଚ୍ଚାରିଲି । ଅଫିସ୍‌ର ପରିଚାଳକ ତାଙ୍କ ରେଜିଷ୍ଟରଟି ମୋତେ ଦେଖାଇଲେ । ଦେଖିଲି, ଓଡ଼ିଶାର କୋରାପୁଟ୍‌ରୁ ଜଣେ ଛାତ୍ର ଏଠାରେ ପଢ଼ୁଛନ୍ତି । ଅତି ଆଶ୍ଚର୍ଯ୍ୟ ଲାଗିଲା । ସେ ପ୍ରଥମ ବର୍ଷରେ ପ୍ରବେଶ କରିଛନ୍ତି । ଡକାଇ ପଠାଇଲି । କିଛି ସମୟ ପରେ ସେ ମୋ ପାଖକୁ ଆସିଲା । ଗୋଶାଳାରେ କାମ କରୁଥିଲା । ହାତରେ ଗୋବର ଲାଗିଛି । କରମର୍ଦ୍ଦନ ପାଇଁ ହାତ ବଢ଼ାଇଲା ନାହିଁ । ମୁଁ ଆଶ୍ଚର୍ଯ୍ୟ ହେଲି । ତୁମେ କିଏ ? ସେ ଉତ୍ତର ଦେଲା, ଆପଣ ମୋତେ ଡକାଇଲେ । ତା'ର ପରିଚୟ ଦେଲା । ନାମ ତା'ର ଗେରହାର୍ଡ଼ ଟାଉସ୍‌ଚେର୍ (Gerhard Tauscher) । ସେ ଜର୍ମାନୀର ଲୋକ । ତାଙ୍କର ବାପା କୋରାପୁଟ୍‌ରେ ମିସନାରୀ ହୋଇ ଅଛନ୍ତି । ସେ ଏବଂ ତାଙ୍କ ସ୍ତ୍ରୀ ଦୁହେଁ ଅଛନ୍ତି କୋରାପୁଟରେ । ମୁଁ ଭାବୁଥିଲି, ଜଣେ ଓଡ଼ିଆ କିମ୍ବା ଆଦିବାସୀ ହୋଇଥିବେ । ନିରାଶ ହେଲି । ଯାହାହେଉ, ତାକୁ ଶୁଭେଚ୍ଛା ଜଣାଇ ବିଦାୟ ଦେଲି ।

ବେରିଆର ରହଣି ଶେଷ ହେଲା । ସେଠାର ଆଦର, ଅଭ୍ୟର୍ଥନା, ପରିବେଶ ମନେ ରହିଥିବ । ବେରିଆ କଲେଜର ଅଭିନବ ପ୍ରକଳ୍ପ ମନରେ ଛାପି ହୋଇ ରହିଗଲା । ମାତ୍ର ଏହାର ବୀଜ ବପନ ଭାରତୀୟ ମାଟିରେ କଣ ସମ୍ଭବ ?

ପୁଣି ନିଉୟର୍କ

ସକାଳେ ବେଳଆରୁ ବାହାରିଲୁ ଗ୍ରେ ହାଉଣ୍ଡ୍ ବସ୍‌ରେ । ଲେକ୍‌ସିଙ୍ଗଟନ୍‌କୁ ଆସିଲୁ । ସେଠାରୁ ବିମାନରେ ଉଠି ପ୍ରାୟ ପାଞ୍ଚଟା ବେଳେ ନିଉୟର୍କରେ ପହଞ୍ଚିଲୁ । ସାଢ଼େ ଚାରିଘଣ୍ଟା ବିମାନ ଯାତ୍ରା । ଟିକିଏ ହଲଚଲ ନାହିଁ । ଶୂନ୍ୟରେ ଭାସିଲା ପରି ବିମାନ ଉଡ଼ି ଚାଲିଲା । ଆକାଶରେ ମେଘ ନ ଥିଲା । ତଳେ ଘରଦ୍ୱାର, ରାସ୍ତାଘାଟ, ନଦୀପର୍ବତ ସମସ୍ତ ପରିଷ୍କାର ଦେଖା ଯାଉଥିଲା । ବହୁ ଦୂରରୁ ନିଉୟର୍କର ଉତ୍ତୁଙ୍ଗ ଅଟ୍ଟାଳିକା ଦେଖାଗଲା । ଟାଇମ୍ ସ୍କୋୟାର ପାଖେ ଗୋଟିଏ ହୋଟେଲରେ ରହିଲୁ । ରାତିଯାକ ବିଶ୍ରାମ ।

ପରଦିନ କୌଣସି କାର୍ଯ୍ୟକ୍ରମ ନ ଥିଲା । ଦିନସାରା ଏଣେ-ତେଣେ ବୁଲିଲୁ । ଜାତିସଂଘ ପ୍ରାସାଦକୁ ଗଲୁ । ପୂର୍ବଥର ଯାଇଥିଲୁ । ଏ ସ୍ଥାନଟି ଅତି ନିର୍ମଳ, ଆକର୍ଷଣୀୟ । ପ୍ରାସାଦ ଭିତରେ ବୁଲି ଦେଖିଲୁ । ସେଠାରେ ସାମାଜିକ ଏବଂ ଆର୍ଥିନୀତିକ କାଉନ୍‌ସିଲ୍‌ର ଗୋଟିଏ ଅଧିବେଶନ ବସିଥିଲା । ପଛପଟକୁ ଦର୍ଶକମାନଙ୍କର ସ୍ଥାନ । କାନରେ ଶ୍ରବଣ ଯନ୍ତ୍ର ଖଞ୍ଜି ବିଭିନ୍ନ ଭାଷାରେ ଭାଷାନ୍ତରିତ ହେଉଥିବା ବକ୍ତବ୍ୟ ଶୁଣିଲୁ । ଯେ କୌଣସି ଭାଷାରେ ବକ୍ତବ୍ୟ ହେଉ, ସାଙ୍ଗେ ସାଙ୍ଗେ ଏକା ସମୟରେ ସେଗୁଡ଼ିକ ବିଭିନ୍ନ ଭାଷାରେ ଭାଷାନ୍ତରିତ ହୋଇଯାଉଥିବ । ଆମେ ସେଠାରେ ରହିଥିବା ପର୍ଯ୍ୟନ୍ତ ଦୁଇଟି ଦେଶର ପ୍ରତିନିଧି ତାଙ୍କର ଭାଷଣ ଦେଲେ । ଗୋଟିଏ ଲେବାନନ୍, ଅନ୍ୟଟି ସୋଭିଏଟ୍ ୟୁନିୟନ ।

ତାଙ୍କ ଭାଷଣ ଏବେ ମଧ୍ୟ ମନେ ଅଛି । ଲେବାନନ ପ୍ରତିନିଧି କହିଲେ, ବିକାଶମୁଖୀ ଦେଶମାନଙ୍କୁ ସମୃଦ୍ଧ ଦେଶମାନେ ସାହାଯ୍ୟ

Digitized by PPRACHIN, SOA

ଦେବା ଏକାନ୍ତ ଆବଶ୍ୟକ । ଯୁଦ୍ଧର ଅସ୍ତ୍ରଶସ୍ତ୍ର, ସାଜ ସରଞ୍ଜାମ ପାଇଁ ଯେଉଁ ବିପୁଳ ଅର୍ଥ ବ୍ୟୟ କରାଯାଉଛି, ସେଥିରୁ କିଛି ଅର୍ଥ ସାହାଯ୍ୟ ରୂପେ ଦେଲେ, ବିକାଶମୁଖୀ ଦେଶରେ, ଅର୍ଥନୈତିକ ବିକାଶ ସାଧିତ ହୋଇ ପାରନ୍ତା । ରୁଷିଆର ପ୍ରତିନିଧି କହିଲେ, ପୁଞ୍ଜିବାଦୀ ଦେଶ-ମାନଙ୍କରେ ଥରକୁ ଥର ବେକାରୀ ଅବଶ୍ୟମ୍ଭାବୀ । ସେପରି ପରିସ୍ଥିତିକୁ ସମ୍ଭାଳିବା ପାଇଁ ପ୍ରତିରକ୍ଷା ଲାଗି ବହୁମାତ୍ରାରେ ବ୍ୟୟ କରିବା ଏକାନ୍ତ ଆବଶ୍ୟକ । ନ ହେଲେ ଅବସ୍ଥା ସାଂଘାତିକ ହୋଇପିବ । ଆମେରିକା ଏବଂ ସେଇ ମନ୍ତ୍ରରେ ଦୀକ୍ଷିତ ପୁଞ୍ଜିବାଦୀ ଦେଶରେ ଏ ନୀତି ଅନୁସରଣ କରାଯାଉଛି । ଆମେରିକା ଛିଙ୍କିଲେ, ଇଂଲଣ୍ଡରେ ନିଉମୋନିଆ ହୁଏ । ସବୁ ପୁଞ୍ଜିବାଦୀ ଦେଶରେ ଏଇପରି ଅବସ୍ଥା ।

ସନ୍ଧ୍ୟାବେଳେ ସିନେମା ଦେଖିଗଲୁ । ସିନେମାର ଶିରୋନାମା India speaks—ଭାରତର କାହାଣୀ । ବହୁମାତ୍ରାରେ ଅପପ୍ରଚାର । ପାଞ୍ଚଟି ସ୍ଥାନର ଛବି ପ୍ରଦର୍ଶିତ ହୋଇଛି । ଦକ୍ଷିଣ ଭାରତରେ ଗୋଟିଏ ସ୍ଥାନ । ସେଠାରେ ଅଛି ନାନା ପ୍ରକାର ଆଦିମ କୁସଂସ୍କାର । ଧର୍ମନାମରେ ଲୋକଙ୍କୁ ବିକଳାଙ୍ଗ କରାଯାଉଛି । ଜିଭ କାଟି ଦିଆଯାଉଛି । ଶରୀର କ୍ଷତ ବିକ୍ଷତ କରାଯାଉଛି । ଲୋକେ ରୁଣ୍ଡ ହୋଇ ଦେଖୁଛନ୍ତି । ଦେବୀଙ୍କ ପାଖରେ ବଳିଦାନ କରାଯାଉଛି । ସ୍ତ୍ରୀଲୋକମାନେ ସନ୍ତାନ ପାଇବା ପାଇଁ ଏ ରକ୍ତ ପ୍ରସାଦ ରୂପେ ସେବା କରୁଛନ୍ତି । ବହୁବର୍ଷ ତଳେ ମିସ୍ ମେଓ (Miss Mayo) ଭାରତ ଜନନୀ (Mother India) ପୁସ୍ତକରେ ଏସବୁ ଉଲ୍ଲେଖ କରିଥିଲେ । ଦ୍ୱିତୀୟରେ ବନାରସ । ଘାଟର ବିବରଣୀ । ଅପରିଷ୍କାର ଘାଟ । ଶ୍ମଶାନ । ଅର୍ଦ୍ଧଦଗ୍ଧ ଶବ ଭାସୁଛି । ସାଧୁ ଏବଂ ଭିଖାରୀ ସମସ୍ତେ ଏଠାରେ ବସିଛନ୍ତି । ଏହିଠାରେ ଲୋକେ ସ୍ନାନ କରୁଛନ୍ତି । ଏହି ପାଣି ପାନ କରୁଛନ୍ତି । ଗାନ୍ଧୀଜି ଏ ବିଷୟ ଦେଖି କହିଥିଲେ, ଲେଖିକା ଖାଲି ନର୍ଦ୍ଦମା ପରିଦର୍ଶନ କରିଯାଇଛନ୍ତି ।

ତା'ପରେ ଦିଲ୍ଲୀରେ ରମଜାନ ଉପବାସ । ଷାଠିଏ ହଜାର ମୁସଲମାନଙ୍କର ସମବେତ ପ୍ରାର୍ଥନା । ଶିରୋନାମା ଦିଆଯାଇଛି—ଦିଲ୍ଲୀ

Digitized by PPRACHIN, SOA

ହେଉଛି ମୁସଲିମ୍ କେନ୍ଦ୍ର । ତା’ପରେ କାଶ୍ମୀର । ଅତି ରମଣୀୟ ସ୍ଥାନ । ଗଛପତ୍ର, ହ୍ରଦ, ପର୍ବତ, ବରଫ ବୃଷ୍ଟିର ଚିତ୍ର । ସେଥିସଙ୍ଗେ ଯୋଡ଼ାଯାଇଛି କାଶ୍ମୀରର ରାଜନୈତିକ ପରିସ୍ଥିତି । ଶେଷରେ ହିମାଳୟ ଉପରେ ତିବ୍ବତର ଚିତ୍ର । ସେଠାରେ ଆଦିମ ଧର୍ମ ବିଶ୍ୱାସ । ଲୋକେ ଜୀବଜନ୍ତୁ ପରି ବାସ କରୁଛନ୍ତି ।

ଚମତ୍କାର ଅପପ୍ରଚାର । ଲୋକଙ୍କୁ ପ୍ରଭାବିତ କରିବା ପାଇଁ ଏଭଳି ଦୃଶ୍ୟ-ଚିତ୍ର ପ୍ରଦର୍ଶିତ ହେଉଛି । ଏଇ କ’ଣ ଆମେରିକାର ଆନ୍ତର୍ଜାତୀୟ ନୀତି ନିର୍ଦ୍ଧାରଣ ? ସବୁଠାରେ ଆମେ ଆଦର ଅଭ୍ୟର୍ଥନା ପାଇଛୁ । ଏଠାରେ ଏ ଅପପ୍ରଚାରର କାରଣ କ’ଣ ?

ପରଦିନ ପୁଣି ବୁଲାବୁଲି । ରକ୍ ଫେଲର କେନ୍ଦ୍ରକୁ ଗଲୁ । ବିରାଟ ଆୟତନ । ଦିବ୍ୟ ସୁନ୍ଦର ଅଟ୍ଟାଳିକାରେ ପରିପୂର୍ଣ୍ଣ । ଏଠାରେ କୌଣସି ବାସଭବନ ନାହିଁ । କେବଳ ଅଫିସ ପାଇଁ ଉଦ୍ଦିଷ୍ଟ । ବିଭିନ୍ନ ଅନୁଷ୍ଠାନରେ କାମ କରନ୍ତି ୩୭ ହଜାର ଲୋକ । ଗୋଟିଏ ସହର ପରି । ବାହାର ଭିତର ସବୁ ରମଣୀୟ । ଭିତରେ ବିଭିନ୍ନ ଦେଶରୁ ଆସିଥିବା ମାର୍ବଲ ପ୍ରତିମୂର୍ତ୍ତି । ନାନା ଜାତିର ଚିତ୍ର, ସାଜସଜ୍ଜା, ଦୋକାନର ପରିପାଟୀ । ସବୁଥିରେ ବିଭବ ପରିସ୍ଫୁଟ । ଆମୋଦ ପ୍ରମୋଦ ପାଇଁ ନାନା ବ୍ୟବସ୍ଥା କରିଯାଇଛି । ଗୋଟିଏ ସ୍ଥାନରେ ଗୋଟିଏ ବରଫର ପ୍ରାଙ୍ଗଣ କରିଯାଇଛି । ସେଥିରେ ଲୋକେ ଚକଲଗା ଜୋତା ପିନ୍ଧି ଦୌଡ଼ କରନ୍ତି । ନିଉୟର୍କର ପ୍ରଶସ୍ତ ପଶ୍ଚିମ ରାଜପଥ (Fifth Avenue) ଏ ଦେଶରେ ବିଭବର କେନ୍ଦ୍ର ।

ଶୁଣିଲି, ରକଫେଲର୍ କେନ୍ଦ୍ରର ଏ ପ୍ରଶସ୍ତ ସ୍ଥାନର ମାଲିକ କଲମ୍ବିଆ ୟୁନିଭରସିଟି । ସେଥିପାଇଁ ଖଜଣା ଆକାରରେ ପ୍ରଚୁର ଅର୍ଥ ଦିଆଯାଏ । ୟୁନିଭରସିଟିର ମାଲିକାନା ସାବ୍ୟସ୍ତ କରିବା ପାଇଁ କେନ୍ଦ୍ରର ଦୁଇ ଫାଟକ ବର୍ଷରେ ଗୋଟିଏ ଦିନ ବନ୍ଦ ରଖାଯାଏ ।

ରକଫେଲର ଷ୍ଟାଣ୍ଡାର୍ଡ୍ ତେଲ କମ୍ପାନୀର ତେଲ ଖଣିଅଛି । ତେଲ ବ୍ୟବସାୟ ଅଛି । ସେ ଜଣେ ଉଦ୍ୟୋଗ ସମ୍ରାଟ । ପ୍ରଭୂତ ଅର୍ଥ ଉପାର୍ଜନ

Digitized by PPRACHIN, SOA

କରନ୍ତି । ଶିକ୍ଷା ଏବଂ ଜନକଲ୍ୟାଣ ପାଇଁ ବିପୁଳ ଅର୍ଥ ଦାନ କରିଛନ୍ତି । ଧନ ଅର୍ଜିଲେ ଧର୍ମ କର । ସେବା ହିଁ ଧର୍ମ । ନିଉୟର୍କରେ ଯେଉଁ ପ୍ରଶସ୍ତ ସ୍ଥାନରେ ମିଳିତ ଜାତିସଂଘର ଚମତ୍କାର ପ୍ରଶସ୍ତ ଭବନ ନିର୍ମିତ ହୋଇଛି, ସେ ଜମିଟି ରକ୍‌ଫେଲରଙ୍କର ମହାମୂଲ୍ୟ ଦାନ ।

ତା'ପରଦିନ ଗଲୁ ଦେଖିବାକୁ ପ୍ଲାନେଟୋରିଅମ୍ । ସୁନ୍ଦର ବ୍ୟବସ୍ଥା କରାଯାଇଛି । ସୌର ଜଗତର ଚିତ୍ର ଚମତ୍କାର । ସେ ଦିନ ଦେଖାଇଲେ ଗତ ଅକ୍ଟୋବର ମାସର ସୂର୍ଯ୍ୟୋପରାଗ । ଆକାଶର ମାନଚିତ୍ର, ସୂର୍ଯ୍ୟ ଚନ୍ଦ୍ର, ଗ୍ରହ ତାରା ପ୍ରାଞ୍ଜଳ ଭାଷାରେ ବୁଝାଇ ଦିଆଗଲା । ମଣିଷର ଉପଯୋଗ ତା'ର ଜ୍ଞାନର ସ୍ତର ସହିତ ଜଡ଼ିତ । କଲିକତାରେ ବିର୍ଲା ପ୍ଲାନେଟୋରିଅମ୍ ଦେଖିବା ପାଇଁ ପ୍ରତିଦିନ ଭିଡ଼ ହୁଏ । ଏଥିରେ ଅଛି ଶିକ୍ଷା ଏବଂ ଉପଯୋଗ । ନିଉୟର୍କର ପ୍ଲାନେଟୋରିଅମ୍ ସେଦିନ ଖୁବ ଭଲ ଲାଗିଲା ।

ନଭେମ୍ବର ସରିବାକୁ ବସିଲାଣି । ଖୁବ ଶୀତ ପଡ଼ୁଛି । ଫେରିଲା ବେଳକୁ ଖଣ୍ଡିଏ ସ୍ୱେଟର୍ କିଣିଲି । ଶୀତର ପ୍ରକୋପ ଅନୁଯାୟୀ ଅଧିକ ସ୍ୱେଟର ପିନ୍ଧିବାକୁ ହେଲା । ହୋଟେଲ୍‌କୁ ଆସି ସ୍ୱେଟର୍ ପିନ୍ଧିବାକୁ ଚେଷ୍ଟା କଲି । ଟାଇଟ୍ ହେଲା । ଦୋକାନ ଅନେକ ଦୂରରେ । ଫେରାଇ-ବାକୁ ଗଲି ନାହିଁ । ଜରି ବ୍ୟାଗ ଭିତରେ ରଖିଦେଲି । ପରଦିନ ସକାଳେ ହୋଟେଲ ପ୍ରକୋଷ୍ଠଗୁଡ଼ିକ ଝାଡ଼ୁ କରିବା ପାଇଁ ଜଣେ ନିଗ୍ରୋ ସ୍ତ୍ରୀଲୋକ ଆସିଲା । ମୁଁ ଝରକା ବାଟେ ବାହାରକୁ ଚାହିଁଥାଏ । ତାର ଖଣ୍ଡିଏ ମଇଳା ଗାଉନ । ସେ ମୋ ପ୍ରକୋଷ୍ଠ ସଫା କରିବାକୁ ଆସିଲା । ଭାବିଲି ସ୍ୱେଟରଟି ତାକୁ ଦେଇଦେବି । ବ୍ୟାଗରୁ କାଢ଼ି ଦେଖାଇଲି । କହିଲି, ନୂଆ ସ୍ୱେଟରଟି ପୂର୍ବଦିନ ଆଣିଛି । ମୋତେ ଟାଇଟ ହେଲା । ମୁଁ ଏ ଖଣ୍ଡିକ ଦେଉଛି । ତମ ଘରେ ପିଲାଙ୍କୁ ଦେବ । ସେ ସ୍ୱେଟରଟି ନେଲା । ମୋତେ ଧନ୍ୟବାଦ ଦେଲା । ମୁଁ କାଚ ଝରକା ପାଖରେ ବସି ବାହାରକୁ ଚାହିଁଥାଏ । ସେ ଦେଶରେ ପୁରୁଣା ଖବର କାଗଜ କେହି ବିକନ୍ତି ନାହିଁ । ନିଜେ ଯାଇ ରାସ୍ତା ପାଖର ଅଳିଆ ବାକ୍ସରେ ପକାଇବାକୁ

Digitized by PPRACHIN, SOA

ହୁଏ । ମୁଁ ବାହାରକୁ ଚୁହିଁଥାଏ । ସେ ନିଗ୍ରୋ ସ୍ତ୍ରୀ ଲୋକଟି ଗୋଟାଏ ପୁରୁଣା କାଗଜ ସାଙ୍ଗରେ ଏ ନୂଆ ସ୍ୱେଟରଟି ଅଳିଆ ବାକ୍‌ସରେ ପକାଇ ଦେଲା । ମୋତେ ଆଶ୍ଚର୍ଯ୍ୟ ଲାଗିଲା । ବୋଧହୁଏ, ତା'ର ଆତ୍ମ-ସମ୍ମାନରେ ଆଘାତ ଲାଗିଲା ।

କଲମ୍ବିଆ (Columbia) ୟୁନିଭରସିଟି ଦେଖିବାକୁ ଗଲି । ନିଉୟର୍କରେ ଷ୍ଟ୍ରୀଟ୍‌ଗୁଡ଼ିକର ନାମକରଣ କରଯାଇ ନାହିଁ । ଷ୍ଟ୍ରୀଟଗୁଡ଼ିକର ନମ୍ବର ଦିଆଯାଇଛି । ଗୋଟିଏ ନମ୍ବର ଷ୍ଟ୍ରୀଟରେ ଗୋଟିଏ ପାର୍କରୁ ଗାଡ଼ିଯାଏ । ପାଞ୍ଚ ନମ୍ବର ଷ୍ଟ୍ରୀଟ୍‌ରେ ବିପରୀତ ଦିଗକୁ ଯାଏ । ସବୁ ଷ୍ଟ୍ରୀଟରେ ଗୋଟିଏ ଦିଗକୁ ଗତି । ସବୁ ଘରର ନମ୍ବର ଦିଆଯାଇଛି । ଷ୍ଟ୍ରୀଟ୍ ଏବଂ ଘର ନମ୍ବର ଜାଣିଲେ କାହାରିକୁ କିଛି ପଚାରିବା ଆବଶ୍ୟକ ହୁଏ ନାହିଁ । ଭୂଇଁତଳ ଟ୍ରେନ୍‌ରେ ଷ୍ଟେସନଗୁଡ଼ିକର ନାମ ମଧ୍ୟ ସେହି ଷ୍ଟ୍ରୀଟ୍ ନମ୍ବର । ସବୁ ଶୃଙ୍ଖଳିତ । କଲମ୍ବିଆ ୟୁନିଭରସିଟି ଷ୍ଟ୍ରୀଟ୍‌ରେ ଉଠିଲି । ସେ ଦିନ ବର୍ଷା, କୁହୁଡ଼ି, ଅନ୍ଧାର । ଏଠାରେ ବହୁତ ପ୍ରଖ୍ୟାତ ପ୍ରଫେସର ଅଛନ୍ତି । ଏଇଟି ଉଚ୍ଚ ଶ୍ରେଣୀର ୟୁନିଭରସିଟି । ଆଇଭି ଲୀଗରେ ଅନ୍ତର୍ଭୁକ୍ତ । ଏଠାର ପାଠ୍ୟକ୍ରମ ଜାଣିବାର ଆଗ୍ରହ ହେଲା । ଡୀନଙ୍କ ସହିତ ଆଲୋଚନା ହେଲା । ସେ କହିଲେ, ସବୁଠାରେ ସ୍ନାତକ ଶ୍ରେଣୀ ଚାରିବର୍ଷ । ମାତ୍ର ସବୁଠାରେ ପାଠ୍ୟକ୍ରମ ସମାନ ନୁହେଁ । ଏଠାରେ ଛାତ୍ରଛାତ୍ରୀମାନେ କଳା ବିଜ୍ଞାନର ଯେ କୌଣସି ବିଭାଗ ମନୋନୀତ କରନ୍ତି । ମାତ୍ର ସେଥିସଙ୍ଗେ ପ୍ରଥମ ଦୁଇବର୍ଷ ସାଧାରଣ ଜ୍ଞାନ (General Education—ସଂକ୍ଷେପରେ Gen—Ed) ବାଧ୍ୟତାମୂଳକ । ଏଥିରେ ଅନ୍ତର୍ଭୁକ୍ତ ହୋଇଛି ମଧ୍ୟଯୁଗୀୟ ପରମ୍ପରା, ଇୟୁରୋପୀୟ ସଂସ୍କୃତି, ଆମେରିକାର ଶାସନ ପ୍ରଣାଳୀ, ଆନ୍ତର୍ଜାତୀୟ ସମ୍ବନ୍ଧ ପ୍ରଭୃତିର ବିବରଣୀ ଏବଂ ଆଲୋଚନା । ଏ ସମସ୍ତ ଉଚ୍ଚଶିକ୍ଷାର ଭିତ୍ତିଭୂମି । ଏଗୁଡ଼ିକ ନ ଥିଲେ ଉଚ୍ଚଶିକ୍ଷା ଅସମ୍ପୂର୍ଣ୍ଣ ରହିବ । କଲମ୍ବିଆର ଏ ପାଠ୍ୟକ୍ରମ ବିଶେଷତ୍ୱ । ଆମେ ଯାହାକୁ ସାଧାରଣ ଜ୍ଞାନ ଭାବରେ ଶିକ୍ଷା ଦେଉ, ସେ ସବୁ କେବଳ କେତେଗୁଡ଼ିଏ ନାମ । ଶିକ୍ଷା ନୁହେ; ଖାଲି ସମ୍ବାଦ । କଲମ୍ବିଆର ପାଠ୍ୟକ୍ରମ ଭାବରେ ପ୍ରକାଶିତ ଦୁଇଟି ବହିଟି

Digitized by PPRACHIN, SOA

ପୁସ୍ତକ ମୁଁ ସାଙ୍ଗରେ ଆଣିଛୁ । ଏଥିରେ ସନ୍ନିବିଷ୍ଟ ହୋଇଛି ଉଚ୍ଚସ୍ତରୀୟ ପାଠ୍ୟକ୍ରମ ।

ନଭେମ୍ବର ୨୭ ତାରିଖ ଦିନ ଆମେରିକାରେ ଧନ୍ୟବାଦ ଦିବସ (Thanksgiving Day) । ଇଂଲଣ୍ଡରୁ ଆଗତ ଆପ୍ରବାସୀମାନେ ପ୍ରଥମେ କୃଷି ଆରମ୍ଭ କରିଥିଲେ । ଆମର କ୍ଷେତ ବଡା ପରି, ତାଙ୍କର ଶସ୍ୟକ୍ଷେତ୍ରରୁ ସେ ଦିନ ଶସ୍ୟ ଆହରଣ କରାଯାଇଥିଲା । ସେଥିପାଇଁ ପ୍ରଭୁଙ୍କୁ ଧନ୍ୟବାଦ ଦେଇ ପ୍ରାର୍ଥନା ଜଣାଇଥିଲେ । ସେ ଦିନଟି ଏବେ ମଧ୍ୟ ଧନ୍ୟବାଦ ଦିବସ ରୂପେ ପାଳନ କରାଯାଉଛି । ସେ ଦିନ ଅଫିସ୍, ବଜାର ସବୁ ବନ୍ଦ । ନିଉୟର୍କ ସମୁଦ୍ର କୂଳରେ, ହଡ଼ସନ୍ ନଦୀର ମୁହାଣରେ । ସହରଟି ପାଞ୍ଚଟି ଦ୍ୱୀପର ସମଷ୍ଟି । ମାନ୍‌ହାଟେନ, କୁଇନ୍, ବ୍ରୁକ୍‌ଲିନ ପ୍ରଭୃତି । ମାନହାଟେନ୍‌ଟି ସବୁଠାରୁ ବଡ । ହଡ଼ସନ୍ ନଦୀ ଉପରେ ଗୋଟିଏ ହୋଡାଲା ପୋଲ ତିଆରି ହୋଇଛି ।

କିଛି ଦୂରରେ ଆଉ ଗୋଟିଏ ବଡ଼ ଦ୍ୱୀପକୁ ବସତି ପ୍ରସାରିତ ହେଉଛି । ନାମ ଲଙ୍ଗ୍ ଆଇଲଣ୍ଡ୍ (Long Island) । ସମୁଦ୍ର ତଳେ ସୁଡ଼ଙ୍ଗ ରେଳପଥ ନିର୍ମିତ ହୋଇଛି । ଉପରେ ଜାହାଜ ଯାତାୟତ କରୁଛି । ସେଇ ଲଙ୍ଗ୍ ଆଇଲଣ୍ଡର ଗୋଟିଏ ବସତିରୁ ଦୁଇଟି ପରିବାରଙ୍କଠାରୁ ନିମନ୍ତ୍ରଣ ଆସିଲା । ଅମେ ଦୁଇଜଣ ଗଲୁ । ଦୁହିଜଣ ଆଡଥେସୁ ଷ୍ଟେସନ୍‌କୁ ଆସିଥିଲେ । ମୋର ବନ୍ଧୁ ଗଲେ ଜଣଙ୍କ ସାଙ୍ଗରେ । ମୁଁ ଗଲି ଅନ୍ୟଜଣଙ୍କ ସାଙ୍ଗରେ । ମୁଁ ଯେଉଁଠାକୁ ଗଲି, ସେଠାକୁ ଗୃହସ୍ଥଙ୍କର ପୁଅବୋହୂ, ଶ୍ରେଷ୍ଠ ଶ୍ରେଷ୍ଠ ନାତି ନାତୁଣୀ ଆସିଛନ୍ତି । ଆଉ ଦୁଇଜଣ ଅତିଥି ମଧ୍ୟ ଆସିଛନ୍ତି । ଏ ଗୋଟିଏ ବାର୍ଷିକ ପର୍ବ । ମୁଁ ପହଞ୍ଚିଲା ପରେ ସମସ୍ତେ ଦଣ୍ଡାୟମାନ ହୋଇ ଉପାସନା କଲୁ । ସମସ୍ତେ ପ୍ରଭୁଙ୍କଠାରେ କୃତଜ୍ଞତା ଜଣାଇଲେ । ସମସ୍ତଙ୍କର ନୂତନ ପରିଧେୟ । ପିଲାଗୁଡ଼ିକ କୁଣ୍ଢେଇ ପରି ପୋଷାକ ପିନ୍ଧିଥାନ୍ତି । ଖିଆପିଆ ଆରମ୍ଭ ହେଲା । ଦିନ ସାରା ଖିଆପିଆ ଚାଲିଥାଏ । ଏମାନଙ୍କ ଘରେ ଆଦର ଅଭ୍ୟର୍ଥନା ଅତିଥିକୁ ମୁଗ୍ଧ କରିଦିଏ । ଶ୍ରେଷ୍ଠ ପିଲାଟିମାନ ଥରକୁ ଥର ମିଷ୍ଟାନ୍ନ,

Digitized by PPRACHIN, SOA

ଫଳ ଆଣି ଦେଉଥାନ୍ତି । ନାନା ପ୍ରକାର ଗଳ୍ପ । ଆନନ୍ଦ, ଉତ୍ସବ । ଖାଇଲାବେଳେ କାଶ୍ମୀର ବିଷୟରେ ଚର୍ଚ୍ଚା ଚାଲିଲା । ଆମେରିକାରେ ପ୍ରାୟ ସମସ୍ତଙ୍କର ବଦ୍ଧମୂଳ ବିଶ୍ୱାସ ଯେ କାଶ୍ମୀର ପାକିସ୍ତାନରେ ଅନ୍ତର୍ଭୁକ୍ତ ହେବା ଉଚିତ । ଏ ବିଷୟ କୌଣସି କଲେଜ ବା ୟୁନିଭରସିଟିରେ କେହି ଆମକୁ ପଚାରି ନାହାନ୍ତି । କେତେକ ଆଡ଼ିଥେଇ ଏ କଥା ଉତ୍-ଥାପନ କରିଛନ୍ତି । ଆଲୋଚନା ହେଲା । ଦିନସାରା ଆନନ୍ଦରେ କଟିଲା ସେଠାରେ । ରାତି ଆଠଟା ବେଳକୁ ଫେରିଆସିଲି ।

୨୬ ତାରିଖ ଦିନ ଧନ୍ୟବାଦ ଦିବସ ଯୋଗୁଁ ସବୁ ଛୁଟୀ ଥିଲା । ପରଦିନ ସକାଳୁ ବର୍ଷା । ଘର ଭିତରେ କେତେ ବସିବି ? ବାହାରକୁ ଚାହିଁଥାଏ । ବର୍ଷା କମି ଆସିଲା । ଗଲି ବଜାରକୁ, ଗୋଟିଏ ପ୍ରଶସ୍ତ ଡିପାର୍ଟମେଣ୍ଟ ଷ୍ଟୋର୍‌କୁ । ଗୋଟିଏ ସୁଟ୍ କିଣିବାକୁ ଇଚ୍ଛା ହେଲା । ଚାରିତାଲା ଉପରକୁ ଉଠିଲି । ପ୍ରଶସ୍ତ ସଦନ । ସୁନ୍ଦର ସାଜସଜ୍ଜା । କାନ୍ଥର ବିଭିନ୍ନ ସ୍ଥାନରେ ଗୁଡ଼ିଏ ଛବି ଖଞ୍ଜାଯାଇଛି । ଠାଆକୁ ଠାଆ ବଡ଼ ବଡ଼ ଦର୍ପଣ ଲଗାଯାଇଛି । ହ୍ୟାଙ୍ଗର୍‌ରେ ବିଭିନ୍ନ ପ୍ରକାର ସୁଟ୍-ଗୁଡ଼ିଏ ଟଙ୍ଗା ଯାଇଛି । ବିକ୍ରି କରିବା ପାଇଁ ଅଛନ୍ତି ଚାରିଜଣ ସୁଶ୍ରୀ ସୁବେଶା ତରୁଣୀ । ଗ୍ରାହକଟିଏ ଆସିଲେ ତାଙ୍କୁ ମାପନ୍ତି ପରେ ସୁଟ୍ ପାଖକୁ ନେଇ ଯାଉଛନ୍ତି । ଗ୍ରାହକର କୋଟ୍‌ଟିକୁ କାଢ଼ିନେଇ ନୂଆ କୋଟ୍‌ଟିଏ ପିନ୍ଧାଇ ଦେଉଛନ୍ତି । ମୋର ବନ୍ଧୁମାନେ ମୋ ପାଇଁ ଗୋଟିଏ ସୁଟ୍ ପସନ୍ଦ କଲେ । ଦାମ ୫୦ ଡଲାର୍ । ଏତେ ମୂଲ୍ୟ ଦେଇ କିଣିବା ପାଇଁ ଇଚ୍ଛା ହେଲା ନାହିଁ । ଯେଉଁ ତରୁଣୀ ମୋତେ ସୁଟ ଦେଖାଉଥିଲେ, ସେ ବୁଝିଗଲେ । ତଳ ମହଲାକୁ ଯିବାପାଇଁ ପରାମର୍ଶ ଦେଲେ । ସେଠାକୁ ଗଲି । ଯେଠାରେ ବିକାଳୀ ଦୁଇଜଣ ପୁରୁଷ । ସେ ମୋତେ ବିଭିନ୍ନ ସୁଟ ପାଖକୁ ନେଇଗଲେ । ଉପର ମହଲାରେ ଯେଉଁଭଳି ସୁଟ୍, ଏଠାରେ ସେଇ ପ୍ରକାର ସୁଟ ଓହଳିଛି । ବୁଝିଲି—ମୂଲ୍ୟ ୩୫ ଡଲାର । କିଛି ନ କହି ତଳ ମହଲାକୁ ଓହ୍ଲାଇଲି । ସେଠାରେ ଦୁଇଜଣ ବୟସ୍କ ଲୋକ ବସିଛନ୍ତି । ଉପର ଦୁଇ ମହଲାରେ ଯେଉଁ ସୁଟ ଦେଖିଥିଲି, ସେଇଟି ମଧ୍ୟ ଟଙ୍ଗା ହୋଇଛି । ମୂଲ୍ୟ ୨୫ ଡଲାର । ସେଇଟିକୁ କିଣିଲି ।

Digitized by PPRACHIN, SOA

ସବା ତଳ ମହଲାକୁ ଆସିଲି । ସେଇ ସବୁ ପ୍ରକାର ସୂତାଗୁଡ଼ାକ ଏକାଠାରେ ଜମା ହୋଇଛି । ଲୋକେ ସେଥିରୁ ବାଛିକରି ଆହୁରି ଅଳ୍ପ ମୂଲ୍ୟରେ ନେଉଛନ୍ତି । ଭାବିଲି, ଉପର ମହଲାରୁ ଆଣିଛି । ମାନ ମହତ ରହିଗଲା ।

ପାଖକୁ ଲାଗିଛି ମ୍ୟାନେଜରଙ୍କ ଅଫିସ ଘର । ସେଠାକୁ ଗଲି । କହିଲି, ମୁଁ ଭାରତରୁ ଆସିଛି । ଗୋଟିଏ ସୂତା କିଣିଲି । ମାତ୍ର ସେଇ ଜାତିର ସୂତା ବିଭିନ୍ନ ମହଲାରେ ବିଭିନ୍ନ ମୂଲ୍ୟରେ ବିକ୍ରି କରାଯାଉଛି କିପରି ? ସେ ମୋତେ ବୁଝାଇଲେ । ତାଙ୍କର ଭଦ୍ର ବ୍ୟବହାର । କହିଲେ, ଏ କମ୍ପାନୀର ମେଣ୍ଢା ଫାର୍ମ ଅଛି । ସେଠାରୁ ପଶମ ଆହରଣ କରାଯାଏ । ସେଗୁଡ଼ିକ ମେସିନ୍ ଦ୍ୱାରା ସୂକ୍ଷ୍ମ କର୍ତ୍ତନ କରାଯାଏ । ସେଠାରୁ ନିଆଯାଇ ବିଭିନ୍ନ ରଙ୍ଗରେ ରଙ୍ଗାଇ ଦିଆଯାଏ । ପଶମ ଥାନ ବୁଣାଯାଏ । ସେଠାରୁ ଆସି ବିଭିନ୍ନ ମାପର ସୂତା ପ୍ରସ୍ତୁତ କରାଯାଏ । ଏସବୁ ପ୍ରକ୍ରିୟା ଅବିରତ ଲାଗିଥାଏ । ଗୋଟିଏ କୌଣସି ସ୍ତରରେ ପ୍ରକ୍ରିୟା ବନ୍ଦ ହୋଇଗଲେ, ବା ଶିଥିଳ ହୋଇଗଲେ, ସବୁଆଡ଼ ବନ୍ଦ ହୋଇଯିବ । ସୂତାସବୁ ଆସି ଉପର ମହଲାରେ ଟଙ୍ଗାଇ ରଖାଯାଏ । ସାତ ଦିନ ସେଠାରେ ରହିଲା ପରେ, ଯାହା ବିକ୍ରି ହୋଇ ନ ଥାଏ, ସେଗୁଡ଼ିକ ତଳ ମହଲାକୁ ପଠାଯାଏ । ଦାମ୍ କମେଇ ଦିଆଯାଏ । ସେଠାରେ ସାତ ଦିନ ରହିଲା ପରେ ଯାହା ରହିଯାଏ, ସେ ସବୁ ଆହୁରି ତଳ ମହଲାକୁ ଖସାଇ ଦିଆଯାଏ । ଶେଷରେ ଯାହା ବିକ୍ରି ନ ହୋଇ ଉଦ୍‌ବୃତ୍ତ ରହେ, ସେ ସବୁ ଅକ୍ଷମ ଲୋକଙ୍କୁ ବାଣ୍ଟି ଦିଆଯାଏ । ଉପର ମହଲାରେ ସାତ ଦିନରୁ ଅଧିକ ରହିଲେ, ନୂଆ ସୂତା ଆସି ରହିବ କେଉଁଠାରେ ? ମେଣ୍ଢା ଦେହରୁ ପଶମ କାଟିବାଠାରୁ ଶେଷରେ ସୂତା ବାଣ୍ଟିବା ପର୍ଯ୍ୟନ୍ତ ଏ ଗୋଟିଏ ସମାଗତ ପ୍ରକ୍ରିୟା । ସବୁ ହିସାବ କରି ଦରଦାମ ନିର୍ଣ୍ଣୟ କରାଯାଏ । ଏ ହେଲା ବୃହତାୟତନ ଉତ୍ପାଦନର ପ୍ରକ୍ରିୟା ।

ତା'ପରେ ଆସିଲା ଶନିବାର । ନିଉୟର୍କର ସବୁ କଲେଜ ୟୁନିଭରସିଟି ବନ୍ଦ । ଆମର ମଧ୍ୟ କୌଣସି କାର୍ଯ୍ୟକ୍ରମ ନ ଥିଲା । ନିଉ-

Digitized by PPRACHIN, SOA

ୟର୍କ ରାଜ୍ୟକୁ ଲାଗି କନେକ୍ଟିକଟ୍ ରାଜ୍ୟ । ସେଥିରେ ନଉ ହାଭେନ୍ (New Haven) ପ୍ରଧାନ ସହର । କନେକ୍ଟିକଟ୍ (Connecticut) ଶୁଣି ମନେ ପଡ଼ିଲା, ଏଠାରୁ ଚେଷ୍ଟର୍ ବୋଲ୍‌ସ ରାଷ୍ଟ୍ରଦୂତ ହୋଇ ଭାରତକୁ ଆସିଥିଲେ । ତାଙ୍କର ପୁସ୍ତକ ରାଷ୍ଟ୍ରଦୂତର ରିପୋର୍ଟ (Ambassador's Report) ପଢ଼ିଛି । ଲେଖିବାର ଶୈଳୀ ଚମତ୍କାର । ନେହେରୁଙ୍କ ସହିତ ତାଙ୍କର ଖୁବ୍ ସଦ୍‌ଭାବ ଥିଲା । ତାଙ୍କ ପୁସ୍ତକରୁ ଅନେକ ଅଧ୍ୟାୟ ଏବେ ମଧ୍ୟ ମନେ ଅଛି ।

ନଉ ହାଭେନ୍ ସହରକୁ ଯାଇ ୟେଲ୍ (Yale) ୟୁନିଭରସିଟି ଦେଖିବାର ବ୍ୟବସ୍ଥା କଲୁ । ସକାଳେ ଟ୍ରେନ୍‌ରେ ଗଲୁ । ୟେଲ୍ ଏ ଦେଶର ଏକ ପ୍ରଖ୍ୟାତ ବିଶ୍ୱବିଦ୍ୟାଳୟ । ଆଇଭି ଲିଗ୍‌ରେ ଅନ୍ତର୍ଭୁକ୍ତ । ଛୁଟୀ ଯୋଗୁଁ କୌଣସି ପ୍ରଫେସରଙ୍କ ସଙ୍ଗେ ଦେଖା ହୋଇ ପାରିଲା ନାହିଁ । ଖାଲି ୟୁନିଭରସିଟିର ପରିସର, ଉଦ୍ୟାନ ଏବଂ ଅଟ୍ଟାଳିକା ଦେଖିଲୁ ।

ସେଠାରେ କେତେଜଣ ଭାରତୀୟ ଛାତ୍ର ଥିଲେ । ତାଙ୍କ ସାଙ୍ଗରେ ଦେଖା ହେଲା । ଆନନ୍ଦ ଲାଗିଲା । ନାନା ଆଲୋଚନା ହେଲା । ସେମାନଙ୍କ ମଧ୍ୟରୁ କେତେକ ଭାରତକୁ ଫେରିବା ପାଇଁ ଅନିଚ୍ଛୁକ । ସେଇଠାରେ ରହିଯିବେ । ତାଙ୍କର ଅଭିଯୋଗ, ଭାରତକୁ ଗଲେ ତାଙ୍କର ଯୋଗ୍ୟତା ଅନୁଯାୟୀ ଦରମା ମିଳିବ ନାହିଁ । "ଆମେ ଯେଉଁମାନେ ଏଠାକୁ ଆସିଛୁ, ଆମର ଯୋଗ୍ୟତା ଉଚ୍ଚସ୍ତରକୁ ଯାଇଛି । ଆମେ ଅଧିକ ଦରମା ପାଇବା ପାଇଁ ହକଦାର । ଭାରତ ସରକାର ଆମର ଯୋଗ୍ୟତା ବୁଝିବା ଉଚିତ ।" ସେମାନେ ତାଙ୍କର ଯୋଗ୍ୟତା ଏବଂ ତଦନୁଯାୟୀ ବେତନ ପାଇବାର କଥା କହି ଲାଗିଲେ । କଥାବାର୍ତ୍ତାର ଢଙ୍ଗ ବଦଳି ଗଲା । କହିଲି, ଦେଶକୁ ଫେରିଲେ ଉପାର୍ଜନ ମିଳିବ ଏବଂ ଭାରତ ଜନନୀର ସେବା କରିବାପାଇଁ ସୁଯୋଗ ମିଳିବ । ଏଠାରେ ରହିଲେ ଖାଲି ଉପାର୍ଜନ ହିଁ ସାର ହେବ ।

Digitized by PPRACHIN, SOA

ବନ୍ଧୁ ଆଉଲକ୍ ବାଲ୍ଟୀର ପଦାର୍ଥବିଦ୍ୟା ଅଧ୍ୟାପକ । ୟେଲ୍ ୟୁନିଭରସିଟିରେ ପ୍ରଖ୍ୟାତ ପଦାର୍ଥ ବିଜ୍ଞାନୀ ଅଛନ୍ତି । ତାଙ୍କ ସାଙ୍ଗରେ ସାକ୍ଷାତ ହୋଇ ପାରିଲି ନାହିଁ । ସେ ବିଗଣ୍ଣ ହେଲେ ।

ଟ୍ରେନ୍‌ରେ ଫେରିଲୁ । ଗତ ଦଶଟାରେ ଆସି ନିଉୟର୍କରେ ପହଞ୍ଚିଲୁ । ଷ୍ଟେସନରୁ ହୋଟେଲ ମାତ୍ର ଦଶମିନିଟର ବାଟ । ମାତ୍ର କି ଶୀତ ! ହାଡ଼ ଭିତର କମ୍ପି ଯାଉଥାଏ । ବଡ଼ କଷ୍ଟରେ ଆସି ହୋଟେ-ଲ୍‌ରେ ପହଞ୍ଚିଲୁ ।

ପରଦିନ ରବିବାର । ବହୁ ଲୋକ ଯାଆନ୍ତି ଦେଖିବାକୁ ମ୍ୟୁଜି-ଅମ୍ । ଆମେ ମଧ୍ୟ ଗଲୁ । ସେଠାରେ ଭାରି ଭିଡ଼ । ମ୍ୟୁଜିଅମ ଶିକ୍ଷାର ଆଧାର । ଶୁଣିଛି, ଜର୍ମାନୀରେ ସବୁଠାରେ ମ୍ୟୁଜିଅମ୍ । ଓଡ଼ିଶାରେ ସେଇଁ ଗୋଟିଏ ମାତ୍ର ମ୍ୟୁଜିଅମ୍ ଅଛି, ସେଠାକୁ କେବେ କଦବା ଶିକ୍ଷକମାନେ ଛାତ୍ରମାନଙ୍କୁ ନେଇ ଆସନ୍ତି । ମ୍ୟୁଜିଅମ୍‌ରେ ଦେଖିବାର ଅଛି, ଜାଣିବାର ଅଛି, ଶିଖିବାର ଅଛି, ଉଦ୍‌ବୁଦ୍ଧ ହେବାର ଉପାଦାନ ଅଛି । ମାତ୍ର ଆମେ ଏ ଦିଗରେ ଅତି ପିଛିଲା ।

ସୋମବାର ଦିନ ପୁଣି କଲମ୍ବିଆ ବିଶ୍ୱବିଦ୍ୟାଳୟକୁ ଗଲୁ । ପ୍ରଫେସର ହାର୍ଟ (Hart) ଏବଂ ପ୍ରଫେସର ବର୍ଣ୍ଣସ୍‌ଙ୍କ (Burns) ସହିତ ସାକ୍ଷାତ ହେଲା । ତାଙ୍କ ସାଙ୍ଗରେ ମଧ୍ୟାହ୍ନ ଭୋଜନ । ତା'ପରେ ୟୁନି-ଭର୍ସିଟିର ବିଭିନ୍ନ ବିଭାଗ ବୁଲି ଦେଖିଲୁ । ନିଉୟର୍କରେ ଅନେକ କଲେଜ, ୟୁନିଭରସିଟି । ହେବାର କଥା । ଏହିଟି ଏ ଦେଶରେ ସର୍ବ-ବୃହତ ନଗରୀ । ଅନେକ ଗୁଡ଼ିଏ କଲେଜ ୟୁନିଭରସିଟି ଦେଖିଲଣି । କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଗବେଷଣା କଲେ ଭଲ ଲାଗନ୍ତା । ଖାଲି ଗୋଟିକ ପରେ ଗୋଟିଏ ବିଶ୍ୱବିଦ୍ୟାଳୟ ଦେଖିବାର ପ୍ରବୃତ୍ତି ଆଉ ନାହିଁ । ଶିକ୍ଷା ପ୍ରଣାଳୀ ଏବଂ ପଦ୍ଧତିରେ ମୋଟାମୋଟି ଧାରଣା ହୋଇ ଗଲାଣି । ଏଥି ସଙ୍ଗେ ଏ ଦେଶର ଯାନ୍ତ୍ରିକ ସଭ୍ୟତା ବିଷୟରେ ମଧ୍ୟ ସମ୍ୟକ ତଥ୍ୟ ଆହରଣ କଲୁଣି ।

Digitized by PPRACHIN, SOA

ଫଳରେ ସମୁଦ୍ର କୂଳକୁ ବୁଲିଗଲୁ । ସେଠାରେ ଲେଖା ଯାଇଛି, ଏ ସମୁଦ୍ର ପାଣି ସ୍ପର୍ଶ କର ନାହିଁ । କାରଖାନା ମାନଙ୍କରୁ ରସାୟନିକ ଅବଶେଷ ନିର୍ଗତ ହୋଇ ସମୁଦ୍ରରେ ପଡୁଛି । ସମୁଦ୍ର ଜଳ ବିଷାକ୍ତ ହୋଇ ଯାଇଛି । ଗୋଟିଏ ଜୀଅନ୍ତା ମାଛ ଆଣି ସମୁଦ୍ରରେ ପକାଇ-ଦେଲେ, ମୁହୂର୍ତ୍ତକ ମଧ୍ୟରେ ମରି ଯାଉଛି । ନିଉୟର୍କ ଉପକୂଳରେ କେହି ସମୁଦ୍ର ସ୍ନାନ କରନ୍ତି ନାହିଁ । ଶୁକ୍ରବାର ଦିନ ସନ୍ଧ୍ୟାରେ ବହୁ ଲୋକ ଗାଡ଼ିଧରି ୫୦ ମାଇଲ ବାଟ ବାହାରି ଯାଆନ୍ତି । ସେଠାରେ ସମୁଦ୍ରରେ ସନ୍ତରଣ କରି ସୋମବାର ସକାଳେ ଫେରି ଆସନ୍ତି । ଏ ବିଷାକ୍ତ ଦ୍ରବ୍ୟ ଦିନେ ସମଗ୍ର ସମୁଦ୍ରକୁ ବିଷାକ୍ତ କରିଦେବ ।

ନିଉୟର୍କର ଅନ୍ୟ ଗୋଟିଏ ଦର୍ଶନୀୟ ସ୍ଥାନ ବାକି ରହି-ଯାଇଛି । ମାନହାଟେନ୍ ଦ୍ୱୀପର ସମୁଦ୍ର ନିକଟରେ ପ୍ରଖ୍ୟାତ ଓ୍ୱାଲ୍ ଷ୍ଟ୍ରୀଟ୍ (Wall Street) ପୃଥିବୀର ସର୍ବଶ୍ରେଷ୍ଠ ସ୍କନ୍ଧ ବିପଣି ବା ଶେଆର ମାର୍କେଟ (Stock Exchange) । ଭାରତର ଦୁଇଟି ସହରରେ ସ୍କନ୍ଧ ବିପଣି ଅଛି । କଲିକତାର ଲାଅନସ୍ ରେଞ୍ଜ (Lyons Range) ଏବଂ ବମ୍ବେର ଦଲାଲ ଷ୍ଟ୍ରୀଟ (Dalal Street) । ଏ ଦୁଇ ଶେଆର ମାର୍କେ-ଟ୍‌ରେ ଦଲାଲମାନେ ଶେଆର କିଣାବିକା କରନ୍ତି । ପ୍ରତିଦିନ ଇଂରେଜି ଖବର କାଗଜରେ ଶେଆର ଦରଦାମ ପ୍ରକାଶିତ ହୁଏ । ଆମେରିକାର ଓ୍ୱାଲ ଷ୍ଟ୍ରୀଟ୍ ପୃଥିବୀରେ ବାଣିଜ୍ୟ ବ୍ୟବସାୟର ସୂଚକାଠି । ଏଠାରେ ଶେଆର ମୂଲ୍ୟ ବୃଦ୍ଧି ହେଲେ ବାଣିଜ୍ୟ, ବ୍ୟବସାୟ, ଉତ୍ପାଦନ ତେଜି ଉଠେ । ମୂଲ୍ୟ ହ୍ରାସ ହେଲେ ସବୁ ମାନ୍ଦା ପଡ଼ିଯାଏ । ୧୯୩୦ ମସିହାରେ ଓ୍ୱାଲ ଷ୍ଟ୍ରୀଟ୍‌ର ବ୍ୟବସାୟ ମାନ୍ଦା ହୋଇଗଲା । ଶେଆର୍ ଗୁଡ଼ିକର ମୂଲ୍ୟ ଅତି ମାତ୍ରାରେ ହ୍ରାସ ପାଇଗଲା । କିଣା ବିକା ବନ୍ଦ ହୋଇଗଲା । ବିଦ୍ୟୁତ୍ ବେଗରେ ଏ ସମ୍ବାଦ ସମଗ୍ର ପୃଥିବୀରେ ବ୍ୟାପିଗଲା । କିଛି ଦିନ କାଳ ସବୁଠାରେ ସବୁ ବ୍ୟାଙ୍କ୍ ବନ୍ଦ ହୋଇଗଲା । ବାଣିଜ୍ୟ, ବ୍ୟବସାୟ ଉତ୍ପାଦନ ସବୁ ଶିଥିଳ ହୋଇଗଲା । ଲୋକେ ବେକାର ହୋଇଗଲେ । ପୃଥିବୀର ଇତିହାସରେ ଏ ଅର୍ଥନୈତିକ ଦୁରବସ୍ଥା ଲିପିବଦ୍ଧ ହୋଇ ରହିଛି ।

Digitized by PPRACHIN, SOA

ଏଣ୍ଟଠାରୁ ସମୁଦ୍ର ଖରକୁ ଯାଇ ଦେଖିଲା, ଗୋଟିଏ ଜାହାଜ ପ୍ରବେଶ କରୁଛି । ସୁଗଖିର ବନ୍ଦର । ଏଣ୍ଟଠାରେ ସମୁଦ୍ର ଭିତରେ ଅଛି ସ୍ଵାଧୀନତାର ଦେବୀ ମୂର୍ତ୍ତି (Statue of Liberty) । ଏକ ବଡ଼ଣ୍ଟ କାଂସ୍ଯ ପ୍ରତିମୂର୍ତ୍ତି । ଫ୍ରାନ୍ସରୁ ଏ ମୂର୍ତ୍ତିଟି ଆସିଛି । ଗୋଟିଏ କ୍ଷୁଦ୍ର ଦ୍ଵୀପରେ ପ୍ରତିଷ୍ଠିତ ହୋଇଛି । ଏଇଟିକୁ ନ ଦେଖିଲେ ଆମେରିକା ଦର୍ଶନ ଅପୂର୍ଣ୍ଣ ହୋଇଯିବ । ଏ ମୂର୍ତ୍ତିଟି ନାଗରିକ ସ୍ଵାଧୀନତାର ମୂର୍ତ୍ତିମନ୍ତ ଉଦ୍-ବୋଧନ । କୂଳରୁ ସେ ସ୍ଥାନକୁ ବୋଟ ଯିବା ଆସିବା କରୁଛି । ଯାଇ ଦେଖିଲି । କୂଳରୁ ଯେତେ ବଡ଼ଣ୍ଟ ଦେଖାଯାଉଥିଲା, ତା'ଠାରୁ ଆହୁରି ବଡ଼ଣ୍ଟ । ମୂର୍ତ୍ତି ଭିତରେ ପାହାଚ କରାଯାଇଛି ଉପରକୁ ଯିବାପାଇଁ । ସ୍ଟାର ପଟରେ ଉଦ୍ୟାନ । ଘାସ ପ୍ରାନ୍ତର । ପ୍ରତିମୂର୍ତ୍ତି ଭିତର ପାହାଚରେ ଚଢ଼ି ଓହ୍ଲାଇ କ୍ଳାନ୍ତ ହୋଇଗଲି । ଉଦ୍ୟାନର ଗୋଟିଏ ବେଞ୍ଚରେ ବସିଲି । ଦେଖିବା ସାର୍ଥକ ହେଲା । ସ୍ଵାଧୀନତାର ପ୍ରତିମୂର୍ତ୍ତିକୁ ନମସ୍କାର କଲି ।

ଏଣ୍ଟଠାରେ ନିଉୟର୍କ ଦର୍ଶନ ସମାପ୍ତ ହେଲା । ନିଉୟର୍କ ଗ୍ରେହାଉଣ୍ଡ ବସ୍‌ରେ ଆସିଲି ଫିଲାଡେଲ୍‌ଫିଆ । ବାଟରେ ସେଇ ବଡ଼ ବଡ଼ ପୋଲ, ପ୍ରକାଣ୍ଡ କାରଖାନା, ବିସ୍ତୀର୍ଣ୍ଣ ସଡ଼କ । ଏଥିରେ ଆଖି ଅଭ୍ୟସ୍ତ ହୋଇଗଲାଣି ।

Digitized by PPRACHIN, SOA

ଫିଲାଡେଲଫିଆ

ପେନସିଲ୍ଭାନିଆ ରାଜ୍ୟର ସମୁଦ୍ରକୂଳରେ ଅବସ୍ଥିତ ନଗର ଏବଂ ବନ୍ଦର ଫିଲାଡେଲଫିଆ । ଏ ନଗରଟି ଆମେରିକାର ଏକ ବିଖ୍ୟାତ ପୀଠ । ଏଇ ନଗର ଯୁକ୍ତରାଷ୍ଟ୍ରର ଇତିହାସ ସୃଷ୍ଟି କରିଛି । ଏହିଠାରେ ବ୍ରିଟେନ୍ ବିରୁଦ୍ଧରେ ଆମେରିକାର ସ୍ୱାଧୀନତା ଘୋଷଣା କରାଯାଇଥିଲା । ୧୭୭୬ ଖ୍ରୀଷ୍ଟାବ୍ଦରେ ମୁକ୍ତି ଘୋଷଣା ସ୍ୱାକ୍ଷରିତ ହୋଇଥିଲା । ଏଇ ସହରରେ ଆମେରିକାର ସମ୍ବିଧାନ ପ୍ରଣୀତ ହୋଇଥିଲା । ସ୍ୱାଧୀନତା ଭବନ ଏବେ ମଧ୍ୟ ଅକ୍ଷୁଣ୍ଣ ରହିଛି । ସମ୍ବିଧାନ ଭବନ ମଧ୍ୟ ସେହିପରି ରହିଛି । ମୁକ୍ତିର ସ୍ମାରକୀ ସ୍ୱରୂପ ଏକ ବୃହତ୍ ଘଣ୍ଟା ମଧ୍ୟ ରହିଛି । ଏ ସବୁ ଦେଖିଲୁ । ଖାଲି ଆମେରିକାର ଅଧିବାସୀ ନୁହନ୍ତି, ବିଦେଶୀ ପର୍ଯ୍ୟଟକ ମଧ୍ୟ ଏ ସବୁ ଦେଖି ଉଦ୍‌ବୁଦ୍ଧ ହୁଅନ୍ତି ।

ଅନେକ ବର୍ଷ ଧରି ଫିଲାଡେଲଫିଆ ଥିଲା ଆମେରିକାର ରାଜଧାନୀ । ଏ ସହର ବେଞ୍ଜାମିନ୍ ଫ୍ରାଙ୍କଲିନ୍‌ଙ୍କ (Benjamin Franklin) ନାମରେ ପବିତ୍ର । ଏଇ ସହରରେ ସେ ପେନସିଲଭାନିଆ ୟୁନିଭରସିଟି ସ୍ଥାପନ କରିଥିଲେ । ଏ ୟୁନିଭରସିଟିକୁ ଗଲୁ ସକାଳୁ । ଆମ ଦଳର ଦୁଇବନ୍ଧୁ ତାଙ୍କ ବିଷୟର ବିଭାଗକୁ ଗଲେ । କେତେକ ଅର୍ଥନୀତି ଅଧ୍ୟାପକଙ୍କ ସହିତ ମୋର ଦେଖା ହେଲା । କଥାବାର୍ତ୍ତା ହେଲା; ଆଲୋଚନା ହେଲା । ଏ ବିଶ୍ୱବିଦ୍ୟାଳୟଟି ବହୁ ପୁରୁଣା । ଆଇଭି ଲିଗ୍ ମଧ୍ୟରେ ପରିଗଣିତ । ୟୁନିଭରସିଟି ପ୍ରେସିଡେଣ୍ଟଙ୍କ ସେ ବର୍ଷର ରିପୋର୍ଟ ଖଣ୍ଡିଏ ମୋତେ ମିଳିଲା । ଦେଖିଲି, ସେଥିରେ ରୁଷିଆର ସେଇ ସ୍ପୁଟ୍‌ନିକ କଥା ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି । ରୁଷିଆର ସ୍ପୁଟ୍‌ନିକ ୧୯୫୭ ମସିହା ଅକ୍ଟୋବର ମାସରେ ମହାକାଶକୁ ଗଲା । ରୁଷ ଦେଶର ଶିକ୍ଷାନୁଷ୍ଠାନ କିପରି ଦ୍ରୁତ ଗତିରେ ଆଗେଇ

Digitized by PPRACHIN, SOA

ଚାଲିଛନ୍ତି, ଆଜି ଆମେରିକା କିପରି ପଛରେ ପଡ଼ିଯାଉଛି, ସେ କଥା ଆଲୋଚନା କରାଯାଉଛି । ଋଷିଆର ଏ କୃତିତ୍ୱ ଆମେରିକାରେ ଉତ୍ତେଜନା ସୃଷ୍ଟି କରିଛି । ଆମେରିକା ପଛରେ ପଡ଼ିଯାଉଛି ଏବଂ ପ୍ରତିଯୋଗିତାରେ କିପରି ପୁଣି ଶୀର୍ଷସ୍ଥାନକୁ ଆସିବ, ସେ ବିଷୟ ଅନୁଧ୍ୟାନ କରାଯାଉଛି । ସରକାର ଏଥିଲାଗି କୌଣସି ନିର୍ଦ୍ଦେଶ ଦେଇନାହାନ୍ତି । ୟୁନିଭରସିଟିର ଅଧ୍ୟାପକ ଏବଂ ଛାତ୍ରମାନେ ଏଥିଲାଗି ଉତ୍କଣ୍ଠିତ । ଏଥିରେ ଅଛି ଜାତୀୟତାର ଆହ୍ୱାନ ।

ମ୍ୟୁଜିଅମ୍ ଦେଖିବାକୁ ଗଲୁ । ଫିଲାଡେଲ୍‌ଫିଆ ସହର କିପରି ଭାବରେ ପର୍ଯ୍ୟାୟକ୍ରମେ ବଦଳି ଚାଲିଛି, ତାହାର ଏକ ସୁନ୍ଦର ଚିତ୍ର ପ୍ରଦର୍ଶିତ ହୋଇଛି । ଗତ ଦଶ ବର୍ଷରେ କିପରି ବିରାଟ ପରିବର୍ତ୍ତନ ସଂଘଟିତ ହୋଇଛି, ସେ ସବୁ ସୁନ୍ଦର ଭାବରେ ଚିତ୍ରିତ ହୋଇଛି । ସହରର ଐତିହାସିକ ଚିତ୍ର । ଗତିଶୀଳ ପରିବର୍ତ୍ତନ ଲାଗି ଲୋକଙ୍କର ଆଗ୍ରହ । ଏଥିରେ ପର୍ଯ୍ୟବସିତ ଏମାନଙ୍କର ଜୀବନ ପ୍ରବାହ । ଆମ ପରି ଖାଲି ପ୍ରାଚୀନ ପ୍ରତ୍ନତତ୍ତ୍ୱକୁ ଗଣ୍ଠିଧନ କରି ରୋମନ୍ଥନ କରିବାର ପ୍ରବୃତ୍ତି ଏଠାରେ ନାହିଁ ।

ପରଦିନ ପୁଣି ଗଲି ପେନ୍‌ସିଲଭାନିଆ ୟୁନିଭରସିଟିକୁ । କ୍ଲାଇନ୍ (Klein) ଏବଂ ବ୍ରାଉନ୍ (Norman Brown) ପ୍ରଖ୍ୟାତ ଅର୍ଥନୀତିଜ୍ଞ । ତାଙ୍କ ସହିତ ଦେଖାହେଲା । ତାଙ୍କ ଲେଖା ସହିତ ମୁଁ ସୁପରିଚିତ । ପ୍ରଫେସର ବ୍ରାଉନ୍ ଦକ୍ଷିଣ ଏସିଆ ବିଷୟରେ ଗୋଟିଏ ସେମିନାର କରିଥିଲେ । ତାଙ୍କ ନିଜର ପୁସ୍ତକାଗାର ଦେଖିଲି । ଭାରତ-ବର୍ଷ ବିଷୟରେ ବହୁ ପୁସ୍ତକ, ସରକାରୀ ରିପୋର୍ଟ, ବିଭିନ୍ନ କମିସନ୍‌ର ରିପୋର୍ଟ ସଂଗ୍ରହ କରିଛନ୍ତି । ଏ ଦେଶରେ ଅନେକ କଲେଜ ଏବଂ ୟୁନିଭରସିଟିରେ ଦକ୍ଷିଣ ପୂର୍ବ ଏସିଆ ଏବଂ ଭାରତବର୍ଷ ବିଷୟରେ ବହୁ ତଥ୍ୟ ସଂଗ୍ରହ କରାଯାଉଛି ଏବଂ ଗବେଷଣା କରାଯାଉଛି । ପୂର୍ବେ ପାଶ୍ଚାତ୍ୟ ଅର୍ଥନୈତିକ ପ୍ରଗତି ବିଷୟରେ ଆଲୋଚନା ଚାଲିଥିଲା । ଦ୍ୱିତୀୟ ମହାଯୁଦ୍ଧ ପରେ ଦକ୍ଷିଣପୂର୍ବ ଏସିଆର ଆର୍ଥିକ ପ୍ରଗତି ବିଶେଷ

Digitized by PPRACHIN, SOA

ଭିତରେ ଅନୁଧ୍ୟାନ କରୁଯାଉଛି । ସ୍ୱିଡେନ୍‌ର ଗୁନାର ମିରଡାଲ୍‌ ଏସିଆନ ନାଟକ (Asian drama) ଶୀର୍ଷକ ତାଙ୍କର ବୃହତ୍ ପୁସ୍ତକରେ ଏସିଆର ଦାରିଦ୍ର୍ୟ ବିଷୟରେ ଅନୁଧ୍ୟାନ କରି ନୋବେଲ୍‌ ପୁରସ୍କାର ପାଇଛନ୍ତି ।

ସନ୍ଧ୍ୟାରେ ଛାତ୍ରଛାତ୍ରୀମାନେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ସେଥିରେ ଥିଲା ନୃତ୍ୟ, ସଙ୍ଗୀତ, ଅଭିନୟ । ମଞ୍ଚ ଉପର ସାଜସଜ୍ଜା, ଦରିପାଟି ଏବଂ ବିଭିନ୍ନ ବାଦ୍ୟର ସମାବେଶ ସବୁ ଆକର୍ଷଣୀୟ ହୋଇଥିଲା । ଛାତ୍ରମାନେ ସବୁ ଆୟୋଜନ କରିଥିଲେ । କାହାରି ତତ୍ତ୍ୱାବଧାନର ଆଶ୍ରୟ ନେଇ ନ ଥିଲେ । ବାହାରୁ କୌଣସି ସହାୟତା ଲୋଡ଼ି ନ ଥିଲେ । ଆମ ଦେଶରେ କଲେଜ ଏବଂ ବିଶ୍ୱ-ବିଦ୍ୟାଳୟରେ ଯେପରି ସାଂସ୍କୃତିକ ସମାବେଶ ଅନୁଷ୍ଠିତ ହୁଏ, ସେସବୁ ଅତି ଉଚ୍ଚ ସ୍ତରର । ପାର୍ଥକ୍ୟ ଏତିକ, ଏ ଦେଶରେ ବିଭିନ୍ନ ଯାନ୍ତ୍ରିକ ଆଭରଣ । ଏ ଦେଶର ବାଦ୍ୟଯନ୍ତ୍ର ଆମ ଦେଶରେ ପ୍ରବେଶ କଲଣି ।

ଆରଦିନ ଗଲି ସ୍ୱାର୍ଥମୋର କଲେଜକୁ (Swarthmore College । ଫିଲାଡେଲ୍‌ଫିଆଠାରୁ ପ୍ରାୟ ୧୭ ମାଇଲ୍‌ । କ୍ୱେକର୍ (Quaker) ମାନଙ୍କ ଦ୍ୱାରା ଏ କଲେଜ ସ୍ଥାପିତ ହୋଇଛି । ଆଣ୍ଟିଅକରେ କ୍ୱେକରଙ୍କ ଅନୁଷ୍ଠାନ ଦେଖିଥିଲି । ସ୍ୱାର୍ଥମୋର୍ କଲେଜଟି କ୍ୱେକର ଅନୁଷ୍ଠାନ ବୋଲି ଘୋଷିତ ହୋଇନାହିଁ । କଲେଜରେ ଛାତ୍ର ସଂଖ୍ୟା ମାତ୍ର ନଅଶହ । ପରିଚାଳକମାନେ ଛାତ୍ରସଂଖ୍ୟା ବଢ଼ାଇବା ପାଇଁ ଅନିଚ୍ଛୁକ । ସେଥିରେ କ୍ୱେକର ଆଦର୍ଶ ସଙ୍କୁଚିତ ହୋଇପାରେ । ସେମାନେ ବାଛୁରି ଛାତ୍ର ନିଅନ୍ତି । ଆମେରିକାରେ ଯେତେଗୁଡ଼ିଏ ସ୍ନାତକ କଲେଜ ଅଛି, ସ୍ୱାର୍ଥମୋର ସେ ସବୁ ମଧ୍ୟରେ ଶୀର୍ଷସ୍ଥାନୀୟ ୫।୬ଟି ମଧ୍ୟରେ ପରିଗଣିତ । ଏ ଦେଶରେ କଲେଜ ଏବଂ ୟୁନିଭରସିଟି ନିଜ ନିଜ ଅନୁଷ୍ଠାନର ଛାତ୍ରମାନଙ୍କୁ ପରୀକ୍ଷା କରନ୍ତି । ବାହାରୁ କେହି ପରୀକ୍ଷକ ହୋଇ ଆସନ୍ତି ନାହିଁ । ସ୍ୱାର୍ଥମୋର କଲେଜରେ ଏହାର ପରିବର୍ତ୍ତନ

Digitized by PPRACHIN, SOA

କରାଯାଇଛି । ପ୍ରଥମ ଦୁଇବର୍ଷର ଛାତ୍ରଙ୍କୁ କଲେଜ ପରୀକ୍ଷା କରନ୍ତି । ତୃତୀୟ ଏବଂ ଚତୁର୍ଥ ଶ୍ରେଣୀରେ ଅନର୍ସ (Honours) ଛାତ୍ରମାନେ ବାହାର ପରୀକ୍ଷକଙ୍କ ଦ୍ୱାରା ପରୀକ୍ଷିତ ହୁଅନ୍ତି ।

ପ୍ରଫେସର୍ ୱେଦର୍ ଫୋର୍ଡ୍ (Weatherford) ଏବଂ ତାଙ୍କ ପତ୍ନୀଙ୍କ ସହିତ ତାଙ୍କ ଘରେ ମଧ୍ୟାହ୍ନଭୋଜନ କଲି । ଏମାନେ କ୍ୱେକର୍ । କହୁଥିଲେ ପାଇଁ ସମ୍ବଲପୁରର ବରପାଳି ଯାଇଥିଲେ । ଭାରତର ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି । ତାଙ୍କ ସାଙ୍ଗରେ କଥାବାର୍ତ୍ତା କଲି । ଆନନ୍ଦ ଲାଗିଲା । ସେ ସମ୍ବଲପୁରର ଅଭିଜ୍ଞତା ବର୍ଣ୍ଣନା କଲେ । ଅନେକ ସମୟ ତାଙ୍କ ପାଖରେ ରହିଲି ।

ଆମେରିକାର ସବୁ ଅନୁଷ୍ଠାନରେ ଯେପରି, ଶିକ୍ଷା କ୍ଷେତ୍ରରେ ମଧ୍ୟ ସେହିପରି ବିଭିନ୍ନ ପ୍ରଣାଳୀ ଅଛି, ପ୍ରକ୍ରିୟା ଅଛି, ଆଦର୍ଶ ଅଛି । ବନ୍ଧନ, ପ୍ରତିବନ୍ଧ ଏବଂ ସମୃଦ୍ଧି ସବୁଆଡ଼େ ବ୍ୟାପିଛି । ମାତ୍ର ଆମ ଦେଶରେ ଗତାନୁଗତିକ ଶିକ୍ଷା ପଦ୍ଧତି ସବୁଆଡ଼େ ପ୍ରଚଳିତ । ଖାଲି ଧନିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଅଛି ୟୁରୋପୀୟ ଢାଞ୍ଚାରେ ପବ୍ଲିକ୍ ସ୍କୁଲ । ସେଥିରେ କୌଣସି ଆଦର୍ଶ ନାହିଁ । ସେବା ଏବଂ ତ୍ୟାଗର ପ୍ରକରଣ ନାହିଁ । ଅଛି ଶ୍ରେଣୀଗତ ସୁବିଧାବାଦ । ଆମେରିକାର ବିଭିନ୍ନ ସ୍ଥାନରେ ବିଭିନ୍ନ ପନ୍ଥା, ପ୍ରଣାଳୀ, ଆଦର୍ଶ କାର୍ଯ୍ୟକାରୀ କରିବା ଲାଗି ଆଗ୍ରହ । ବିଭିନ୍ନ ସ୍ଥାନରେ ନୂତନତାର ସନ୍ଧାନ କରାଯାଉଛି । ଏ ମନୋବୃତ୍ତି ପ୍ରଗତିର ସହାୟକ ଏବଂ ପରିପୂରକ ।

ଦେଖିଲି, ଫିଲାଡେଲଫିଆ ଇନ୍କ୍ୱାଇଅର୍ (Philadelphia Inquirer) ସମ୍ବାଦପତ୍ରର ସମ୍ପାଦକୀୟ ସ୍ତମ୍ଭରେ ଏକ ବିଚିତ୍ର ଲେଖା ପ୍ରକାଶ ପାଇଛି । ଆମେରିକାରେ ନିଶାନିବାରଣ ଆଇନ୍ ବହୁବର୍ଷ ପୂର୍ବେ ପ୍ରବର୍ତ୍ତିତ ହୋଇଥିଲା । ସେ ବିଧି ବିଫଳ ହେଲା । ସେଥିରେ ବେଆଇନବାର, ଶଠତା, ପ୍ରତାରଣା, ଦୌରାତ୍ମ୍ୟ ବଢ଼ି ଲାଗିଲା । ତେଣୁ ବର୍ଷ ତଳେ ଏ ନିଶାନିବାରଣ ଆଇନ୍ ପ୍ରତ୍ୟାହାର କରାଗଲା । ଏହି

Digitized by PPRACHIN, SOA

ଚିତ୍ତାଧାର ଅବସର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଉତ୍ସବ ପାଳନ କରାଯାଉଛି । ଆଶ୍ଚର୍ଯ୍ୟ ଏ ଉତ୍ସବ ! ପଚିଶ ବର୍ଷ ହେଲା ନିଶାନିବାରଣ ଆଇନ୍ ପ୍ରତ୍ୟାହୃତ ହୋଇ ମଧ୍ୟ ସବୁ ଅପରାଧ ବଢ଼ି ଚାଲିଛି ।

ମହାତ୍ମା ଗାନ୍ଧୀ ସ୍ୱାଧୀନତା ସଂଗ୍ରାମରେ ନିଶାନିବାରଣକୁ ମୁଖ୍ୟ ସ୍ଥାନ ଦେଇଥିଲେ । ମାଦକଦ୍ରବ୍ୟ ଦୋକାନ ଆଗରେ ସତ୍ୟାଗ୍ରହ କରି ବହୁ କର୍ମୀ ଲାଠି ପ୍ରହାର ପାଇଥିଲେ, ଜେଲ ଦଣ୍ଡ ମଧ୍ୟ ଭୋଗିଥିଲେ । ଗାନ୍ଧୀଜିଙ୍କର ତିରୋଧାନ ପରେ ଏ ଉଦ୍ଦେଶ୍ୟ ଶୀତଳ ଭଣ୍ଡାରରେ ନିକ୍ଷିପ୍ତ ହୋଇଛି । ମାଦକ ଦ୍ରବ୍ୟ ସେବନ ବଢ଼ି ଚାଲିଛି । ଅବକାରୀ ଦୋକାନ ବୃଦ୍ଧି ପାଉଛି । ସରକାରୀ ଆୟ ବଢ଼ୁଛି । ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନେ ଏ ନିବାରଣକୁ ପରିହାର କରିଛନ୍ତି ।

ପରଦିନ ସହରର ବିଭିନ୍ନ ସ୍ଥାନ ବୁଲିଲି । ଜଣେ ଯୁବକ ତାଙ୍କ ଗାଡ଼ି ଆଣି ଆସିଲେ । ଆମର ଠିକଣା ସେ ଜାଣିଲେ କିପରି ? ତାଙ୍କୁ କିଏ ଖବର ଦେଲା ? ଆମେ ଜାଣିପାରିଲୁ ନାହିଁ । ସେ କାଖରେ ଆଶ୍ରା-ବାଡ଼ି ଦେଇ ଚାଲୁଥିଲେ । ମାତ୍ର ଗାଡ଼ି ଚଳାଇବାରେ ତାଙ୍କର କିଛି ଅସୁବିଧା ହେଉ ନ ଥିଲା । ସେ ତାଙ୍କ ଗାଡ଼ିରେ ଆମକୁ ପାଞ୍ଚଘଣ୍ଟା ଧରି ବୁଲାଇଲେ । ବିଭିନ୍ନ ସ୍ଥାନ ବିଷୟରେ ସୂଚନା ମଧ୍ୟ ଦେଉଥାନ୍ତି । ସ୍ୱାଧୀନତା ଭବନ ଏବଂ ସମ୍ବିଧାନ ଭବନକୁ ପୁଣି ଥରେ ଗଲୁ । ସେ ସବୁ ବୁଝାଇଲେ । ସେ ସ୍ୱେଚ୍ଛାସେବୀ । ବିଦେଶୀ ପର୍ଯ୍ୟଟକମାନଙ୍କୁ ସମ୍ବର୍ଦ୍ଧନା କରି ସକଳ ଦର୍ଶନୀୟ ସ୍ଥାନ ଦେଖାଇବାରେ ତାଙ୍କର ଆନନ୍ଦ । ଏପରି ସ୍ୱେଚ୍ଛାସେବୀ ବିଭିନ୍ନ ସହରରେ ଅଛନ୍ତି । ଏଇଟି ଏ ଦେଶ ସଂସ୍କୃତିର ଏକ ଅଙ୍ଗ ।

ସନ୍ଧ୍ୟାରେ ପ୍ରଫେସର ନର୍ମାନ ପାମର୍ (Norman Palmer) ଏବଂ ତାଙ୍କ ପତ୍ନୀ ଆମକୁ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କରିଥିଲେ । ଡକ୍ଟର ପାମର୍ ରାଜନୀତି ବିଜ୍ଞାନରେ ଜଣେ ପ୍ରଖ୍ୟାତ ପ୍ରଫେସର୍ । ଆଉ କେତେଜଣ ଅଧ୍ୟାପକ ମଧ୍ୟ ନିମନ୍ତ୍ରିତ ହୋଇଥିଲେ । ଆମେ ତିନିଜଣଯାକ

Digitized by PPRACHIN, SOA

ଯାଇ ତାଙ୍କ ଘରେ ପହଞ୍ଚିଲୁ । କଲିକତାର ବରିଷ୍ଠ ଇତିହାସ ଅଧ୍ୟାପକ ରମେଶ ଚନ୍ଦ୍ର ମଜୁମଦାର ମଧ୍ୟ ସେଠାକୁ ଆସିଥିଲେ । ସେ ରେଭେନ୍‌ସା କଲେଜକୁ ମଧ୍ୟ କେତେ ଥର ଆସିଛନ୍ତି । ଆମ କଲେଜ କଥା ମୋତେ ପଚାରିଲେ । ଇତିହାସ ଅଧ୍ୟାପକ ଘନଶ୍ୟାମ ଦାସଙ୍କ କଥା ପଚାରିଲେ । କିପରି ଅଛନ୍ତି, ଇତ୍ୟାଦି । ତା'ପରେ କହିଲେ, ସିପାହୀ ବିଦ୍ରୋହ ବେଳେ ଝାନ୍‌ସିରାଣୀ ଖୁର୍ଦ୍ଦାଖୁଣ୍ଟିଆଙ୍କ ପାଖକୁ ଏକ ଚିଠି ଲେଖିଥିଲେ । ଖୁର୍ଦ୍ଦା-ଖୁଣ୍ଟିଆ ଯାଇ ଏ ଯୁଦ୍ଧରେ ଲଢ଼ିଥିଲେ । ଏ ଚିଠି ଖଣ୍ଡିକ ଘନଶ୍ୟାମ ଦାସ ତାଙ୍କ ପାଖକୁ ପଠାଇଛନ୍ତି । ପ୍ରଫେସର ମଜୁମଦାର କହିଲେ, ସେ ଚିଠି ଖଣ୍ଡିକ କପୋଳକଳ୍ପିତ । ସେ ସବୁ ଘଟଣା ଅସତ୍ୟ । ଏ ବିଷୟ ସେଠାରେ ବର୍ଣ୍ଣନା କରିବାର କ'ଣ ଉଦ୍ଦେଶ୍ୟ ଥିଲା ? ସେ ଜଣେ ବରିଷ୍ଠ ଅଧ୍ୟାପକ । ବିଶିଷ୍ଟ ଅଧ୍ୟାପକ ଭାବରେ ଭାରତରେ ସୁପରିଚିତ । ମୁଁ କିଛି କହିଲି ନାହିଁ ।

ନର୍ମାନ ପାମର୍ ଭାରତୀୟ ସମ୍ବିଧାନ ଏବଂ ଭାରତ ଶାସନର ଇତିହାସ ବିଷଦ୍ ଭାବରେ ଅନୁଧ୍ୟାନ କରିଛନ୍ତି । ଆମ ସମ୍ବିଧାନ ବିଷୟରେ କେତେକ ଟିପ୍‌ପଣୀ ଦେଲେ । ସ୍ୱାଧୀନତା ପ୍ରାପ୍ତି ପରେ ଭାରତ ନିଜର ସମ୍ବିଧାନ ପ୍ରଣୟନ କରିଛି । ମାତ୍ର ବ୍ରିଟିଶ ସରକାରଙ୍କ ପ୍ରଣୀତ ୧୯୩୫ ମସିହା ଶାସନ ପଦ୍ଧତିର ଯେଉଁସବୁ ଅଂଶକୁ କଂଗ୍ରେସ କଡ଼ା ସମାଲୋଚନା କରିଥିଲା, ଯେଉଁସବୁ ଅଂଶ ଉପେକ୍ଷିତ ହୋଇଥିଲା, ସେଗୁଡ଼ିକ ସମ୍ବି-ଧାନରେ ଅନ୍ତର୍ଭୁକ୍ତ ହୋଇଛି । ବ୍ରିଟିଶ ସରକାର ତାଙ୍କର କର୍ତ୍ତୃତ୍ୱ ବଜାୟ ରଖିବା ପାଇଁ ଯେଉଁସବୁ ବିଧାନ ଖଞ୍ଜିଥିଲେ, ସମ୍ବିଧାନରେ ସେ ସବୁ ସନ୍ନିବିଷ୍ଟ ହୋଇଛି । ଭାରତ ବ୍ରିଟିଶ ଶାସନର ଉତ୍ତରାଧିକାରୀ ଭାବରେ ଏସବୁ ଗ୍ରହଣ କରିଛି । ପ୍ରଫେସର ମଜୁମଦାର ଏ ବିଷୟରେ କିଛି ମନ୍ତବ୍ୟ ଦେଲେ ନାହିଁ । ପ୍ରଫେସର ପାମର ଏ ବିଷୟରେ ଏକ ପୁସ୍ତକ ପ୍ରଣୟନ କରିଛନ୍ତି ।

ଇନ୍ଦିରା ଗାନ୍ଧୀ ଆମେରିକା ଯାଇଥିଲାବେଳେ ଡକ୍ଟର ପାମର୍ ତାଙ୍କ ସହିତ ସାକ୍ଷାତ କରିଥିଲେ । ତାଙ୍କର ଛବି SPAN ପତ୍ରିକାରେ ପ୍ରକାଶିତ ହୋଇଛି ।

Digitized by PPRACHIN, SOA

ଫିଲାଡେଲ୍‌ଫିଆ ଆମେରିକା ସ୍ୱାଧୀନତା ସଂଗ୍ରାମର କୁରୁକ୍ଷେତ୍ର । ସମ୍ବିଧାନ ପ୍ରଣୟନର ପୂଣ୍ୟ ପୀଠ । ଆମେରିକା ସଂସ୍କୃତିର ଆଦ୍ୟଧାମ । ଏ ସହରରେ କଳକାରଖାନା ନାହିଁ । କେଉଁଠାରେ ଧୂଆଁ ଧୂଳି ଦେଖିଲୁ ନାହିଁ । ଅଛି ବହୁତ୍ତ ପାର୍କ । ଗଛବୃକ୍ଷରେ ପରିପୂର୍ଣ୍ଣ । ସବୁଆଡ଼ ବୁଲି ଦେଖିବାର ସୁଯୋଗ ପାଇଲୁ । ସବୁ ସହର ପରି ଏଠାରେ ଅଛି ରମ୍ୟ ଅଟ୍ଟାଳିକା । ମାତ୍ର ଜନାକୀର୍ଣ୍ଣ ନୁହେ । କୋଳାହଳ ନାହିଁ । ଏଠାରେ ଆତିଥେୟତା ଲାଗି ଖ୍ୟାତି ଅଛି । ତାକୁ ମଧ୍ୟ ଉପଭୋଗ କଲୁ ।

ଫିଲାଡେଲଫିଆରେ ରହଣି ଶେଷ ହେଲା । ଆସିଲି ଗ୍ରେ ହାଉଣ୍ଡ ବସ୍‌ରେ ପିଟସ୍‌ବର୍ଗ । ସାରାଦିନ ଲାଗିଗଲା । ଆଉ ଏ ଭଳି ବୁଲିବାକୁ ସୁଖ ଲାଗୁ ନ ଥାଏ । ପୁଣି ମୁଁ ଏକା । ସାଙ୍ଗରେ କେହି ନାହିଁ । ଦୁଇ ଜଣଯାକ ବନ୍ଧୁ ଆଗରୁ ଚାଲିଯାଇଥାନ୍ତି । ଗାଡ଼ି ଭିତରେ ବସି ରହିଥାଏ । ବସ୍ ରାତି ଦଶଟାରେ ପିଟସ୍‌ବର୍ଗରେ ପହଞ୍ଚିଲା । ତୁଷାର ବୃଷ୍ଟି ଚାଲିଥାଏ । ଭୀଷଣ ଥଣ୍ଡା । ସବୁଆଡ଼ ଅନ୍ଧାର । ବସ୍ ଷ୍ଟେସନରୁ ଗୋଟିଏ ଟାକ୍‌ସି ମିଳିଗଲା । ସାହସ ହେଲା । ଯେଉଁଠାରେ ରହିବା ଲାଗି ବ୍ୟବସ୍ଥା ହୋଇଥିଲା, ଟାକ୍‌ସି ଆଣି ସେଇଠାରେ ପହଞ୍ଚାଇ ଦେଲା । ଘର ଠଉରେଇବାକୁ କିଛି ସମୟ ଲାଗିଗଲା । ଜୁଡ଼ୁବୁଡ଼ୁ ଓଦା ହୋଇଗଲି । ଦେହ କମ୍ପୁଥାଏ । ଓଭର୍ କୋଟ୍‌ଟାକୁ ଫିଙ୍ଗିଦେଇ, ଉଷ୍ମ ଘର ଭିତରେ ପଶିଗଲି । କଫି ମାଗିଲି । ସାଙ୍ଗେ ସାଙ୍ଗେ ଆସିଗଲା ।

Digitized by PPRACHIN, SOA

ପିଟ୍‌ସବର୍ଗ

ପିଟସ୍‌ବର୍ଗ ଏଇ ପେନ୍‌ସିଲ୍‌ଭାନିଆ ରାଜ୍ୟରେ ଅବସ୍ଥିତ । ଆମେରିକାର ଇସ୍ପାତ ନଗରୀ । ନିକଟରେ କୋଇଲାଖଣି, ପେଟ୍ରୋଲ ଖଣି ଏବଂ ଲୁହାପଥର । ଇସ୍ପାତ ନଗରୀ ପାଇଁ ଉପଯୁକ୍ତ ସ୍ଥାନ । ଆମେରିକା ସ୍ୱାଧୀନ ହେବା ପୂର୍ବରୁ ବ୍ରିଟେନର ଉପନିବେଶ ହୋଇ ରହିଥିଲା । ସେ ସମୟରୁ ଇସ୍ପାତ କାରଖାନା ସ୍ଥାପିତ ହୋଇଛି । ପିଟ୍‌ ସେତେବେଳେ ବ୍ରିଟେନର ପ୍ରଧାନମନ୍ତ୍ରୀ । ତାଙ୍କରି ନାମ ଅନୁସାରେ ଏ ସହରର ନାମ ଦିଆଯାଇଛି ପିଟସ୍‌ବର୍ଗ । ଆଣ୍ଡ୍ରୁ କାର୍ନେଜିଙ୍କର ବାସ-ସ୍ଥାନ ଥିଲା ଏହି ଅଞ୍ଚଳରେ । ସେ ଇସ୍ପାତ କାରଖାନା ସ୍ଥାପନ କଲେ । ଫୋର୍ଡ଼ ଆମେରିକାର ମଟର ସମ୍ରାଟ । ରକ୍‌ଫେଲର୍‌ ପେଟ୍ରୋଲ ସମ୍ରାଟ ଆଉ କାର୍ନେଜି ଇସ୍ପାତ ସମ୍ରାଟ୍‌ ।

ପ୍ରଥମେ କେଉଁ ସହରକୁ ଗଲେ ୟୁନିଭରସିଟି ଦେଖିବାକୁ ଇଚ୍ଛା ହୁଏ । ପିଟ୍‌ସବର୍ଗ ୟୁନିଭରସିଟି ୪୧ ମହଲା ବିଶିଷ୍ଟ ଅଟ୍ଟାଳିକାରେ ଅବସ୍ଥିତ । ଏ ଦେଶରେ ବହୁ ଉତ୍ତୁଙ୍ଗ ପ୍ରାସାଦ ଦେଖିଲାଣି । ତା'ଭିତରକୁ ଯିବାପାଇଁ ଆଗ୍ରହ ହେଲା ନାହିଁ ।

ଆମେ ଦଶଜଣିଆ ଦଳ ଆସିଛୁ ଆମେରିକାରେ ଉଚ୍ଚଶିକ୍ଷାର ପ୍ରଣାଳୀ ଏବଂ ପରୀକ୍ଷା ପଦ୍ଧତି ଅନୁଧ୍ୟାନ କରି ଏକ ରିପୋର୍ଟ ଦେବୁ । ଆମେ ବିଭିନ୍ନ କଲେଜ ଏବଂ ୟୁନିଭରସିଟିକୁ ଯାଇ ତଥ୍ୟ ସଂଗ୍ରହ କଲୁଣି । ଏଥର ଏକାଠି ବସି ରିପୋର୍ଟ ପ୍ରସ୍ତୁତ କରିବୁ । ଆମେ ପ୍ରତ୍ୟେକେ ଯାହା ଦେଖିଛୁ, ତଦନୁଯାୟୀ ମତାମତ ପ୍ରକାଶ କରିବୁ । ସେ ବିଷୟରେ ବହୁତ ଆଲୋଚନା ହେଲା । ସେ ସବୁ ଲିପିବଦ୍ଧ କରିବାକୁ ଦିନସାରା ଲାଗିଗଲା । ବରିଷ୍ଠ ଷ୍ଟେନୋଗ୍ରାଫର୍‌ ସେଗୁଡ଼ିକ ଟିପୁଥିଲା ।

Digitized by PPRACHIN, SOA

ତା'ର ଇଂରେଜି ଉଚ୍ଚାରଣ ଏବଂ ଆମ ଉଚ୍ଚାରଣ ଭିତରେ ବହୁ ପାର୍ଥକ୍ୟ । ସେ ବୋଧହୁଏ ଆମ ଭାଷା ଠିକ୍ ବୁଝିପାରୁ ନ ଥିଲା । ଯାହାହେଉ, ପାଞ୍ଚଦିନ ବ୍ୟାପି ଆଲୋଚନା ପରେ, ଗୃହଜଣଙ୍କୁ ଦାୟିତ୍ୱ ଦିଆଗଲା, ଆମର ଆଲୋଚନା ଅନୁଯାୟୀ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ।

ଏ ରିପୋର୍ଟ ତ ଆମେ ଓ୍ୱାଶିଙ୍ଗଟନ୍‌ରେ ପ୍ରସ୍ତୁତ କରି ପାରିଥାନ୍ତୁ । ପିଟ୍‌ସବର୍ଗ ଅସିଲୁ କାହିଁକି ? ଆମେରିକାୟ ଶିକ୍ଷା କାଉନ୍‌ସିଲ ପିଟସବର୍ଗରେ ତିନଦିନ ସେମିନାର କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ସେଥିରେ ଯୋଗ ଦେବାପାଇଁ ଆମକୁ ପରାମର୍ଶ ଦେଇଥିଲେ । ସେଥିପାଇଁ ଗୋଟିଏ ସ୍ଥାନରେ ଆମର ରିପୋର୍ଟ ଲେଖା ଏବଂ ସେମିନାରରେ ଯୋଗ ଦେବା ପାଇଁ ପିଟସ୍‌ବର୍ଗ ଆସିଲୁ । ଏ ସେମିନାରରେ ଅନେକ ବିଶିଷ୍ଟ ଆମେରିକାନ୍ ନିମନ୍ତ୍ରିତ ହୋଇ ଯୋଗ ଦେଇଥିଲେ ।

ପ୍ରଥମ ଦିନ ସକାଳେ ବିଷୟବସ୍ତୁ ଥିଲା 'ଆମେରିକାୟ ସଂସ୍କୃତିର ଧାରା' । ସେ ଦେଶର କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ ଇତ୍ୟାଦି ବିଷୟରେ ଆଲୋଚନା ହେଲା । ଯାନ୍ତ୍ରିକ ସଭ୍ୟତାର ପ୍ରସାର ସଙ୍ଗେ ସଙ୍ଗେ ସାଂସ୍କୃତିକ ପ୍ରଗତି କିଭଳି ଭାବରେ ଗତିଶୀଳ ହୋଇଛି, ସେ ବିଷୟରେ କେତେକ ମତଦ୍ୱୈଧ ପ୍ରକାଶ ପାଇଲା । କାହାରି କାହାରି ମତରେ, ବସ୍ତୁବାଦୀ ବ୍ୟବସାୟ ମନୋବୃତ୍ତିର ପରିସ୍ଥିତି ମଧ୍ୟରେ ସଂସ୍କୃତି ଉଧେଇ ପାରୁନାହିଁ । ଅନ୍ୟ କେତେକ ବକ୍ତା ଉଦାହରଣ ଦେଇ ଦର୍ଶାଇଲେ ଯେ ବ୍ୟବସାୟ-ପ୍ରଧାନ ପରିସ୍ଥିତି ମଧ୍ୟରେ ଚିତ୍ର, ସାହିତ୍ୟ, କଳା, ଚିତ୍ରଣ, ନୃତ୍ୟ, ସଙ୍ଗୀତ କ୍ଷେତ୍ରରେ ଅଗ୍ରଗତି ପ୍ରସାରିତ ହୋଇଛି ।

ଅପରାହ୍ଣରେ ବିଷୟବସ୍ତୁ ଥିଲା "ବ୍ୟକ୍ତିଗତ ସ୍ୱାଧୀନତା ଏବଂ ସାମାଜିକ ଜୀବନ" । ଏ ଦେଶରେ ବ୍ୟକ୍ତିଗତ ସ୍ୱାଧୀନତାର ପ୍ରାଧାନ୍ୟ

Digitized by PPRACHIN, SOA

ସବୁ କ୍ଷେତ୍ରରେ ଶୀର୍ଷ ଆସନ ପାଇ ଆସିଛି । ତାହାର ଉପରେ ଆଧାରିତ ମାର୍କିନ ଗଣରାଷ୍ଟ୍ର । ରାଜ୍ୟର ଶାସନରେ ଫେଡ଼େରାଲ ସରକାର କୌଣସି ପ୍ରକାର ହସ୍ତକ୍ଷେପ କରିପାରିବେ ନାହିଁ । ରାଜ୍ୟରେ ନିର୍ବାଚିତ ଗଭର୍ଣ୍ଣରଙ୍କ ଉପରେ ରାଷ୍ଟ୍ରପତିଙ୍କର କୌଣସି ପ୍ରକାର କ୍ଷମତା ନାହିଁ । ଆମେରିକାରେ ଦୁଇଟି ରାଜନୈତିକ ଦଳ । ଗୋଟିଏ ରିପବ୍ଲିକାନ; ଅନ୍ୟଟି ଡେମକ୍ରାଟିକ୍ । ରାଷ୍ଟ୍ରପତି ଏବଂ ଗଭର୍ଣ୍ଣରମାନେ ପୃଥକ ଦଳର ହୋଇପାରନ୍ତି । ସେଥିରେ କୌଣସି ପ୍ରକାର ବିଶୃଂଖଳା ଉପୁଜେ ନାହିଁ ।

ସନ୍ଧ୍ୟାରେ ପିଟସ୍‌ବର୍ଗ ନିକଟସ୍ଥ ରିଚମଣ୍ଡ (Richmond) ସହରକୁ ଗଲୁ । ଆମକୁ କେତେକ ପରିବାର ନିମନ୍ତ୍ରଣ କରିଥିଲେ । ଆମେ ଦଶଜଣ ଦୁଇଜଣ ଲେଖାଏଁ ବାଣ୍ଟି ହୋଇକରି ଗଲୁ । ମୋର ବନ୍ଧୁ ପିଲାଇ ଏବଂ ମୁଁ ଯାଇଥିଲୁ ମିଷ୍ଟର୍ ଏବଂ ମିସେସ୍ ଭରଷ୍ଟ୍ରିଜଙ୍କ (Verstrig) ଘରକୁ । ଆଦର ଅଭ୍ୟର୍ଥନା ଉପଭୋଗ କଲୁ । ବହୁ ସମୟ କଥାବାର୍ତ୍ତା ହେଲା । ଏ ପ୍ରକାର ଆଗ୍ରହ ଏବଂ ସମ୍ବର୍ଦ୍ଧନା ଆମେ ବହୁଠାରେ ପାଇଛୁ । ସବୁ ସହରରେ ଏଭଳି ଅନେକ ଲୋକ ଅଛନ୍ତି, ଯେଉଁମାନେ ବିଦେଶୀ ଅତିଥିଙ୍କୁ ଘରକୁ ଡାକି ସମ୍ବର୍ଦ୍ଧନା କରନ୍ତି । ଆଜି ସଂସ୍କୃତି ବିଷୟରେ ଯେଉଁ ଆଲୋଚନା ହେଲା, ସେଥିରେ ଏ ଦେଶର ଆତିଥେୟତା ସଂସ୍କୃତିର ଏକ ଆକର୍ଷଣୀୟ ଅଙ୍ଗ ବୋଲି ବିବେଚିତ ହେବାର କଥା ।

ଆଉ ଦିନ ସେମିନାର । ବିଷୟ ବସ୍ତୁ—ଆମେରିକୀୟ ସମାଜ । ଭାରତୀୟ ସମାଜ ଏବଂ ଆମେରିକୀୟ ସମାଜ ମଧ୍ୟରେ ବହୁ ତାରତମ୍ୟ । ସହର ଜୀବନ, ଗ୍ରାମ ଜୀବନ । କଳକାରଖାନା, ବାଣିଜ୍ୟ ବ୍ୟବସାୟ । ପରିବାର, ବିବାହ, ଛାଡ଼ପତ୍ର ଇତ୍ୟାଦି ବିଷୟରେ ଆଲୋଚନା ହେଲା । ପ୍ରତି କ୍ଷେତ୍ରରେ, ତାଙ୍କ ଦେଶ ଏବଂ ଆମ ଦେଶ ମଧ୍ୟରେ ବହୁତ ପାର୍ଥକ୍ୟ । ସେଥିସଙ୍ଗେ ଆମ ଦେଶରେ ଯାହା ଥିଲା, ତାକୁ ଆମେ ଜାବୁଡ଼ି ଧରିଛୁ । ସେ ଦେଶରେ ପ୍ରତ୍ୟେକ ସ୍ତରରେ ପରିବର୍ତ୍ତନ ହୋଇଚାଲିଛି । ଏହିଟି ସାଧାରଣ ବିବର୍ତ୍ତନର ପ୍ରକ୍ରିୟା । ପରିବର୍ତ୍ତନ ହିଁ ପ୍ରଗତିର

Digitized by PPRACHIN, SOA

ଆୟୁଧ । ସେଥିରେ ଭଲ ମନ୍ଦ ବସ୍ତୁର ପ୍ରବେଶ କରେ । ଅଷ୍ଟାଦଶ ଶତାବ୍ଦୀରେ ଅଗ୍ରଗତ ବିଶ୍ୱାସ ହୋଇପାରେ ମନେ ପଡ଼ିଲା ପଣ୍ଡିତ ନୀଳକଣ୍ଠଙ୍କର ପ୍ରବନ୍ଧ—"ଆମର ଥିଲା, ତେଣୁ କାରଣ ଥିବ" ।

ଅପରାହ୍ଣରେ ସହରର କେତେକ ଅଞ୍ଚଳ ବୁଲିବାକୁ ଗଲୁ । ଭୀଷଣ ଥଣ୍ଡା । ମଟରର ଗାଡ଼ି ଭିତରୁ ବାହାରିବା ଅସମ୍ଭବ । ଟିକିଏ ହାତ କାଢ଼ିଲେ ଦେହ କମ୍ପି ଯାଏ । ମଟର ଭିତରେ ବସି ଅନେକ ଆଡ଼େ ବୁଲି ଆସିଲୁ । ଏ ପର୍ଯ୍ୟନ୍ତ ଯେତେ ଜାଗାକୁ ଯାଇଛୁ, ଏଭଳି ଥଣ୍ଡା କୌଣସି-ଠାରେ ହେଉ ନ ଥିଲା । ସାମନାରେ ପଡ଼ିଲା ହ୍ରଦ ପରି ଗୋଟିଏ ଜଳାଧାର । ଧଳା ଦିଶୁଥାଏ । ପାଣି ଜମାଟ ବାନ୍ଧି ଯାଇଥାଏ । ପଥର ପରି ଟାଣ । ତା' ଉପରେ ଜୋତାରେ ଚକ ଲଗାଇ ଶିଶୁ, କିଶୋର, ଯୁବକମାନେ ଦୌଡ଼ି ମାରୁଥାନ୍ତି । ଏହି ତଡ଼ାଗ ଉପରେ ଗାଡ଼ି, ମଟର ମଧ୍ୟ ବୁଲୁଥାଏ । ଏଠାର ଲୋକେ ଥଣ୍ଡା ସହିତ ଅଭ୍ୟସ୍ତ । ସକଳ ପ୍ରକାର କ୍ରୀଡ଼ା ଲାଗି ଆଗ୍ରହୀ ।

ସନ୍ଧ୍ୟା ଆଠଟାରେ ପୁଣି ଏକ ସେମିନାର । ବିଷୟବସ୍ତୁ—ବର୍ଣ୍ଣଗତ ସମ୍ପର୍କ । ବିଶେଷ କରି ନିଗ୍ରୋଙ୍କ ସହିତ ସମ୍ପର୍କ ଆଲୋଚନା ହେଲା । ନିଗ୍ରୋମାନେ ଆମେରିକାର ଆଦିମ ଅଧିବାସୀ ନୁହନ୍ତି । ଇଉ-ରୋପୀୟ ଆଦିବାସୀମାନେ ସେମାନଙ୍କୁ କ୍ରୀତଦାସ ରୂପେ ଆଫ୍ରିକାରୁ ଆଣିଥିଲେ । ସେମାନଙ୍କୁ ଆଣି ନ ଥିଲେ ଆମେରିକାରେ ସେତେବେଳର କୃଷିକର୍ମ ସମାହିତ ହୋଇପାରି ନ ଥାନ୍ତା । ମାତ୍ର ଶ୍ୱେତାଙ୍ଗମାନେ ସେମାନଙ୍କ ସହିତ ମିଶିବା ପାଇଁ ଅନିଚ୍ଛୁକ । ଏଥିପାଇଁ ବହୁ ଆନ୍ଦୋଳନ ଚାଲିଛି । ଏଇଟି ଏ ଦେଶର ଏକ ଜଟିଳ ସମସ୍ୟା । ଏ ବିଷୟ ଜଣା-ଶୁଣା । ଏ ପର୍ଯ୍ୟନ୍ତ ଆର୍‌କାନସସ୍ ଏବଂ ଭର୍ଜିନିଆ ରାଜ୍ୟରେ କୃଷ୍ଣାଙ୍ଗ ଏବଂ ଶ୍ୱେତାଙ୍ଗ ପିଲାଏ ଏକତ୍ର ପଢ଼ିବା ସମ୍ଭବ ହେଲା ନାହିଁ । ବହୁ ଲୋକ ସମ୍ମିଶ୍ରଣ ପାଇଁ ଚେଷ୍ଟା କରି ଲାଗିଛନ୍ତି । କିଛି ସମାଧାନ ହୋଇ ପାରୁନାହିଁ । ସୁପ୍ରିମ କୋର୍ଟର ରାୟ ମଧ୍ୟ କାର୍ଯ୍ୟକାରୀ ହୋଇପାରୁ ନାହିଁ । ମାତ୍ର ଆମ ଦେଶରେ ଜାତିଭେଦ, ଅସ୍ପୃଶ୍ୟତା ଲାଗି ରହିଛି । ଗାନ୍ଧୀଜୀଙ୍କ

Digitized by PPRACHIN, SOA

ଅଭିଯାନ ସଫଳ ହୋଇ ପାରିଲା ନାହିଁ । ସେଥିରେ ନିଗ୍ରୋ ସମସ୍ୟା ବିଷୟରେ ଆମର ମତାମତ ବ୍ୟକ୍ତ କରିବା ସମୀଚୀନ ହୁଅନ୍ତା ନାହିଁ ।

ପରଦିନ ଆଉ ଗୋଟିଏ ସେମିନାର । ବିଷୟବସ୍ତୁ—ଆମେରିକାର ବୈଦେଶିକ ନୀତି ଏବଂ ଭାରତବର୍ଷ । ଏ ଆଲୋଚନାରେ କେତେଜଣ ଉତ୍ତେଜିତ ଭାବରେ ବକ୍ତୃତା ଦେଇଥିଲେ । ଜଣେ କହିଲେ, ଆମେରିକାର ସୈନ୍ୟ, ଯୁଦ୍ଧ ଜାହାଜ, ଯୁଦ୍ଧ ବିମାନ ଭାରତକୁ ରୁଷିଆ କବଳରେ ରକ୍ଷା କରିବ । ଭାରତ ଏଣୁ ଦମ୍ଭ ଉପରେ ନିର୍ଭର କରି ଏକ ନିରପେକ୍ଷ ଉଦାସୀନ ନୀତି ଅବଲମ୍ବନ କରି ରହୁଛି । ବାଡ ଉପରେ ବସିଛି । ଯେଉଁପଟେ ସୁବିଧା ହେବ, ସେଇ ପଟକୁ ଡେଇଁ ପଡ଼ୁଛି । ଆଶ୍ଚର୍ଯ୍ୟ କଥା । ମୁଁ ଏବଂ ଆଉ ଜଣେ ଏଥିରେ ସକ୍ରିୟ ଅଂଶ ଗ୍ରହଣ କଲୁ । ଆମେରିକା ସରକାର ପାକିସ୍ତାନ ଏବଂ ଚୀନ ସହିତ ନିବିଡ଼ ସମ୍ପର୍କ ରଖି ଚାଲିଛି । ଆମେରିକା ଏବଂ ରୁଷିଆ ଦୁଇ ବୃହତ ଶକ୍ତି ମଧ୍ୟରୁ କାହାରି ସହିତ ଭାରତ ଜଡ଼ିତ ହେବାକୁ ଚାହେଁ ନାହିଁ । ଏ ନିରପେକ୍ଷ ନୀତି ଆତ୍ମରକ୍ଷା ପାଇଁ ନୁହେଁ, ବୃହତଶକ୍ତି ଦ୍ୱୟଙ୍କ ଚିନ୍ତାଧାରା ପରିବର୍ତ୍ତନ କରିବା ପାଇଁ । ଏହା ଉଦାସୀନତା ନୁହେଁ, ବରଂ ନିର୍ଦ୍ଦେଶ । ସେମାନେ ପୁଣି କହିଲେ, କମ୍ୟୁନିଷ୍ଟମାନେ ସବୁ ଦେଶକୁ ଶୋଷିବାକୁ ଲାଗି ପଡ଼ିଛନ୍ତି । ତାହା ସେମାନଙ୍କର ଲକ୍ଷ୍ୟ । ଭାରତ ଏତିକ ବୁଝୁନାହିଁ କିପରି ? ମୁଁ କହିଲି, ଆମ ଦେଶରେ କମ୍ୟୁନିଷ୍ଟ ପାର୍ଟି ରହିଛି । ମାତ୍ର ଶାସନ ଏବଂ ନିର୍ବାଚନ ଲୋକତାନ୍ତ୍ରିକ ସଂସଦୀୟ ପ୍ରକ୍ରିୟାରେ ପ୍ରବର୍ତ୍ତିତ ହେଉଛି । ନିରପେକ୍ଷତାର ଅର୍ଥ ଉଦାସୀନତା ନୁହେଁ, ଦୃଢ଼ତା ଏବଂ ସଚେତନତା । ବହୁ ସମୟ ଧରି ଏ ଆଲୋଚନା ଚାଲିଲା ।

ଏ ଆଲୋଚନା ଆମର କାର୍ଯ୍ୟକ୍ରମ ଭିତରେ ଅନ୍ତର୍ଭୁକ୍ତ ନୁହେଁ । ଶିକ୍ଷା କାଉନସିଲ୍ ଏ ସେମିନାର ଲାଗି କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ଏବଂ ଆମକୁ ଏଥିରେ ଯୋଗ ଦେବାପାଇଁ ପରାମର୍ଶ ଦେଇଥିଲେ ।

Digitized by PPRACHIN, SOA

ସେହିଦିନ ଆମର ପିଟସ୍‌ବର୍ଗ ରହଣି ଶେଷ ହେଲା । ସେଠାର ପ୍ରଚଣ୍ଡ ଶୀତରୁ ବାହାରି ଆସିବା ପାଇଁ ପ୍ରବଳ ଇଚ୍ଛା । ସନ୍ଧ୍ୟାବେଳେ ବିମାନରେ ଆସିଲୁ ଓ୍ୱାଶିଙ୍ଗଟନ୍ । ରାତି ଏଗାରଟାରେ ପହଞ୍ଚିଲୁ । ରହିଲୁ ସେଇ ବ୍ରାଇଟନ୍ ହୋଟେଲ୍‌ରେ ।

●

Digitized by PPRACHIN, SOA

ଓ୍ୱାଶିଙ୍ଗଟନ୍‌ରେ ଶେଷପାଦ

ଏ ଦେଶ ଭ୍ରମଣ ସରି ଆସିଲାଣି । ଆଉ ବୁଲିବା ପାଇଁ, ଦେଖିବା ପାଇଁ ଆଗ୍ରହ ନାହିଁ । ପ୍ରଥମେ ଆସି ଏଇ ଓ୍ୱାଶିଙ୍ଗଟନ୍‌ରେ ଓହ୍ଲାଇଥିଲି । ୧୫ ଦିନ ଏଠାରେ ରହିଥିଲୁ । ଏଇ ବ୍ରାଇଟନ୍ ହୋଟେଲରେ । ଏଣିକି ଫେରିବା ପାଇଁ ଅନେକ ପ୍ରକାର ବନ୍ଦୋବସ୍ତ କରିବାକୁ ହେବ । ଆସିଲା ବେଳେ ଆମ ଦେଶରେ ଯାହା ସବୁ କରିବାକୁ ପଡ଼ିଥିଲା, ଏଠାରେ ମଧ୍ୟ ସେ ସବୁ କରିବାକୁ ହେବ ।

ସେ ଦିନ ଆମେରିକାନ୍ ଶିକ୍ଷା କାଉନସିଲର ଆମ ପାଇଁ ଶେଷ ବୈଠକ । କାଉନସିଲ୍‌ର ଡିରେକ୍ଟର ବ୍ୟକ୍ତିଗତ ଭାବେ ଆମକୁ ନିମନ୍ତ୍ରଣ କରିଥିଲେ । ଆମେ ସମସ୍ତେ ଯୋଗ ଦେଲୁ । ବିଦାୟକାଳୀନ ବୈଠକ । କାଉନ୍‌ସିଲ୍‌ର ଯେଉଁ ଅଧିକାରୀମାନେ ଆମକୁ ସ୍ୱାଗତ କରିଥିଲେ, ଯେଉଁମାନେ ଆମ ପାଇଁ ସବୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ, ସେମାନେ ସମସ୍ତେ ଉପସ୍ଥିତ ଥିଲେ । ଆମେ କଅଣ ସବୁ ଅନୁଧ୍ୟାନ କଲୁ, ଏ ଦେଶରେ ଆମର ଅଭିଜ୍ଞତା ଇତ୍ୟାଦି ବିଷୟ ପଚାରିଲେ । ସମସ୍ତେ କିଛି କିଛି କହିଲେ । ମୁଁ ପ୍ରିନ୍‌ସ୍‌ଟନ୍ ଏବଂ ହାରଓ୍ୱାର୍ଡ଼ ସହିତ ଓ୍ୱାଶିଙ୍ଗଟନ୍ ଏବଂ ସାନଫ୍ରାନ୍‌ସିସ୍କୋର ସୌନ୍ଦର୍ଯ୍ୟ ବର୍ଣ୍ଣନା କଲି । ଅଣ୍ଡିଅକ୍ ଏବଂ ବେରିଆର ତାରିଫ୍ କଲା । ଆମେ ସମବେତଭାବରେ କାଉନ୍‌ସିଲ ଡିରେକ୍ଟର ଏବଂ ଅନ୍ୟ ସମସ୍ତଙ୍କଠାରେ କୃତଜ୍ଞତା ଜ୍ଞାପନ କଲୁ । ପହଞ୍ଚିଲା ବେଳେ ସେମାନେ ସମସ୍ତେ ଆମର ଅପରିଚିତ ଥିଲେ । ତାଙ୍କ ସାଙ୍ଗରେ ପରିଚୟ ହୋଇଛି; କେତେକଙ୍କ ସହିତ ଆତ୍ମୀୟତା ହୋଇଛି । ସେମାନଙ୍କୁ ଛାଡ଼ି-କରି ଯିବାକୁ ହେବ ।

Digitized by PPRACHIN, SOA

ଭାରତବର୍ଷରୁ ଆମେ ଦଶ ଜଣ ଏକାଠି ଆସିଥିଲୁ । ବୋଷ୍ଟନ ପର୍ଯ୍ୟନ୍ତ ଆମେ ସବୁ ଥିଲୁ ଏକାଠେଇ । ସେଠାରୁ ତିନୋଟି ଗୋଷ୍ଠୀରେ ବିଭକ୍ତ ହୋଇ ବିଭିନ୍ନ ସ୍ଥାନକୁ ଗଲୁ । ପୁଣି ଏକାଠି ହେଲୁ ପିଟସ୍‌ବର୍ଗରେ ସେମିନାର ପାଇଁ । ଶିକ୍ଷା କାଉନ୍‌ସିଲ୍‌ର ଶେଷ ବୈଠକରେ ସମସ୍ତେ ଯୋଗ ଦେଲୁ । ଏବେ ଫେରିବାର କଥା । ଆମ ଭିତରୁ ଦୁଇ ଜଣ ପ୍ରଶାନ୍ତ ମହାସାଗର ଉପରେ ଉଡ଼ି ଜାପାନ ବାଟେ ଫେରିବେ । ବାଟରେ ହାଓ୍ୱାଇ ଦ୍ୱୀପରେ ଅବତରଣ କରିବେ । ଚାରିଜଣ ଆଉ ମାସେ ଲେଖାଏଁ ରହିବେ । ଓ୍ୱାଶିଙ୍ଗଟନରେ ରହିବା ପାଇଁ ଆଉ ସାତ ଦିନ ହାତରେ ଅଛି । ଦୁଇ ଜଣ ଏଇ ସାତ ଦିନ ଭିତରେ ଅନ୍ୟ କେତେକ ଜାଗାକୁ ଯାଇ ଦେଖିବେ । ଆମେ ଦୁଇ ଜଣ—ଡକ୍ଟର ଅଜିଲକ୍ ଆଉ ମୁଁ ଏଇ ଓ୍ୱାଶିଙ୍ଗଟନ୍‌ରେ ରହିବୁ ଆମେରିକା ଛାଡ଼ିବା ପର୍ଯ୍ୟନ୍ତ ।

ଆଜିଲକ୍, ପିଲାଇ ଏବଂ ମୁଁ ଏକାଠି ଥାଉ । ଶିକ୍ଷା କାଉନ୍‌ସିଲ୍‌ର କାର୍ଣ୍ଣାହାମ୍ (Lewis Carnaham) ଆମ ତିନି ଜଣଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ଆମେ ବିଭିନ୍ନ ସ୍ଥାନରୁ ତାଙ୍କ ପାଖକୁ ଚିଠି ପତ୍ର ଲେଖୁଥିଲୁ । ସେ ଆମ ତିନି ଜଣଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ନିମନ୍ତ୍ରଣ କଲେ । ଆମର ଅଭିଜ୍ଞତା ଆମେ ତାଙ୍କୁ ସବୁ ଜଣାଇଲୁ । ଆମେରିକା ବିଷୟରେ ଆମର ମତାମତ ପଚାରିଲେ । ବହୁ ସମୟ ଧରି କଥାବାର୍ତ୍ତା ହେଲା । ଏଇଟି ଆମ ପାଇଁ ତାଙ୍କର ଶେଷ ଅଭ୍ୟର୍ଥନା ।

ପରଦିନ ଆମେ ତିନି ଜଣ ତାଙ୍କୁ ଏବଂ ମିଷ୍ଟର ବେକର୍‌ଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ନିମନ୍ତ୍ରଣ କଲୁ । ମିଷ୍ଟର୍ ବେକର୍ କାଉନସିଲ୍‌ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ । ଆମେ ପ୍ରଥମେ ଓ୍ୱାଶିଙ୍ଗଟନ୍ ବିମାନ ଘାଟିରେ ପହଞ୍ଚିଲା ବେଳେ ସେ ଆମକୁ ସ୍ୱାଗତ କରିଥିଲେ । ଆମକୁ ଆଣି ହୋଟେଲରେ ରଖାଇଥିଲେ । ଏଥର ଆମ ଆଡ଼ୁ ବିଦାୟ ସମ୍ବର୍ଦ୍ଧନା । ବିଦାୟ କାଳୀନ ମିଳାମିଶା । ଖୁବ୍ ଭଲ ଲାଗିଲା । ଏ ସବୁ ମାମୁଲି ଶିଷ୍ଟାଚାର ନୁହେଁ । ଏଥିରେ ଥିଲା ବନ୍ଧୁତ୍ୱ, ଆନ୍ତରିକତା । କହିଲୁ, ଆଉଥରେ ଦେଖାହେବ, ଓ୍ୱାଶିଙ୍ଗଟନ୍ ଛାଡ଼ିଲା ବେଳକୁ ।

Digitized by PPRACHIN, SOA

ଓ୍ୱାଶିଙ୍ଗଟନ୍ ଉଦ୍ଧର୍ଶ ସରନାହିଁ । ପୁଣି ସେଇ ସମ୍ବିଧାନ ସରଣୀ (Constitution Avenue) ବୁଲି ଆସିଲୁ । କ୍ୟାପିଟଲ୍, ସୁପ୍ରୀମ କୋର୍ଟ, ହ୍ୱାଇଟ୍ ହାଉସ୍ । ସୁନ୍ଦରେ ତୃପ୍ତିର ଅବସାଦ ନାହିଁ । ଯେତେ ଦେଖିଲେ ବି ନୂଆ ଦିଶୁଥାଇ । ବାସ୍ତବିକ ଏ ସୁନ୍ଦର ସ୍ଥାପତ୍ୟ-କଳା ମଣ୍ଡିତ ହର୍ମ୍ୟ ଗୁଡ଼ିକର ସୌଷ୍ଠବ ଦର୍ଶକଙ୍କୁ ମୁଗ୍ଧ କର-ିଦଏ ।

ସେ ଦିନ ପ୍ରଫେସର ପେରଲଫ୍‌ଙ୍କ (Perloff) ସହିତ ମଧ୍ୟାହ୍ନ ଭୋଜନ । ଏଠାରେ ଅଛି ଏକ ପ୍ରଖ୍ୟାତ ଗବେଷଣାଗାର । ପେରଲଫ୍ ଏହାର ନିର୍ଦ୍ଦେଶକ । ଫୋର୍ଡ଼ ଫାଉଣ୍ଡେସନ୍ ଏ ଅନୁଷ୍ଠାନକୁ ସମ୍ବଳ ଯୋଗାଉଛି । କିପରି ଭାବରେ ତାଙ୍କର ଗବେଷଣା ଚାଲିଛି, ସେ ବିଷ-ୟରେ ସୂଚନା ଦେଲେ । କୌଣସି ୟୁନିଭର୍ସିଟି ବା ସରକାରଙ୍କ ସହିତ ସମ୍ପୃକ୍ତ ନ ହୋଇ ଏ ଦେଶର ବହୁ ସ୍ଥାନରେ ଗବେଷଣା କରାଯାଉଛି । ସେ କହିଲେ, ଅର୍ଥନୀତି ଏବଂ ପରିସଂଖ୍ୟାନ ଗବେଷକମାନେ ସ୍ୱାଧୀନ ଭାବରେ ଗବେଷଣା କରିବା ଆବଶ୍ୟକ । ତାଙ୍କର ବିଶ୍ଳେଷଣ ଏବଂ ପରାମର୍ଶ କାହାର ସହିତ ସମ୍ପୃକ୍ତ ହେବ ନାହିଁ । ସରକାର ବା ଅନ୍ୟ କୌଣସି ନୀତି ନିର୍ଦ୍ଧାରକ ଅନୁଷ୍ଠାନ ସହିତ ଜଡ଼ିତ ହେଲେ ନିରପେକ୍ଷ ପରାମର୍ଶ ଦେଇ ହେବ ନାହିଁ । ଗବେଷଣା ସାର୍ଥକ ହେବ ନାହିଁ ।

ସେତେବେଳେ ଆମର ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଚାଲି-ଥାଏ । ଇଙ୍ଗିତରେ ପେରଲଫ୍ କହିଲେ, ଅର୍ଥନୈତିକ ଯୋଜନାରେ ପରିସଂଖ୍ୟାନ ବିଶେଷଜ୍ଞ ମହାଲନବିଶ୍ ନିବିଡ଼ ଭାବରେ ସମ୍ପୃକ୍ତ । ଏଥିରେ ପରିସଂଖ୍ୟାନ ଏବଂ ଯୋଜନା ଉଭୟ ଭ୍ରଷ୍ଟ ହୁଏ । ଯୋଜନାକୁ ଲକ୍ଷ୍ୟ ରଖି ପରିସଂଖ୍ୟାନ ସୃଷ୍ଟି କରାଯାଏ । ଏଥିରେ ଯୋଜନା ବିଶୃଙ୍ଖଳ ହୁଏ । ପୁଣି ଯୋଜନାର ସାଫଲ୍ୟ ବର୍ଣ୍ଣନା କରିବା ପାଇଁ କପୋଳ କଳ୍ପିତ ପରିସଂଖ୍ୟାନ ପ୍ରସ୍ତୁତ କରାଯାଏ । ଭାରତ ବିଷୟରେ ଏମାନେ ବହୁ ତଥ୍ୟ ଅନୁଧ୍ୟାନ କରନ୍ତି ।

Digitized by PPRACHIN, SOA

ତା'ପର ଦିନ ଡିସେମ୍ବର ୧୯ ତାରିଖ । ସବୁଆଡ଼େ ଆନନ୍ଦ ଉତ୍ସବ । ସୋଭିଏଟ୍ ରୁଷିଆ ୧୯୫୭ ମସିହା ଅକ୍ଟୋବର ୪ ତାରିଖରେ ମହାକାଶକୁ ପ୍ରଥମ ସ୍ପୁଟ୍ନିକ (Sputnick) ପ୍ରେରଣ କରିଥିଲା । ସେ ଦିନଠାରେ ଅମେରିକାରେ ଉତ୍ତେଜନା ଲାଗିଥିଲା । ରୁଷିଆ ଆମକୁ ଟପି ଯାଉଛି । ତାଙ୍କର ଶିକ୍ଷା ପଦ୍ଧତି ଆମଠାରୁ ଉଚ୍ଚକୁ ଉଠି ଯାଉଛି । ଅମେରିକାରେ ଗବେଷଣା ଲାଗିଥାଏ । ଡିସେମ୍ବର ୧୯ ତାରିଖ ଦିନ ଆମେରିକାର ଉପଗ୍ରହ ସଫଳତାର ସହିତ ମହାକାଶରେ ପ୍ରବେଶ କରିଛି । ସବୁଆଡ଼େ, ସମ୍ବାଦ ପତ୍ରରେ ଫଟୋଚିତ୍ର, ବିବରଣୀ ବିସ୍ତୃତ ଭାବରେ ପ୍ରକାଶିତ ହୋଇଛି ।

ଉତ୍ତର ଆଉଲକ୍ ଏବଂ ମୋତେ ଗୁଡ଼ ସମସ୍ତେ ଓ୍ୱାଶିଙ୍ଗଟନ୍‌ରୁ ବାହାରି ଗଲେଣି । ଏ ଦେଶକୁ ଆସିବାର କାର୍ଯ୍ୟକ୍ରମ ସମାପ୍ତ ହୋଇ-ଗଲଣି । ଫେରିବା ଲାଗି ସବୁ ବ୍ୟବସ୍ଥା କରିବାକୁ ହେବ । ଇନ୍‌କମ୍ ଟ୍ୟାକ୍‌ସ ଆମର କିଛି ଦେୟ ନାହିଁ ବୋଲି ସାର୍ଟିଫିକେଟ୍ ଆଣିବାକୁ ପଡ଼ିବ । କାହାରିକୁ କିଛି ପଚାରିବା ଆବଶ୍ୟକ ହେଲା ନାହିଁ । ଗୋଟିଏ ଟ୍ୟାକ୍‌ସି କରି ଗଲି ରାଜସ୍ୱ ବିଭାଗ ଅଫିସ୍‌କୁ (Inland Revenue office) । ଖୁବ ବଡ଼ ଅଟ୍ଟାଳିକା । ସବା ତଳ ମହଲା ଗୋଟାଏ ପ୍ରକାଣ୍ଡ ହଲ୍ । କାନ୍ଥଯାକ ଲେଖାଯାଇଛି ଅଫିସ୍‌ର ନାମ ଏବଂ ତା'ର ବଖରା ନମ୍ବର । କାନ୍ଥରେ ବର୍ଣ୍ଣମାଳା (A B C) ଅନୁଯାୟୀ ଅଫିସର ନାମ ଲେଖାଯାଇଛି—ଇନ୍‌କମ୍ ଟ୍ୟାକ୍‌ସ ସାର୍ଟିଫିକେଟ ଅଫିସ । ତା' ପାଖକୁ ଲେଖାଯାଇଛି ଗୋଟିଏ ଅଙ୍କ— 16 37, ଅର୍ଥାତ୍ ୧୬ ମହଲା ୩୭ ନମ୍ବର କୋଠରୀ । କାହାରିକୁ କିଛି ପଚାରିବା ଆବଶ୍ୟକ ହେଲା ନାହିଁ । ଅନେକ ଗୁଡ଼ିଏ ଲିଫ୍ଟ ଲାଗିଛି । ସବୁ ସ୍ୱୟଂଚାଳିତ । ଗୋଟିକର ବୋତାମ ଟିପି ୧୬ ମହଲାରେ ପହଞ୍ଚିଲି । ୩୭ ନମ୍ବର କୋଠରୀର କବାଟରେ ବୋତାମ ଟିପି ଭିତରକୁ ଗଲି ।

ଘୋଡ଼ା ଟାପୁ ଆକାରରେ ସୌଖୀନ ଆସନ ବ୍ୟବସ୍ଥା କରା-ଯାଇଛି । ସାମନାରେ ଜଣେ ମହିଳା । ତାଙ୍କ ପାଖରେ କାଗଜପତ୍ର

Digitized by PPRACHIN, SOA

ଆଜି ଗୋଟିଏ ଟାଇପ୍ ମେସିନ । ଏଠାରେ ଧାଡ଼ି ହୋଇ ଠିଆ ହେବାକୁ ପଡ଼େ ନାହିଁ । ଆସନଗୁଡ଼ିକର ଶେଷଭାଗରେ ବସିଲି । ସେ ମହିଳା ଜଣ ଜଣଙ୍କର କାମ ଶେଷ କରି ଦେଉଥାନ୍ତି । ସେମାନେ ବାହାରକୁ ଚାଲି-ଯାଉଥାନ୍ତି । ଆମ ଆସନ ଘୁଞ୍ଚି ଘୁଞ୍ଚି ଯାଉଥାଏ । ମୋ ପୂର୍ବରୁ ଦଶ ବାରଜଣ ବସିଥିଲେ । ମୋ ପାଳି ୨୫ ମିନିଟରେ ପଡ଼ିଲା । ମୋର ଠିକ୍ ପୂର୍ବରୁ ଯେଉଁ ଜଣକ ବସିଥିଲେ, ସେ ହଲାଣ୍ଡର ଲୋକ । ସେ ତାଙ୍କର ହିସାବ କହିଲେ । ମହିଳା ଅଫିସର ହିସାବ କଲେ । କେତେ ଡଲାର ଦେୟ, ତାଙ୍କୁ ଜଣାଇଲେ । ଡଲାର ଗ୍ରହଣ କଲେ । ରସିଦ ଦେଲେ । ଟାଇପ କରି ସାର୍ଟିଫିକେଟ ଦେଲେ । ସେଥିରେ ନମ୍ବର ପକାଇଲେ । କେହି ସହକାରୀ ନ ଥାନ୍ତି । ତା'ପରେ ମୋ ପାଳି ପଡ଼ିଲା । କହିଲି, ମୁଁ ଆମେରିକା ଶିକ୍ଷା କାଉନସିଲ୍‌ର ନିମନ୍ତ୍ରଣରେ ଆସିଥିଲି । କିଛି ଉପାର୍ଜନ କରିନାହିଁ । କାଉନ୍‌ସିଲ୍ ଠାରୁ ଦୈନିକ ଭତ୍ତା ପାଉଥିଲି । ମୋ ପାସ-ପୋର୍ଟ ଦେଖିଲେ ; କିଛି ଟ୍ୟାକ୍‌ସ ଦେୟ ନାହିଁ ବୋଲି ସାର୍ଟିଫିକେଟ୍ ଟାଇପ କରି, ନମ୍ବର ଦେଇ, ଦସ୍ତଖତ କରି ମୋତେ ଦେଲେ ।

ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ଏ ମହିଳା ଏକାକୀ କାମ କରି ଲାଗିଛନ୍ତି । ହିସାବ, ଦେୟ, ରସିଦ, ଟାଇପ ଇତ୍ୟାଦି ସବୁ ଜଣେ ଲୋକ କରୁଛନ୍ତି । ମୋତେ ପ୍ରାୟ ଅଧଘଣ୍ଟାଏ ମାତ୍ର ଲାଗିଥିଲା । ସେ ମହିଳା ଅଫିସର ଛଅ ଘଣ୍ଟା କାମ କରିବେ । ତା'ପରେ ଆଉ ଜଣେ ଆସିବେ । ମୋତେ ଓଡ଼ିଶାରେ ଏଇତକ ପାଇବା ପାଇଁ ଆଠଦିନ ଲାଗିଥିଲା । ଏ ଦେଶ ସାଙ୍ଗରେ କେତେ ଯୁଗ ପରେ ଆମେ ସମସମ ହୋଇ ପାରିବୁ ?

ତା'ପରେ T. W. A. ବିମାନ ଅଫିସକୁ ଗଲି । ଯେଉଁଠାରେ ଟିକେଟ୍ କଟାଯାଏ, ସ୍ଥାନ ସଂରକ୍ଷଣ କରାଯାଏ, ସେ କକ୍ଷକୁ ଗଲି । ଜଣେ ମହିଳା ଟେବୁଲ ଭିତର ପାଖରେ ବସିଥାନ୍ତି । ଦିଲ୍ଲୀରୁ ଗଲାବେଳେ ଆମକୁ ଫେରନ୍ତା ଟିକେଟ ଦିଆଯାଇଥିଲା—ୱାଶିଂଟନ୍‌ରୁ ଦିଲ୍ଲୀ ପର୍ଯ୍ୟନ୍ତ । ସେ ମହିଳାଙ୍କୁ ମୋର ଫେରିବା ବାଟ କହିଲି । ଲଣ୍ଡନରେ

Digitized by PPRACHIN, SOA

ଗୁରିଦିନ ରହିବି, ପାରିସ୍‌ରେ ଗୁରିଦିନ, ସୁଇଜରଲାଣ୍ଡର ଜେନିଭାରେ ଗୋଟିଏ ଦିନ । ମୋର ସିଧାସଳଖ ଦିଲ୍ଲୀ ପର୍ଯ୍ୟନ୍ତ ଟିକେଟ ଥିଲା । ତାକୁ ପରିବର୍ତ୍ତନ କରି ବାହାରେ ନଅଦିନ ରହିବା ଲାଗି ଟିକେଟ୍ କରାଗଲା । କେଉଁଠାରେ କେଉଁ ବିମାନରେ କେଉଁ ଦିନ ଯିବାକୁ ହେବ ସେ ସବୁ ଫଇସଲା କରାଗଲା । ଏତକ କରିବା ପାଇଁ ୨୦ ମିନିଟ୍ ଲାଗିଲା । ମୁଁ କହିଲି, ଅଶେଷ ଧନ୍ୟବାଦ, Thank you very much. ସେ କହିଲେ, ତୁମକୁ ସ୍ୱାଗତ ଜଣାଉଛୁ, You are welcome.

ମନେ ପଡ଼ିଲା, ଠିକ୍ ଦଶବର୍ଷ ତଳେ ଲଣ୍ଡନରେ ପାଠପଢ଼ା ଶେଷ କରି ଲଣ୍ଡନରୁ ବମ୍ବେ ବିମାନରେ ଆସିଥିଲି । ସକାଳେ ବିମାନ ପହଞ୍ଚିଲା । ରେଲ୍ ଷ୍ଟେସନକୁ ଆସିଲି । କଲିକତା ପର୍ଯ୍ୟନ୍ତ ବମ୍ବେ ମେଲରେ ଖଣ୍ଡିଏ ଟିକେଟ ମାଗିଲି । ବୁକିଙ୍ଗ କ୍ଲାର୍କ କହିଲା, ସବୁ ଭର୍ତ୍ତି ହୋଇଯାଇଛି । ପରେ ଖାଲି ହେଲେ କହିବି । ମୁସାଫିରଖାନାରେ ଦିନଯାକ ବସିଲି । ପଗ୍ଭରୁଥାଏ । ହୋଇପାରିଲା ନାହିଁ । ଗୋଟିଏ ହୋଟେଲ୍‌ରେ ରାତିଯାକ ରହିଲି । ପରଦିନ ଥରକୁ ଥର ଚେଷ୍ଟା କଲି । ବହୁତ କଷ୍ଟରେ ସନ୍ଧ୍ୟାବେଳକୁ ଟିକେଟ ଖଣ୍ଡିଏ ମିଳିଲା । ଏ ଦୁର୍ଦ୍ଦଶାର ମାତ୍ରା ବଢ଼ି ଗ୍ଭଲିଛି ।

ଡିସେମ୍ବର ୨୧ ତାରିଖରେ ଓ୍ୱାଶିଙ୍ଗଟନ୍‌ରୁ ବିଦାୟ ନେବାର କଥା । ଆଉ ଗୋଟିଏ ଦିନ ଅଛି । ଗୋଟିଏ ଟ୍ୟାକ୍‌ସି କରି ପୁଣି ଲିନକନ୍‌ଙ୍କର ପ୍ରତିମୂର୍ତ୍ତି, ଜେଫରସନ୍‌ଙ୍କ ପ୍ରତିମୂର୍ତ୍ତି, ଓ୍ୱାଶିଙ୍ଗଟନ୍ ସ୍ମାରକୀ ସ୍ତମ୍ଭ ପୁଣିଥରେ ଦେଖିବାକୁ ଗଲି । ଟ୍ୟାକ୍‌ସିବାଲା ବାଟରେ ପଗ୍ଭରୁଥାଏ ଭାରତର ଅବସ୍ଥା କିପରି ? ଆମେରିକା ବିଷୟରେ ତାଙ୍କର କି ଧାରଣା ? ରୁଷିଆ ପ୍ରତି ତାଙ୍କର ମନୋଭାବ କିପରି ? ସମସ୍ତେ ଖବର କାଗଜ ପଢ଼ନ୍ତି । ଭାରତବର୍ଷ ବିଷୟରେ ଏଭଳି ଅପପ୍ରଗ୍ଭର କରାଯାଇଛି ଯେ ସାଧାରଣ ଲୋକେ ଏଇ ପ୍ରଶ୍ନ ପଗ୍ଭରନ୍ତି । ପ୍ରାୟ ସବୁ କାଗଜରେ ଭାରତ ବିଷୟରେ ଏକା ଭଳି ଅଭିମତ । ରୁଷିଆ ବିରୋଧରେ

Digitized by PPRACHIN, SOA

ଆମେରିକାରେ ଅତି ତୀବ୍ର ମନୋଭାବ । ଭାରତୀୟ ଲୋକଙ୍କୁ ଦେଖିଲେ, ଏକାଧିକ ପ୍ରଶ୍ନ ପଚାରନ୍ତି ।

୭୫ ବର୍ଷ ତଳେ, ୧୮୯୩ ଖ୍ରୀଷ୍ଟାବ୍ଦରେ ସ୍ୱାମୀ ବିବେକାନନ୍ଦ ଚିକାଗୋରେ ଅନୁଷ୍ଠିତ ବିଶ୍ୱ ଧର୍ମ ସଂସଦରେ ଭାଷଣ ଦେଇ ସମସ୍ତଙ୍କୁ ଅଭିଭୂତ କରିଥିଲେ । ତାଙ୍କର ଖ୍ୟାତି ପ୍ରଚାରିତ ହୋଇଗଲା । ସେ ନିଉୟର୍କ, ବୋଷ୍ଟନ, ଡେଟ୍ରଇଟ୍ ପ୍ରଭୃତି ସ୍ଥାନରେ ଭାଷଣ ଦେଇ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ହାରଭାର୍ଡ଼ରେ ତାଙ୍କୁ ପ୍ରାଚ୍ୟ ଦର୍ଶନରେ ପ୍ରଫେସର ହେବା ପାଇଁ ଅନୁରୋଧ କରାଯାଇଥିଲା । କଲମ୍ବିଆରେ ସଂସ୍କୃତ ଚେୟାର ଅର୍ପଣ କରାଗଲା । ଆମେରିକାରେ ଅନେକେ ସ୍ୱାମୀଜୀଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ମାତ୍ର ମୁଁ କୌଣସିଠାରେ ବିବେକାନନ୍ଦଙ୍କ ବିଷୟରେ କାହାରିଠାରୁ କୌଣସି ସୂଚନା ପାଇଲି ନାହିଁ । ତାଙ୍କ ବିଷୟରେ କିଛି ଶୁଣିଥିଲେ, ଅପାର ଆନନ୍ଦ ଲାଭ କରିଥାନ୍ତି ।

Digitized by PPRACHIN, SOA

ପ୍ରତ୍ୟାବର୍ତ୍ତନ

ସେ ଦିନ ଡିସେମ୍ବର ୨୧ ତାରିଖ । କାଲି ସନ୍ଧ୍ୟାଠାରୁ ବନ୍ଧାବନ୍ଧ । କଠିଷ ସନ୍ତଙ୍ଗ ପଡ଼ୁଛି । ଆଉ କେଉଁଆଡେ ଯିବାକୁ ଇଚ୍ଛା ନାହିଁ କି ଅବସର ନାହିଁ । ସବୁ କାମ ସାରି, ଦିଆନିଆ ଶେଷ କରି ଦିନ ବାରଟା ବେଳେ ଓ୍ୱାଶିଙ୍ଗଟନ୍ ବିମାନଘାଟୀକୁ ବାହାରିଲୁ । ସେଠାରୁ ନିଉୟର୍କ ଯିବାର କଥା । ବିମାନ ପହଞ୍ଚିବାରେ ବିଳମ୍ବ ହେଲା । ସାଢ଼େ ତିନିଟା ବେଳେ ଛାଡ଼ିଲା । ସାଢ଼େ ଚାରିଟା ବେଳେ ନିଉୟର୍କରେ ପହଞ୍ଚିଲା । ଭାବିଲି, ଏ ଦେଶରେ ବିଜ୍ଞାନ ଏବଂ ପ୍ରବିଧି ଏତେ ଉଚ୍ଚକୁ ଉଠିଛି, ମାତ୍ର ବିମାନ ଠିକ୍ ସମୟରେ ଆସି ପାରୁନାହିଁ । ଫେରିବା ପାଇଁ ଉତ୍କଣ୍ଠା ।

ସନ୍ଧ୍ୟା ଛଅଟାରେ T. W. A. ର ୭୦୦ ନମ୍ବର ଉଡ଼ାନ ଛାଡ଼ିବାର କଥା । ଆହୁରି ଆଗରୁ ଆସିଥିଲେ, ବସି ବସି ବିରକ୍ତ ଲାଗିଥାଏ । ସାଢ଼େ ଚାରିଟାରୁ ଛଅଟା ଯାଏଁ ପ୍ରଚୁର ସମୟ । ଟିକେଟ୍ ଦେଖା ସରିଲା । ସୁଟକେଶ ଇତ୍ୟାଦି ବୋଝାଇ ହେବାପାଇଁ ଚାଲିଗଲା । T. W. A. ର ଅଫିସର ମାଇକ୍ରୋଫୋନ୍‌ରେ ଜଣାଇଲେ—ପ୍ରତୀକ୍ଷା-ଗାରରେ ଅପେକ୍ଷା କର । ଟିକିଏ ବିଳମ୍ବ ହୋଇପାରେ । ପ୍ରାୟ ସାତଟା ବେଳେ ବିମାନ ଛାଡ଼ିବ । ସାତଟା ବେଳେ କୁହାଗଲା—ଯାନ୍ତ୍ରିକ ମରାମତି କରାଯାଉଛି । ସାଢ଼େ ଦଶଟା ପର୍ଯ୍ୟନ୍ତ ଲାଗିଯିବ । ସବୁ ଯାତ୍ରୀଙ୍କୁ ଆନ୍ତର୍ଜାତିକ ହୋଟେଲ୍‌ରେ ରଖାଗଲା । ସେଠାରେ ସାନ୍ଧ୍ୟଭୋଜନ ଦିଆଗଲା । ସାଢ଼େ ଦଶଟାରେ ଖବର ମିଳିଲା, ମରାମତି ଶେଷ ହୋଇନାହିଁ । ସାଢ଼େ ତିନିଟାରେ ବାହାରିବ । ହୋଟେଲ୍‌ରେ ଶୋଇବା ପାଇଁ ରୁମ୍ ମିଳିଲା । କିଏ ଲାଗେ ? ଏପରି ଅନିଶ୍ଚିତ ପରିସ୍ଥିତି । କେତେବେଳେ ଯିବ, କିଏ ଜାଣେ ? ହୋଟେଲ୍‌ରୁ ଫୋନ

Digitized by PPRACHIN, SOA

କରି ବୁଝାଗଲା, ବିମାନ ସକାଳେ ଯିବ । ସାରାରାତି ସେଇ ହୋଟେଲରେ ରହିଲୁ । ସମସ୍ତେ ବିମାନ କମ୍ପାନୀ ଉପରେ ବିରକ୍ତ ହେଉଥାନ୍ତି । ନିଉ-ୟର୍କ ପରି ବଡ଼ିଆ ବିମାନଘାଟିରେ କୌଣସି ଯାନ୍ତ୍ରିକ ତ୍ରୁଟି ମରାମତି କରାଯାଇ ପାରୁନାହିଁ ? ବଡ଼ ଆଶ୍ଚର୍ଯ୍ୟ କଥା ।

ଆରଦିନ ସକାଳ ଛଅଟା ବେଳେ ବିମାନଘାଟିକୁ ଆସିଲୁ । କିଛି ସ୍ୱର ଶବ୍ଦ ନାହିଁ । ସବୁ ଘୁମ୍ପ ଘୁମ୍ପ ଯାଉଛି । ଆଠଟା ବେଳକୁ ବିମାନ ଛାଡ଼ିଲା । ପୂର୍ବଦିନ ସନ୍ଧ୍ୟା ଛଅଟାରେ ଆସିଥିଲୁ । ୧୪ ଘଣ୍ଟା ଲାଗିଗଲା, ଏପଟ ସେପଟ ହୋଇ । ଯାହାହେଉ, ବିମାନ ଛାଡ଼ିଲା । ଆଟଲାଣ୍ଟିକ ମହାସାଗର ଉପରେ ସାରାଦିନ ଉଡ଼ିଲା । ସୁଖର କଥା, ବିମାନ ସୁରୁଖୁରୁରେ ପହଁରିଲା ପରି ଚାଲୁଥାଏ । ଆଦୌ ପଡ଼ା ଉଠା ହୋଇନାହିଁ । ଲଣ୍ଡନରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇଯିବ । ଗୋଟିଏ ପୂରାଦିନ ନଷ୍ଟ ହୋଇଗଲା । ଲଣ୍ଡନ୍‌ରେ ଚାରିଦିନ ରହିବି ବୋଲି ସ୍ଥିର ହୋଇଥିଲା । ଗୋଟାଏ ଦିନ ବୃଥାରେ କଟିଗଲା ।

ଆକାଶ ନିର୍ମଳ । ଲଣ୍ଡନ ଅନେକ ଦୂର ଅଛି । ମଧ୍ୟାହ୍ନ ଭୋଜନ ମିଳିଲା । ସାରା ରାତି ଅନିଦ୍ରା । ଘୁମ ଲାଗିଲା । ଅଣ୍ଟାରେ ପଟି ବାନ୍ଧିବା ପାଇଁ ନିର୍ଦ୍ଦେଶ ଦିଆଗଲା । ଲଣ୍ଡନ୍ ପାଖ ହୋଇ ଆସିଲା । ମାତ୍ର ବିମାନଟା ତିନି ଚାରିଥର ଚକ୍କର ମାରିଲା । ଯାତ୍ରୀମାନେ ଅସ୍ଥିର ହେଲେ । ପାଇଲଟ୍ ଜଣାଇ ଦେଲେ—ଲଣ୍ଡନ ବିମାନପତ୍ତନ ନିବିଡ଼ କୁଜ୍‌ଝଟିକାରେ ଆଚ୍ଛନ୍ନ । କୌଣସି ଆଲୋକ ଦେଖାଯାଉ ନାହିଁ । ଲଣ୍ଡନ୍‌ରେ ଓହ୍ଲାଇ ହେବ ନାହିଁ । ଆମକୁ ନିଆଗଲା ଆଇରଲଣ୍ଡର ଗୋଟିଏ ଛୋଟ ଦ୍ୱୀପ (Shannon) ଶାନନକୁ । ସେଠାରେ ବିମାନ ଓହ୍ଲାଇଲା । ଯାହାହେଉ, ଭୂତଳ ସ୍ପର୍ଶ କରିପାରିଲୁ । ରାତିରେ ବିମାନଘାଟିର ନିକଟସ୍ଥ ଗୋଟିଏ ଛୋଟ ହୋଟେଲ୍‌ରେ ଅବସ୍ଥାନ କରିବାକୁ ହେଲା ।

ହୋଟେଲ୍‌ଟି ଛୋଟ । ଏକ ମହଲା ଘର । ଚାରିଆଡ଼ ଶୂନ୍ୟ । ନିସ୍ତବ୍ଧ ପ୍ରାନ୍ତର । ଆମ ଦେଶର ଛୋଟ ଛୋଟ ଷ୍ଟେସନ ପରି ।

Digitized by PPRACHIN, SOA

ଆମେରିକାର ବିଭବ ଗୁଡ଼ ଆମେ ଯେ ଆମର ଘରକୁ ଖସି ଆସିଛୁ, ଏ କଥା ବଡ଼ୁଶ ଆଶ୍ଚର୍ଯ୍ୟ ଲଗିଲା । ଏଠାରେ ଘର ଭିତରେ ହିଟର୍ ନାହିଁ । ହୋଟେଲ୍‌ରେ ଆରାମ କରିବା ପାଇଁ ବୈଠକଖାନା ନାହିଁ । କାଲି ରାତିରେ ନିଉୟର୍କର ଆନ୍ତର୍ଜାତିକ ହୋଟେଲର ଆଲୋକ ସଜ୍ଜାରେ ଆଖି ଝଲସି ଯାଉଥିଲା, ଏଠାରେ ସେପରି ଆଡ଼ମ୍ବର ନାହିଁ । ଘର ଭିତରେ ଏବଂ ବାହାରେ କେତୋଟି ଆଲୋକ ଦିଆଯାଇଛି । ଏଇଠାରେ ରାତ୍ରୀ ଯାପନ କରିବାକୁ ହେଲା ।

ଖାଇବାକୁ ବଡାଗଲା । ଇଚ୍ଛା ହେଲା ନାହିଁ । ଶୋଇବାକୁ ଗଲି । ରାତିରେ ଆଦୌ ନିଦ ହେଲା ନାହିଁ । କାନ୍ଥ ଘଣ୍ଟାରେ ୧୧ଟା ବାଜିଲା । ମୁଁ ଶେଯରେ ପଡ଼ିଥାଏ । ମୋର ଦେହ ଅସୁସ୍ଥ ହେଲା କି ? ନିଦ ଲାଗୁନାହିଁ କାହିଁକି ? କାରଣ କିଛି ଜାଣି ପାରୁ ନ ଥାଏ । ହାତ ଘଣ୍ଟାକୁ ଚାହିଁଲି । ପାଞ୍ଚଟା ବାଜିଛି । ମନେ ପଡ଼ିଲା । ନିଉୟର୍କରେ ଥିଲେ ପାଞ୍ଚଟା ବାଜିଥାନ୍ତା । ଆୟୁରଲାଣ୍ଡ୍ ସମୟ ଅନୁସାରେ ରାତି ଏଗାରଟା । ନିଉୟର୍କ ଏବଂ ଆୟୁରଲାଣ୍ଡ ସମୟ ମଧ୍ୟରେ ଛଅଘଣ୍ଟା ତାରତମ୍ୟ । ନିଉୟର୍କରେ ଥିଲେ ଜଳଖିଆ ଖାଇବା ବେଳ ହୋଇଥାନ୍ତା । ନିଦ ଲାଗିବ କିପରି ? ସକାଳୁ ଟିକିଏ ନିଦ ଲାଗି ଆସୁଥାଏ । ଡାକରା ଆସିଲା, ପ୍ରସ୍ତୁତ ହୁଅ । ଯାତ୍ରୀମାନେ ଉଠି, ନିତ୍ୟକର୍ମ ସାରି ପ୍ରସ୍ତୁତ ହେଲେ । ବିମାନ ଛାଡ଼ିଲା ନଅଟାରେ । ଲଣ୍ଡନ୍‌ରେ ପହଞ୍ଚିଲା ସାଢ଼େ ଦଶଟାରେ ।

Digitized by PPRACHIN, SOA

ଇୟୁରୋପ ବାଟେ

ଆମେ ଦୁଇଜଣ ସାଥୀ, ଡକ୍ଟର ଆଉଲକ୍ ଏବଂ ମୁଁ, ଓ୍ୱାଶିଙ୍ଗଟନ୍‌ରୁ ସାଙ୍ଗ ହୋଇ ଆସିଥିଲୁ । ଆଉଲକ୍ ସିଧା ଦିଲ୍ଲୀ ବାହାରିଗଲେ । ମୁଁ ଓହ୍ଲାଇଲି ଲଣ୍ଡନରେ । ସେଇ ପରିଚିତ କୁହୁଡ଼ି, ଧୂଆଁ, ଅନ୍ଧାର । ନାକପୁଡ଼ାରେ ରୁମାଲ ଭର୍ତ୍ତି କଲେ କଳା ବାହାରେ । ଦଶବର୍ଷ ତଳେ ଏଠାରେ ମୁଁ ଲଣ୍ଡନ ଅର୍ଥନୀତି ଅନୁଷ୍ଠାନରେ (London School of Economics) ଅଧ୍ୟୟନ କରୁଥିଲି । ଅଢ଼େଇ ବର୍ଷ ରହିଛି । ଲଣ୍ଡନର ରାସ୍ତା, ବଜାର, ବସ୍, ଭୂତଳ ଟ୍ରେନ୍ ସହିତ ମୁଁ ପରିଚିତ । ଆମେରିକାରୁ ଫେରି, ଲଣ୍ଡନ୍ ପୁରୁଣାକାଳିଆ ସହର ପରି ଲାଗିଲା । ରାସ୍ତା, ଘର, ମଟର ଗାଡ଼ି ବହୁ ପୁରୁଣା ପରି ଦେଖାଯାଉଥାଏ । ଲୋକଙ୍କର ଖିଆପିଆ, ହୋଟେଲ, ରେସ୍ତୋରାଁ ଆମେରିକା ତୁଳନାରେ ନିମ୍ନସ୍ତରର । ଦଶବର୍ଷ ତଳେ ଯେପରି ଥିଲା, ସେଥିରେ କିଛି ପରିବର୍ତ୍ତନ ହୋଇନାହିଁ । ଦ୍ୱିତୀୟ ମହାଯୁଦ୍ଧର ଠିକ୍ ପରେ ମୁଁ ଏଠାକୁ ଆସିଥିଲି । ବୋମା ମାଡରେ ବହୁ ଅଟ୍ଟାଳିକା ଧ୍ୱସ୍ତ ହୋଇ ଯାଇଥିଲା । ଠାଆକୁ ଠାଆ ଭଗ୍ନସ୍ତୂପ ଜମା ହୋଇଥିଲା । ସେ ସବୁ ସ୍ଥାନରେ ନୂତନ ହର୍ମ୍ୟ ତୋଳା ହୋଇଛି । ଏତିକ ମାତ୍ର ପରିବର୍ତ୍ତନ । ମୁଁ ଯେଉଁ ହୋଟେଲରେ ରହିଲି, ସେଇଟି ପୁରୁଣାକାଳିଆ । ପରିଷ୍କାର ମଧ୍ୟ ନୁହେଁ । ଆମେରିକାରୁ ଆସିଲା ପରେ ବଡ଼ ଅସ୍ୱସ୍ତିକର ଲାଗିଲା । ଅବଶ୍ୟ ଲଣ୍ଡନର ବଡ଼ ହୋଟେଲରେ ମୁଁ ରହି ନ ଥିଲି ।

ଲଣ୍ଡନ ଆସି ବିଶେଷ କିଛି ଲାଭ ହେଲା ନାହିଁ । ବିମାନର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗୋଟାଏ ଦିନ ନଷ୍ଟ ହୋଇଗଲା । ସେଦିନ

Digitized by PPRACHIN, SOA

ଡିସେମ୍ବର ୨୩ ତାରିଖ । ଖ୍ରୀଷ୍ଟମାସ ଛୁଟି ପାଇଁ କଲେଜ ୟୁନିଭରସିଟି ସବୁ ବନ୍ଦ । କାହାରି ସାଙ୍ଗରେ ଦେଖା ହେବାର ସୁଯୋଗ ମିଳିଲା ନାହିଁ ।

ମୁଁ ପଢ଼ିଲାବେଳେ ଯେଉଁ ମାଲିକାଣୀଙ୍କ ଘରେ ସବୁ ଖର୍ଚ୍ଚ ଦେଇ ରହୁଥିଲି, ସନ୍ଧ୍ୟାବେଳେ ସେଠାକୁ ଗଲି । ମିସେସ୍ ସ୍କଟ୍ (Scott) ଆଉ ମିସେସ୍ କର୍ସଲେକ୍ (Kesslake) ମୋର ଲ୍ୟାଣ୍ଡଲେଡ଼ି ଥିଲେ । ତାଙ୍କୁ ଦେଖିବାକୁ ଆସିଲି । ଦଶବର୍ଷ ତଳେ ଯେପରି ଥିଲେ, ସେଇପରି ଅଛନ୍ତି । ମୋତେ ଚିହ୍ନିଲେ । ଗୃହ କଟେଜ ମଧ୍ୟ ଯାଇଲେ ନାହିଁ । ଘରେ ଅତିଥି ରଖିବା ତାଙ୍କର ବ୍ୟବସାୟ ।

ପରଦିନ ୨୪ ତାରିଖ । ସେଦିନ ଖ୍ରୀଷ୍ଟମାସର ପୂର୍ବଦିନ । ଏଠାରୁ ଗୋଟିଏ ସୁଟ୍ କିଣିବାର ଇଚ୍ଛା ଥିଲା । ଆମକୁ ଆମେରିକାରେ ଦୈନିକ ଭତ୍ତା ମିଳୁଥିଲା । ସେ ସବୁ ଆମେ ଆମେରିକାନ୍ ଏକ୍ସପ୍ରେସର (American Express) ପର୍ଯ୍ୟଟକ ଚେକ୍ (Travellers' Cheque) ଆକାରରେ ରଖିଥିଲୁ । ଆମେରିକାରେ ଯେ କୌଣସି ଦୋକାନରେ ଏ ଚେକ୍ ଭଙ୍ଗାଯାଇ ହେଉଥିଲା । ଆମର ଖର୍ଚ୍ଚ ଯାଇ କିଛି ଉଦ୍‌ବୃତ୍ତ ରହିଥିଲା । ସକାଳ ଦଶଟାରେ ଦୋକାନକୁ ବାହାରିଲି । ପୂର୍ବଦିନ ବିମାନଘାଟିରେ ୨୦ ଡଲାର୍ ପରିମିତ ଗୋଟିଏ ଚେକ ଭଙ୍ଗାଇ ଇଂରେଜ ସାତ ପାଉଣ୍ଡ ଆଣିଲି । ସେଥିରୁ ପ୍ରାୟ ତିନି ପାଉଣ୍ଡ ଖର୍ଚ୍ଚ ହୋଇଥିଲା । ଚାରି ପାଉଣ୍ଡର ନୋଟ ଥିଲା । ଚାରିଖଣ୍ଡ କୋଡ଼ିଏ ଡଲାର୍ ପରିମିତ ପର୍ଯ୍ୟଟନ ଚେକ୍ ଆଉ ଚାରୋଟି ପାଉଣ୍ଡ ମନି ପର୍ସରେ (Money Purse) ପୂରାଇ କୋଟର ଭିତର ପକେଟ୍‌ରେ ରଖିଲି । ମୁଁ ବିଲାତରେ ଅଢ଼େଇ ବର୍ଷ ରହିଛି । ପିକାଡ଼ିଲିର ଅନେକ ଦୋକାନ ଚିହ୍ନିଛି । ଗୋଟିଏ ଦୋକାନରେ ପଶିଲି । ମୋ କୋଟଟି ବାହାର କରି ଗୋଟିଏ ନୂଆ କୋଟ ଦେହରେ ପରୀକ୍ଷା କଲି । ଠିକ୍ ହେଲା ନାହିଁ । ଆଉ କେତୋଟି ସୁଟ୍ ଟଙ୍ଗା ହୋଇଥାଏ । ପସନ୍ଦ ହେଲା ନାହିଁ । ଆଉ ଗୋଟିଏ ଦୋକାନକୁ ଗଲି । ସେହିପରି ପରୀକ୍ଷା କଲି । ହେଲା ନାହିଁ ।

Digitized by PPRACHIN, SOA

ଆଜ ଗୋଟିଏ ଦୋକାନରେ କୋଟ କାଟି ଦେଖିଲି, ମନ ପସନ୍ଦି ନାହିଁ । କେଉଁଠାରେ ଟେଢ଼ଯାଉଛି । ଆଜ କିଛି କିଣିବାର ହେଲା ନାହିଁ । ପ୍ରଥମ ଦୁଇଟି ଦୋକାନକୁ ଆଉ ଫେରିଲି; ମୋ ନସଟି ପଡ଼ିଯାଇଛି କି ? ସମସ୍ତେ ମନା କଲେ । ଏ ଦୁଇଟି ଦୋକାନରୁ ଗୋଟିଏ ଦୋକାନରେ ପଡ଼ିଥିବ । କ'ଣ ଆଉ କରିବ ?

ନିକଟସ୍ଥ ଆମେରିକା ଏକ୍ସପ୍ରେସ ଅଫିସକୁ ଗଲି । ଦିନ ପ୍ରାୟ ବାରଟା । ସେଠାରେ ଜଣେ ତରୁଣୀ ସେକ୍ରେଟେରୀ ଥିଲେ । କେହି ଅଧିକାରୀ ନ ଥିଲେ । ମୁଁ ସେକ୍ରେଟେରୀଙ୍କୁ କହିଲି, ମୋର ପାଞ୍ଚଖଣ୍ଡି କୋଡ଼ିଏ ଡଲାର ନୋଟ ହଜିଯାଇଛି । ସେ କହିଲେ, ଆଜି ଖ୍ରୀଷ୍ଟମାସର ପୂର୍ବଦିନ । ମଧ୍ୟାହ୍ନ ବିରତି ପରେ କେହି ଆସିବେ ନାହିଁ । ମୁଁ ଟିପି ରଖୁଛି । ଆପଣ ଖ୍ରୀଷ୍ଟମାସ ପରଦିନ ଆସନ୍ତୁ । ଜାଣିଲି, ସୁଟକେଶ ବନ୍ଦ ହେଲା । ମନେ ମନେ ଭାବିଲି, ଡଲାରର ବ୍ୟବସାୟିକ ଦକ୍ଷତା ଏତେ ତଳକୁ ଖସି ଗଲାଣି ?

ଆରଦିନ ଡିସେମ୍ବର ୨୫ ତାରିଖ, ଖ୍ରୀଷ୍ଟମାସ ଦିବସ । ଲଣ୍ଡନରେ ଛାତ୍ର ଥିଲାବେଳେ ଖ୍ରୀଷ୍ଟମାସ ପର୍ବ ଦେଖିଛି । ପ୍ରତ୍ୟେକ ପରିବାରରେ ସେ ଦିନ ଉତ୍ସବ । ଖ୍ରୀଷ୍ଟମାସ ଦିନର ଅଭିଜ୍ଞତା ମୋର ଅଛି । ଘର ଭିତର ସୁସଜ୍ଜିତ । ଖାଦ୍ୟପେୟର ସମାରୋହ । ମାତ୍ର ବିଦେଶୀ ପର୍ଯ୍ୟଟକଙ୍କ ପକ୍ଷରେ ସେ ଦିନଟି ଅତିବାହିତ କରିବା କଷ୍ଟକର । ଦୋକାନ ବଜାର ସମସ୍ତ ବନ୍ଦ । ଅଳ୍ପ କେତୋଟି ଗ୍ରେଟ ରେସ୍ତୋରାଁ ଖୋଲା ଥାଏ । ଖାଦ୍ୟ ଖୋଜିବାକୁ ପଡ଼େ । ମୋତେ ଖୋଜିବାକୁ ହେଲା ।

ଲଣ୍ଡନରେ ବହୁ ଦର୍ଶନୀୟ ସ୍ଥାନ ଅଛି । ମାତ୍ର ବସ୍ ଘଣ୍ଟାଏ ଅଧଘଣ୍ଟାକରେ ଥରେ ଯିବା ଆସିବା କରୁଛି । ଯିବ କିପରି ? ରାସ୍ତା ନିର୍ଜନ । କୌଣସି ଆଡ଼େ ବୁଲିଯିବା ସମ୍ଭବ ହେଲା ନାହିଁ । ଲଣ୍ଡନ୍ ଆସିବାଟା ବିଫଳ ହେଲା । ମୁଁ ଲଣ୍ଡନ ଅର୍ଥନୀତି ଅନୁଷ୍ଠାନର ଛାତ୍ର ଥିଲି । ସେଠାକୁ ଯାଇଥାନ୍ତି । ମାତ୍ର ଛୁଟୀ ଯୋଗୁ ସବୁ ବନ୍ଦ । କାହାର

Digitized by PPRACHIN, SOA

ସଙ୍ଗେ ଦେଖା ହୋଇପାରିଲି ନାହିଁ । ଲଣ୍ଡନ ଅର୍ଥନୀତି ସ୍କୁଲର କେତେକ ପ୍ରଫେସର ଏବଂ ଇଣ୍ଡିଆ ହାଉସର ଲାଇବ୍ରେରୀଆନଙ୍କ ସହିତ ସାକ୍ଷାତ କରିବା ପାଇଁ ଲଣ୍ଡନ୍ ଆସିଥିଲି । କିନ୍ତୁ ହୋଇପାରିଲା ନାହିଁ । ଲଣ୍ଡନ୍ ଆସିବା ମୋର ନିଷ୍ଫଳ ହେଲା । ମନକୁ ମନ ସାନ୍ତ୍ୱନା ଦେଲି, ଆଉ କେବେ ଆସିବି ନିଶ୍ଚୟ ।

ପରଦିନ ଲଣ୍ଡନ ଛାଡ଼ି ପାରିସ ଅଭିମୁଖରେ ଯାତ୍ରା । ଘଣ୍ଟାଏ ଡେରିରେ ବିମାନ ଛାଡ଼ିଲା । ମାତ୍ର ଘଣ୍ଟାଏ କୋଡ଼ିଏ ମିନିଟ୍‌ର ବାଟ । ସାଢ଼େ ତିନିଟା ବେଳେ ପାରିସ୍‌ରେ ପହଞ୍ଚିଲି । ଲଣ୍ଡନରେ ଛାତ୍ର ଥିଲା-ବେଳେ ରେମୋଣ୍ଡ ତିସ୍ନେ (Ramond Tisne) ନାମରେ ଜଣେ ଫରାସୀ ଯୁବକ ଲଣ୍ଡନ ଅର୍ଥନୀତି ସ୍କୁଲକୁ ଯାଉଥିଲେ । ତାଙ୍କ ସହିତ ପରିଚୟ ହୋଇଥିଲା । ସେ ପାରିସ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ । ୧୯୪୮ ମସିହାର କଥା । ସେତେବେଳେ ଲଣ୍ଡନରେ ବିଶ୍ରୀ ଅବସ୍ଥା । ସବୁ ଜିନିଷ ପୋଡ଼ି ଦିଆଯାଉଥାଏ । ବହୁ ଅଟ୍ଟାଳିକା ଧୂଳିସାତ ହୋଇ ଯାଇଥାଏ । ପାରିସକୁ ଆସିଲୁ । ମୋ ସାଙ୍ଗରେ ଥିଲେ ଅର୍ଥନୀତି ସ୍କୁଲ୍‌ର ଜଣେ ସହପାଠୀ । ପାରିସ୍‌ରେ ଗୋଟିଏ ହେଲେ ଭଙ୍ଗା କୋଠାବାଡ଼ି ଦେଖିଲି ନାହିଁ । ଫ୍ରାନ୍‌ସ ଲୋକଙ୍କର ପାରିସ ସହର ହେଉଛି କଳା ଏବଂ ସଂସ୍କୃତିର ପୀଠ । ଯୁଦ୍ଧରେ ହାରିଯିବେ ପଛକେ, ପାରିସ୍ ନଗରୀ ଅକ୍ଷୁଣ୍ଣ ରହିବ । ଜର୍ମାନ ସେନାମାନେ ପାରିସରେ ପ୍ରବେଶ କଲା ମାତ୍ରକେ ଦୁଇ ହାତ ଉପରକୁ ଟେକିଦେଲେ । ଧଳା ପତାକା ଉଡ଼ାଇ ଦେଲେ । ଆତ୍ମ ସମର୍ପଣ କଲେ । ପାରିସ ଅକ୍ଷୁଣ୍ଣ ରହିଲା । ବନ୍ଧୁ ରେମୋଣ୍ଡ ଆମ ଦୁହିଁଙ୍କୁ ସବୁଆଡ଼ ବୁଲାଇ ଦେଖାଇଥିଲେ । ତାଙ୍କ ସାଙ୍ଗରେ ବରାବର ପତ୍ରାଳାପ ହୋଇଥିଲା ।

ଏଥର ଆମେରିକାରୁ ତାଙ୍କ ପାଖକୁ ଚିଠି ଲେଖିଥିଲି, ମୋ ପାଇଁ କେନ୍ଦ୍ରସ୍ଥଳୀୟ କୌଣସି ହୋଟେଲ୍‌ରେ ସ୍ଥାନ ସଂରକ୍ଷଣ କରିବା ପାଇଁ । ସେ ହୋଟେଲର ନାମ ଲେଖି ପଠାଇଥିଲେ । ମାତ୍ର କାର୍ଯ୍ୟବ୍ୟସ୍ତ ଥିବାରୁ

Digitized by PPRACHIN, SOA

ବିମାନଘାଟିକୁ ଆସି ପାରିବେ ନାହିଁ ବୋଲି ଜଣାଇଥିଲେ । ବିମାନରୁ ଓହ୍ଲାଇ ସେଇ ହୋଟେଲକୁ ଗଲି ।

ପାରିସ୍‌ରେ ଲଣ୍ଡନ ପରି କୁହୁଡ଼ି ନାହିଁ କି ଅନ୍ଧାର ନାହିଁ । ମେଞ୍ଚିଆ ପାଗ । ମାତ୍ର ପରିଷ୍କାର । ହୋଟେଲରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇଥାଏ । ଏକା ବୁଲିବୁଲି କରିବା ପାଇଁ ଇଚ୍ଛା ହେଲା ନାହିଁ କି ସାହସ ହେଲା ନାହିଁ । ହୋଟେଲ୍‌ର ଜଣେ ପରିଚାରକ ପଚାରିଲେ, ରାତିରେ କୌଣସି ଦର୍ଶନୀୟ ସ୍ଥାନ ଦେଖିବା ପାଇଁ ଆଗ୍ରହ ଅଛି କି ? ପଚାରିଲି, ଏକୁଟିଆ ଯିବି କିପରି ? ସେ କହିଲେ, ପର୍ଯ୍ୟଟକମାନଙ୍କ ପାଇଁ ଏଠାରେ ବ୍ୟବସ୍ଥା କରାଯାଇଛି । ଯେଉଁ ସବୁ ସ୍ଥାନକୁ ଯିବ, ସେଥିପାଇଁ ଏଇ ହୋଟେଲ୍‌ରେ ଟିକେଟ୍ ମିଳିଯିବ । ଗୋଟିଏ ବସ୍ ଆସି ପ୍ରତ୍ୟେକ ହୋଟେଲ୍‌ରୁ ପର୍ଯ୍ୟଟକମାନଙ୍କୁ ନେଇଯିବ । ପୁଣି ଆଣି ଛାଡ଼ି ଦେଇଯିବ । ସାହସ ହେଲା । ଏକୁଟିଆ ହେବ ନାହିଁ । ବସ୍ ଆସି ହୋଟେଲ ସାମନାରେ ରହିଲା । ମୋ ସାଙ୍ଗରେ ଆଉ ଦୁଇଜଣ ପର୍ଯ୍ୟଟକ ମଧ୍ୟ ଏଠାରୁ ଗଲେ । ତିନୋଟି ସ୍ଥାନରେ ମ୍ୟାଜିକ, ନୃତ୍ୟ ଏବଂ କାବେରି ଦେଖିଲି । ଲଣ୍ଡନରେ ଆମେରିକାରେ ଏ ସବୁ କିଛି ଦେଖିଥିଲି । ମାତ୍ର ପାରିସ୍ ସହିତ ସେ ସବୁ ସମସମ ହେବ ନାହିଁ ।

ପ୍ରଥମେ ଗୋଟିଏ ମ୍ୟାଜିକ ସଦନକୁ ଗଲୁ । କେତୋଟି ଖେଳ ଦେଖି ସାରିଲା ପରେ ଗିଲୋଟିନ୍ ପାଖକୁ ଗଲୁ । ଏଥିରେ ବଳିଦାନ ପରି ମସ୍ତକ ଛେଦନ କରାଯାଉଥିଲା । ଫରାସୀ ବିପ୍ଳବରେ ରଜା ଏବଂ ରାଣୀଙ୍କ ମସ୍ତକ ଛେଦନ କରାଯାଇଥିଲା । ଦର୍ଶକମାନଙ୍କୁ ଡାକିଲେ ଏଥିରେ ମସ୍ତକ ରଖିବା ପାଇଁ । କେହି ବାହାରିଲେ ନାହିଁ । ତାଙ୍କର ଭିତରୁ ଜଣେ ମୁଣ୍ଡ ପୂରାଇଲା । ତା'ର ବେକ ଉପରେ ତୀକ୍ଷ୍ଣଧାର ବାହାରି ଗଲା । ତାହାର କିଛି ହେଲା ନାହିଁ । ତା'ପରେ ଗୋଟିଏ ନୃତ୍ୟଶାଳା । ଆମ ଦେଶର ଶାସ୍ତ୍ରୀୟ ନୃତ୍ୟ ପରି ନୁହେ । ତାଙ୍କ ନୃତ୍ୟରେ ଥିଲା ରହସ୍ୟ, ପ୍ରହସନ, ସମ୍ଭାଷଣ ଇତ୍ୟାଦି । ତା'ପରେ ଆଉ ଗୋଟିଏ ସଦନକୁ । ସେଠାରେ ଏକ ବିଚିତ୍ର ଦୃଶ୍ୟ ଦେଖିଲି । ମଞ୍ଚ ଉପରେ ପ୍ରାୟ

Digitized by PPRACHIN, SOA

ଫାଉଣ୍ଟେନ ପାଣି । ତା’ ଭିତରେ ଅପ୍‌ସରା ପରି ଛଅୋଟି କଣୋଆ ସନ୍ତରଣ କରୁଛନ୍ତି । ଗୋଟିଏ ଟବରୁ ପାଣି ପଡ଼ୁଛି, ଆଉ ଟବରେ ଗଳି-ଯାଉଛି । ପାଣି ଫାଉଣ୍ଟେନ ମଞ୍ଚ ଉପରେ ଉଠୁଛି କପରି ଜାଣିପାରିଲି ନାହିଁ । ରାତି ଠିକ୍ ବାରଟା ବେଳକୁ ବସ୍ ଆସି ହୋଟେଲରେ ଛାଡ଼ି ଦେଇଗଲା । ଏତକ ଦେଖିବାରେ ଆନନ୍ଦ ମିଳୁ ବା ନ ମିଳୁ ଲଣ୍ଡନରେ ଯେପରି ହତାଶ ହୋଇପଡ଼ିଥିଲି, ସେଇଟା ଅପସରି ଗଲା ।

ଆମେରିକାରେ ପ୍ରାୟ ସବୁ ସହରରେ ଢଙ୍ଗଢ଼ାଙ୍ଗ ସମାନ । ଓ୍ୱାଶିଙ୍ଗଟନ୍ ଏବଂ ସାନଫ୍ରାନ୍‌ସିସ୍କୋକୁ ଛାଡ଼ିଦେଲେ ଆଉସବୁ ଏକା ପରି । ଇଉରୋପରେ ବିଭିନ୍ନ ଦେଶର ସହରମାନଙ୍କରେ ବହୁ ପାର୍ଥକ୍ୟ । ବିଭିନ୍ନ ଧରଣର କଳା ଏବଂ ସ୍ଥାପତ୍ୟ । ତେଣୁ ସେ ସବୁ ନଗର ଦେଖିବାରେ ସାର୍ଥକତା ଅଛି । ଯେଉଁଗୁଡ଼ିକ ମଧ୍ୟରେ ପାରିସ୍ ନଗରୀ ରାଣୀ । ଦେବ ସଭା ମଧ୍ୟେ ଯେପରି ଇନ୍ଦ୍ରାଣି । ଏ ନଗରୀଟି ବାସ୍ତବରେ ସ୍ୱପ୍ନପୁରୀ ।

ଲଣ୍ଡନକୁ ତାଚ୍ଛଲ୍ୟ କରି ନେପୋଲିଅନ୍ କହିଥିଲେ—ଇଂରେଜ-ମାନେ ଏକ ଦୋକାନୀ ଜାତି । Englishmen are a nation of shopkeepers. ଏ କଥାଟି ପ୍ରତିଦ୍ୱନ୍ଦ୍ୱୀତାର ମନ୍ତବ୍ୟ । ଲଣ୍ଡନ ସହରରେ ବାଣିଜ୍ୟ ବ୍ୟବସାୟ ଉଦ୍ୟୋଗ ସହିତ ଅଛି ପ୍ରାଚୀନ ସଂସ୍କୃତି । ଗୀର୍ଜା, କାଥେଡ୍ରାଲ୍, ପାର୍ଲିମେଣ୍ଟ ଭବନ, ବିଗବେନ ଘଣ୍ଟା । ସବୁଥିରେ ଅଛି ପ୍ରାଚୀନ ଶିଳ୍ପକଳା । ସେଥିସଙ୍ଗେ ଅଛି ରମଣୀୟ ପାର୍କ, ଉଦ୍ୟାନ, ଉପବନ ।

ପାରିସ୍‌ର ସୌନ୍ଦର୍ଯ୍ୟ ଅକଳନୀୟ । ଲୁଭ୍ (Louvre) ମ୍ୟୁଜିଅମର ପଟାନ୍ତର ନାହିଁ । ଆମେରିକାରେ ମ୍ୟୁଜିଅମ୍‌ଗୁଡ଼ିକର ପ୍ରାସାଦ ବିରାଟ ଏବଂ ଆକର୍ଷଣୀୟ । ମାତ୍ର ଲୁଭ ମ୍ୟୁଜିଅମ୍‌ର ଭିତରେ ଛାତ ଦେହରେ ଯେଉଁସବୁ ଚିତ୍ର ଅଙ୍କିତ ହୋଇଛି ସେ ସବୁ ଦେଖିଲେ ଆଖି ଲାଖିଯିବ ।

Digitized by PPRACHIN, SOA

ଯେଉଁସବୁ ପ୍ରତିକୃତି ରଖାଯାଇଛି, ସେ ସବୁଥିରେ ପ୍ରକଟିତ ହୋଇଛି ଅପୂର୍ବ କଳା । ଲିଓନାର୍ଡ୍ରୋ ଡ଼ା ଭିନ୍‌ସିଙ୍କ ଚିତ୍ରିତ ମୋନାଲିଜା ପୃଥିବୀର ସର୍ବଶ୍ରେଷ୍ଠ ଚିତ୍ର । ସେ ଚିତ୍ର ସମ୍ମୁଖରେ ଠିଆ ହେଲେ ଆଉ ବାହାରି ଆସି ହେବ ନାହିଁ । ସେଠାରୁ ମୋନାଲିଜାର ଗୋଟିଏ ଶ୍ରେଷ୍ଠ ଫଟୋଚିତ୍ର ଆଣିଲି । ଏବେ ମଧ୍ୟ ମୋ ଘରେ ରହିଛି । ଲୁଭ ପାଖରେ ଅଛି ଟୁଲେରି ଉଦ୍ୟାନ (Tulleries Garden) । ସେ ମଧ୍ୟ କଳାକାର-ଙ୍କର ସୃଷ୍ଟି । ସବୁ ସହରର ନଦୀ ଉପରେ ପୋଲ ନିର୍ମିତ ହୋଇଛି । ପାରିସ ସହର ସେନ୍ ନଦୀର ଦୁଇ ପାଖରେ । ନଦୀ ଉପରେ ଅନେକ ପୋଲ । ସେଥିରେ ମଧ୍ୟ ଖଞ୍ଜା ହୋଇଛି ବହୁତ ପ୍ରସ୍ତର ପ୍ରତିମୂର୍ତ୍ତି । ପାରିସ୍ ପ୍ରାସାଦର ପୃଷ୍ଠ । ଜଳାଧାର, ଜଳ ସ୍ଫୁରଣ, ପ୍ରତିମୂର୍ତ୍ତି, ଉଦ୍ୟାନର ଶୋଭା, ବୃକ୍ଷ ରୋପଣରେ ଯୋଜନା—ଏ ସବୁ ଅନ୍ୟତ୍ର କଳ୍ପନା କରିହେବ ନାହିଁ । ସତେ ଯେପରି କଳାକାରମାନେ ତୁଳି ଧରି ଏ ନଗରୀଟିକୁ ଅଙ୍କନ କରିଛନ୍ତି ।

ଇଂଲଣ୍ଡ ଏବଂ ଫ୍ରାନ୍‌ସ ଭିତରେ ପାର୍ଥକ୍ୟ ଲକ୍ଷ୍ୟ କରିବାର କଥା । ଲଣ୍ଡନ ସହର ବିଳାତର ପ୍ରତିନିଧିମୂଳକ । ସବୁଆଡ଼େ ରହିଛି ଅନେକ ବଡ଼ ବଡ଼ ସହର । ଗ୍ରାମ ବୋଲି ଯାହାକୁ କୁହାଯାଏ, ସେ ସବୁ ମଧ୍ୟ ଶ୍ରେଷ୍ଠ ଶ୍ରେଷ୍ଠ ସହର ପରି । ଲଣ୍ଡନରୁ ବର୍ମିଙ୍ଗହାମ୍ ଯାଇଥିଲି ମୋଟର ଗାଡ଼ିରେ । ପ୍ରାୟ ୨୫୦ ମାଇଲ ବାଟ । ଲଣ୍ଡନ କେଉଁଠାରେ ଶେଷ ହେଲା, ବର୍ମିଙ୍ଗହାମ୍ ଆରମ୍ଭ ହେଲା, ଜାଣି ହେଲା ନାହିଁ । ୧୯୭୮ ମସିହାରେ ଇଂଲଣ୍ଡ ବୁଲିସାରି କାଲେ ଠାରୁ ପାରିସ୍ ପର୍ଯ୍ୟନ୍ତ ଟ୍ରେନ୍‌ରେ ଆସିଥିଲି । କୌଣସିଠାରେ ସହର ଜୀବନ ଦେଖିଲି ନାହିଁ । ପାରିସ ଜୀବନର ଝଲକ ଦେଖିବାକୁ ପାଇଲି ନାହିଁ । ୧୭୮୯ ମସିହାରେ ରକ୍ତାକ୍ତ ଫରାସୀ ବିପ୍ଳବରେ ରାଜା ଲୁଇଙ୍କର ଏବଂ ବ୍ରହ୍ମାଣ୍ଡ ସୁନ୍ଦରୀ ମେରି ଆଣ୍ଟୋଏନେଟ୍‌ଙ୍କର ମସ୍ତକ ଗିଲୋଟିନ୍‌ରେ ଛେଦନ କରି ରାଜତନ୍ତ୍ର ଲୋପ କରିଯାଇଥିଲା । ସ୍ୱତନ୍ତ୍ରତା, ସମତା ଏବଂ ବନ୍ଧୁତା (Liberty, Equality and Fraternity) ଭିତ୍ତିଭୂମି ଉପରେ ଗଣତନ୍ତ୍ର ପ୍ରତିଷ୍ଠିତ

Digitized by PPRACHIN, SOA

ହୋଇଥିଲା । ମାତ୍ର ସାମାଜିକ ବୈଷମ୍ୟ ହ୍ରାସ ପାଇଲା ନାହିଁ । ମଧ୍ୟଯୁଗୀୟ ଅନାଚାରର ଆହୁରି ଉତ୍କଟ ହେଲା ।

ଏହି ପରିବେଶ ଭିତରେ ଫ୍ରାନ୍‌ସର କେତେ ପ୍ରତିଭାସମ୍ପନ୍ନ ଦାର୍ଶନିକ, ସାହିତ୍ୟିକ ତାଙ୍କର ଲେଖନୀ ଚାଳନା କଲେ । ସେଥିରୁ ଉଦ୍ଭୂତ ହେଲା ଯୁଗାନ୍ତକାରୀ ସାହିତ୍ୟ ପ୍ରବାହ । ଗୋଟିଏ ବିଶିଷ୍ଟ ନିଦର୍ଶନ ଭିକ୍ଟର ହ୍ୟୁଗୋଙ୍କର ଲେ ମିଜେରାବ୍‌ଲ୍‌ସ୍ (Les Miserables of Victor Hugo) । ଏଇଟି ପୃଥିବୀର ଶ୍ରେଷ୍ଠ ପୁସ୍ତକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ଜଣେ ଦୁଃସ୍ଥ ଯୁବକ ଗୋଟିଏ ରୋଟି ଦୋକାନରେ କାଚ ଭାଙ୍ଗି ଗୋଟିଏ ରୋଟି ବାହାର କରି ଆଣିଲା । ଚୋରି ଅପରାଧରେ ଦୀର୍ଘ କାରାଦଣ୍ଡ ଭୋଗିଲା । ସେଠାରେ ବହୁକାଳ ରହି ଚୋର ପାଲଟିଗଲା । ମୁକ୍ତ ହୋଇ ପାରିସ୍ ସହରକୁ ଆସିଲା । ତାକୁ ଦୁର୍ଦ୍ଦାନ୍ତ ଚୋର ବୋଲି ଭୟ କରି କେହି ସ୍ଥାନ ଦେଲେ ନାହିଁ । ଜଣେ ଧର୍ମଯାଜକ ତାକୁ ଆଶ୍ରୟ ଦେଲେ । ତାଙ୍କର ଆତିଥ୍ୟ ଏବଂ ବ୍ୟବହାରରେ ତା'ର ପରିବର୍ତ୍ତନ ଆସିଲା । ସେ ପାରିସ ଛାଡ଼ି ବାହାରି ଗଲା । ଅଗାଧ ପରିଶ୍ରମ କରି ଗୋଟିଏ ପ୍ରକୃଷ୍ଟ କାରଖାନା ଗଢ଼ିଲା । କାରଖାନାଟି ପ୍ରସାରିତ ହେଲା । ଗୋଟିଏ ଡାକ୍ତରଖାନା ତିଆରି କଲା । ତା'ର ଖ୍ୟାତି ବଢ଼ିଲା । ପୁଲିସ ନଜର ରଖିଥାଏ । ତା'ର ଗତିବିଧି ଲକ୍ଷ୍ୟ କରୁଥାଏ । ଠାବ ପାଇଲା, ଏ ସେଇ କୁଖ୍ୟାତ ଚୋର୍ । ପୁଣି ତାକୁ ଗିରଫ କଲା ।

ଏଇ ଉପନ୍ୟାସଟି ପ୍ରକାଶିତ ହେବାର କେତୋ ବର୍ଷ ପରେ ଫ୍ରାନ୍‌ସର ଦଣ୍ଡବିଧି ଆଇନ୍ ପରିବର୍ତ୍ତିତ ହେଲା । ଏ ବହିଟି କେତେଥର ପଢ଼ିଛି । କଟକକୁ ଏ ଉପନ୍ୟାସର ଫିଲ୍ମ ଆସିଥିଲା ।

ଏହି ରାଜ୍ୟରୁ ବହୁ ସାହିତ୍ୟରଥୀ ପ୍ରସୂତ ହୋଇଛନ୍ତି । ପ୍ରସିଦ୍ଧ ସାହିତ୍ୟିକ ରୋମାଁ ରୋଲାଁ (Roman Rolland) ଭାରତୀୟ ସଂସ୍କୃତିରେ ଉଦ୍‌ବୁଦ୍ଧ ହୋଇ ଶ୍ରୀରାମକୃଷ୍ଣ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ବିଷୟରେ ଦୁଇଟି ପୁସ୍ତକ ପ୍ରଣୟନ କରିଛନ୍ତି । ଏହିଠାରୁ ଉତ୍ତୀର୍ଣ୍ଣ ହୋଇଛନ୍ତି

Digitized by PPRACHIN, SOA

ପ୍ରସିଦ୍ଧ ବୈଜ୍ଞାନିକ । ମାଡ଼ାମ କ୍ୟୁରି ପଦାର୍ଥ ବୈଜ୍ଞାନିକରେ ଦୁଇଥର ନୋବେଲ ପୁରସ୍କାର ପାଇଥିଲେ । ତାଙ୍କର କନ୍ୟା ମଧ୍ୟ ଏ ପୁରସ୍କାର ଲାଭ କରି-ଥିଲେ । ଫରାସୀ ଇଞ୍ଜିନିୟର ଫର୍ଡିନାଣ୍ଡ ଲେସେପ୍ସ ସୁଏଜ କେନାଲ ଖନନ କରିଥିଲେ । ଇଞ୍ଜିନିୟର ଇଫେଲ ତାଙ୍କରି ନାମରେ ନାମିତ ଇଫେଲ୍ ଟାୱାର ନିର୍ମାଣ କରିଥିଲେ । ଏହି ପ୍ରତିଧ୍ୱନି ଉପରେ ଆଧାରିତ ଆମେରିକାର ଉତ୍ତୁଙ୍ଗ ଅଟ୍ଟାଳିକା ।

ଓ୍ୱାଶିଙ୍ଗଟନ୍ ଗ୍ରୁପ୍ ଛାଡ଼ିଲା ପରେ ମୁଁ ଏକାକୀ । ସାଙ୍ଗ ସାଥୀ ଆଉ କେହି ନାହାନ୍ତି । ଆଉ ପାରିସ୍‌ରେ ବୁଲିବାର କଳ୍ପନା ନଥିଲା । ତଥାପି ବିମାନଯାନ ସେବେ ଉଡ଼ିବାର କଥା, କେତେ ଆଡ଼େ ଟିକିଏ ବୁଲି ଆସିଲି । ଅଜ୍ଞାତ ସୈନିକର ସମାଧି ଏକ ଦର୍ଶନୀୟ ସ୍ଥାନ । ସେଠାରେ ଗୋଟିଏ ସୁଦୃଶ୍ୟ ତୋରଣ ନିର୍ମାଣ କରାଯାଇଛି । ତଳେ କେବେହେ ଅଗ୍ନି ନିର୍ବାପିତ ହୁଏ ନାହିଁ । ପ୍ରତିଦିନ ବହୁ ଲୋକ ଆସନ୍ତି । ଅଜ୍ଞାତ ସୈନିକକୁ ପ୍ରଣିପାତ କରନ୍ତି । ଅଗ୍ନି ପାଖରେ ପୁଷ୍ପଗୁଚ୍ଛ ଅର୍ପଣ କରନ୍ତି । ଏ ତୋରଣର ଅବସ୍ଥିତି ଅତି ଉଚ୍ଚ ସ୍ଥାନରେ । ସେଠାରୁ ୧୨ଟି ରାସ୍ତା ବିଭିନ୍ନ ଦିଗକୁ ଚକରେ ଅର ପରି ପ୍ରସାରିତ ହୋଇଛି । ସେ ଗୁଡ଼ିକ ପ୍ରଶସ୍ତ । ରାସ୍ତାର ଦୁଇ ପାଖରେ ବୃକ୍ଷ ରୋପଣ କରାଯାଇଛି । ସେଥିରେ ଅଛି କଳାକାରର ଯୋଜନା । ଜ୍ୟାମିତିର ବ୍ୟାସାର୍ଦ୍ଧ ପରି ନିଖୁଣ ଭାବରେ ବ୍ୟାପି ଯାଇଛି । ତାହାର ଛାଟ ପଡ଼ିଛି ତତ୍କାଳୀନ ଫ୍ରାନ୍ସ ଅଧିକୃତ ପଣ୍ଡିଚେରୀଠାରେ । ସେଇ ଛାଞ୍ଚରେ ନୂଆ ଦିଲ୍ଲୀର କନଟ୍ ପ୍ଲେସ୍‌ଠାରୁ ବିଭିନ୍ନ ଦିଗରେ ସରଣୀ ନିର୍ମାଣ କରାଯାଇଛି ।

ପାରିସ୍‌ରେ ଅଛି ପ୍ରସିଦ୍ଧ ଇଫେଲ୍ ଟାୱାର (Eiffel Tower) ଲୁହାରେ ନିର୍ମିତ ସେତୁ ସ୍ତମ୍ଭ । ତଳେ ଯାଇଛି ପ୍ରଶସ୍ତ ରାସ୍ତା । ପ୍ରାୟ ଶହେ ବର୍ଷ ତଳେ ଏହା ନିର୍ମିତ ହୋଇଥିଲା । ପ୍ରଥମ ଥର ପାରିସ୍ ଆସିଲା ବେଳେ ଲିଫ୍‌ଟରେ ପ୍ରଥମେ ଷ୍ଟେସନକୁ ଚଢ଼ିଥିଲି । ସେଠାରେ କଫି ଖାଇଥିଲି । ଏହାର ଉଚ୍ଚତା ପ୍ରାୟ ଏକ ହଜାର ଫୁଟ । ଶୀର୍ଷ ଭାଗକୁ ଗଲେ ସମଗ୍ର ପାରିସ୍ ନଗରୀ ଦେଖା ଯିବ । ଇଂଲଣ୍ଡର ବିଗ୍‌ବେନ୍

Digitized by PPRACHIN, SOA

ଘଣ୍ଟା ଘର (Big Ben), ଆମେରିକାର କ୍ୟାପିଟଲ୍ ପରି, ଭାରତର ତାଜମହଲ ପରି ଇଫେଲ୍ ଟାଓ୍ୱାରଟି ପାରିସ୍‌ର ସଙ୍କେତ ।

ପ୍ରଥମ ଥର ଆସିଲା ବେଳେ, କେତେଗୁଡ଼ିଏ ନିତ୍ୟ ବ୍ୟବହାର୍ଯ୍ୟ ଶବ୍ଦର ଫରାସୀ ଭାଷାନ୍ତର ଶିଖିଥିଲି । ସୁପ୍ରଭାତ, ସୁସନ୍ଧ୍ୟା, ଶୁଭରାତ୍ରି, ଧନ୍ୟବାଦ, ଶ୍ରୀମାନ, ଶ୍ରୀମତୀ, କୁମାରୀ ପ୍ରଭୃତି । ଫରାସୀ ଭାଷାରେ ଅଛି ଲାଳିତ୍ୟ । ଶୁଣିବାକୁ ମଧୁର । ଏକ ସମୟରେ ସମଗ୍ର ଇୟୁରୋପରେ ଫରାସୀ ଭାଷା ପ୍ରଚଳିତ ହେଉଥିଲା । ସେଥିପାଇଁ କୁହାଯାଉଥିଲା— Lingua Franca. ସୁବକ୍ତା ଚର୍ଚ୍ଚିଲ ତାଙ୍କ ଭାଷଣରେ ଫରାସୀ ଭାଷାରୁ ବହୁତ ଉପଯୁକ୍ତ ପଂକ୍ତି ଉଦ୍ଧାର କରୁଥିଲେ । ଫରାସୀ ଭାଷା ପ୍ରତି ଇଂଲଣ୍ଡରେ ସମ୍ମାନ ଅଛି । ଆନନ୍ଦର କଥା, ଆମ ଦେଶରେ କେତେକ ସ୍ଥାନରେ ଫରାସୀ, ଜର୍ମାନ ଏବଂ ରୁଷ ଭାଷା ଶିକ୍ଷା ଦେବା ଲାଗି ବ୍ୟବସ୍ଥା କରାଯାଇଛି ।

ଆମେରିକାନ୍ ଏକ୍ସପ୍ରେସ୍ ଅଫିସକୁ ଯିବାର କଥା । ଟେଲିଫୋନ୍ ଡିରେକ୍ଟରୀ ଦେଖିଲି । ପାରିସ୍‌ର ଅତୀବ ରମଣୀୟ ଅପେରା ସଦନ (Opera) ପୃଥିବୀରେ ଶୀର୍ଷ ସ୍ଥାନ ଅଧିକାର କରିଛି । ପ୍ରଥମ ଥର ପାରିସ ଆସି, ଏ ଅପେରାରେ ନୃତ୍ୟ, ସଙ୍ଗୀତ ଅଭିନୟ ଦେଖି ଅଭିଭୂତ ହୋଇଥିଲି । ସାଜସଜ୍ଜା ଅତୁଳନୀୟ । ଆମେରିକାରେ, ଇଂଲଣ୍ଡରେ ଅପେରା ଦେଖିଲି । ପାରିସ ଅପେରା ସହିତ କେହି ସମକକ୍ଷ ନୁହନ୍ତି ।

ଗୋଟିଏ ଟ୍ୟାକ୍ସିକୁ ଅପେରା ପାଖକୁ ଯିବାପାଇଁ ନିର୍ଦ୍ଦେଶ ଦେଲି । ଅପେରା ପାଖକୁ ଲାଗିଛି ଆମେରିକାନ ଏକ୍ସପ୍ରେସ୍ ଅଫିସ । ଇଂରେଜୀରେ ନାମ ଫଳକ ଲେଖା ଯାଇଛି । ଭିତରକୁ ଗଲି । ଗୋଟିଏ ସଦନରେ ଲେଖା ଯାଇଛି—ହଜି ଥିବା ଚେକ୍ ଅଫିସ । ସେଠାରେ ଅଛନ୍ତି ଦୁଇଜଣ ଅଫିସର । ଜଣେ ଉଠି ଆସି ମୋତେ ପଚାରିଲେ, ମୁଁ ଆପଣଙ୍କୁ କିପରି ସାହାଯ୍ୟ କରିପାରିବ ? ମୋର କୋଡ଼ିଏ ଡଲାର

Digitized by PPRACHIN, SOA

ପରିମିତ ପାଞ୍ଚଖଣ୍ଡି ପର୍ଯ୍ୟଟକ ଚେକ୍ ହଜି ଯାଇଛି । ପଚାରିଲେ; କେତେବେଳେ ହଜିଲା ? କେଉଁଠାରେ ହଜିଲା ? ସେ ଚେକ୍ ଗୁଡ଼ିକର ନମ୍ବର କେତେ ? ମୁଁ କହିଲି, ଲଣ୍ଡନର ପିକାଡ଼ିଲିଠାରେ ହଜିଗଲା । ମୁଁ ଗତ ଚାରିମାସ ଭିତରେ ଆମେରିକାରେ କେତେଗୁଡ଼ିଏ ପର୍ଯ୍ୟଟକ ଚେକ କିଣିଛି । ସବୁ ନମ୍ବର ମୋ ପାଖରେ ଅଛି । ସେଥିରୁ କେତେକ ଭଙ୍ଗାଇ ଖର୍ଚ୍ଚ କରିଛି । କେଉଁଗୁଡ଼ିକ ଖର୍ଚ୍ଚ କରିଛି, କେଉଁଗୁଡ଼ିକ ହଜିଲା, ସେ କଥା କହି ପାରିବି ନାହିଁ । ସେ ମୋ ପାସପୋର୍ଟ ଦେଖିଲେ। ଖଣ୍ଡିଏ ଫର୍ମ ଦେଲେ ପୂରଣ କରିବା ପାଇଁ । ପଚାରିଲେ, ଲଣ୍ଡନ ଅଫିସରେ ରିପୋର୍ଟ କଲେ ନାହିଁ କାହିଁକି ? କହିଲି, ସେଠାରେ ମୋ କଥା ଶୁଣିବାକୁ କେହି ନଥିଲେ । ମୁଁ ଯେଉଁ ଫର୍ମଟି ଏଠାରେ ଦେଲି, ସେଥିରେ ସେ ଲଣ୍ଡନ ଅଫିସ ବିରୋଧରେ ଅଭିଯୋଗ ଲେଖିଲେ । କହିଲି, ମୋ ଅଭିଯୋଗ ଲେଖି କି ଲାଭ ହେବ ? ସେ ଉତ୍ତର ଦେଲେ, ଆମର ଚେକ କିଣିଥିବା ଲୋକେ ଯଦି କୌଣସିଠାରେ ବିପଦଗ୍ରସ୍ତ ହୁଅନ୍ତି, ତେବେ ଆମ ବ୍ୟବସାୟର କି ପରିଣତି ହେବ ? ମୋ ଠାରୁ କୌଣସି କମିସନ ନ ନେଇ ୫ ଖଣ୍ଡି କୋଡ଼ିଏ ଡଲାର ଚେକ ମୋତେ ଦେଲେ । ଆଧୁନିକ ବିଜ୍‌ନେସ୍‌ର ସାର୍ଥକ ନିଦର୍ଶନ । କଟକ ଫେରିଲା ପରେ, ଯଦି କେହି ବିଦେଶକୁ ଯିବାବେଳେ ମୋ ସହିତ ପରାମର୍ଶ କରନ୍ତି, ମୁଁ ତାଙ୍କୁ ଆମେରିକାନ୍ ଏକ୍‌ସପ୍ରେସ୍ ଚେକ କିଣିବା ପାଇଁ ଉପଦେଶ ଦେଇଛି ।

ବର୍ଷର ଶେଷ ଦିନ । ଡିସେମ୍ବର ୩୧ ତାରିଖ । ସକାଳେ ପାରିସ ଛାଡ଼ିଲି । ସୁଇଜରଲାଣ୍ଡ୍‌ରେ ପହଞ୍ଚିଲା ବେଳକୁ ଦିନ ବାରଟା । ବିମାନ ଜୁରିଚ ସହରରେ ଅବତରଣ କଲା । ସୁନ୍ଦର ଖରା ପଡ଼ିଛି । ସନ୍ଧ୍ୟା ନଅଟା ବେଳକୁ ବିମାନ ଛାଡ଼ିବ । ଜିନିଷପତ୍ର ବିମାନ ଅଫିସରେ ରଖି, ସହରରେ ବୁଲିବାକୁ ଗଲି । କେହି ସାଙ୍ଗ ସାଥୀ ନାହାନ୍ତି ।

ସହରର ପ୍ରାକୃତିକ ଦୃଶ୍ୟ ଅତି ସୁନ୍ଦର । ପ୍ରତିବର୍ଷ ବହୁ ପର୍ଯ୍ୟଟକ ଏଠାକୁ ଆସନ୍ତି ଦେଖିବାକୁ, ବୁଲିବାକୁ, ଉପଭୋଗ କରିବାକୁ ।

Digitized by PPRACHIN, SOA

ନିକଟସ୍ଥ ପାହାଡ଼ରେ ତୁଷାର ପଡ଼ିଥାଏ । ଏଠାରେ କଣ୍ଟେନ୍ସର୍ ପରି ଉତ୍ତୁଙ୍ଗ ଅଟ୍ଟାଳିକା ନାହିଁ । ପାରିସ୍ ପରି ପ୍ରଶସ୍ତ ସରଣୀ ନାହିଁ, କି ପ୍ରାସାଦ, ମନ୍ଦିର ନାହିଁ । ଫାକ୍ଟରୀ ନାହିଁ । କୋଇଲା ଧୂଆଁ ନାହିଁ କି ଖଣି ନାହିଁ । ଲୁହା ଇସ୍ପାତ କାରଖାନା ନାହିଁ । ବାଣିଜ୍ୟ ବ୍ୟବସାୟର କୋଳାହଳ ନାହିଁ । ସବୁ ଆଡ଼ ସଫା ସୁତରା । ପରିଷ୍କାର ପରିଚ୍ଛନ୍ନ । ଘରଦ୍ୱାର, ରାସ୍ତା ଦୋକାନ ସବୁ ନୂତନ ଦେଖାଯାଉଛି । ନିକଟରେ ପାର୍ବତ୍ୟ ହ୍ରଦଟି ଅତି ଆକର୍ଷଣୀୟ । ତଟଭୂମି ପରିଷ୍କାର । ବହୁ ହଂସ ସର୍ବଦା ସନ୍ତରଣ କରୁଥାନ୍ତି । ମରାଳମାନଙ୍କ ଚଳକାର ଦୃଶ୍ୟ ମନେ ପଡ଼ିଲା ।

ସୁଇଜରଲାଣ୍ଡ୍ ଗୋଟିଏ ଛୋଟ ଦେଶ । ଲୋକ ସଂଖ୍ୟା ପ୍ରାୟ ୭୫ ଲକ୍ଷ । ଏଠାରେ ପ୍ରାୟ ସମସ୍ତେ ଚାରିଗୋଟି ଭାଷା ଜାଣନ୍ତି । ଫରାସୀ, ଜର୍ମାନ୍, ଇଟାଲୀୟ ଏବଂ ସୁଇସ୍ । ଏତେ ଅଳ୍ପ ଲୋକ ସଂଖ୍ୟା । ସେଥିରେ ପୁଣି ଚାରୋଟି ଭାଷା । ଆମେ ଭାଷା ପାଇଁ ଧରାଧରି ହେଉଥାଇଁ କାହିଁକି ?

ସୁଇଜରଲାଣ୍ଡ୍ ଏକ ସମୃଦ୍ଧ ରାଜ୍ୟ । ଏ ରାଜ୍ୟ କେବେ ହେଲେ ସାମ୍ରାଜ୍ୟ ଗଢ଼ି ନ ଥିଲା । କୌଣସି ଯୁଦ୍ଧରେ ଭାଗୀ ହୋଇ ନଥିଲା । ସବୁବେଳେ ନିରପେକ୍ଷ । ସେଥିପାଇଁ ଏଠାରେ ବହୁ ଆନ୍ତର୍ଜାତୀୟ ଅନୁଷ୍ଠାନ କରାଯାଇଥିଲା । ଏ ଦେଶରେ ଜୀବନଧାରଣର ମାନ ପୃଥିବୀର ଶୀର୍ଷ ଦେଶମାନଙ୍କ ମଧ୍ୟରେ ସ୍ଥାନ ପାଇଛି । ଏଇଟି ପୃଥିବୀର ପ୍ରଖ୍ୟାତ କ୍ରୀଡ଼ାଭୂମି । ବିଦେଶୀ ପର୍ଯ୍ୟଟକ ବହୁ ସଂଖ୍ୟାରେ ଏଠାକୁ ଆସନ୍ତି । ଶୀତ ଦିନରେ ବରଫାବୃତ ପର୍ବତରେ ସ୍କେଟିଙ୍ଗ କରିବା ପାଇଁ ବହୁ କ୍ରୀଡ଼ାବିତ୍‌ଙ୍କର ସମାଗମ ହୁଏ । ଏଥିରୁ ପ୍ରଚୁର ଉପାର୍ଜନ ହୁଏ ।

ଘଡ଼ି ପାଇଁ ଏ ଦେଶ ଖ୍ୟାତି ଅର୍ଜନ କରିଛି । ଆମେରିକାନ ଏକ୍‌ସପ୍ରେସ୍‌ରୁ ଶହେ ଡଲାର ଯାଇଛି । ସୁଟ କେସ ହେଲା ନାହିଁ । ଗୋଟିଏ ଓମେଗା ଘଡ଼ି କିଣିଲି । ଏବେ ମଧ୍ୟ ସେ ଘଡ଼ିଟି ଚାଲିଛି ।

Digitized by PPRACHIN, SOA

ସନ୍ଧ୍ୟା ନଅଟା ବେଳକୁ ବିମାନ ପହଞ୍ଚିବାର କଥା । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିଳମ୍ବ ହେଉଛି । ନିଉୟର୍କ ଛାଡ଼ିଲା ବେଳଠାରୁ ଏହିପରି ଲାଗିଛି । ଜୁରିଚରେ ଆସି ସାଢ଼େ ଦଶଟାରେ ପହଞ୍ଚିଲା । ବିମାନରେ ଅତି ଅଳ୍ପ ଯାତ୍ରୀ । ବହୁତ ସ୍ଥାନ ଖାଲି ଅଛି । ଏ ବିମାନ ଯିବ ବେରୁଟ, କରାଚୀ ବାଟେ କଲିକତା । ବୁଲି ବୁଲି ଅତ୍ୟନ୍ତ କ୍ଲାନ୍ତ ହୋଇ ପଡ଼ିଥିଲି । ତିନିଟା ସିଟ୍‌କୁ ଯୋଡ଼ିଦେଇ ଶୋଇ ପଡ଼ିଲି ।

ସେ ଦିନ ଡିସେମ୍ବର ମାସ ୩୧ ତାରିଖ । ବର୍ଷର ଶେଷ ଦିନ । ରାତି ଠିକ୍ ୧୨ଟା ବେଳେ ବିମାନର କାପଟେନ୍ ଏବଂ ପରିଚାରିକାମାନେ ସମସ୍ତଙ୍କୁ ଉଠାଇଲେ । କହିଲେ, **Ring out the old; Ring in the new.** ପୁରୁଣା ବର୍ଷ ଚାଲି ଯାଉଛି । ନୂଆ ବର୍ଷକୁ ଅଭିବାଦନ କର । ଆଖି ମଳମଳ ଉଠିଲି । ଉଡ଼ାଜାହାଜରେ ବର୍ଷର ଶେଷ ଦିନ କଟିଲା । ନୂତନ ବର୍ଷ ପ୍ରବେଶ କଲା । ଯାହା ଶେଷ ହୋଇନାହିଁ । ୧୯୫୯ ମସିହା ଜାନୁଆରୀ ପହିଲା ଦିନ ରାତିରେ କଲିକତା ବିମାନ ବନ୍ଦରରେ ଓହ୍ଲାଇଲି । ସେତେବେଳେ ଭୁବନେଶ୍ୱରକୁ ବିମାନ ଯାଉ ନ ଥିଲା । ସେଠାରୁ ଟ୍ରେନ୍ ମିଳିଲା ନାହିଁ । ଜାନୁୟାରୀ ଦୁଇ ତାରିଖ ଦିନ କଟକରେ ପହଞ୍ଚିଲି । ସେତେବେଳକୁ ରାତି ଅଧ ।

ଏତିକରେ ମାର୍କିନ ପରିକ୍ରମା ସମାପ୍ତ ।

Digitized by PPRACHIN, SOA